
କାଳିନ୍ଦୀ ଚରଣ ପାଣିଗ୍ରାହୀ

BANAKETOKEE
BY
KALPANA KUDAUI

ଉତ୍କଳ ସଂଘ ଲାଇବ୍ରେରୀ
ନଂ 297
ତା 17 JUL 1959
ରାଉରକେଲା

# ବନ କେତକୀ

ଶ୍ରୀମତୀ କଳ୍ପନା କୁମାରୀ ଦେବୀ

ପ୍ରକାଶକ
ଓଡ଼ିଶା ଜଗନ୍ନାଥ କମ୍ପାନୀ
ବାଲୁବଜାର, କଟକ-୨

ପ୍ରକାଶ ପରିଚାଳନା:—
ଶ୍ରୀ ରଣଜିତ୍ ସିଂହ ବି. ଏ. ( ଅନର୍ସ ) ଡ଼. ଜ
ବାଲୁବଜାର, କଟକ-୨

ମୁଦ୍ରଣ—ପ୍ରଥମ
ସଂଖ୍ୟା—ଏକହଜାର
ମୁଦ୍ରଣାବ୍ଦ—ଜାନୁୟାରୀ, ୧୯୫୯
ମୂଲ୍ୟ—ଟ ୧୷ ( ଟ ୧—୭୫ ନୂ. ପ. )

ମୁଦ୍ରାକର:—
ଶ୍ରୀ ଲକ୍ଷ୍ମୀଧର ଦାସ୍
ଦୁର୍ଗା ପ୍ରେସ
ଖଟବିନ୍ ସାହି
କଟକ-୧

ନଂ 207
ତା 17 JUL 1959
ରାଉରକେଲା

ଶ୍ରୀମତୀ ସ୍ନଳୁଲତା ଦେବୀ

କଲ୍ୟାଣୀୟାସୁ—

ପ୍ଲାବନୀ ଶୋଇ ପଡ଼ିଛି । ଦିନ ଗଡ଼ି ଗଲାଣି । ଖରାଦିନ । ଦିନ ଶେଷରେ ଶୀତଳ ପବନ ଦେହ ମନରେ ତାର ଯେମିତି ଚନ୍ଦନର ପ୍ରଲେପ ଦେଇ ଯାଉଛି । ଅଣ୍ଟା ପଡ଼ିବା ସାଙ୍ଗେ ସାଙ୍ଗେ ତାକୁ ପ୍ରାୟ ନିଦ ଆସି ଯାଇଛି । ଏହା ଭିତରେ ଆସି ପହଞ୍ଚିଛି ବାଲ୍ୟବନ୍ଧୁ ନଳିନୀ । କିନ୍ତୁ ପ୍ଲାବନୀ ତାହା ଜାଣି ପାରିନାହିଁ । ନିରୋଳା କୋଠରୀର ଖୋଲା ଝରକା ନିକଟରେ ଘୋର ନିଦରେ ଶୋଇ ପଡ଼ିଛି ସେ ।

ପ୍ଲାବନୀର ଉଠିବାର ଡେରି ଦେଖି, ତାକୁ ଉଠେଇ ଦେବାଲାଗି ଅନେକଥର ଇଚ୍ଛା କଲାଣି ନଳିନୀ । କିନ୍ତୁ ଡାକିବାକୁ ଚେଷ୍ଟାକରି ପାଖକୁ ଆସି ଦେଖିଲା ପ୍ଲାବନୀ ପୂର୍ବପରି ଗାଢ଼ ନିଦରେ ଶୋଇ ରହିଛି । ଖଟର ଗୋଟିଏ ଧାରରେ ତାର କ୍ଷୀଣ ଦେହ । ଡାହାଣ ହାତଟି ଉପାଧାନର ପଦ ପୂରଣ କରି ମୁଣ୍ଡର ଭାର ବହନ କରିଛି । ବାଁ ହାତଟି ସିଧା ଭାବରେ ଆସି କଟି ଉପରେ ପଡ଼ି ରହିଛି । ଯେମିତି ଦୁଇଟି ଶିଶିରାକ୍ତ ମୃଣାଳ । ବହୁଦିନ ପରେ ତା ଚେହେରାରେ ଏ ଶ୍ରୀ ହୀନତା ଲକ୍ଷ୍ୟକରି କାତର ହୋଇ ଉଠିଲା ନଳିନୀକାନ୍ତ ।

ପ୍ଳାବନୀ······ !

ନଳିନୀର କଣ୍ଠରେ ଦରଜ ଭରିଗଲା । ଏ ସମ୍ବୋଧନରେ ପ୍ଳାବନୀର ନିଦ ପାତଳା ଧରି ଆସିଲା । ଅପେ ଅପେ ଆଖିପତା ଖୋଲିଦେଲା । ଆଗରେ ବସି ରହିଛି ନଳିନୀ । ଦୁଇଟି ଆକୁଳ ଆଖି ତାର ଲାଖି ରହିଛି ପ୍ଳାବନୀର ମୁହଁରେ । ନଳିନୀ ଟିକିଏ ହସିଦେଇ କହିଲା—

କଣ ଆଜି ଉଠିବ ନାହିଁ ଦେବୀ ?

ପ୍ଳାବନୀର ଦୃଷ୍ଟି ପଡ଼ିଲା ନଳିନୀ ଉପରେ । କେତେବେଳେ ସେ ଆସିଛି ଏଠିକି କଣ କେହି ଦେଖି ନାହାନ୍ତି ? ଏକା ଏକା ବସି ରହିଛି । ଅପ୍ରସ୍ତୁତ ହୋଇ ଅଳସ ଭାଙ୍ଗି ବିଛଣାରେ ଉଠି ବସିଲା ପ୍ଳାବନୀ ।

କେତେବେଳେ ଆସିଲ ? କଣ କେହି ଦେଖି ନାହାନ୍ତି ? କାହିଁ ମତେ ଉଠେଇ ଦେଲନାହିଁ ?

ପ୍ଳାବନୀ ଦୁଇହାତ କପାଳରେ ଲଗେଇଲା । ପ୍ରତି ନମସ୍କାର କରି ନଳିନୀ କହିଲା—

ବେଶୀ ନ ହେଲେବି କମ୍ ନୁହେଁ । ବାବା ଜାଣିଚନ୍ତି । କଥାସାରି ଏଠିକି ଆସିବାକୁ ସେ ଆଦେଶ ଦେଲେ ।

ହସମିଶା ସ୍ୱରରେ ପ୍ଳାବନୀ କହିଲା—

ବାବା ବୋଧେ ଏମିତି ଚୁପଚୁପ ବସି ରହିବାକୁ ଆଦେଶ କରି ନ ଥିଲେ । କେହି ଅପରିଚିତ ଦେଖିଥିଲେ ଅନ୍ୟଙ୍କରୁ ଭାବ ନେଇ ଥାଆନ୍ତା ଯେ······

କଥାତକ କହିଦେଇ ମୁହଁ ବୁଲେଇ ନେଲା ପ୍ଳାବନୀ । ନଳିନୀ ଆଉ ତା ମୁହଁଦେଖି ପାରିଲା ନାହିଁ । ହସି ହସି ସେ ପଚାରି ଉଠିଲା—

କଣ ଭାବି ଥାଆନ୍ତା ଭଳା !

ନ ଶୁଣିଲା ପରି ଘର ଭିତରୁ ବାରଣ୍ଡା ଉପରକୁ ଚାଲିଆସି ପ୍ଲାବନୀ ଡାକ ଛାଡ଼ିଲା ତପୀ, କୁଆଡ଼େ ଅଛୁ କି···ତପୀ······

ବାହାରକୁ ଓହ୍ଲାଇ ଆସି କୂଅ ମୂଳକୁ ଚାଲି ଆସିଲା ପ୍ଲାବନୀ, ତାହାର ଉଦ୍ଦେଶ୍ୟରେ ଥୁଆ ହୋଇଥିବା ପାଣି ନୋଠାକରେ ମୁହଁ ହାତଧୋଇ ପକାଇ ସେ ପୁଣି ନଳିନୀ ପାଖକୁ ଫେରି ଆସିଲା ।

ବଡ଼ ଭଉଣୀ ପ୍ଲାବନୀର ନିଦ ଭାଙ୍ଗିବା କଥା ଜାଣିଛି ତପତୀ । ତାର ଡାକ ମଧ୍ୟ ଶୁଣି ସାରିଛି । ପ୍ଲାବନୀ ଘର ଭିତରକୁ ଚାଲି ଆସିବା ପରେ ଦୁଇ ହାତରେ ଦୁଇଟି ଜଳଖିଆ ଥାଳି ଧରି ଆସି ପହଞ୍ଚିଲା ସେ । ପଛରେ ପାଣି ଗିଲାସଧରି ଆଉ ଗୋଟିଏ ବାଳିକା ।

ଟେବୁଲ ଉପରେ ପାଣି ଜଳଖିଆ ଥାଳିଆ ସଜାଡି ଦେଇ ନଳିନୀର ପାଦଛୁଇଁ ଦଣ୍ଡବତ କଲା ତପତୀ । ତାଇ ବାବାଙ୍କ ଠାରୁ ଖବର ପାଇ ସାରିଥିଲେ ମଧ୍ୟ ନଳିନୀ ସହିତ ତାର ଏଇପ୍ରଥମ ଦେଖା ହେଉଛି । ପଛେ ପଛେ ତପତୀ ସାଙ୍ଗରେ ଆସିଥିବା ଝିଅଟି ନଳିନୀକୁ ଦଣ୍ଡବତ କରି ଅନ୍ତରର ବିନମ୍ରତା ପ୍ରକାଶ କଲା ।

ବାଳିକାଟି ନଳିନୀ ନିକଟରେ ସମ୍ପୂର୍ଣ୍ଣ ଅପରିଚିତା । ତାକୁ ଦେଖି ଦେଖି ବୁଝିବାକୁ ଚେଷ୍ଟାକଲା ସେ । ପ୍ଲାବନୀର ସିଏ କି ହିସାବ ହୋଇପାରେ । କିନ୍ତୁ ସଫଳତା ଅର୍ଜନକରି ପାରିଲା ନାହିଁ । ଜାଣିବାକୁ ଆଖିରେ ଇଙ୍ଗିତ ଦେଇ ତପତୀର ହାତଧରି ହସି ଉଠିଲା ନଳିନୀ । ପ୍ଲାବନୀର ସାନ ଭଉଣୀ ତପତୀ । ବୟସରେ ସେ ପ୍ରାୟ ବଡ଼ ଭଉଣୀଠାରୁ ପନ୍ଦରବର୍ଷ ସାନହେବ । ସେହି ହିସାବରେ

ନଳିନୀଠାରୁ ମଧ୍ୟ ଯଥେଷ୍ଟ ସାନ । ସେଥିଯୋଗୁ ତା ସହିତ ଏପରି ମିଳାମିଶା କରିବାକୁ ବିବେକର କୌଣସି ଶାସନ ନ ଥାଏ ।

ବାଁ ହାତରେ ତପତୀର କଟି ବେଷ୍ଟନ କରି ତାକୁ ନିଜ ଉପରକୁ ଝିଙ୍କି ଆଣିଲା ନଳିନୀ । ଅରେ ଅରେ କହି ନିଜକୁ ଛଡ଼େଇ ନେବାକୁ ଚେଷ୍ଟାକଲା ତପତୀ । ତାକୁ ଆଉରି ଝିଙ୍କାଏ ଦେଇ ପିଠିରେ ତାର ଗୋଟାଏ ଚୁଲ୍‌କଣି ଥୋଇଦେଲା ନଳିନୀ ।

ନା ନା ମତେ ଛାଡ଼ନ୍ତୁ·····ମୁଁ ଦେଉଛି ପାଇଁ ଗୁ ଆଣିବ··· ମତେ ଛାଡ଼ନ୍ତୁ·····

କହି କହି ଛଟିପିଟି ହୋଇ ଦୌଡ଼ି ପଳେଇଲା ତପତୀ । ତାକୁ ଧରିବାକୁ ହାତ ବଢ଼ାଇ ବଢ଼ାଇ ନଳିନୀର ହାତଟା ଜୋରରେ ଟେବୁଲରେ ବାଜିଗଲା ।

ହୋଇଚ···ହୋଇଚ···

ଚଢ଼େଇ ଚଢ଼େଇ ଦ'ଖେପାରେ ଲୁଚିଗଲା ତପତୀ । ଯେମିତି ବିସ୍ତୀର୍ଣ୍ଣ ବେଳା ଭୂମିରେ ଗୋଟିଏ ଚପଳ ମୃଗଶିଶୁ ।

ନଳିନୀକି ଖାଇବାକୁ ଅଙ୍ଗୁଳିରେ ନିର୍ଦ୍ଦେଶ ଦେଇ ନିଜେ ଖାଇବାକୁ ପ୍ରସ୍ତୁତ ହେଲା ପ୍ଲାବନୀ । ନଳିନୀ ଖାଇବାକୁ ଆରମ୍ଭକରି ପଚାରିଲା—

ସେ ଝିଅଟି କିଏ ଜାଣିପାରିଲି ନାହିଁ ତ ପ୍ଲାବନୀ···

ମୋର ଛାତ୍ରୀ, ତପତୀ କ୍ଲାସରେ ପଢ଼େ । ଖଣ୍ଡେ ଛଡ଼ାରେ ଘର । ବେଶ ସ୍ୱଚ୍ଛଳ ପରିବାରର ପିଲା ।

ଟିକିଏ ଅଟକି ଯାଇ ପୁଣି ପ୍ଲାବନୀ କହିଲା—

ପ୍ରାୟ ଆମଘରେ ଥାଏ । ଭପୀ ସାଙ୍ଗ କି ନା···ମୋ ପାଖରେ ଟିଉସନ ବି ହୁଏ । ନାଁ ତାର ସାବେସ୍ରୀ·····

କହୁବା ଭିତରେ ଦୁହିଁଙ୍କର ଖାଇବା ସରି ଯାଇଥିଲା । ଘର ଭିତରରୁ ଆସିଲା ସାବେଶ୍ରୀ । ହାତରେ ଚା ପାତ୍ର ଦୁଇଟି ଟେବୁଲ ଉପରେ ରଖିଦେଇ ନୀରବ ପଦକ୍ଷେପରେ ସେ ପୁଣି ଫେରିଗଲା ।

କାଚ୍ଛବାଟ ଆଡେଇ ଯାଇ ଫେରି ଚାହିଁଲା ସାବେଶ୍ରୀ । ଚାହିଁବା ମାତ୍ରେ ହଠାତ୍ ତାର ନଳିନୀ ସହିତ ଦୃଷ୍ଟି ବିନିମୟ ହୋଇଗଲା । ସାମନାର ଚୌକିରେ ବସିଛି ନଳିନୀ । ପ୍ରାୟ କୁଆର ମୁହଁର ସିଧା ସିଧି । ଜଳଖିଆ ଥାଳିଆରେ ହାତରଖି କଣେଇଟିକ ଚାହିଁ ରହିଛି ସେ । ତପତୀର ସମବୟସୀ ହେବ ସାବେଶ୍ରୀ । ଦେହର ରଙ୍ଗ ଉଜ୍ଜ୍ୱଳ ଗୌରବର୍ଣ୍ଣ । ସ୍ଲେଠ ବର୍ତ୍ତୁଳ ନିତମ୍ବ ଉପରେ ପରିଧାନର ସେଲ୍‌ୱାର ଜଡ଼ି ଯାଇଛି । ସଞ୍ଜ ପବନରେ ଫର ଫର କରୁଛି ନୀଳରଙ୍ଗର ଉତ୍ତରୀୟ । ଅଲସ ବଲସ ବାଳ କପାଳ ଉପରେ ଦୋଳି ଖେଳି ଯାଉଛି । ଆଖି ଦୁଇଟିରେ ଫୁଟି ଉଠିଛି ବଣ୍ୟ ସରଳତା । ନଳିନୀର ଆଖି ଉପରେ ଆଖି ପଡ଼ିବାକ୍ଷଣି ଚଟ୍‌କରି ମୁହଁ ଫେରେଇ ନେଇ ପ୍ରାୟ ଦୌଡ଼ି ଦୌଡ଼ି ଚାଲିଗଲା ସାବେଶ୍ରୀ ।

ଚା ପିଇବାରେ ଲାଗିଛି ପ୍ଲାବନୀ । ସାବେଶ୍ରୀ କିମ୍ବା ନଳିନୀ ଉପରେ ତାର ଦୃଷ୍ଟି ନାହିଁ । ଡେରି ହୋଇ ଯାଉଛି । ସେଥିପାଇଁ ଶୂନ୍ୟ ଚା କପଟାକୁ ଟେବୁଲ ଉପରେ ରଖିଦେଇ ଖୁବ୍ ତର ତରରେ ଉଠି ପଡ଼ିଲା ସେ । ନଳିନୀର ଚା ସେହିପରି ଥୁଆହୋଇ ରହିଛି । ତାକୁ ଚାହିଁ ହସି ନଳିନୀ କହିଲା—

ଚା’ ତକ ଶେଷକରି ସାରିଲଣି ନା·····ଧନ୍ୟ ତମେ ବାବା··ମଣିଷ ଠିକ୍ ଏ ପାଣିପାଇଁ ତହଲ ବିକଳ ହେଉଥିବା ବେଳେ ଚା’ରେ ତମେ ତୃଷା ନିବାରଣ କରି ପାରୁଛ ।

ପ୍ଲାବନୀ କେବେ ନିଜ ଜୀବନରେ ଉଚ୍ଚ ସ୍ୱପର୍ଣ୍ଣସୂ ଲକ୍ଷ୍ୟ କରିନାହିଁ । ଖରା ବର୍ଷା ଆସୁଛି ଯାଉଛି । ସେଥିଯୋଗୁ ଯଦି ଲୁଚି ବସିବ ଲକ୍ଷ୍ୟ ପୋଛିବାକୁ ଯଷର ଅଭାବ ରହିଯିବ ।

କଥାଟିକୁ କହିସାରି ଦ୍ରୁତ ପଦରେ ସେଠୁ ଚାଲିଗଲା ପ୍ଲାବନୀ । ଗଲାବେଳେ ଥରେ ହେଲେ ପଛକୁ ଫେରି ଚାହିଁଲା ନାହିଁ ।

ନଳିନୀ ସେହିପରି ଅନେଇ ରହିଥାଏ । ପ୍ଲାବନୀକି କିଛି ହେଲେ ପଦେ କଥା କହିପାରିଲା ନାହିଁ । ଡାକି ମଧ୍ୟ ପାରିଲା ନାହିଁ । ସେମିତି ନିର୍ବାକ ହୋଇ ପ୍ଲାବନୀର ଗତି ପଥକୁ ଅନେଇ ରହିଲା ।

× × × ନଳିନୀର ପାଦରେ ଚଞ୍ଚଳତା ଫୁଟିଉଠିଲା । ସେତେବେଳକୁ ସନ୍ଧ୍ୟାଯାଇ ରାତି ଆସିଲାଣି । ଶୁକ୍ଳପକ୍ଷର ରାତି । ଆକାଶସାରା ଜ୍ୟୋତ୍ସ୍ନା ବିଛି ହୋଇ ପଡ଼ିଲାଣି । କିନ୍ତୁ ଘର ଭିତରେ ଅନ୍ଧାରର ରାଜୁତି ଚାଲିଛି । ସେ ପର୍ଯ୍ୟନ୍ତ ଆଉ କେହି ସେଠିକି ଆସି ନାହାନ୍ତି । ନଳିନୀ ଘରର ଅନ୍ଧାର ଭିତରେ ବୁଲି ବୁଲି ଝରକା ନିକଟକୁ ଚାଲି ଆସିଲା । କୁଆଡ଼େ ଗଲା ପ୍ଲାବନୀ·· ? ଏତେ ବେଳଯାଏ ଫେରିଲା ନାହିଁ ତ······ ?

ପ୍ଲାବନୀ, ନିଜକଥା କହି ଚାଲିଗଲ ତମେ । କେବଳ ପ୍ରଶ୍ନହିଁ କରିଗଲ । କାହିଁ ଉତ୍ତର ପାଇବାକୁ ଟିକିଏ ହେଲେତ ଅପେକ୍ଷା କଲନାହିଁ ?

ପ୍ଲାବନୀ ପ୍ରତି ଗଭୀର ଚିନ୍ତାରେ ନଳିନୀର ମନ ଭରିଗଲା ଅନ୍ଧାର ଭିତରେ ସେ ଆଉର ଦୂରକୁ ଦୂରକୁ ଘୁଞ୍ଚିଗଲା ।

ଖୁବ୍ ଭୋରରୁ ନଳିନୀର ନିଦ ଭାଙ୍ଗିଗଲା । ସେତେବେଳେ ପର୍ଯ୍ୟନ୍ତ ସୂର୍ଯ୍ୟ ଉଦୟ ହୋଇ ନାହିଁ । ଆକାଶ ଆଉ ପୃଥିବୀକୁ ଘେରି ରହିଛି ଅନ୍ଧାରର ଗୋଟିଏ ପାତଳ ଆବରଣ । ସତେ ଯେମିତି ଗୋଟିଏ ଦମ୍ପତି ଉପଭୋଗର ଶ୍ରାନ୍ତିରେ ନିବିଡ଼ ନିଦରେ ଶୋଇଛନ୍ତି ।

ବାରଣ୍ଡାରେ ପଡ଼ି ପଡ଼ି ଅପେକ୍ଷା କରିବାକୁ ଲାଗିଲା ନଳିନୀ । ଗତ ରାତିରେ ତାର ଆଉ ପ୍ଲାବନୀ ସହିତ ଦେଖା ହୋଇନାହିଁ । ହେଲେ କେଉଁଠି ମିଟିଂରେ କଥାବାର୍ତ୍ତା ପରେ ସେ ଯେ କୁଆଡ଼େ ଚାଲିଯାଇ କେତେ ରାତିରେ ଫେରିଲା ତାହା ମଧ୍ୟ ସେ ଜାଣିବାକୁ ପାଇନାହିଁ ।

ଏଠିକି କୁଣିଆ ହୋଇ ଆସିଛି ସେ । କେଇଟି ଦିନ ଆଦର, ଯତ୍ନ, ସ୍ନେହ ଓ ଭକ୍ତି ଭିତରେ କଟେଇ ଦେବାକୁ ଆଶାକରି ଆସିଥିଲା । ହସି ହସି, ହସେଇ ହସେଇ ତାର ପ୍ରତ୍ୟେକ ମୁହୂର୍ତ୍ତ ଭରି ଉଠିବାର ସ୍ୱପ୍ନ ଦେଖିଥିଲା ନଳିନୀ, କିନ୍ତୁ ଏଠିକି ଆସିବାର କେତେକ ସମୟ ପରେ ତାର ଧାରଣା ବଦଳିଗଲା । ଯେମିତି ଗୋଟାଏ ଗମ୍ଭୀର ନିରାନନ୍ଦ ଭିତରେ ନିଜକୁ ସମ୍ପୂର୍ଣ୍ଣ ରୂପେ ଭସେଇ ଦେଇ ରଖିଛି । ଏକ ଅବାଞ୍ଛିତ ଅତିଥି ପରି ସେ ରହିବ । ଏ ବିଚିତ୍ର ଅଭିଜ୍ଞତା ନୂଆକରି ଆଜି ଯେପରି ଅର୍ଜନ କରୁଛି ନଳିନୀ । କେତେ ସ୍ନେହ, ପରିଜନର ଇତିହାସ, ତା ଅନ୍ତରର କେତେ ଅପ୍ରକାଶିତ କାହାଣୀ, ଅତୀତର କେତେ ସୁଖ ଦୁଃଖର ଅନୁଭୂତି ପ୍ଲାବନୀ ଶୁଣିବାକୁ ଇଚ୍ଛାକରେ ନାହିଁ । ଅଥଚ ପ୍ଲାବନୀ ଉପରେ ତାର ପୂର୍ଣ୍ଣ ଅଧିକାର । ନିଜକୁ ଦୂରେଇ ରଖିଥିଲେ ମଧ୍ୟ ଏହି ତରୁଣୀଟି ସହିତ ଯେ ତାର ବିବାହ ସୁନିଶ୍ଚିତ । ଏହାମଧ୍ୟ ସେ ଜାଣି ସାରିଛି । ଏ ବିଷୟରେ ପ୍ଲାବନୀକୁ ପ୍ରଶ୍ନକରି ସେ ଯେଉଁ ଉତ୍ତର ପାଇଥିଲା,

ଦୀର୍ଘକାଳ ଅତିବାହିତ ପରେ ମଧ୍ୟ ଗୋଟିଏ ଅକ୍ଷର ଭୁଲ ହୋଇନାହିଁ । ତାକୁ ନିବିଡ଼ ପ୍ରଣୟର ଭାଷା କହିଲେ ଅତ୍ୟୁକ୍ତି ହେବନାହିଁ ।

ଏସବୁ ବହୁଦିନ ତଳର କଥା । ପ୍ରାୟ ସେହି କିଶୋର ଅବସ୍ଥାର । ତା ପରେ ଘଟଣା କ୍ରମେ ଦୁଇଟି ଜୀବନ ପ୍ରବାହ ଦୁଇଦିଗ ଆବୋରି ନେଇ ବହି ଯାଇଛି । କିନ୍ତୁ ସାଗର ସଙ୍ଗମ ହୋଇନାହିଁ । ଅତୀତର ସ୍ମୃତି ଲିପି ପଢ଼ି ପଢ଼ି ଦୁହିଁଙ୍କର ଅଦେଖାରେ ବହୁବର୍ଷ କଟି ଯାଇଛି । ଏଥି ଭିତରେ ପ୍ଲାବନୀ ଅଣତିରିଶି ବର୍ଷ, ଆଉ ନଳିନୀ ତିରିଶବର୍ଷର ବୟସ ଅତିକ୍ରମ କରି ଯୌବନର ସୀମାନ୍ତରେ ପହଞ୍ଚି ସାରିଛନ୍ତି । ଆଜି ଆଉ ମଧୁମୟ କୈଶୋରର ମାଧୁର୍ଯ୍ୟକୁ ସେମାନେ ହୃଦ ଗନ୍ତାଘରେ ସାଇତି ରଖିଛନ୍ତି କହିଲେ ଏକ ମହାସତ୍ୟକୁ ଅସ୍ୱୀକାର କରିବାକୁ ପଡ଼ିବ । ଜଣେ କର୍ମ-ବ୍ୟସ୍ତତା ଭିତରେ ଆଉଜଣେ ଜୀବନର ସାଧନା ଭିତରେ ନିଜକୁ ଭୁଲି ରହିଥିଲେ ମଧ୍ୟ ପୂର୍ବର ବନ୍ଧୁତ୍ୱ କ୍ଷୁଣ୍ଣ ହୋଇନାହିଁ । ନଳିନୀ ଏକଥା ସ୍ପଷ୍ଟକରି ଅନୁଭବ କରି ପାରିଲା । ଦୁଇ ଜଣଙ୍କର ଦୈହିକ ଐକ୍ୟ ଖୋଜି ବସିଲେ ନିରାଶ ହେବାକୁ ପଡ଼ିବ । ଦୁଇଟି ଗ୍ରହ ଯେପରି ନିଜ ନିଜର କକ୍ଷ ପଥରେ ଘୁରି ଘୁରି ପରସ୍ପରର ସାନ୍ନିଧ୍ୟ ହରେଇ ଦେଇଛନ୍ତି । ନାନା ଘାତ ପ୍ରତିଘାତ, ବୟସର ଅତ୍ୟା-ଚାରରେ ହୁଏତ ପ୍ଲାବନୀ ପ୍ରାଣର ସମସ୍ତ ସୁନ୍ଦର ବିଭବ ନଷ୍ଟହୋଇ ଯାଇଛି । ଆଜି ଯେମିତି ତାର ଶୀର୍ଣ୍ଣ ମଳିନ ଦେହ ଭିତରୁ ସେ ଦିନର ଉଜ୍ଜ୍ୱଳ ତାରୁଣ୍ୟକୁ ଉଦ୍ଧାର କରିବାର ଆଉ କୌଣସି ଉପାୟ ନାହିଁ ।

ଭାବି ଭାବି ବିଛଣା ଛାଡ଼ି ଉଠି ପଡ଼ିଲା ନଳିନୀ । ପୁଣି ଭାବିଲା ମାନସିକ ଅସୁସ୍ଥତା ହେତୁ ହୋଇ ପ୍ଲାବନୀର ନିଜଦେହ ସମ୍ବନ୍ଧୀୟ

ଜଡ଼ତା ଆସି ଯାଇଛି । କିନ୍ତୁ ସେ ଯେ ଏ ଘରର ଜଣେ ସମ୍ମାନିତ ଅତିଥି । ଏକଥା ସେ ଜାଣିସୁଦ୍ଧା କେମିତି ଅବହେଳା କରି ପାରିଲା ? ଅଭିମାନରେ ନଳିନୀର କଣ୍ଠ ରୁଦ୍ଧ ହୋଇ ଆସିଲା ।

ଯେଉଁ ବାଟ ଦେଇ ନଳିନୀ ତଳ ଖଞ୍ଜାକୁ ଚାଲି ଯାଉଥିଲା ସେହି ବାଟରେ ତାକୁ ଉଠେଇ ଦେବାକୁ ପ୍ରାୟ ଦୌଡ଼ି ଦୌଡ଼ି ଆସୁଥିଲା ତପତୀ । ଦୁହେଁ ଦୁହିଁଙ୍କ ଦେଖିପାରି ମଝି ପଥରେ ଅଟକି ରହିଲେ । ତପତୀ କିଛି କହିବା ପୂର୍ବରୁ ହଠାତ୍ ନଳିନୀ ପଚାରି ଉଠିଲା—

ମୁଁ ଘରକୁ ଯିବି ତପୀ ! ମୋ କାମ ଟିକିଏ ଶୀଘ୍ର ସାରଦେଲୁ ।

ନଳିନୀର ଏ କଥାରେ ଆଶ୍ଚର୍ଯ୍ୟ ହୋଇ ଅନେଇଲା ତପତୀ । କାଲି ଆସି ଆଜି ଫେରିଯିବେ କାହିଁକି ନଳିନୀ ଭାଇ ? କଣ ତାଙ୍କର ଅସୁବିଧା ହେଲା ? ନା ଦୋଉଛି ସହିତ କଳି ଲାଗିଲା ? ଏତେ ଶୀଘ୍ର କେବେ ଫେରି ଯାଆନ୍ତି ନାହିଁ ନଳିନୀଭାଇ··ଦୋଉଛିଠା ଭାଉଜଣେ··· ଭାବି ଭାବି ତପତୀ ତାର ବଡ଼ ଭଉଣୀ ଉପରେ ଚିଡ଼ି ଉଠିଲା । ପୁଣି ଭାବିଲା, ଦୋଉଛି କାଲି ବହୁତ ରାତିରେ ଫେରିଲା । ଖାଇସାରି ଶୋଇ ପଡ଼ିଲା । ନଳିନୀ ଭାଇଙ୍କ ସହିତ ତାର ଆଉ ଦେଖା ହୋଇନାହିଁ । କଳିକଲା କେତେବେଳେ ? ତେବେ ଆଉ କାହିଁକି ରାଗିଲେ ନଳିନୀ ଭାଇ·····

ନଳିନୀ ଭାଇ·······

ଏ ସମ୍ବୋଧନରେ ତପତୀକୁ ଚାହିଁଲା ନଳିନୀ । କାଲି ଅପେକ୍ଷା ଚେହେରା ତାର ମଳିନ ଦିଶୁଛି । ସତେ ଯେପରି ନିଜର ଭାବନାକୁ ସମ୍ଭାଳି ନପାରି ଖୁବ୍ ଭାଙ୍ଗି ପଡ଼ିଛି ସେ । ତପତୀର ଡାକ ଶୁଣି କେବଳ ଚୁପକରି ଠିଆହୋଇ ରହିଲା ନଳିନୀ····

ଚାଲିଯିବ କାହିଁକି ? କଣ ହେଲାକି ଆପଣଙ୍କର ? ନ ଆପଣ ଯାଇ ପାରିବେ ନାହିଁ । ଚାଲନ୍ତୁ ମୁହଁହାତ ଧୋଇବେ ଚାଲନ୍ତୁ……

ହାତରେ ବହି ଯାକି ଅଳ୍ପ ଦୂରରେ ଅସୁଥିଲା ସାବେଶ୍ରୀ ଧାଇଁଆସି କହିଲା—

ଯିବେ କେଉଁଠିକି ? ଯାଆନ୍ତୁନା । କେମିତି ଯିବେ ଦେଖିଲ ନାହାନ୍ତି କେମିତି ଯିବେ ଦେଖିବା ପରି……

ସ୍ତବ୍ଧ ହେଇ ସାବେଶ୍ରୀକି ଅନେଇ ରହିଲା ନଳିନୀ । ସନ୍ଧ୍ୟା ଛଅଟାଠାରୁ ଏ ପର୍ଯ୍ୟନ୍ତ କେଉଁଠି ଘରଛାଡ଼ି ରହିଲାଣି ପ୍ଲାବନୀ । ଅଦ୍ଭୁତ ଝିଅ । ପଛକୁ ଥରେ ଫେରି ଅନେଇ ନାହିଁ । ତାର ଭଲମନ୍ଦ ପ୍ରତି ଦୃଷ୍ଟି ଦେଇନାହିଁ । ନିଜ ଜୀବନର ଦାୟିତ୍ୱକୁ ଲଘୁ ମନେକରି ନେଇଛି । ବାହାରର କୋଳାହଳ ଭିତରୁ ସତେ କଣ ଆନନ୍ଦ ସଂଗ୍ରହ କରି ପାରୁଛି ପ୍ଲାବନୀ… ? କିନ୍ତୁ ପ୍ଲାବନୀକୁ ନ କହି କେମିତି ସେ ଏ ଘରଛାଡ଼ି ଚାଲିଯିବ ? ସାମାଜିକ ସୌଜନ୍ୟତା ରକ୍ଷାକରି ତାକୁ ପ୍ଲାବନୀର ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ ।

ଏହିପରି ନାନାକଥା ଭାବିଗଲା ନଳିନୀ । ଶେଷକୁ ଉପଙ୍ଗୀର ହାତଧରି ପକେଇ ସେ କହି ଉଠିଲା—

ଦେଖ ତୋର କାଲିଠାରୁ ଫେରିନାହିଁ ଉପୀ ! କୁଆଡ଼େ ଯାଇଛି ସେ ? କାହିଁକି ଯାଇଛି…… ?

ନଳିନୀର ଏହି କଥାରେ ଯେପରି ଉତ୍ସାହ ଫେରି ପାଇଲା ଉପଙ୍ଗୀ । ନଳିନୀର ହାତଧରି ଟାଣିନେଇ ଯାଉ ଯାଉ ସେ କହି ଯିବାରେ ଲାଗିଲା—

ଦେଈ ଉପରେ ରାଗି ଅପଣ ଗୃହ୍ଲପିବାକୁ ବସିଚନ୍ତି ନଳିନୀ ଭାଇ ! ଦେଈ ଉପରେ ଅପଣ ରାଗି ପାରୁଚନ୍ତି ? ତା ଉପରେ କେହୁ ରାଗି ପାରିବେ ନାହିଁ । ଅପଣ ଏତେ ନିଷ୍ଠୁର—

ଉପତ୍ତୀର ସ୍ୱରରେ କାରୁଣ୍ୟର ନିର୍ଯ୍ୟାସ । ଟିକିଏ ପରେ ପୁଣି କହିଲା ସେ—

ଦେଈ କାଲି ରାତି ଏଗାରଟାରେ ଫେରି ଆଜି ପୁଣି ଯାଇ ସାରିଲଣି । ଛୁଟିଦିନରେବି ତାଙ୍କୁ ବିଶ୍ରାମ ମିଳେନା । ଅପଣ ଯଦି କେବଳ ତାର ଉପରେ ରାଗି ଗୃହ୍ଲଯାଅନ୍ତି ବାବା ଭାରି ଦୁଃଖ କରିବେ ନଳିନୀ ଭାଇ !

କହି କହି ନୀରବ ହୋଇଗଲା ଉପତ୍ତୀ । ତା’ କଥାଶୁଣି ନଳିନୀର ଯେମିତି ଭାବାନ୍ତର ଆସିଗଲା ।

ଦିନପ୍ରାୟ ଦଶଟା ବେଳକୁ ଫେରିଲା ପ୍ଲାବନୀ, ସେତେବେଳକୁ ଦିଗ୍‌ବଳୟର ସୀମାରେଖା ପାରହୋଇ ସୂର୍ଯ୍ୟ କ୍ଷିପ୍ର ଗତିରେ ମଥା ଉପରକୁ ଉଠି ଅସୁଚନ୍ତି । ଖରାର ଉତ୍ତାପ ଲାଗିଗଲାଣି । ଯେମିତି ଏ ସଂସାରଟାକୁ ମୋଡ଼ି ଜାଳି ଦେବାକୁ ଦୃଢ଼ ସଂକଳ୍ପ ହୋଇ ସୂର୍ଯ୍ୟ ଧାଇଁ ଅସୁଚନ୍ତି । ରିକ୍‌ସାର ଟିଂ ଟିଂ ଶବ୍ଦ ବନ୍ଦ ହେବାକ୍ଷଣି ରାସ୍ତା ଧୂଳି ଅଉ ଝାଳରେ ଏକାକାର ହୋଇ ପ୍ଲାବନୀ ଅସି ମଝି ପିଣ୍ଡାରେ ଠିଆ ହୋଇଗଲା ।

ପ୍ଲାବନୀ ଘରଭିତରକୁ ପଶି ଅସିବାପରେ ମଧ୍ୟ ନଳିନୀ ତା ପାଖକୁ ଅସିଲା ନାହିଁ ।

ପ୍ଲାବନୀ ନିକଟକୁ ଅସିଲେ ଅସୌଜନ୍ୟତା ପାଇଁ ତା ବିରୁଦ୍ଧରେ ଗୁରୁ ଅଭିଯୋଗ ଅଣିବାକୁ ମନେ ମନେ ଠିକ୍‌କରି ଚୌକି ଉପରେ ସ୍ଥିରହୋଇ ବସିରହିଲା ସେ ।

ଗୃକର ଆସି ଖବରଦେଲା କେହିଜଣେ ଭଦ୍ରଲୋକ କାମରେ ଆସି ଫେର ଯାଇଥିଲେ । ପୁଣି ଆସିଚନ୍ତି ।

ବାଁ ପଟର ଦୁଆର ଦେଇ ପୁଣି ବାହାରିଗଲା ପ୍ଲାବନୀ । ଇଚ୍ଛା ନ ଥିଲେ ମଧ୍ୟ ଭଦ୍ରତା ରକ୍ଷା କରିବାକୁ ପଡ଼ିବ । ଯେମିତି ଗୋଟିଏ ଯନ୍ତ୍ର । ସେ ପର୍ଯ୍ୟନ୍ତ ତାର ଗାଧୁଆ କିମ୍ବା ଖାଇବା ହୋଇନାହିଁ ।

ଅବଶେଷରେ ପ୍ଲାବନୀ ଆସି ଦାଣ୍ଡଘର ମଝିରେ ପହଞ୍ଚିଲା । ଭଦ୍ରଲୋକ ଜଣକ ସେଇଠି ଅପେକ୍ଷା କରିଥିଲେ । ତାଙ୍କ ସାଙ୍ଗରେ ଗୋଟିଏ ଛଅସାତ ବର୍ଷର ଝିଅ ମଧ୍ୟ ଆସିଥିଲା । ଭଦ୍ରଲୋକ ଝିଅକୁ ପ୍ରଣାମ କରିବାକୁ ନିର୍ଦ୍ଦେଶ ଦେଇ ନିଜେ ଏକ ଦୀର୍ଘ ନମସ୍କାର ଜଣାଇଲେ । ପ୍ଲାବିନୀ ପ୍ରତି ନମସ୍କାର ଜଣେଇ ବସିବାକୁ କହି ନିଜେ ଗୋଟିଏ ଚୌକି ଉପରେ ବସିପଡ଼ିଲା । ଝିଅଟି ତଳେ ମୁଣ୍ଡ ଲଗେଇ ପ୍ଲାବନୀକୁ ଦଣ୍ଡବତ କଲା । ତାକୁ ଉଠେଇ ଧରିଲା ପ୍ଲାବନୀ । ଲମ୍ବା ଲମ୍ବା ଆଖି । ଗୁଲୁ ଗୁଲୁଆ ମୁହଁ । ମୁଣ୍ଡର ଝୁମ୍ପୁରିବାଳ ପବନରେ ଫୁର୍ ଫୁର୍ କରୁଚି । ଅନେଇ ଅନେଇ ତାକୁ କୋଳକୁ ଟାଣି ଆଣିଲା ପ୍ଲାବନୀ ।

ମୁଁ ଆସିଥିଲି ଆପଣଙ୍କ ପାଖକୁ । ସକାଳୁ ଆସି ଥରେ ଫେରି ଯାଇଚି ।

ନିଜେ କିଛି କହିବା ପୂର୍ବରୁ ଅନ୍ୟର କହିବା କଥାରେ ପ୍ଲାବନୀ ଭିତରର ନିସ୍ତବ୍ଧତା ତୁଟିଗଲା । ତାର ଆଖି ପଡ଼ିଲା ଭଦ୍ରଲୋକଙ୍କ ଉପରେ । ଦେହରେ ଢକ୍ ଢକ୍ ଦାମୀ କନାର ପଞ୍ଜାବୀ । ଛାତିରେ ସୁନା ବୋତାମ ଆଉ ମଣିବନ୍ଧରେ ସୁନା ଚେନ ଦିଆ ଯାଇ ରିଷ୍ଟୱାଚ ବନ୍ଧା ଯାଇଚି । ଡାହାଣ ଓ ବାଁ

ହାତର ଅଙ୍ଗୁଳିରେ କେତେଗୁଡ଼ାଏ ମୁଦି । ସବୁଥିରେ ଯେମିତି ଅଭିଜାତ୍ୟର ଅହମିକା ଭରି ରହିଛି । ପୁଣି ଭଦ୍ରଲୋକଙ୍କର କଥା ଶୁଣିବାକୁ ପାଇଲା ପ୍ଲାବନୀ ।

ମୋର କଥା ହେଉଛି ଏ ଝିଅଟି ଆପଣଙ୍କର ଦାୟିତ୍ୱରେ ରହିବ । ସେ ନିଜେ ନିଜେ ଆପଣଙ୍କୁ ବାଛି ନେଇଛି । ତାର ମା ଆପଣଙ୍କୁ ଚିହ୍ନାଇ ଦେଇଥିଲା······

ପ୍ଲାବନୀ ମନେ ମନେ କହି ଉଠିଲା କିଏ ଏ ଝିଅର ମା ? ଏତେ ଛୋଟ ଝିଅଟିକୁ ନେଇ କଣ ସେ କରିପାରିବ ? ସମୟ ବା କାହିଁ ? ସରକାର ଏବେ ପୁଣି ଟିଉସନ ବନ୍ଦକରି ଦେବାକୁ ବନ୍ଦୋବସ୍ତ କରୁଛନ୍ତି । କିନ୍ତୁ ଏଇ ଝିଅଟି······ହୁଏତ କୌଣସି ସମବୟସୀର ପିଲା । ସେ ବିବାହ କରିଥିଲେ ଏମିତି ଗୋଟିଏ ପିଲାର ମା ହୋଇପାରି ଥାଆନ୍ତା । ସୁନ୍ଦର ଛୁଆଟିଏ·····କିନ୍ତୁ ତାର ନାଁ କଣ········ ?

ନିଜର ଭାବନା ଭିତରୁ ପଚାରି ଉଠିଲା ପ୍ଲାବନୀ ।

ଚିନ୍ମୟୀ·········

ଚୌକି ଛାଡ଼ି ଉଠିପଡ଼ି ଭଦ୍ରଲୋକ କହିଲେ—ମୋ ନାଁ ମାନସ ଚୌଧୁରୀ···

ଚିନୁ ଆପଣଙ୍କର ଝିଅ । କାଲିଠାରୁ ସେ ଆସିବ । ଆମ ଘରଟା ଏଇ ମାର୍କେଟ ସେପାଖକୁ । ଅଳ୍ପବାଟ···କେତେବେଳେ ଆସିବ············

ହଁ ହଁ କାଲି ଆସୁ । ସଞ୍ଜ, ସକାଳ, ରାତି, ତାର ଇଚ୍ଛାନୁସାରେ ଆସୁ ସେ·····

ଭାବପ୍ରବଣ ହୋଇ କହି ପକେଇଲା ପ୍ଲାବନୀ । ଯେମିତି ସେ ଆଉ ନିଜର ପରିସ୍ଥିତି ଭିତରେ ନାହିଁ । ତାର ମନେ ହେଉଥାଏ ଝିଅଟିକୁ କୋଳକରି ସମଗ୍ର ପୃଥିବୀଟା ଦଣ୍ଡକରେ ବୁଲି ଆସନ୍ତା । କିନ୍ତୁ ତାହା ଅତି ଅସମ୍ଭବ କଥା । ଝିଅଟି ପରର । ପୁଣି ତାର ସ୍ଙ୍ଗୀ ହେବାକୁ ଆସିଛି । ଜଣେ ଅବିବାହିତା ଶିକ୍ଷୟିତ୍ରୀ ପକ୍ଷେ ଏ ଇଚ୍ଛା ପ୍ରକାଶ ନିହାତି ଅଶୋଭନୀୟ । ନିଜକୁ ସଂଯତ କରିବାକୁ ଚେଷ୍ଟାକଲା ପ୍ଲାବନୀ ।

ଭଦ୍ରଲୋକ ଫେରିଯିବାର ଉପକ୍ରମ କଲେ । ଘର ଭିତରୁ ବାହାରିଯାଇ ନମସ୍କାର କରି କହିଲେ—

କାଲି ଆସି କିଛି ଗୋଟାଏ ବ୍ୟବସ୍ଥା କରିଯିବି·········

ନା, ନା ସେମିତି ଭାବନ୍ତୁ ନାହିଁ । ଚନ୍ଦ୍ରଶ୍ରୀ ଅଛି······

ପ୍ଲାବନୀ ଚନ୍ଦ୍ରଶ୍ରୀକୁ ଚୁହିଁ ଚୁହିଁ ଆଖିଥରେ ଭଲକରି ଦେଖି ନେଲା ।

ଭଦ୍ରଲୋକ ଚାଲିଗଲା ପରେ ପ୍ଲାବନୀ ଖଞ୍ଜା ଭିତରକୁ ଚାଲି ଆସିଲା । ଉପର ଖଞ୍ଜାର ଅଳିନ୍ଦ ପାରିହୋଇ ଶେଷ ଘରର ଦୁଆର ମୁହଁରେ ପହଞ୍ଚିଲା ସେ । କିନ୍ତୁ କାହାକୁ ହେଲେ କେଉଁଠି ଦେଖିବାକୁ ପାଇଲା ନାହିଁ । ବୁଲି ବୁଲି ହୋଇ ସେ ପୁଣି ତଳ ଖଞ୍ଜାରେ ପହଞ୍ଚିଲା ଆସି ।

ମସ୍ତ ମସ୍ତ ଦୁଇଟା ଖଞ୍ଜା । ପ୍ରତ୍ୟେକ ଖଞ୍ଜାରେ ବହୁତଗୁଡ଼ାଏ ଘର । ମଝିରେ କାନ୍ଥ ଦିଆଯାଇ ଗୋଟିଏ ଗୋଟିଏ ବଖରାରେ ବିଭକ୍ତ କରାଯାଇଛି । ଉପର ଖଞ୍ଜାରେ ପ୍ଲାବନୀ ରହୁଥିବା ଘରର ବାଁ ପଟକୁ ଦୁଇ ବଖରା ଛାଡ଼ି ଗୋଟିଏ ବଡ଼ ବଖରାରେ ପ୍ଲାବନୀର ବାପା କୈଳାସ ପଟ୍ଟନାୟକ ରହୁଥିଲେ । ଖଞ୍ଜାର ଶେଷ ଘରଟିରେ

ଉପତ୍ତିର କାରବାର । ସେ ପ୍ରାୟ ତାର ସାଙ୍ଗ ସାବେଙ୍ଗ ସହିତ ନିର୍ଭୟରେ କଲ୍ଲୋଳାରେ ସେଠି ହସ ଖେଳ ଭିତରେ ବାକୀତକ ସମୟ କଟେଇ ଦେଉଥିଲା । ସାମନା ଘରର ଗୋଟିଏ ବଖରାରେ ନଳିନୀର ବସାଉଠା ପାଇଁ ବନ୍ଦୋବସ୍ତ କରାଯାଇଥିଲା ।

ତଳ ଖଞ୍ଜାଟି ମଧ୍ୟ ଉପର ଖଞ୍ଜାର ଅନୁରୂପ ଥିଲା । ରୋଷେଇଘର ଭଣ୍ଡାରଘର, ଦୋହୁ ଭୁଆସୁଣୀ ଗୃହର ଚାକରଙ୍କର ରହିବାପାଇଁ ଅନେକ ଗୁଡ଼ିଏ ବଖରା ଥିଲା । ଖଞ୍ଜା ମଝିରେ କୂଅ । ପଥର ପିଣ୍ଡି । ପଥରର ଗାଧୁଆ କୁଣ୍ଡ । ଏବେ ସେ ଗୁଡ଼ିକ ନଷ୍ଟହୋଇ ନ ଥିଲେ ମଧ୍ୟ ଖଞ୍ଜାର ଗୋଟାଏ ପଟ ସଂସ୍କାର ଅଭାବରୁ ଭାଙ୍ଗି ପଡ଼ିଲଣି । ପ୍ଲାବନୀର କେଉଁ ପିତୃ ପୁରୁଷ ନିଜ କୁଳବଧୂର ସ୍ନାନ ମାର୍ଜନ ପାଇଁ ଏ ପଥର ପିଣ୍ଡି ବାନ୍ଧିଥିଲେ ତାହା କହି ହେବନାହିଁ । ଦିନେ ଯେ ଏ ଘର ଦାସ ଦାସୀର ଗହଳ ଚହଳରେ ମୁଖରିତ ହେଉଥିଲା ତାର ପ୍ରମାଣ ଦିଏ ଆଜିର ଏହି ଭଙ୍ଗାରୁଜା ଶୂନ୍ୟଘର ଗୁଡ଼ିକ । ହୁଏତ ଦିନେ ଏ ଘର ଏକ ଅଭିଜାତ ବଂଶର ବାସସ୍ଥଳୀ ଥିଲା । କିନ୍ତୁ ଆଜି କିଛିନାହିଁ । ସମସ୍ତ ଐଶ୍ୱର୍ଯ୍ୟ କ୍ଷୟ ହୋଇଯାଇଛି । ସେଥିପାଇଁ କୈଳାସ ପଟ୍ଟନାୟକ ଆଜି ଜଣେ ନିମ୍ନ ମଧ୍ୟବିତ୍ତ ଶ୍ରେଣୀରେହିଁ ଗଣାଯିବେ ।

ତଳଖଞ୍ଜାର ପ୍ରଥମ ଦୁଆର ମୁହଁରେ ଠିଆହୋଇ ପ୍ଲାବନୀ ଡାକିଲା ।

ଉପୀ............

ସାନ ଭଉଣୀକି ଡାକଦେଇ ସେ କାନ୍ଥକୁ ଆଉଜି ପଡ଼ିଲା । ଯେମିତି ଆଉ କିଛି କହିବାର ସାମର୍ଥ ତାର ନାହିଁ ।

ରୋଷେଇଘରେ କଅଣ ସବୁ ବସି ବସି କରୁଥିଲ ତପସ୍ତା । ଛୁଟିଦିନରେ ତାର ଦେଇ ଅଉ ବାପାଙ୍କ ଖାଇବାପାଇଁ ନିଜ ହାତରେ କିଛି କରିବା, ସେମାନଙ୍କର ପ୍ରତ୍ୟେକ ସୁବିଧା ଅସୁବିଧା ଦେଖିବା ତାର ଯେମିତି ପ୍ରଧାନ କର୍ତ୍ତବ୍ୟ । ପ୍ଲାବନୀ ପ୍ରାୟ ସବୁ ସମୟରେ ଘରଛାଡ଼ି ବାହାରେ ବାହାରେ ବୁଲୁଥାଏ । ବାକୀ ଯେତକ ସମୟ ପାଇଁ ଫେରେ ଯାହାକିଛି ଟିକିଏ ଖାଇଦେଇ ଗଭୀର ନିଦ୍ରାରେ ଅଭିଭୂତ ରହେ । ପାରିବାରିକ ଅର୍ଥନୈତିକ ସମସ୍ୟାର ସମାଧାନ ତାକୁହିଁ କରିବାକୁ ହୁଏ । ସେଥିଯୋଗୁ ଅନ୍ନାହାର ନିଦ୍ରାକୁ ଭୁଲି ଯିବାକୁ ପଡେ ତାକୁ ।

ପ୍ଲାବନୀର ବାପା କୈଳାସ ପଟ୍ଟନାୟକ ଦୃଷ୍ଟି ଶକ୍ତିହୀନ । ବୟସ ପଚାଶରୁ ଅନେକ ବେଶୀ ହେବ । ପ୍ରାୟ ଦଶବର୍ଷ ହେବ ସେ ଅନ୍ଧହୋଇ ଯାଇଚନ୍ତି । ସୁଦୂର ବମ୍ବେ ସହରରେ ଭାରତ ସରକାରଙ୍କ ଅଧୀନରେ କଣ ଗୋଟାଏ ଭଲ ଚାକିରୀ କରୁଥିଲେ ସେ । ପିଲା ପିଲାଙ୍କୁ ଧରି ସେଇଠି ରହୁଥିଲେ । କିନ୍ତୁ ଦୁର୍ଭାଗ୍ୟ ତାଙ୍କର । ସେଇଠି ତାଙ୍କର ପତ୍ନୀ ବିୟୋଗ ଘଟିଲା । ପରେ ପରେ ବସନ୍ତ ରୋଗରେ ତାଙ୍କର ଆଖି ଦୁଇଟି ନଷ୍ଟ ହୋଇଗଲା । ସମ୍ପୂର୍ଣ୍ଣ କର୍ମ ରହିତ ହୋଇ ପିଲା ଗୁଡ଼ିକୁ ଧରି ସେ ପିତୃ ପିତାମହର ଭିଟାକୁ ଫେରି ଆସିଲେ । କିନ୍ତୁ ଜୀବନ ନିର୍ବାହ ପାଇଁ କୌଣସି ଉପାର୍ଜ୍ଜନ ପନ୍ଥା ଖୋଜି ପାଇଲେ ନାହିଁ । ତିନିଟିଅ ଅଉ ଗୋଟିଏ ପୁଅର ପରିବାରକୁ ଚଳେଇ ନେବା ତାଙ୍କ ପକ୍ଷେ ଅସମ୍ଭବ ହୋଇ ଉଠିଲା । ସେଥିରେ ପୁଣି ଦୁଇଟିଅ ବିବାହ ଯୋଗ୍ୟା ହୋଇ ସାରିଚନ୍ତି । ଏହିକଥା ଭାବି ଭାବି କୈଳାସ ପଟ୍ଟନାୟକ ଶଯ୍ୟାଶାୟୀ ହୋଇ ପଡ଼ିଲେ ।

ମଧ୍ୟମା କନ୍ୟା ପ୍ଲାବନୀର ଉଚ୍ଚଶିକ୍ଷା ସମାପ୍ତ ହୋଇ ନ ଥିଲା । କିନ୍ତୁ ସେଇଠିହିଁ ତା'ର ପରିସମାପ୍ତି ଘଟିଲା । ଏହି ଦୈବ ଦୁର୍ବିପାକରେ ନିଜର ଭାଗ୍ୟକୁ ଆଦରିନେଇ ବୃଦ୍ଧର ଧରି ପରିବାରର ଗୁରୁଭାର ବହନକଲା ପ୍ଲାବନୀ । କିନ୍ତୁ ବଡ଼ଝିଅ କାଳନ୍ଦୀର ବିବାହ । ସେ ଏକ ମସ୍ତବଡ଼ ବୋଝପରି ମୁଣ୍ଡ ଉପରେ ଲଦାହୋଇ ରହିଛି । କାରଣ ଘରର ପଣପ୍ରଥା ନିକଟରେ ଧନାଢ଼୍ୟ ବ୍ୟକ୍ତିମାନେ ମଧ୍ୟ ପରାସ୍ତ ହୋଇ ଯାଉଛନ୍ତି । ସେତ ଜଣେ ସାମାନ୍ୟ ଅନ୍ଧ, ନିରୁପାୟ । ନିଜର ଅବସ୍ଥା ଚିନ୍ତାକରି ଭାଙ୍ଗି ପଡ଼ିବାକୁ ଲାଗିଲେ କୈଳାସ ପଟ୍ଟନାୟକ ।

ଅବଶେଷରେ କାଳନ୍ଦୀର ବିବାହ ହୋଇଗଲା କୈଳାସ ପଟ୍ଟନାୟକ ଅନ୍ୟ ଉପାୟ ନ ଦେଖି ଘରର ଯାବତୀୟ ମୂଲ୍ୟବାନ ବସ୍ତୁ ବିକ୍ରୟ କରି ଉଚ୍ଚ ଶିକ୍ଷିତ ଜ୍ୱାଇଁଙ୍କର ମନ ପୂରଣ କଲେ । ଜମିବାଡ଼ି ମଧ୍ୟ ବାଦ୍ ପଡ଼ିଲା ନାହିଁ ସେଥିରୁ ।

ସମଗ୍ର ବିଶ୍ୱର କଲ୍ୟାଣ ପାଇଁ ନୀଳକଣ୍ଠ ଶିବଙ୍କ ପରି ସମସ୍ତ ଗରଳ ପାନକଲା ପ୍ଲାବନୀ । ଦେବ ଦେବ ମହାଦେବ ଆଉ ଜଣେ ସାମାନ୍ୟ ବାଳିକା ଭିତରେ ଯଥେଷ୍ଟ ତଫାତ୍ । ତଥାପି କ୍ଷୁଦ୍ର ଗୋଟିଏ ସଂସାରର ଯୂପକାଠ ତଳେ ନିଜର ଜୀବନକୁ ବଳିଦେଲା ପ୍ଲାବନୀ । ଏଥିରେ କୈଳାସ ପଟ୍ଟନାୟକ ଘୋର ଦୁଃଖ ଆଉ ଅନୁଶୋଚନାରେ ପଡ଼ିଗଲେ ମଧ୍ୟ ତାଙ୍କର ଅନ୍ୟ ଉପାୟ ନ ଥିଲା ।

ତଳଭାଇ ସୁଗୁରୁ, ସାନଭଉଣୀ ତପତୀଙ୍କୁ ବଞ୍ଚାଇ ରଖି ମଣିଷ କରିବାକୁ ହେବ । ତାହାହିଁ ଯେପରି ପ୍ଲାବନୀର ଏକମାତ୍ର ଲକ୍ଷ୍ୟ । ସେଥିଯୋଗୁ ଆର୍ଥିକ ସ୍ୱଚ୍ଛଳତା ଏକାନ୍ତ ଆବଶ୍ୟକ । ଏହିକଥା ଗ୍ରହଣ କରିନେଇ ପ୍ଲାବନୀ ଯେମିତି ପରିଶ୍ରମର ଆଧିକ୍ୟରେ ନିଜକୁ ନିଃଶେଷ କରି ଦେବାରେ ଲାଗିଲା ।

ପ୍ଲାବନୀର ସେହି ଡାକରେ ଘର ଭିତରୁ ବାହାରି ଆସିଲା ତପତୀ । ପ୍ଲାବନୀ ପୂର୍ବପରି କାନ୍ଥକୁ ଆଉଜି ଠିଆହୋଇ ରହିଛି । ଦେହରୁ ଝାଳ ବୋହି ଆଉଜି ରହିଥିବା କାନ୍ଥ ପୂରାକ ଭିଜି ଗଲଣି । ଖରାରେ ସିଝି ସିଝି ମୁହଁର ରଙ୍ଗ ପୋଡ଼ିଗଲା ପରି ଦିଶୁଛି । ଆଉ କିଛି ଚିନ୍ତା କରି ନ ପାରି ତପତୀ ଦୌଡ଼ିଯାଇ ବିଅଁଣାଟା ନେଇ ଆସିଲା । ଡାହାଣ ହାତଟା ଲୁଣ ବାଟଣା ବୋଲି ହୋଇ ରହିଛି । ବାଁ ହାତରେ ବିଅଁଣା ଧରି ସେ ବିଞ୍ଚିବାକୁ ଲାଗିଲା ।

ଯେଉଁ ଘରୁ ତପତୀ ବିଅଁଣା ନେଇ ଆସିଲା, ସେଇ ଘରେ ଶୋଇ ଶୋଇ କେତେ ଖଣ୍ଡିଏ ବହି ପଢ଼ୁଥିଲା ନଳିନୀ । ତପତୀର ବିଅଁଣାଧରି ଦୌଡ଼ିବା ସେ ଦେଖିପାରିଛି । ଆଗରୁ ପ୍ଲାବନୀର ସ୍ୱରମଧ୍ୟ ଶୁଣି ପାରିଥିଲା । କଣ ହେଲା ଭାବି ବହି ଖଣ୍ଡିକୁ ବିଛଣା ଉପରେ ରଖିଦେଇ ସେ ପ୍ଲାବନୀ ନିକଟକୁ ଚାଲି ଆସିଲା । ନିଜର ଅସମ୍ମାନ କଥା ଏକବାର ଭୁଲିଗଲା ସେ ।

ପ୍ଲାବନୀର ଅବସ୍ଥା ଦେଖି ଅବାକ୍ ହୋଇଗଲା ନଳିନୀ । ଦେହରେ ତାର କେବଳ ବ୍ଲାଉସର ଆବରଣ । ତା ତଳୁ ବଡ଼ିସର ଆଭାସ ମିଳୁଥିଲେ ମଧ୍ୟ ତାର ଯେପରି କୌଣସି ଆବଶ୍ୟକତା ନାହିଁ । ଦେହାବରଣର ଶାଢ଼ୀ ସମ୍ପୂର୍ଣ୍ଣ ବିଶୃଙ୍ଖଳ ହୋଇ ତଳେ ଲୋଟି ପଡ଼ୁଛି । ଯେମିତି ନିଜର ବାହ୍ୟିକ ବିପର୍ଯ୍ୟୟ ପ୍ଲାବନୀ ନିକଟରେ ପୁରାପୁରି ଅଜଣା ରହି ଯାଇଛି । ସତେ ଯେପରି ଗୋଟିଏ ମୂକ ଅଥର୍ବ ପ୍ରାଣୀ । କିନ୍ତୁ ନଳିନୀକି ଦେଖି ନିଜ ଅଙ୍ଗୁଳି ଗୁଡ଼ିକର ଚଳନ୍ତି ଶକ୍ତି ଅନୁଭବ କଲା ପ୍ଲାବନୀ । ଲୋଟି ପଡ଼ୁଥିବା ଅଞ୍ଚଳକୁ ଛାତି ଉପରକୁ ଟେକିନେଇ ଆଖି ଦୁଇଟିକି ବୁଜିଦେଲା ସେ ।

କ୍ଷଣକ ଭିତରେ ନିଜର ବାକ୍‌ପଟୁତା ଫେରିପାଇ ନଳିନୀ କହିଲା—

କଣହେଲା ତମର ଭନୀ······ଯେଉଁଖରା ହେଉଛି ସୁସ୍ଥ ମଣିଷକୁ ବି ଜାଳିଦେବ । ତା ପରେ ଅତ୍ୟଧିକ ପରିଶ୍ରମ·········

ଏତିକି କହି ସେ ପ୍ଳାବନୀର କପାଳ ଉପରୁ ବାଳଗୁଡ଼ିକ ଘୋଞ୍ଚେଇ ଦେଲା । କିନ୍ତୁ ସେଗୁଡ଼ିକ ନଳିନୀର ଶାସନକୁ ଅସ୍ୱୀକାର କରି କ୍ଷଣକ ଭିତରେ ପୁଣି କପାଳ ଉପରେ ଲୋଟିପଡ଼ିଲା । ସେତେ-ବେଳକୁ ପଦେ ହେଲେ କଥା କହିପାରି ନାହିଁ ପ୍ଳାବନୀ । କେବଳ ଆଖି ବୁଜି ଠିଆହୋଇ ରହିଛି । ଯେମିତି ନିଜର ଏହି ଦୈହିକ କାରୁଣ୍ୟକୁ ସେ ଦେଖି ନେବାକୁ ଚାହେଁ ନାହିଁ ।

ପ୍ଳାବନୀ············ !

ସହାନୁଭୂତିର ବ୍ୟଥାରେ ନଳିନୀର କଣ୍ଠ ଥରି ଉଠିଲା । ତପତୀ ହାତରୁ ବିଞ୍ଚଣାଟା ଟାଣି ନେଇ ନେଇ ସେ କହି ଯିବାରେ ଲାଗିଲା—

ପାଣି ଅଣ ତପୀ ! ଖରାରେ ମୁଣ୍ଡ ବୋଧେ ଘୁରେଇ ଦେଉଛି । ପାଣି ଅଣ, ମୁଣ୍ଡରେ ଦିଏ···········

ଏତିକି କହି ନଳିନୀ ବିଞ୍ଚିବାକୁ ଲାଗିଲା । ତପତୀ ପାଣି ଆଣିବାକୁ ଦୌଡ଼ିଲା ।

ପ୍ଳାବନୀର ହାତଧରି ନଳିନୀ ପୁଣି କହିଲା—

ଏଇଠି ବସ ଭନୀ ! ମୁଣ୍ଡ ବୁଲାଉଛି । ପଡ଼ିଯିବ । ଏଇଠି ତମେ ବସିପଡ଼······

କହି କହି ପ୍ଳାବନୀର ହାତଧରି ବସେଇ ଦେଲା ନଳିନୀ । ତପତୀ ପାଣି ଆଣି ଦେଇଦେବା ମୁଣ୍ଡରେ ଥାପିବାକୁ ଲାଗିଲା ।

କିଛିକ୍ଷଣ ପରେ ଆଖିଖୋଲି ଚାହିଁଲା ପ୍ଲାବନୀ । ଆଗରେ ନଳିନୀକୁ ଦେଖିପାରି ଲଜ୍ଜାରେ ଆଖିପତା ଦୁଇଟି ତାର ନଇଁ ଆସିଲା । ଲୁଗା କାନିରେ ମୁହଁଟାକୁ ପୋଛି ପକେଇ ଉଠିବାକୁ ଚେଷ୍ଟାକଲା ପ୍ଲାବନୀ । କିନ୍ତୁ ମୁଣ୍ଡଟାର ସେମିତି ବୁଲେଇ ଦେଉଚି ସେ ପୁଣି କାନ୍ଥ ଉପରେ ଟଳି ପଡ଼ିଲା । ତାକୁ ଧରିନେଇ ନଳିନୀ ତାର ମୁଣ୍ଡରେ ହାତ ଚଳେଇ ଚଳେଇ କହିଲା—

କଣ ବୁଲେଇବା ବନ୍ଦ ହୋଇନାହିଁ ? ମନା ମାନୁ ନାହଁ । ଉଠି ପଡ଼ୁଚ କାହିଁକି ? ଉଃ……ଏ ଯେଉଁ ଖରା…ମଣିଷ ଘର ଭିତରେ ପଶିବାକୁ ବ୍ୟାକୁଳ ହୋଇ ଉଠୁଚି । ଅଥଚ ତମେ ଘରଛାଡ଼ି ବାହାରେ……କାହିଁକି ତମେ ନିଜ ଉପରେ ଏମିତି ଅତ୍ୟାଚାର କରି ଚାଲିଚ ବନୀ……

ନଳିନୀର ସ୍ୱରରେ ଯେମିତି କାରୁଣ୍ୟର ନିର୍ଯାସ । ପ୍ଲାବନୀକୁ ଆଉଥରେ ବସେଇ ଦେବାକୁ ଚେଷ୍ଟାକରି ସେ ଡାକିଲା—

ପ୍ଲାବନୀ……… !

ଏ ସମ୍ବୋଧନରେ ନଳିନୀକୁ ଚାହିଁଲା ପ୍ଲାବନୀ । ଏ ପର୍ଯ୍ୟନ୍ତ ନିଜର ଅବସ୍ଥା ପ୍ରତି ସଚେତନ ନ ଥିଲା ସେ । ନଳିନୀ ଉପରେ ଦୃଷ୍ଟି ପଡ଼ୁ ପଡ଼ୁ ଆଖିତାର କ୍ରମେ ନିଜ ଉପରକୁ ଖସି ଆସିଲା । ତାର ଦେହଭରି ସମ୍ପୂର୍ଣ୍ଣ ରୂପେ ନଳିନୀ ବହନ କରିଚି । ଏ ଯେମିତି ଏକ ବିଭତ୍ସ ଦୃଶ୍ୟ । ଏଥି ଭିତରେ ନିଜର ସବୁ କଷ୍ଟକୁ ଯେପରି ଭୁଲିଗଲା ପ୍ଲାବନୀ । ପ୍ରକୃତିସ୍ଥ ହୋଇ ଉଠିପଡ଼ିଲା ସେ । ଅସ୍ତେ ଅସ୍ତେ ଚାଲିବାକୁ ଲାଗିଲା । ତପତା ଚୁଲି ଉପରେ ତରକାରୀ ଚଢ଼ି ଆସିଥିଲା । ସତେତ ପୋଡ଼ିଗଲା ନା କଣ ? ଦେଇ, ବାବା ଖାଇବେ ଆଜ କେମିତି ? ଦେଇ ପାରି ସେ ଯେଉଁ ଆଶଙ୍କା କରୁଥିଲା, ସେ

କହୁନୁହେଁ । ନଳିନୀଭାଇ ସତ କହୁଛନ୍ତି । ଖରାରେ ବୁଲି ବୁଲି ଦେହଟା ଏମିତି ହୋଇ ଯାଉଚି । ହେ ଭଗବାନ......ମୋ ଦେହକୁ ଆଉ କିଛି କର ନାହିଁ........ନଳିନୀ ଭାଇଙ୍କ ଅଛନ୍ତି ଦେହ ପାଖରେ......

ସେଦିନସେଦିନରୁ ପ୍ଲାବନୀ ଆଉ ନଳିନୀ ଦୁହେଁ ଯାଇ ଲାଇବ୍ରେରୀରେ ପହଞ୍ଚି ସାରିଥିଲେ । ପ୍ଲାବନୀ ଆଗ ଯାଇ ଗୋଟାଏ ଆରାମ ଚୌକି ଉପରେ ବସିପଡ଼ିଲା । କିନ୍ତୁ ନଳିନୀ ସେ ପର୍ଯ୍ୟନ୍ତ ପ୍ଲାବନୀକୁ ଚାହିଁ ଚାହିଁ ଦେଖିବାରେ ଲାଗିଚି । ଦେହର ରଙ୍ଗ ମଉଳି ପଡ଼ିଲାଣି । ଅଳ୍ପ ନିଦ ଆଉ ପରିଶ୍ରମର ଆଧିକ୍ୟରେ ଆଖି ଦୁଇଟି ମଳିନ । ହାତରେ ଅସଂଖ୍ୟ କଲାଶିରା ଉଠି ପଡ଼ିଲାଣି । ସତେ ଯେମିତି ଏକ ପ୍ରବଳଝଡ଼ ପ୍ଲାବନୀର ଦେହ ଉପରେ ବହି ଯାଇଚି । କିନ୍ତୁ ପ୍ଲାବନୀର ଭ୍ରୂକ୍ଷେପ ନାହିଁ ।

ସତେ ତମେ କଣ ହୋଇଚ ବନ୍ଧୁ......

ନିଜର ଭାବନା ଭିତରୁ କହିଉଠିଲା ନଳିନୀ ।

ପ୍ଲାବନୀ ଜୋରରେ ହସି ଉଠିଲା ।

ତା ହେଲେ ତମେ ମତେ ନୂଆ କରି ଆଜି ଦେଖୁଚ ?

ନଳିନୀ ସଂକ୍ଷେପରେ ଉତ୍ତର ଦେଲା—

ହଁ ଏତ ସେଇଆ ! !

କଥା ପଦକ କହିଦେଇ ଯେମିତି ଅନ୍ୟମନସ୍କ ହୋଇ ଉଠିଲା ନଳିନୀ । କପାଳରେ ତାର ଚିନ୍ତାରେଖା ଫୁଟିଉଠିଲା । ପ୍ଲାବନୀ ମଧ୍ୟ ତାକୁ ଆଉ କିଛି ପଚାରିଲା ନାହିଁ । କିଛି ସମୟପରେ ନଳିନୀର ପ୍ରଶ୍ନ ଶୁଣିବାକୁ ପାଇଲା ପ୍ଲାବନୀ ।

ତମର ଆଜ କଣ ହେଲା ବାନ୍ତୁ.........

ନା ସେମିତ କାଛିନୁହେଁ । ଏମିତ ବେଳେ ବେଳେ ହେଇଯାଏ । ଭୟର କୌଣସି କାରଣ ନାହିଁ.........

ଏ ପ୍ଳାବନୀର କଥା । କିନ୍ତୁ ନଳିନୀ ଯେପରି ସେଥିରେ ସନ୍ତୋଷ ପାଇଲା ନାହିଁ । ସେ ନିଜ ଭିତରେ ଭାଙ୍ଗିପଡ଼ିଲା । ପ୍ଳାବନୀର ପାଖକୁ ଲାଗିଯାଇ ହାତଦୁଇଟି ତାର ଜୋରରେ ମୁଠେଇ ଧରିଲା । ଆଖି ଦୁଇଟି ତାର ଛଳ ଛଳ । ପ୍ଳାବନୀ ଏ ଘଟଣାକୁ ଖୁବ୍ ଭଲକରି ବୁଝି ପାରିଲା । କିନ୍ତୁ ଉପାୟ.........

ପ୍ଳାବନୀ ନିଜ ସ୍ୱରରେ ଚମକି ପଡ଼ିଲା ଆଉ ଦେଖିଲା ଉତ୍ସୁକ ଆଖିରେ ତାକୁ ଚାହିଁ ରହିଛି ନଳିନୀ । କିନ୍ତୁ ସେ ତାକୁ ଆଉ କଣ କହିବ..... ? କଥା ଖୋଜି ଚୁପ ରହିଲା ପ୍ଳାବନୀ ।

ହଠାତ୍ ଭିତରକୁ ପଶି ଆସିଲା ତପତୀ । ଏଥିରେ ଯେମିତ ହୃତସଜ୍ଞା ଫେରି ପାଇଲା ନଳିନୀ । ପ୍ଳାବନୀର ହାତଛାଡ଼ି ଦେଇ ଖଟେ୍ର ଚୌକିଟାଣି ବସିପଡ଼ିଲା ସେ । କିନ୍ତୁ ତପତୀର କାହାରି ଉପରେ ଦୃଷ୍ଟିନାହିଁ । ଦେଇକୁ ତାର ସୁସ୍ଥ ଥିବାର ଦେଖି ମୁହଁ ତାର ଉଜ୍ଜ୍ୱଳ ହୋଇ ଉଠିଲା ।

ସର୍ବତ ପି' ଦେଇ ! ଆଉ ଟିକାଏ ବଞ୍ଚିଦିଏ । ଝାଳ ମରିଗଲେ ଗାଧୋଇବୁ.........

କହି କହି ଦୁଇଗ୍ଲାସ ସର୍ବତ ଦୁଇ ଚୌକି ମଝିରେ ଥିବା ଟେବୁଲ ଉପରେ ରଖିଦେଲା ତପତୀ । ତାକୁ ଚାହିଁ ଚାହିଁ କୋଳକୁ ଟାଣି ଆଣିଲା ପ୍ଳାବନୀ । କପାଳରେ ତାର ବାତ୍ସଲ୍ୟର ଗଭୀର ଚୁମ୍ବନ ଦେଇ କହିଲା—

ଏତେ ବ୍ୟସ୍ତ କାହିଁକିରେ········ ! ମୁଁ ଭୁଲ ହୋଇ ଗଲିଣି ଯେ·····ତୁ କଣ ନୂଆ ଦେଖୁଚୁ ଆଜି ? ବାବା କେଉଁଠି କହିଲୁ ? ଯା ତାଙ୍କ ଖବର ବୁଝିଦିଏ ଯା·····ମୁଁ ଅଳ୍ପ ସମୟ ଛାଡ଼ି ଗାଧୋଇବ·······

ବଡ଼ ଭଉଣୀର କଥା ମାନି ତପତୀ ସେଠୁ ଚାଲି ଆସିଲା । ଆସୁ ଆସୁ ସେ ପୁଣି ଶୁଣିଲା ପ୍ଲାବନୀର ସ୍ୱର ।

ବାବାଙ୍କୁ କିଛି କହିବୁ ନାହିଁ ତପୀ । ସାହେବଙ୍କୁ ଖବର ପଠା ଶୀଘ୍ର ଆସିବେ । ଟିକିଏ ଛାଡ଼ି ସେ ପୁଣି ନଳିନୀ ଉଦ୍ଦେଶ୍ୟରେ କହିଲା—

ଡେରି ହୋଇ ଯାଉଚି । ଗାଧୁଆ ପାଧୁଆ କର ଯା········

କେଇଟି ମୁହୂର୍ତ୍ତ ନୀରବରେ କଟିଗଲା । ପ୍ଲାବନୀକୁ କିଛି କହିଲା ନାହିଁ ନଳିନୀ । କଣ କହୁଥିଲା ପ୍ଲାବନୀ ? ନିଜ କଥାକୁ ସେ ସାରିବାକୁ ଦେଲାନାହିଁ କାହିଁକି ?

ନଳିନୀ ଯେ ସେଇ ପଦକ କଥାକୁ ଧରିରଖି ନିଜ ଭିତରେ ଏମିତି ଭାବି ହେଉଚି ସେ ବିଷୟ ପ୍ଲାବନୀ ଅଦୌ ବୁଝି ପାରିଲା ନାହିଁ । ଗୋଟିଏ ସର୍ବତ ଗ୍ଲାସ ନଳିନୀ ହାତକୁ ବଢ଼େଇ ଦେଇ ଆଉ ଗ୍ଲାସଟି ନିଜପାଇଁ ଉଠେଇ ଧରିଲା । ପିଇବାକୁ ନଳିନୀକୁ ଆଖିରେ ଇଙ୍ଗିତ ଦେଇ ଏକ ନିଶ୍ୱାସରେ ଗ୍ଲାସକ ଶେଷ କରିଦେଲା ସେ । ଏତିକି ପାଇଁ ତାର ପେଟ ଅଉ ତଣ୍ଟି ଯେପରି ଆକୁଳ ପ୍ରତୀକ୍ଷା କରିଥିଲେ ।

ନଳିନୀର ସର୍ବତ ଅଧା ହୋଇନାହିଁ । ମଝିରେ ମଝିରେ ପ୍ଲାବନୀକୁ ଅନେଇ ଅନେଇ ସେ ଯେମିତି ପିଇବା କଥା ଭୁଲି ଯାଉଚି । କଣ କହନ୍ତା ସେ ପ୍ଲାବନୀକୁ । କିନ୍ତୁ ପ୍ଲାବିନୀ ଚୁପ୍ ରହିଚି କାହିଁକି····· ? ଭାବି ଭାବି ପ୍ଲାବିନୀକୁ ପଚାରି ଉଠିଲା—

ସେତେବେଳେ କିଏ ଆସିଥିଲେ ଟିନୀ ?

ଝିଅର ଟିଉସନ ବନ୍ଦୋବସ୍ତ ପାଇଁ କେହି ଜଣେ········

ପ୍ଲାବିନୀର ଏକଥା ଶୁଣି ତାକୁ ବିସ୍ମିତ ହୋଇ ଚାହିଁ ରହିଲା ନଳିନୀ । ଝିଅର ଟିଉସନ ? କଣ ସତେ ଏ ଝିଅଟା ? ନିଜକୁ ଥରେ ଦେଖିପାରୁ ନାହିଁ······ ?

କିନ୍ତୁ ନଳିନୀ ସେ ସମ୍ବନ୍ଧରେ କିଛି କହିଲା ନାହିଁ । ନିଜର ଭାବ ବଦଳେଇ କହିଲା—

କଣ ତମେ ଟିଉସନ କରିବ ? କେଉଁ କ୍ଲାସର······ ?

କରିବ । ଛୋଟଟିଏ । କ୍ଲାସ ଫୋର୍ କିମ୍ବା ଫାଇଭ୍ ର ।

ଅବାକ୍ ହୋଇ ତାକୁ ଚାହିଁ ରହିଲା ନଳିନୀ । ସେ ଆଉ କିଛି ଭାବିପାରିଲା ନାହିଁ । ପ୍ଲାବିନୀ ପାଇଁ ତାର ସମସ୍ତ ଭାବନା ଯେମିତି ଏହି ମୁହୂର୍ତ୍ତରେ ସରି ସରି ଆସୁଛି । ସ୍ମିତ ହସି ନଳିନୀ କହିଲା—

ଫେରେଇ ଦେବାକୁ ମନ ହେଲାନାହିଁ । ନିଜ ଇଚ୍ଛାରେ ମତେ ବାଛି ନେଇଛି ସେ । କି ସୁନ୍ଦର ଛୁଆ······

ଗଭୀର ଦୀର୍ଘଶ୍ୱାସର ଆଘାତରେ ନଳିନୀର ବକ୍ଷ କମ୍ପି ଉଠିଲା । ଧୀରେ ଧୀରେ କହିଲା ସେ —

ଶିଶୁର ଅନାବିଳ ସୌନ୍ଦର୍ଯ୍ୟରେ ତମର ମାୟା ଅଛି ପ୍ଲାବିନୀ······

ପ୍ଲାବିନୀ ନିକଟରେ ଯେପରି ନଳିନୀର ସ୍ୱର ପହଞ୍ଚି ପାରିଲା ନାହିଁ । ଉତ୍ଫୁଲ୍ଲ ହୋଇ ସେ କହି ଯିବାରେ ଲାଗିଲା—

ଛୁଆଟିର ଆଖି ଦୁଇଟିରେ ଯେମିତି ନିବିଡ଼ ମମତା ପୂର ରହିଚି । କି ସୁନ୍ଦର······ସେ ଗୃହାଣୀରେ ଯେପରି ସମଗ୍ର ବିଶ୍ୱ ଆତ୍ମା ଛଳ ଛଳ କରିଉଠୁଚି । ଅନେକ ଶିଶୁ ମୁଁ ଦେଖିଚି । ରାସ୍ତାରେ······ବଜାରରେ······ଏ ହାତରେ ଅନେକଙ୍କୁ ବି ମଣିଷ କରିଚି······

ପ୍ଲାବିନୀର ଏହିକଥା ଭିତରେ କଣ ଥିଲା କେଜାଣି ଚହିଁକି ଉଠିଲା ନଳିନୀ । ସେ ଦୃଷ୍ଟି ଫେରେଇ ଦେଖିଲା ପ୍ଲାବିନୀ ଆଖିରେ ସଜଳତା । କେତେବେଳେକେ ସେ ପୁଣି କହିଲା—

ସେ ଆଖି ଯେମିତି ଆଜି ମତେ ବାନ୍ଧିକଲା । ମୋର ମନେ ହେଲା ସେ ତୁମ୍ଭେ, ମୁଁ ତାର ଛାଇ······

କିନ୍ତୁ ତମର ଲୀଭ୍ ·····

ନିଜର ଅଜାଣାରେ ପ୍ରଶ୍ନ କରିଉଠିଲା ନଳିନୀ । ଉଦାସ କଣ୍ଠରେ ପ୍ଲାବିନୀ କହିଲା—

ସମୟ ସରିଯାଏ । ପଡ଼ାଏ ନା ତ । ନିଜକୁ ବହଲେଇ ଦିଏ । ନିଜକୁ ଏମିତି ଠକି ଦେବାରେ ଭୁଲି ଯାଏନି । ସେ ଆଖିର ଚପଳତା ମତେ ଯେମିତି ସବୁବେଳେ [illegible] ମୁଁ ଘରେ ରହିପାରେନା । ମୋର ଲୀଭ୍, ଏହାଛଡ଼ା ଆଉ କଣ ହେଇପାରେ······ ?

ଏତକ କହିସାରି ପ୍ଲାବିନୀ ଅନୁଭବ କଲା ତା ଭିତରଟା ଯେମିତି ଏକ ନୂତନ ବେଦନାରେ ଘାରି ହେଇପଡୁଚି । ଯେଉଁ ଦୁଃଖର ଆଘାତରେ ତାର ହୃଦୟ ପ୍ରତି ମୁହୂର୍ତ୍ତରେ ବିଦୀର୍ଣ୍ଣ ହେଇ-ଯାଉଚି ତାକୁ ପୁଣି ନଳିନୀ ସହଯୋଗ କରୁଚି । ଏଥିରେ ଅଭିଭୂ ଭାଙ୍ଗି ପଡ଼ିଲା ପ୍ଲାବିନୀ । ଗ୍ଲାସଟା ଯଦ ଫାଟି ପଡ଼ିଲା······

ରହି ରହି ନଳିନୀ କହିଲା—

ଦୁଇଦିନ ବିତିଲା । କୁଆଡ଼େ ତମେ ଯାଅ, କେତେବେଳେ ଅସ । ଗୁହିଁଲେବି ଟିକିଏ ଦେଖା ମିଳେନା ।

ଟିକିଏ ଅଟକି ଯାଇ ସେ ପୁଣି କହିଲା—

ତମେ ଦେହ ଉପରେ ଯେଉଁ ଅମାନୁଷିକ ଅତ୍ୟାଗ୍ଚର କରୁଚ ସେଥିରେ ସେ ତିଷ୍ଠି ରହିବ ତ ?

ରହିଚିତ ! ନହେଲେ ବା କ୍ଷତି କଣ ? ଖାଲି ଏଇ ଛୁଆ ଦିଟା······

କହି କହି ହଠାତ୍ ବନ୍ଦ ହେଇଗଲା ପ୍ଳାବିନୀ । ଆଉକିଛି କହିଲେ ଲୁହ ଯେପରି ତାର କୌଣସି ବାଧା ବନ୍ଧନ ମାନିବ ନାହିଁ । ନିଜକୁ ଯଥାସାଧ୍ୟ ସମ୍ଭାଳି ନେଇ ନୀରବ ହେଇଗଲା ସେ ।

ପ୍ଳାବିନୀ ଯେ ଏସବୁ ମୂଳରେ ଗଭୀର ଅର୍ଥ ରଖି କହିଚି ସେ କଥା ନଳିନୀ ଆଦୌ ବୁଝିପାରିଲା ନାହିଁ । ବରଂ ପ୍ଳାବିନୀର ଏ ଉଦାସୀନତା ପାଇଁ ତାର ଦୁଃଖ ବଢ଼ି ଉଠିଲା । ଉଦାସୀନତା ତ ନୁହେଁ, ତାକୁ ପ୍ରକାରାନ୍ତରେ ଏ ବି ଏକ ଅବମାନନା । କିନ୍ତୁ ପ୍ଳାବିନୀର ସରସତା ଫେରେଇ ଅଣିବାକୁ କି ଉପାୟ ଅଛି ?

କିଛି ସମୟର ମଉନତା କାଟି ପ୍ଳାବିନୀ ପୁଣି କହିବାକୁ ଆରମ୍ଭ କଲା—

ନିଜପାଇଁ ଅପେକ୍ଷା କରି ମତେ ତମେ ପାଇନାହଁ । ସେଥିଯୋଗୁ ତମେ କ୍ଷୁର୍ଣ୍ଣ ହେଉଚ, ବୁଝୁଚି । କିନ୍ତୁ ତମେ ଯଦି ଜାଣନ୍ତ ଅବସର ମୋ ପକ୍ଷେ ଏକ ଯନ୍ତ୍ରଣା, ସେଥିରେ ତମର ଲାଭ ଠାରୁ କ୍ଷତି ଅଧିକା ହୁଅନ୍ତା । ହୁଏତ ସେଥିଯୋଗୁ ତମେ ଜାଣିବାକୁ ଗୁହିଁନାହଁ ।

ପ୍ଲାବନୀର ଶେଷ କଥା ଗୁଡ଼ିକରେ କାରୁଣ୍ୟର ଝଙ୍କାର । ଏଥିରେ ଯେମିତ ଟିକେକ ଆଗରୁ ପ୍ଲାବନୀ ବିରୁଦ୍ଧରେ ଥିବା ସମସ୍ତ ଅଭିଯୋଗ ଦୂର ହୋଇଗଲା ନଳିନୀ ଭିତରୁ । ଯାହାର ଅନାଦର ଯୋଗୁ ସିଏ ଏ ଘରଛାଡ଼ି ଚାଲିଯିବାକୁ ବସିଥିଲା, ନିଜ ଭିତରେ ଆଜିଥରେ ସେ କଥାର ପୁନରାବୃତ୍ତି ପାଇଁ ସାହସ ହରେଇ ଦେଲା ନଳିନୀ । ଅପରାଧର ଗୁରୁଭାରରେ ହୃଦୟ ତାର ଭାଙ୍ଗିପଡ଼ିଲା । ପ୍ଲାବନୀ ଜୀବନ ଯାତ୍ରାପାଇଁ ଯେଉଁ ପଥବାଛି ନେଇଚି, ସେଥିପାଇଁ ସେ ଯେମିତ ଅନେକାଂଶରେ ଦାୟୀ । ନ ହେଲେ......

ତମେ କହି ଥାଅନ୍ତ ପ୍ଲାବନୀ......

ନଳିନୀର ପ୍ରଶ୍ନ ଶୁଣି ପ୍ଲାବନୀ ପୂର୍ବପର କହିଲା—

ହୁଏତ କହି ଥାଅନ୍ତି । କିନ୍ତୁ ମୁଁ ଯେ ଗୋଟାଏ ମଣିଷ, ମୁଁ ଯେ ପ୍ରାଣର ଆବେଗ, ମନର ଆକାଙ୍କ୍ଷା, ରକ୍ତ ମାଂସର ଦେହ ନେଇ ଜନ୍ମ ହୋଇଥିଲି, ଏକଥା କେହି ବୁଝିନି । ମୁଁ କାହିଁକି ଯେ ଘରଛାଡ଼ି ଚାଲିଯାଏ, ମୋ ଅର୍ଥନୈତିକ ସମସ୍ୟା ଯେ ଏହାର ପ୍ରଧାନ କାରଣ ନୁହେଁ, ସେ ସମ୍ବନ୍ଧରେ ଅତି ଗଭୀର ଭାବରେ ଚିନ୍ତା ନ କଲେ କେହି ବୁଝିପାରିବେ ନାହିଁ ।

କିନ୍ତୁ ଏଇଟା ତମର ଗୋଟାଏ ପ୍ରକାର ଖେଳ । ଶିଶୁ ନିଜର ଖେଳ ଧରି ରହିଗଲା ପରି ତମେ କେତେଦିନ ଏମିତ ରହି ପାରିବ ପ୍ଲାବନୀ......

ଏତିକି ଖୁବ୍ ସାହସର ସହିତ କହି ପକେଇଲା ନଳିନୀ । କିନ୍ତୁ ପର ମୁହୂର୍ତ୍ତରେ ତାର ଧାରଣା ହେଲା ସେ ଯେମିତ ପୁଣି ଏକ ମସ୍ତବଡ଼ ଭୁଲ୍ କରି ବସିଲା ।

ଖେଳ ନୁହେଁ । ଜୀବନର ବିକାଶ । ମଣିଷର ଜୀବନ ଯେ କଣ ତାହା ବାହାର ଜଗତ ଭିତରକୁ ଓହ୍ଲାଇ ନ ଗଲେ ଜାଣିବା ସହଜ ନୁହେଁ । ଯେଉଁ ଦୁନିଆ ଭିତରେ ମୋର ସମୟ କଟିଯାଏ, ସେଠି ପାରିବାରିକ ଦୁଃଖ ଭୋଗନାହିଁ । ଜୀବନର ଦର୍ଶନ ନାହିଁ । ସମାଜର ତାଡ଼ନା ନାହିଁ । ତାର ଭିତରେ ରହି ନିଷ୍ପାପ ଶିଶୁର କଲତାନରେ ମୁଁ ମାଂସର ଆକର୍ଷଣ ଭୁଲିଯାଏ ।

ଏତିକି କହିସାରି ସେଠୁ ବାହାରିଗଲା ପ୍ଲାବନୀ । ନଳିନୀଠାରୁ ଉତ୍ତର ପାଇବାକୁ ସେ ଗୋଟିଏ ନିମିଷ ମଧ୍ୟ ଅପେକ୍ଷା କଲାନାହିଁ ।

ସେ ଦିନର ଖରାବେଳ । ଖାଇସାରିବା ପରେ ନଳିନୀର ପ୍ଲାବନୀ ସହିତ ଆଉ କୌଣସି କଥାବାର୍ତ୍ତା ହେଇନାହିଁ । ଦେଖା ମଧ୍ୟ ହେଇନାହିଁ । ଖାଇସାରିବା ପରେ ପରେ ସେ ହୁଏତ ଶୋଇପଡ଼ିଛି । ହଁ ହଁ ଶୋଇପଡ଼ୁ ଟିକିଏ । ବଡ଼କ୍ଳାନ୍ତ ହେଇପଡ଼ିଛି । ତା ପରେ ପୁଣିତାକୁ କାମରେ ଲାଗି ପଡ଼ିବାକୁ ହେବ । ଖରାଟା କେଡ଼େ ଟାଣ ହେଇଛି......

ନଳିନୀ ଏହିକଥା ମନେକରି ନିଜ ଭିତରେ ଯେମିତି ଖୁବ୍ କ୍ଳାନ୍ତ ଅନୁଭବ କଲା । ବିଛଣାରେ କର ଲେଉଟେଇ ଆଖିବୁଜି ଶୋଇବ କୁ ଚେଷ୍ଟାକଲା ସେ । କିନ୍ତୁ ନିଜ ଚେଷ୍ଟାରେ ସେ ସଫଳ-କାମ ହେଇପାରିଲା ନାହିଁ । କିଛି ସମୟପରେ ଆଖିଖୋଲି ସେ ଜଳ ଜଳ କରି ଉପରକୁ ଚାହିଁ ରହିଲା । ପାଖରେ ଟିକ୍ ଟିକ୍ କରି ଟେବୁଲ୍ ଘଡ଼ିରେ ସମୟର ସ୍ରୋତ ବହି ଯାଉଛି । ସେମିତି ବହି ଯାଉଛି ତା ଭାବନାର ସୁଅ !

ଆଜି ଅଉ ସେ ଫେରିଯାଇ ପାରିଲା ନାହିଁ । କୌଣସି ଦିନ ଫେରି ଯିବାର ଉତ୍ସାହ ମଧ୍ୟ ତାର ଆସୁନାହିଁ । ପ୍ଲାବନୀ ଉପରେ ଅଭିମାନ କରି ସେ ଗୋଟାଏ ମସ୍ତବଡ଼ ଭୁଲ କରି ବସିଛି । ଯାହାଠାରେ ଅନାଦୃତ ହୋଇଛି ବୋଲି ସେ ଭାବି ନେଇଛି, ତାର କୌଣସି ସାଂସାରିକ ଆକର୍ଷଣ ନାହିଁ । ତା ହୃଦୟର ସମସ୍ତ ଐଶ୍ୱର୍ଯ୍ୟ ଆଜି ନଷ୍ଟ ହୋଇଯାଇଛି । ନିଜକୁ ଟିକିଏ ବଞ୍ଚେଇ ରଖିବାପାଇଁ ସେ ଯେମିତି ଘୂରି ଘୂରି ଏକ ନୂତନ ପୃଥିବୀର ଆବିଷ୍କାରରେ ଲାଗି ପଡ଼ିଛି । ପ୍ଲାବନୀ ଉପରେ ଅଭିମାନ କରିବା ଶିଶୁର ନିର୍ବୋଧତା ବ୍ୟତୀତ ଅଉ କିଛି ନୁହେଁ ।

ଏତେବେଳେକେ ନଳିନୀ ସ୍ପଷ୍ଟରୂପେ ବୁଝିପାରିଲା ପ୍ଲାବନୀ ଉଦାସୀନତାର କାରଣ । ସେ ମଧ୍ୟ ତା ପ୍ରତି କମ୍ ଅବିଚାର କରିନାହିଁ । ବ୍ୟବସାୟ ବିଦ୍ୟାରେ ଉଚ୍ଚଶିକ୍ଷା ପାଇବାକୁ ବିଦେଶ-ଯାଇ କର୍ମବ୍ୟସ୍ତତା ଭିତରେ ନଳିନୀ ଯେମିତି ଏ ଭୁଲ କରିବାକୁ ବାଧ୍ୟ ହୋଇଛି । ହୃଦୟର ଯେଉଁ ଲଳିତ ସମ୍ପଦର ବିନିମୟରେ ଜୀବନର ଲୀଳା ରଚନା କରାଯାଏ ଏହି ଦୀର୍ଘ ଅଦର୍ଶନ ଭିତରେ ପ୍ଲାବନୀ ନିକଟରୁ ତାହା ସମ୍ପୂର୍ଣ୍ଣରୂପେ ଦୁଷ୍ପ୍ରାପ୍ୟ ହୋଇଉଠିଛି । ନିଜ ହୃଦୟର ପରିପୂର୍ଣ୍ଣତା ପାଇଁ ପ୍ଲାବନୀ ସଂଗ୍ରହ କରି ନେଇଛି ଏହି କର୍ମମୁଖର ଜୀବନ । ନିଃସଙ୍ଗ ନାରୀତ୍ୱ ତାର ସେଥି ଭିତରୁ ମାତୃତ୍ୱର ସ୍ୱାଦ ପାଉଛି । ନ ହେଲେ ସେ ହୁଏତ ନିର୍ବିଘ୍ନରେ ଯୌବନର ଶେଷ ସୀମାରେ ପହଞ୍ଚିପାରି ନ ଥାନ୍ତା । କିନ୍ତୁ ପ୍ଲାବନୀର ଏହି କୃତିତ୍ୱ ଭିତରେ ପ୍ରାଣ ପ୍ରାଚୁର୍ଯ୍ୟ ନାହିଁ । ମାନବିକ ସାର୍ଥକତା ହାସଲ କରିଥିଲେ ମଧ୍ୟ ଜୀବନ ଯେପରି ତାର ରସାପ୍ଳୁତ ନୁହେଁ । ଏହି ବ୍ୟର୍ଥତା ଅଉ ଛଳନାର ଉତ୍ପୀଡ଼ନ ଭିତରୁ ପ୍ଲାବନୀକୁ ଉଦ୍ଧାର ନ କରି ସେ କଣ ଯାଇପାରିବ······ ?

ଏହିପରି ଭାବି ଭାବି ନଳିନୀ ଆଖିରେ ଅଶ୍ରୁ ପୂରି ଉଠିଲା । ଆଖିରେ ଦୁଇହାତ ଚାପି ତକିଆରେ ମୁହଁ ମାଡ଼ିଦେଲା । କିଛିକ୍ଷଣ ପରେ କାହାର ପାଦଶବ୍ଦ ଶୁଣିବାକୁ ପାଇଲା ସେ । କିଏ..... ? ପାଦଶବ୍ଦ ଆଉରି ନିକଟ ହେଲା । ହଁ କିଏ ଆସୁଚି । ପ୍ଲାବନୀ.....

ନିଜର ଅଜାଣତରେ ଡାକି ଉଠିଲା ନଳିନୀ । ଆଖି ଉପରୁ ହାତ ଉଠେଇ ସେ ଦେଖିଲା ପ୍ଲାବିନୀ ତା ଖଟ ପାଖରେ ଠିଆ ହୋଇଚି । ଅଳ୍ପକଳା ଅତି ପାତଳ ଦେହ । ପରିଧାନର ପାତଳା ଧଳାଶାଢ଼ୀ କାନ୍ଧ ଆଉ ଛାତିକୁ ଆବୃତକରି ରଖିଚି । କିନ୍ତୁ ଏ ଆବରଣ ଯେମିତି ସମ୍ପୂର୍ଣ୍ଣ ଅନାବଶ୍ୟକ । ଗୋଟାଏ ସଭ୍ୟଜାତିର ପରମ୍ପରା ରକ୍ଷା କରିବାକୁ ଯାଇ ଦେହକୁ ଢ଼ାଙ୍କି ରଖିଚି ପ୍ଲାବନୀ । ମାଂସର ବହୁ ଅଭାବ ଭିତରେବି ଯେମିତି କିଛି ଆକର୍ଷଣୀ ରହିଯାଇଚି । ନିଜ ଭିତରେ ଜୋରରେ ଚହଲି ଉଠିଲା ନଳିନୀ । ତାର ମନେ ହେଲା ଯେମିତି ପ୍ଲାବନୀର ସ୍ମିତ ହସର ସୌରଭରେ ଘରର ପବନ ଭରି ଯାଇଚି । ପ୍ଲାବନୀର ଶୀର୍ଣ୍ଣହାତ ଦୁଇଟିକୁ ନିଜ ବେକର ଗୁରୁପଟରେ ଗୁଡ଼େଇ ଦେଇ ନିର୍ବାକ ହୋଇ ମୁହଁକୁ ତାର ଅନେଇ ରହିଲା ନଳିନୀ ।

ମୁଁ ଯାଉଚି.....

ନଳିନୀର ତୁଣ୍ଡ ଖୋଲୁ ନାହିଁ । ହୁଏତ ଭାଷାର ଆବଶ୍ୟକ ନାହିଁ ଏଇକ୍ଷଣି । ସେଥିଯୋଗୁଁ ତାର ମଉନତା । ପ୍ଲାବନୀ ଏ ନୀରବ ସଙ୍କେତର ଅର୍ଥ ବୁଝି ପାରୁଚି । କିନ୍ତୁ ତାର ଯେମିତି କିଛି କହିବାକୁ ନାହିଁ । ଅନେକ ଦିନୁ ତାର କହିବାର ଆକାଂକ୍ଷା ମରି ଯାଇଚି ।

ରାଉରକେଲା



କିଛି ସମୟ ପରେ ଅଶ୍ରୁର ଶୀତଳ ସ୍ପର୍ଶ ଆସି ପ୍ଲାବନୀ ହାତରେ ଲାଗିଗଲା । ସବୁଦିନ ଦୁର୍ବଳତାର ଅଶ୍ରୁକୁ ଭୟକରେ ଆସିଛି ସେ । ନଳିନୀର ବନ୍ଧନ ଭିତରୁ ନିଜର ହାତ ଦୁଇଟିକି ମୁକ୍ତ କରି ଆଣି ଟିକିଏ ଦୂରକୁ ଘୁଞ୍ଚି ଆସିଲା । ଯେମିତି ନଳିନୀର ଅବସ୍ଥା ଦେଖି ମଧ୍ୟ ସେ ଦେଖି ପାରୁନାହିଁ । ସେଥିଯୋଗୁ ସହାନୁଭୂତି ପ୍ରକାଶ ନ କରି ସେ କହିଲା—

ମୁଁ ଯାଉଛି, ଶୀଘ୍ର ଫେରି ଆସିବି ।

କହିବା ସାଙ୍ଗେ ସାଙ୍ଗେ ସେ ଘରୁ ଚାଲିଗଲା ପ୍ଲାବନୀ । ଏଥିରେ ଅଉରି ଜୋରରେ କାନ୍ଦିବାକୁ ଲାଗିଲା ନଳିନୀ । ତାର ଦୁଇ ଗଣ୍ଡ ଦେଇ ଅଶ୍ରୁର ଝରଣା ବହି ଆସିଲା । କେଡ଼େ ହୃଦୟହୀନା......ନା କିଛି ବୁଝି ପାରୁନାହିଁ ପ୍ଲାବନୀ.....ସେ ତ ଆଉ ଛୁଆ ପିଲା ନୁହେଁ.....ଜାଣି ଜାଣି ପ୍ଲାବନୀ ତାକୁ ଏଡ଼େଇ ଦେଉଛି......

ଏତକ ଭାବିବା ମାନେ ନଳିନୀର ପୌରୁଷ ଯେମିତି ନିଜକୁ ଖୁବ୍ ଅପମାନିତ ମନେକଲା । ଆହତ ଅଭିମାନରେ ଅନ୍ତର ତାର ଘାରି ହୋଇ ପଡ଼ିଲା ।

କଣ କହି କହି ଭିତରକୁ ପଶି ଆସିଲା ସାବେସ୍ତୀ । ତାକୁ ଦେଖି ବିଛଣାରେ ଉଠି ବସିଲା ନଳିନୀ । ଖଟ ବାରଣ୍ଡା ଉପରେ ପଡ଼ିଥିବା ତଉଲିଆ ଖଣ୍ଡିକୁ ଟାଣି ଆଣି ସେ ମୁହଁଟାକୁ ପୋଛି ପକେଇଲା ।

ସାବେସ୍ତୀ ଆସି ନଳିନୀ ନିକଟରେ ଛିଡ଼ା ହୋଇଗଲା । ତା ଆସିବାର କାରଣ ବୁଝିବା ପାଇଁ ତାକୁ ଅନେଇଲା ନଳିନୀ । କିଛିକ୍ଷଣ ଆଗରୁ ସେ ଯେଉଁ ଦୃଶ୍ୟ ଦେଖିଥିଲା ବର୍ତ୍ତମାନର

ଦୃଶ୍ୟ ଠାରୁ ତାହା ସମ୍ପୂର୍ଣ୍ଣ ଭିନ୍ନ । ତା ଆଖିରେ ଯେପରି ସାବେଶ୍ୱରଙ୍କ ରୂପ ଲାବଣ୍ୟ ବୋଳି ହୋଇଗଲା । ଗୋଲଗାଲ ଦେହ ନଳିନୀର ଦୃଷ୍ଟି ଉପରେ ଆଗପଛ ରହିଛି । ବକ୍ଷର ଊର୍ଦ୍ଧ୍ୱ ଭାଗକୁ ଉତ୍ତରୀର ଆବରଣ ରହି ଯାଇଛି । ଗ୍ଲାଭରେ କେବଳ ପାତଳା ଜମ୍ପରର ଆଉ ବଡ଼ସବ ସତ୍ତ୍ୱ । ତାର ତଳୁ ଉଲଗ୍ନ ମାଂସପିଣ୍ଡ ଆତ୍ମପ୍ରକାଶ କରିଉଠୁଛି ।

ସାବେଶ୍ୱରଙ୍କ ଚୁହିଁ ଚୁହିଁ ନିଳିନୀର ଉପେକ୍ଷିତ ତାରୁଣ୍ୟ ଚିତ୍କାର କରି ଉଠିଲା । ସତେ ଯେମିତି ବହୁଦିନର କ୍ଷୁଧିତ ସେ ।

କଣ ଗୋଟାଏ ଖବର ନେଇ ଆସିଛି ସାବେଶ୍ୱ । ସେହିକଥା କହୁଛି ସେ । କିନ୍ତୁ ମାଂସର ବୈଭବ ଭିତରେ ନିଜକୁ ହଜେଇ ଦେଇ ସେ କଥା ଶୁଣିପାରୁ ନାହିଁ ନଳିନୀ । ସାବେଶ୍ୱ ନଳିନୀଙ୍କୁ ଲକ୍ଷ୍ୟ କରି ପାରିନାହିଁ । ଆଖି ତାର କଣ ଅନୁସନ୍ଧାନରେ ଘୁରି ବୁଲୁଛି । ଅଡ଼େ ସାଡ଼େ ଅନେଇ ଅନେଇ ପଙ୍ଖା ଖଣ୍ଡେ ଯୋଗାଡ଼ କରିନେଲା ସେ ।

ଭାରି ଗରମ ହେଉଛି । ଉଃ......ଏଥିରେ କେମିତି ଦେଖି ଘରୁ ବାହାରିଗଲେ କେଜାଣି !

କହି କହି ପଙ୍ଖା ହଲେଇ ହଲେଇ ପବନ କରିବାକୁ ଲାଗିଲା ସାବେଶ୍ୱ । ପବନର ଆଲୋଡ଼ନ ଭିତରେ ସାବେଶ୍ୱର ଉତ୍ତରୀୟଟା ଏକବାର ଉଡ଼ି ଆସି ତଳେ ଲୋଟି ପଡ଼ିଲା । ଏଥିରେ ଗ୍ଲାଭର କେତେକାଂଶ ଆଉ ବେକ ସଂପୂର୍ଣ୍ଣ ଅନାବୃତ ହୋଇପଡ଼ିଲା । ହାରର ପଦକଟା କଡ଼େଇ ହୋଇ ବକ୍ଷର ଉଲଗ୍ନ ଶ୍ରୀ ଉପରେ ଝୁଲି ପଡ଼ିଛି । ଶୋଇବା ବିଛଣାରେ ଚୁପିହୋଇ ମଝିରେ ଥିବା ଡମ ଫୁଲାଙ୍କ ଠିକ୍ ଠିକ୍ ଲାଲ ରଙ୍ଗ ଧରିଛି । ସେଠିକି

ଯୌବନର ଶୋଭାଯାତ୍ରା ଚାଲିଛି । ନା ପ୍ଲାବନୀର ଏ ସମ୍ପଦ ନାହିଁ·····ନଳିନୀର ଆଜି ଲୁଚୁ ମନେ ପଡ଼ିଲା ନାହିଁ । ପ୍ଲାବନୀ ଆଉ ସାବେଶ୍ରୀର ବୟସ ଭିତରେ ଯେ ଦୀର୍ଘ ବ୍ୟବଧାନ ରହିଛି ସେ କଥା ମଧ୍ୟ ଏକବାର ଭୁଲିଗଲା ସେ ।

ଚାଲ ନଳିନୀ ଭାଇ ! ମଉସା ଡାକୁଚନ୍ତି·····

ଉତ୍କଣ୍ଠା ଜୁଠେଇ ନେଉ ନେଉ ସାବେଶ୍ରୀ ଓଠରୁ ପୁଣି କେଇଟି ପଦ ଝରି ଆସିଲା ।

କଣ କହୁଚି ସାବେଶ୍ରୀ ? ହଁ ହଁ ତାକୁ କଅଣ କହୁଚି । କାନ୍ତ ମାଂସର ସମାରୋହ ଭିତରେ ସାବେଶ୍ରୀର କଥା ତା ଶ୍ରୁତିପଥରେ ପହଁଞ୍ଚି ପାରୁନାହିଁ । କେତେ ବେଳକରେ ସେ ପଚାରି ଉଠିଲା—

ମତେ କଣ କହୁଥିଲ ସାବେରୀ·····

ତାର ଏ ପ୍ରଶ୍ନରେ ଠୋ ଠୋ ହେଇ ହସି ଉଠିଲା ସାବେଶ୍ରୀ । ଏତେ କହୁ ବି ନଳିନୀ ଭାଇଙ୍କି ଶୁଭୁ ନାହିଁ । କଣ କାଲି·····

ସେହିପରି ହସି ହସି ସାବେରୀ କହିଲା—

ପାଟି ଢୋଳେଇ ହେଇ ପଡ଼ିଲଣି । ଆପଣଙ୍କୁ ମଉସା ଡାକୁଚନ୍ତି ।

ଏତକ କହିବା ପରେ ସାବେରୀ ଚାଲି ଚାଲି ଆସି ଦୁଆରେ ଠିଆହେଲା । ନଳିନୀ ମଧ୍ୟ ଗଛ ଉପରୁ ଓହ୍ଲେଇ ଆସି ତା ପଛରେ ଲାଗିଗଲା । ଗୋଟିଏ ବିନମ୍ର, ଆଜ୍ଞାଧୀନ ଭୃତ୍ୟପରି ତାର ଭଙ୍ଗୀ । ଯେମିତି ଏତେଦିନେ ସେ ଆଶ୍ରୟ ଖୋଜି ପାଇଚି । ଆଉ କିଛି ଚିନ୍ତା କରିପାରିଲା ନାହିଁ ନଳିନୀ ।

ପ୍ଲାବନୀର ବାପା କୈଳାସ ପଟ୍ଟନାୟକ ବିଛଣାରେ ପଡ଼ି ପଡ଼ି ବିଶ୍ରାମ କରୁଥିଲେ । ସାରି ଖରିବେଳଟା ସେ ଶୋଇ ପାରିନାହାନ୍ତି । ଦୁଇ ଦିନ ହେଲା ନଳିନୀ ଆସିଲାଣି । ତାକୁ ଅନେକ କଥା କହିବାକୁ ଇଚ୍ଛା କରିଥିଲେ ମଧ୍ୟ ସେ କହି ପାରୁନାହାନ୍ତି । ଏଥିପାଇଁ ସେ ଯେ କୌଣସି ସଙ୍କୋଚ ଅନୁଭବ କରୁଥିଲେ ଏହା ନୁହେଁ । ନଳିନୀ ତାଙ୍କ ଘରକୁ କାହିଁକି ଆସେ ସେ କଥା ସେ ସ୍ପଷ୍ଟ ରୂପେ ଜାଣିଚନ୍ତି । ବାହାରେ ବନ୍ଧୁ ବାନ୍ଧବର ସୀମା ଭିତରେ ନଳିନୀର ପରିଚିତ ଆବଦ୍ଧ ଥିଲେ ମଧ୍ୟ ତାଙ୍କ ନିକଟରେ ତାର ପରିଚୟ ସମ୍ପୂର୍ଣ୍ଣ ଭିନ୍ନ । ପ୍ଲାବନୀ ମା'ଙ୍କର କେଉଁ ଦୂର ସମ୍ପର୍କୀୟା ଭଉଣୀର ନଣନ୍ଦର ପୁଅ ନଳିନୀ । ତାକୁ ପୁଅପରି ଦେଖୁଥିଲେ ନଳିନୀର ମା' । ତାଙ୍କର ଏହି ଅନାବିଳ ସ୍ନେହ ତଳେ ଯେଉଁ ଆଶାର ଦୀପାଳି ଜଳୁଥିଲା, ତାଙ୍କର ମରଣରେ ତାହା ନିର୍ବାଣମୁଖୀ ହୋଇ ଉଠିଚି । କିନ୍ତୁ କୈଳାସ ପଟ୍ଟନାୟକଙ୍କ ସ୍ମୃତି କୋଷରେ ତାହା ଏବେ ବି ସାଇତା ରହିଚି ।

ପ୍ଲାବନୀର ବାଲ୍ୟ ସାଥୀ ନଳିନୀ । ଯୌବନରେ ମଧ୍ୟ ଦୁହେଁ ଦୁହିଁଙ୍କର ଅନୁରାଗୀ ଥିଲେ । ସେଥିପାଇଁ ନଳିନୀର ବାପା ତୈଳୋକ୍ୟ ବହିଦାରଙ୍କ ନିକଟରେ ବାରେ ନୁହେଁ, ବାରମ୍ବାର ପ୍ଲାବନୀ ଆଉ ନଳିନୀର ବିବାହ ପ୍ରସ୍ତାବ ଆଗତ କରାଯାଇଚି । ନିଜେ ନ ଯାଇଥିଲେ ମଧ୍ୟ ଲୋକ ପଠେଇ ବହୁ ଅନୁନୟ ଜଣେଇଚନ୍ତି । କୈଳାସ ପଟ୍ଟନାୟକ ଶେଷରେ ଯେଉଁ ଉତ୍ତର ପାଇଚନ୍ତି ତାହା ତାଙ୍କୁ ନୈରାଶ୍ୟର ଗଭୀର ଗହ୍ୱର ଭିତରେ ନିକ୍ଷେପ କରିସାରିଚି ।

ବହୁବାର ନିଜ ଆପତ୍ତିର ବହୁକାରଣ ଦର୍ଶେଇଚନ୍ତି । ଶେଷରେ ହିଁ ଅନ୍ୟ ରେଟ୍ଟେଜ୍ ଆଉ ଜୀବିକା ଉପରେ ମଧ୍ୟ ଦୋଷାରୋପ କରିବାକୁ ଭୁଲିନାହାନ୍ତି । କୈଳାସ ପଟ୍ଟନାୟକ ଅନ୍ଧ, ଅକ୍ଷମ । କୌଣସି ଅଭିଜାତ ବଂଶର ଦାବୀ ପୂରଣ କରିବା ତାଙ୍କ ପକ୍ଷେ ଏକାନ୍ତ ଅସମ୍ଭବ । ଝିଅ ମଧ୍ୟ ଅତ୍ୟନ୍ତ ସ୍ୱାସ୍ଥ୍ୟହୀନା । ତାଙ୍କ ପୁଅପାଇଁ କନ୍ୟାପାତ୍ରର ଅଭାବ ନାହିଁ ଯେ ସେ ଏହି ପ୍ରସ୍ତାବକୁ ଗ୍ରହଣକରି ନିଜ ବୃନିଆଦ ଆଉ ବଂଶ ଗୌରବ ଉପରେ କଳଙ୍କର ଦାଗ ଲଗେଇ ଦେବେ ।

ସମ୍ପୂର୍ଣ୍ଣ ଅଭାବିତ ଉତ୍ତର । କୈଳାସ ପଟ୍ଟନାୟକ ଏକାନ୍ତ ହତ, ସେଥିଯୋଗୁ ସମଗ୍ର ପରିବାର ମର୍ମାହତ ହୋଇ ପଡ଼ିଚନ୍ତି ।

ଏହି ଉତ୍ତର ଶୁଣିସାରିବା ପରେ ପ୍ଲାବନୀ ନିଜପାଇଁ ଆଉ କୌଣସି ଆଶା ପୋଷଣ କରିପାରି ନାହିଁ । ନୀରବ ମୁହୂର୍ତ୍ତିରେ ପଥ ଭ୍ରଷ୍ଟର ସୁଯୋଗ ରହିଚି । ସେଥିପାଇଁ ସେ ନିଜକୁ କିଚ୍ଛିଟିଏ କରିବାକୁ ଅବସର ଦେଇନାହିଁ । କର୍ମର ତାଡ଼ନା ଭିତରେ ସେ ସମସ୍ତ ସାଂସାରିକ ଭୋଗବିଳାସକୁ ଏକବାର ଭୁଲିଯାଇଚି । ଯେଉଁ ଜୀବନ କେବଳ କଠୋର ସାଧନା ଆଉ ତ୍ୟାଗର ପ୍ରତୀକ, ତାକୁ ନିଜ ଇଚ୍ଛାରେ ମାଲ୍ୟଦାନ କରିଚି ପ୍ଲାବନୀ । ଘରେ ଅନ୍ଧ ପିତା । ଜ୍ୟେଷ୍ଠ ଭାଇଭଉଣୀ ଦୁଇଟି । ସେଇମାନେ ତାର ସନ୍ତାନ । ଏହି ପିତୃପିତାମହର ଭିଟା ତାର କର୍ମଭୂମି । ମା ଯାଇଚନ୍ତି । ଛୁଆ ଦୁଇଟିଙ୍କ ହୃଦୟରେ ତାଙ୍କ ଅଭାବର ଶୂନ୍ୟସ୍ଥାନ ପୂରଣ କରିବ ସେ । ନହେଲେ ସେମାନେ କାହାର ହେବେ ? ଏହାହିଁ ଭଗବାନଙ୍କର ନିର୍ଦ୍ଦେଶ । ଏହିକଥା ନିଜକୁ ଭଲରୂପେ ବୁଝେଇ ଦେଇଚି ପ୍ଲାବନୀ ।

କିନ୍ତୁ କୈଳାସ ପଟ୍ଟନାୟକଙ୍କର ପିତୃ ହୃଦୟ ଗଭୀର ବେଦନାରେ ଭାଙ୍ଗି ପଡ଼ିଛି । ଝିଅକୁ ସେ ନିଜ ଆଖିରେ ଦେଖିପାରୁ ନ ଥିଲେ ମଧ୍ୟ ସବୁକଥା ବୁଝି ପାରୁଛନ୍ତି । ପ୍ଲାବନୀ କାହିଁକି ଯେ ନିଜକୁ କର୍ମଜଞ୍ଜାଳ ଭିତରେ ବୁଡ଼େଇ ରଖି ଏହି ଅନାସକ୍ତିର ପଥ ଆବୋରି ନେଇଛି ତାହାମଧ୍ୟ ସେ ଜାଣିପାରୁଛନ୍ତି । ତ୍ୟାଗର ମହିମା ଆଉ ଉପେକ୍ଷାର ଦୀର୍ଘ ଶ୍ୱାସରେ ଝିଅର ସମସ୍ତ ମୁହୂର୍ତ୍ତି ଭରି ରହିଲା । ଜୀବନର ସୁଖମୟ ସ୍ପର୍ଶ ସେ କେବେହେଲେ ଅନୁଭବ କରିପାରିଲା ନାହିଁ । ଏହି ଚିନ୍ତା ସବୁସମୟରେ ତାଙ୍କର ଅନ୍ତସ୍ଥଳକୁ ମଥିତ କରୁଥାଏ । କିନ୍ତୁ ସେ ଅକ୍ଷମ ନିରୁପାୟ । ବଡ଼ଝିଅ କାଳିନ୍ଦୀର ବିବାହପରେ ଯାହାକିଛି ସମ୍ବଳ ଥିଲା ତାର ବିନିମୟରେ ପ୍ଲାବନୀ ଯଦି ତାଙ୍କର ଟିକିଏ ସୁଖପାଇ ଥାଆନ୍ତା·········

ଭାବି ଭାବି ବୃଦ୍ଧ କୈଳାସ ପଟ୍ଟନାୟକଙ୍କ ଆଖିରୁ ଲୁହଝରି ଆସେ । ଉପାୟ ଶୂନ୍ୟ ହୋଇ ସେ ଚୁପ ରହନ୍ତି । ଯେପରି ସମାଜ ନିକଟରେ ହୃଦୟର ମୂଲ୍ୟନାହିଁ ।

ନଳିନୀର ବିଦେଶ ଯାତ୍ରା ପରେ ପରେ ଏ ଘଟଣା ଘଟି ଯାଇଥିଲା । ତା ପରେ ବହୁଦିନ ଗତ ହୋଇ ଯାଇଛି । ଅର୍ଥ ଆଉ ଶାରୀରିକ ଦୁରବସ୍ଥା ଭିତରେ ଝିଅର ବିବାହ ପାଇଁ ଉଦ୍ୟମ କରିବାକୁ ସାହସ କରିପାରି ନାହାନ୍ତି କୈଳାସ ପଟ୍ଟନାୟକ । ଆଜି ପୁଣି ନଳିନୀକି ଅତି ନିକଟରେ ପାଇ ତାଙ୍କର ସ୍ମୃତି କୋଣରେ ଆଘାତ ଲାଗିଛି ।

ଅବଶେଷରେ ନଳିନୀ ଆସି ତାଙ୍କ ପାଖରେ ଠିଆହେଲା । ପାଦଶବ୍ଦ ବାରି ସେ ପଚାରି ଉଠିଲେ ।

କିଏ ? ବାବା ନଳିନୀ·········

ଅନ୍ଧ......

ଖଟଉପରେ ଉଠି ବସିଲେ କୈଳାସ ପଟ୍ଟନାୟକ । ଗୋଟିଏ କରକୁ ଘୁଞ୍ଚିଯାଇ ଡାହାଣ ପାଖର ଜାଗା ଉପରେ ହାତ ମାରି ମାରି କହିଲେ—

ଏଇଠି ବସ ବାବା । ମୁଁ ଆଡ଼କୁ ବସୁଚି । ଏଇଠି ବସ ଅସି । କହି କହି ସେ ବାଁହାତ ବୁଲେଇବାକୁ ଲାଗିଲେ । ଉଦ୍ଦେଶ୍ୟ ବୁଝିପାରି ଅଜର ଠିକଏ ପାଖକୁ ଲାଗିଗଲା ନଳିନୀ । ଉଣ୍ଡାଳି ଉଣ୍ଡାଳି ତାକୁ ଧରି ବସେଇ ଦେଲେ ବୃଦ୍ଧ । ନଳିନୀର ଦେହ ମୁଣ୍ଡକୁ ଆଉଁସି ଆଉଁସି ସେ ତାର ଦୈହିକ ବିକାଶ ଉପଲବ୍ଧି କରିବାକୁ ଲାଗିଲେ । ତାଙ୍କର ଯଦି ଆଖି ଥାଆନ୍ତା......

କିଛି ସମୟପରେ ନିଜ ମୁଣ୍ଡରେ ଜଳ ବିନ୍ଦୁର ଘନ ଘନ ବର୍ଷଣ ଅନୁଭବ କଲା ନଳିନୀ । ସେ ଆଖି ଉଠେଇ ଦେଖିଲା ଲୁହ । ବୃଦ୍ଧ ନୀରବରେ ଅଶ୍ରୁ ବର୍ଷଣ କରିଚାଲିଚନ୍ତି । ତାର କାରଣ ଅନେକଟା ବୁଝିଥିଲେ ମଧ୍ୟ ନଳିନୀ ଯେପରି ସ୍ପଷ୍ଟକରି କିଛି ଖୋଜି ପାଇଲା ନାହିଁ । ନିଜ ହାତରେ ତାଙ୍କର ଆଖି ପୋଛିଦେଲା ସେ । କିନ୍ତୁ ଅଶ୍ରୁ ଧାରା ଶୁଖୁନାହିଁ ।

ନିରୁପାୟ ହୋଇ କଥା ଆରମ୍ଭ କଲା ନଳିନୀ ।

ଆପଣ କାନ୍ଦୁଚନ୍ତି ? ସେମିତି ଆଗପରି ନିଜ ଉପରେ ଅସ୍ଥାରଖି ପାରି ନାହାନ୍ତି......

କୈଳାସ ପଟ୍ଟନାୟକ ନଳିନୀର ମୁହଁକୁ କିଛି ସମୟ ଅନେଇ ନିଜକଥା କହିବାକୁ ଚେଷ୍ଟାକଲେ । ହଁ ସେ ଯାହାଥିଲେ ସେଇଆ ବରଂ ଜୀବନର ଭାରି ଗୁରୁ ହୋଇ ଉଠିଲଣି । ସେଥିରେ ପୁଣି ବହୁବାବଙ୍କର କଟୁକ୍ତି ମିଶି ଯାଇଚି । କିନ୍ତୁ ସେ ତୁଣ୍ଡଖୋଲି

କିଛି ପ୍ରକାଶ କରିପାରିଲେ ନାହିଁ । ଯେମିତି ନିଜ ବାପାଙ୍କର ଚକ୍ରାନ୍ତରେ ନଳିନୀ ତାଙ୍କଠାରୁ ବହୁତ ଦୂରକୁ ଚାଲିଯାଇଛି । ଆଉ ତାର ଏକଥା ଅତଳ ଜଳରାଶି ଭିତରେ ଏକ ମୁଠି ବାଲୁକା ପରି । ନାନା ଭାବରେ ଅପମାନିତ ହୋଇ ବି କୈଳାସ ପଟ୍ଟନାୟକ ନଳିନୀଠାରୁ ଆଶାର ବାଣୀ ଶୁଣିବାକୁ ଅପେକ୍ଷା କରି ରହିଥିଲେ । ନଳିନୀ ମୂର୍ଖ ନୁହେଁ…ସେ ନିଜପାଇଁ ହୁଏତ କିଛି କରିପାରିବ… କିନ୍ତୁ ବହିଦାର ଯେଉଁ ଆୟୁଧ ହସ୍ତରେ ଧରି ବସିଛନ୍ତି ସେଠାରେ ପରାସ୍ତ ବା ସନ୍ଧିର ପ୍ରଶ୍ନ ଉଠି ନ ପାରେ । ଏପରି ସ୍ଥଳେ ବିଦ୍ରୋହ ଘୋଷଣା କରି ନଳିନୀ ନିଜର କୌଣସି ଦାବୀପୂରଣ କରିବା ସମ୍ଭବ ନୁହେଁ ।

ତୁଣ୍ଡଖୋଲି କଥା ଆରମ୍ଭ କଲେ କୈଳାସ ପଟ୍ଟନାୟକ—

ଅନେକକଥା ତମକୁ କହିବାକୁ ଇଚ୍ଛା ହେଉଛି ବାବା !

ଏତକ କହି କୈଳାସ ପଟ୍ଟନାୟକ ଚୁପ ହୋଇଗଲେ । ନଳିନୀର ଦେହକୁ ଆଉଁସି ଆଉଁସି ସେ ଉତ୍‌ଫୁଲ୍ଲ ହେବାକୁ ଚେଷ୍ଟାକଲେ । ଯେମିତି ବ୍ୟଥାର ଅନୁଭୂତିକୁ ସେଥିରେ ସେ ଭୁଲିଯିବାକୁ ବସିଛନ୍ତି । ଆହା……କେଡ଼େ ମଧୁର ସ୍ପର୍ଶ……

ନଳିନୀ ବୃଦ୍ଧଙ୍କର ଏ ମନୋଭାବ ଅନୁମାନ କରି ପାରିଥିଲା । ପିତୃଅଂଶର ସ୍ପର୍ଶଭିତରୁ ତାଙ୍କର ଅନାବିଳ ସ୍ନେହର ରୂପମଧ୍ୟ ଦେଖି ପାରୁଥିଲା । ଗ୍ରହିତାର ଭଙ୍ଗୀନେଇ ସେ ନୀରବରେ ବସି ରହିଲା ।

କୈଳାସ ପଟ୍ଟନାୟକ ପୁଣି କହିବାକୁ ଲାଗିଲେ—

ଯେଉଁକଥା ତମକୁ କହିବାକୁ ଇଚ୍ଛା କରୁଛି ତାହା କେବଳ ମୋର ସାନ୍ତ୍ୱନା ପାଇଁ । ବହୁଭାବରେ ଉପେକ୍ଷିତ ହୋଇ ସୁଦ୍ଧା ମୋର ଆଶା ମରିନାହିଁ ।

ଗ୍ରହଣତାର ଶିଷ୍ଟତା ଭିତରୁ ବାହିତ ହୋଇ ନଳିନୀ ପଚ୍ଚାର ଉଠିଲା—

କଣ କହୁଛନ୍ତି ? କିଏ ଆପଣଙ୍କୁ କଣ କହିଲା ?

କାତର କଣ୍ଠରେ କୈଳାସ ପଟ୍ଟନାୟକ କହିଲେ—

ହତଭାଗୀ ! ମୋଠାରୁ ଜନ୍ମ ହେବାହିଁ ତାର ଅପରାଧ । ମୁଁ ଅନ୍ଧ ଅକ୍ଷମ ବାପା······

ଏ କଥାରେ ଅବାକ୍ ହୋଇ ଚାହିଁ ରହିଲା ନଳିନୀ ।

ଅନ୍ଧ ବାପର ଝିଅ···ତାହାହିଁ ଅପରାଧ···ନିଜର ଭାବନା ଭିତରେ ଏ କଥାକୁ ସ୍ଥାନଦେଇ ପାରିଲା ନାହିଁ ନଳିନୀ । କିଏ କହିଲା ଏ ଅପରାଧ······ ? କିନ୍ତୁ ପାଟିଖୋଲି ସେ କିଛି ପଚ୍ଚାରିଲା ନାହିଁ । ଯେମିତି ସମଗ୍ର ମାନବିକତା ନିକଟରେ ସମାଜ ବିଦ୍ରୋହ ଘୋଷଣା କରିବସିଛି ଆଜି ସେହି ମାନବିକତାର ଜଣେ ଶ୍ରେଷ୍ଠ ପ୍ରତିନିଧି ରୂପେ ନିରୁପାୟ ହୋଇ ବସି ରହିଛି ନଳିନୀ । ପୁଣି ଏ ବିଦ୍ରୋହ କେବଳ ତାରି ଯୋଗୁ ।

କିଛି ସମୟପରେ କୈଳାସ ପଟ୍ଟନାୟକ ପୁଣି କହିଲେ—

ଗୋଟାଏ ଦରିଦ୍ର ଅନ୍ଧ କୌଣସି ଧନାଢ଼୍ୟ ପରିବାରର ବନ୍ଧୁ ଯୋଗ୍ୟ ନୁହେଁ । ସେଥି ସହିତ ଗୋଟାଏ ରୂପହୀନା ବୟସ୍କାଝିଅ··

ଚମକିପଡ଼ି ନିଜର ସ୍ୱର ଶୁଣିବାକୁ ପାଇଲା ନଳିନୀ ।

ଏ······ ? କିଏ କହିଲା······

ଯେପରି ତାର ଚିର ପରିଚିତା ଶୈଶବ ସାଥିଟିର ବିରୁଦ୍ଧରେ ସେ ଏ ଅଭିଯୋଗ ସହ୍ୟ କରିପାରୁନାହିଁ ।

କଣ୍ଠରେ ଗାମ୍ଭୀର୍ଯ୍ୟ ଧରି କୈଳାସ ପଟ୍ଟନାୟକ କହିଲେ—

ଏଥିରେ ବିସ୍ମିତ ହେବାର କାରଣ ନାହିଁ ନଳିନୀ ! ବହୁବାର ନିଜେ ଏ କଥା କହିଚନ୍ତି, ଆଜି ସେ ଯାହା କହିଲେ ସେଇଟା ନିରାଟ ସତ । ମୋ ପରି ଗୋଟାଏ ଅକିଞ୍ଚନର ତମକୁ କୋଳରେ ଧରିବା, ତମର ବାପାଙ୍କୁ ବନ୍ଧୁରୂପେ ପାଇବା କିଛି ସହଜ କଥା ନୁହେଁ । ସେଇ ବୋଧହୁଏ ମୋ ଜୀବନର ସର୍ବଶ୍ରେଷ୍ଠ ଗୌରବ ।

ଦିନର ସ୍ୱଚ୍ଛ ଆଲୋକରେ କୈଳାସ ପଟ୍ଟନାୟକଙ୍କର ମୁହଁକୁ ପରିଷ୍କାର ଦେଖିପାରୁଚି ନଳିନୀ । ଯେମିତି ପିତୃ ଅନ୍ତରର ସମସ୍ତ କାରୁଣ୍ୟ ପୁଞ୍ଜୀଭୂତ ହୋଇ ଆତ୍ମପ୍ରକାଶ କରିଉଠୁଚି ସେଥିଭିତରୁ । ଏ ପୁଣି ଶ୍ରେଷ୍ଠ ଗୌରବ···ହୋଇନୁ ସେ ତାର ଜନ୍ମଦାତା······ ସୁଦ୍ଧି ନ ହୋଇପଛେ ପିତୃଋଣ···ତାଙ୍କର ଏ ଅନ୍ୟାୟର ସେ ନିଶ୍ଚୟ ପ୍ରତିବାଦ କରିବ । ନଳିନୀର ପ୍ରତି ଧମନୀରେ ଅଗ୍ନିସ୍ରୋତ ବହିଗଲା ।

ମୁଁ ବାବାଙ୍କୁ ପଚାରିବି······

ହଠାତ୍ ନଳିନୀ ପାଟିରୁ କଥା ବାହାରି ପଡ଼ିଲା ।

ଶାନ୍ତ ସ୍ୱରରେ କୈଳାସ ପଟ୍ଟନାୟକ କହିଲେ—

ନା ନା ବାବା ! ଏଇଟା ତମର ଭାରି ଅନ୍ୟାୟ ବ୍ୟବହାର ହେବ । ମୁଁ ତମର କିଏ ? ବିଚାରକରି କହ ! ତାଙ୍କର ଆସନରେ ମୁଁ ଯଦି ଥାଆନ୍ତି ଏଇଟା କଣ ମୋ ନିକଟରେ ଅସମ୍ଭବ ହୋଇପାରି ଥାଆନ୍ତା······ ?

ଆପଣ କଣ କହୁଚନ୍ତି ? ଅନ୍ୟାୟ ମୁଁ କରିବାକୁ ଯାଉଚି ନା ସେ କରିଚନ୍ତି······

ଉତ୍ତେଜନାରେ ନଳିନୀର ଦେହ ଥରି ଉଠିଲା । ବୃଦ୍ଧଙ୍କ କଣ୍ଠରେ ପ୍ରତିବାଦର ଭାଷା ଫୁଟିଲା—

କଥାଟାକୁ ଧୂଳି ଖେଳ ମନେ କରନା ନଳିନୀ ! ତମେ ଶିକ୍ଷିତ ଲୋକ । ବାପା ଜଣେ ଅଭିଜ୍ଞ ବ୍ୟକ୍ତି । ସେ ଆମପରି ସାଧାରଣ ସ୍ତରର ଜୀବ ନୁହନ୍ତି । ତାଙ୍କର ଏହି ଯୁକ୍ତି ଭିତରେ ସମାଜପ୍ରତି ଦୃଷ୍ଟି ରହିଛି । କଠୋର କର୍ତ୍ତବ୍ୟ ନିକଟରେ ପ୍ରିୟଜନର ମଧ୍ୟ ସ୍ଥାନ ନାହିଁ ବାବା !

ମୁଁ ତାଙ୍କର ପୁଅ……

କରୁଣ ହସରେଖାଟିଏ ବୃଦ୍ଧଙ୍କ ଓଠରେ ଫୁଟି ଉଠିଲା । ନଳିନୀର ପିଠି ଆଉଁସି ଆଉଁସି କହିଯିବାରେ ଲାଗିଲେ ସେ ।

ଠିକ୍ କହୁଛ ବାବୁ ! ବାପ ପୁଅର ଚିରନ୍ତନ ମଙ୍ଗଳ କାମୀ, ନ ହେଲେ ସେ ଏ ପ୍ରସ୍ତାବକୁ ଖୁବ୍ ସହଜରେ ଗ୍ରହଣ କରିନେଇ ପାରି ଥାଆନ୍ତେ ।

ଏ କଥାରେ ଆଘାତ ପାଇଲା ନଳିନୀ । କିନ୍ତୁ କୈଳାସ ପଟ୍ଟନାୟକଙ୍କୁ ସେ ନିଜ ସମ୍ବନ୍ଧରେ କିଛି କହିପାରିଲା ନାହିଁ । ଏ କଣ ମଙ୍ଗଳ ? ମଙ୍ଗଳ ନାମରେ କଣ ତିଳ ତିଳ କରି ଜାଳିଦେବା ମହାନ ପିତୃତ୍ୱର ପରିଚୟ ? ସବୁ ଜାଣିଶୁଣି ବାବା ଏକଥା କହି ପାରୁଛନ୍ତି କେମିତି ? ଶେଷରେ ନଳିନୀର ସେଠୁ ଚାଲିଯିବାକୁ ଇଚ୍ଛାହେଲା ।

ତା ହେଲେ ଆପଣ ମତେ ଏତେ କଥା କହିଲେ କାହିଁକି ? ମୁଁ ଆପଣମାନଙ୍କର ସନ୍ତାନ ହେଲେ ମଧ୍ୟ ମୋର ଯେ ଗୋଟାଏ ମନ ଅଛି ସେ କଥାତ ଆପଣମାନେ କେହି ଭାବୁନାହାନ୍ତି…… ?

ଆହତ ଅଶ୍ରୁର ରୁଦ୍ଧ ଆବେଗରେ ନଳିନୀର ଧୈର୍ଯ୍ୟବନ୍ଧ ଭାଙ୍ଗିପଡ଼ିଲା ।

କୈଳାସ ପଟ୍ଟନାୟକ ଯାହା କହୁଛନ୍ତି ତାହା ତାଙ୍କର ମନର କଥା ନୁହେଁ । କିନ୍ତୁ ତ୍ରୈଲୋକ୍ୟ ବହିଦାରଙ୍କ ପୁଅ ନଳିନୀକି ସେ ଆଜି କଅଣ କହି ଥାଆନ୍ତେ ? ଏପରି ଗୋଟାଏ ଅନ୍ତରଙ୍ଗତାହୀନ କଥାର ଯେ ଏହି ପରିଣତି ହେବ, ତାହା ବୁଝି ଭାବି ପାରି-ନଥିଲେ । ଏଥିରେ ନଳିନୀ ଉପରେ ତାଙ୍କର ବିଶ୍ୱାସ ବଢ଼ିଗଲା । ଇଚ୍ଛାହେଲା ଏହି ମୁହୂର୍ତ୍ତରେ ପ୍ଲାବନୀକି ନଳିନୀ ହାତରେ ଟେକିଦେଇ ସେ ସମସ୍ତ ଆତ୍ମଗ୍ଳାନି ଭିତରୁ ନିଜକୁ ମୁକ୍ତକରି ନିଅନ୍ତେ । କିନ୍ତୁ ତାହା ସମ୍ଭବ ନୁହେଁ । ନିଜର ସକଳ ମମତା ଢାଳି ସେ ନଳିନୀକି କୋଳକୁ ଟାଣି ଆଣିଲେ ।

ଆଜିର ଆଶ୍ଚର୍ଯ୍ୟ ହେଲା ନଳିନୀ । ନିଜ ବାପାଙ୍କ କଥା ମନେ ପଡ଼ିଲା ତାର । ପୁଅକୁ ଥରେ ହେଲେ ଚୁହିଁ ନାହାନ୍ତି ସେ । ପୁଣି ସିଏ ଅନ୍ୟଜଣଙ୍କର ବୁକୁରେ ସ୍ଥାନପାଇଛି । ବିଚିତ୍ର ଏ ଜୀବନଲୀଳା ଚିରଦିନ ଦୁର୍ବୋଧ, ତାହାରି ଭିତରେ ନିଜକୁ ହଜେଇ ଦେବାକୁ ବସିଲା ନଳିନୀ । ତାର ମନେ ହେଲା ଅଶିକ୍ଷିତ ନିର୍ଦ୍ଧନ ବୁଢ଼ାଙ୍କର ଏହି ହୃଦୟ ନିକଟରେ ବାପାଙ୍କର ଐଶ୍ୱର୍ଯ୍ୟର ଯେପରି ସ୍ଥାନ ନାହିଁ ।

ନିଜର ବସିବା ଜାଗାକୁ ଫେରିଆସି ପ୍ରତ୍ୟେକଟି ମୁହୂର୍ତ୍ତ ପ୍ଲାବନୀର ସାନିଧ୍ୟ ଭିତରେ କାଟିଦେବାକୁ ନଳିନୀର ଇଚ୍ଛାହେଲା । ଦୁହିଁଙ୍କ ମଝିରେ ସାବେଣ୍ଟ ଯେ ଆସି ଠିଆ ହେଉଛି ସେକଥା ଭୁଲିଯିବାକୁ ଚେଷ୍ଟାକଲା । ପ୍ଲାବନୀର ରାଣୀ ସାବେଣ୍ଟ । ସେହି ହିସାବରେ ତାର ମଧ୍ୟ ସେ । ସାବେଣ୍ଟ ମାଂସ ପ୍ରାଚୁର୍ଯ୍ୟ ଭିତରେ ନିଜକୁ ନିମଗ୍ନ କରିଦେବାର ସ୍ୱରୂପକୁ ଆଜି କଳ୍ପନା କରିପାରିଲା ନାହିଁ ନଳିନୀ । ଘୋର ଲଜ୍ଜାରେ ସେ ପ୍ରାୟ ସଢ଼ିଗଲାପରି ମନେ ହେଲା ।

ଏହାପରେ ନାନାକଥା ଭାବି ଭାବି ଗୋଟାଏ ଠାବରେ ବସି ରହିଲା ନଳିନୀ । ଯେମିତି ତାର ଆତ୍ମରକ୍ଷାପାଇଁ ପ୍ଲାବନୀହିଁ ଏକମାତ୍ର ଅବଲମ୍ବନ । ଦେହ ଭୋଗର ଲାଳସା ତାକୁ ଯେପରି ରାକ୍ଷସପରି ଗ୍ରାସ କରିବାକୁ ଧାଇଁ ଆସୁଚି । ଆଉ ତାର କବଳରୁ ରକ୍ଷା ପାଇବାକୁ ହେଲେ ପ୍ଲାବନୀର ପ୍ରେମ ରାଜ୍ୟରେ ତାକୁ ଆତ୍ମଗୋପନ କରିବାକୁ ହେବ । କିନ୍ତୁ ପ୍ଲାବନୀ ଯେ ବହୁ ଦୂରକୁ ଚାଲିଯାଇଚି···

ଶେଷ କଥାଟିକି ପାଟିକରି କହିଉଠିଲା ନଳିନୀ । ଖଞ୍ଜାଭିତରେ ପିଣ୍ଡା ଉପରେ ସପ ପାରି ସାବିତ୍ରୀ ଆଉ ତପତୀକୁ ପଢାଉଥିଲା ପ୍ଲାବନୀ । ନଳିନୀର ଏ ଅଭାବିତ ଚିତ୍କାରରେ ସେ ଘର ଭିତରକୁ ଦୌଡ଼ିଆସିଲା । ତା ପଛେ ପଛେ ଦୌଡ଼ି ଆସିଲେ ତପତୀ ଆଉ ସାବିତ୍ରୀ । ପଢ଼ିବାପାଇଁ ସ୍ଲେଟ ବ୍ୟାଗଟିଏ କାଖରେ ଓହଳେଇ ଖଞ୍ଜା ଭିତରକୁ ଆସୁଥିଲା ଶାନ୍ତଶ୍ରୀ । ସେ ମଧ୍ୟ ଆସି ସେଠି ପହଞ୍ଚିଗଲା । ସେମାନଙ୍କର ପାଦଶବ୍ଦ ଶୁଣି ପାରୁଥିଲା ନଳିନୀ । ସେ ଯେ ସମ୍ପୂର୍ଣ୍ଣ ପ୍ରକୃତିସ୍ଥ ଅଛି ତାହା ଦେଖେଇ ଦେବା ଉଦ୍ଦେଶ୍ୟରେ ସ୍ଥିରହେଇ ବସିରହିଲା ନଳିନୀ ।

କଣ ମୁଣ୍ଡ ଖରାପ ନା ଅଭ୍ୟାସ·········

ପ୍ଲାବନୀର କଥାଶୁଣି ହସି ଉଠିଲା ନଳିନୀ । କିନ୍ତୁ ପ୍ଲାବନୀ ତାକୁ ଜିଜ୍ଞାସୁହେଇ ଚାହିଁ ରହିଚି । ସେଥିଯୋଗୁ ତାକୁ କିଛି କହିବାକୁ ଇଚ୍ଛାକଲା ସେ । ଆଖି ଆଗରେ ଠିଆହେଇଚି ସାବିତ୍ରୀ । ତାର ମନେ ହେଉଥାଏ ସେ ପଚାରନ୍ତା ତମେ ପୁଣି ଏଠି କାହିଁକି······ମାତ୍ର ସେ ପାଟି ଖୋଲି କିଛି କହି ପାରିଲା ନାହିଁ । ଏତିକିବେଳେ ଆଗକୁ ଚାଲିଆସି ହଠାତ୍ ଶାନ୍ତଶ୍ରୀ ପଚାରିଦେଲା—

ଆପଣ ଏମିତ ବଡ଼ ପାଟିଟାଏ କଲେ କାହିଁକି ନଳିନୀବାବୁ......

ଏ କେଇଟି ଦିନ ଭିତରେ ନଳିନୀଙ୍କ ଖୁବ୍ ଭରସି ଯାଇଛି ଚନ୍ଦ୍ରମୁଖୀ, ଯେମିତ ସେ ତାର ଖୁବ ଜଣାଶୁଣା । ତାଙ୍କ ଘରଠି କମ୍ପା ମାମୁଁ ଗାଁର କେହି ଜଣେ ନଳିନୀ ।

ଏ ପ୍ରଶ୍ନରେ କିଛି ଉତ୍ତର ଦେଇ ପାରିଲା ନାହିଁ ନଳିନୀ ଦୁଇ ହାତରେ ଚନ୍ଦ୍ରମୁଖୀଙ୍କ ଛାତି ଉପରକୁ ଟେକିନେଲା । ସତେ ହେ କାହିଁକି ଚିତ୍କାର ଛାଡ଼ିଲା...... ? ପୁଣି ଏ ଛୁଆଟି କିଏ......

ଚନ୍ଦ୍ରମୁଖୀଙ୍କ କୋଳକରି ଘରଯାକ ବୁଲିବାକୁ ଲାଗିଲା ନଳିନୀ । ସେତେବେଳକୁ ତପତୀ ଆଉ ସାବେଜ୍ଞା ସେ ଘରୁ ଚାଲି ଯାଇଚନ୍ତି; କିନ୍ତୁ ପ୍ଲାବନୀ ଯାଇନାହିଁ । ପୂର୍ବାପର ଠିଆହୋଇ ନଳିନୀର ଗତିବିଧି ଲକ୍ଷ୍ୟ କରିବାରେ ଲାଗିଚି । ପ୍ଲାବନୀର ନିକଟକୁ ଲାଗିଆସି ନଳିନୀ କହିଲା—

ଚିନୁ ମତେ ନଳିନୀବାବୁ ଡାକୁଚି । କହିଲ ବନୁ, ମୋର କଣ ଏତିକି ଝିଅଟିଏ ହୋଇ ନ ଥାଆନ୍ତା ?

ସମ୍ପୂର୍ଣ୍ଣ ଅଭାବିତ ପ୍ରଶ୍ନ । ପ୍ଲାବନୀର ଶିରା ପ୍ରଶିରାରେ ବିଦ୍ୟୁତ୍ ଖେଳିଗଲା । ନଳିନୀକି ସେ କିଛି ଜବାବ ଦେଇପାରିଲା ନାହିଁ, ତା ନିକଟରେ ଯେପରି ନଳିନୀର ସ୍ୱର ପହଞ୍ଚି ପାରିନାହିଁ......

ମତେ ଆଉ ବାବୁ କହିବୁ ନାହିଁ ଚିନୁ ! ତୋ ବାପାଙ୍କୁ ତ ତୁ ବାବୁ ଡାକୁନାହୁଁ ? ହଁ...... ହଁ ବନୀଙ୍କୁ କଣ ଡାକୁଚୁ କହିଲୁ ? ମାଉସୀ...... ଆଉ ମୁଁ ତୋର........

କଥା ଅଧା ରଖି ପ୍ଲାବନୀକି ଚାହିଁ ଚାହିଁ ହସି ଉଠିଲା ନଳିନୀ । କିନ୍ତୁ ବେଶୀ ସମୟ ସେ ଅବସ୍ଥା ଭିତରେ ରହିପାରିଲା ନାହିଁ ।

ଯେଉଁ ଉତ୍ତର ପାଇବା ଆଶାରେ ସିଏ ପ୍ଲାବନୀକୁ ଏ ପ୍ରଶ୍ନ କରିଥିଲା, ତାହା ଦୁର୍ଲଭ ।

ନଳିନୀ କୋଳରୁ ଓହ୍ଲାଇପଡ଼ି ଦୌଡ଼ି ପଳେଇଲା ଚନ୍ଦ୍ରମୁଖୀ, ବନ୍ଧୁ ବ୍ୟାଗଟି ସେ ପର୍ଯ୍ୟନ୍ତ ତାର କାନ୍ଧରେ ଝୁଲୁଚି ।

ନଳିନୀ ଥରେ ଚନ୍ଦ୍ରମୁଖୀର ଗତିପଥକୁ ଚାହିଁଦେଇ ପ୍ଲାବନୀ ପାଖକୁ ଘୁଞ୍ଚି ଆସିଲା । ମଝିରେ ଥିବା ପ୍ରତିବନ୍ଧକ ଦୂରେଇ ଯାଇଚି । ଚାରିଆଡ଼େ ଆଖି ବୁଲେଇ ନେଇ ପ୍ଲାବନୀର ମୁହଁକୁ ଦୁଇହାତରେ ଟେକିଧରିଲା ନଳିନୀ ।

ଏଥିରେ ପ୍ଲାବନୀର ଚେହେରା ଆଉରି କରୁଣ ହୋଇଉଠିଲା । ଆଖି ପିଛୁଳାକରେ ନଳିନୀର ହାତ ଆଡ଼େଇ ଦେଇ ସେ କ୍ଷିପ୍ର ପଦରେ ବାହାରି ଚାଲିଗଲା ।

ଦୂରକୁ ଅନେଇ ଅନେଇ ଆଉ କିଛି ଭାବି ପାରିଲା ନାହିଁ ନଳିନୀ । ଘରଟି ଭିତରେ ଧୀର ପଦଚାଳନା କଲା ନଳିନୀ । ଘରଟିକୁ ସୁନ୍ଦରକରି ସଜେଇବାକୁ ଯାଇ କାନ୍ଥରେ ନାନା ଧରଣର ଛବିସବୁ ଝୁଲେଇ ଦିଆଯାଇଚି । ପ୍ରତ୍ୟେକ ଛବିକୁ ନିରୀକ୍ଷଣ କରିବାକୁ ଲାଗିଲା ନଳିନୀ । ଯେମିତି ଏହି ଛବିଗୁଡ଼ିକର ଅନ୍ତରାଳରେ କିଛି ଲୁଚି ଲୁଚି ରହିଯାଇଚି ଆଉ ତାକୁ ଖୋଜି ଲାଗିଚି ତାର ଅନୁସନ୍ଧିତ୍ସୁ ଆଖି ଦୁଇଟି ।

କାନ୍ଥର ଫଟୋଗୁଡ଼ିକ ଭିତରେ ପଟ୍ଟନାୟକ ପରିବାରର ଫଟୋ ସଂଖ୍ୟା ମଧ୍ୟ ନ୍ୟୁନ ନୁହେଁ । ଚାରିଆଡ଼ୁ ନଳିନୀର ଦୃଷ୍ଟି ଖସିଆସି ଖଣ୍ଡିଏ ଫଟୋ ଉପରେ ନିବଦ୍ଧହେଲା । ଏ ସେଇ ପ୍ଲାବନୀ ! ସିଏ ଅଜ୍ଞ ନିରୁପାୟ ହୃଦୟ, ବୁଭୁକ୍ଷିତ ମନର ଅତ୍ୟାଚାରରେ ଶୀର୍ଣ୍ଣ ମଳିନ । ବ୍ୟର୍ଥତାର ଗ୍ଳାନିରେ ନୈରାଶ୍ୟର ହାହାକାରରେ

ସମସ୍ତ ଜୀବନ ତାର ଧୂସର । ଆଜି ଆଉ ସେଠି ଅନୁରାଗର ରକ୍ତିମା, ସମ୍ବେଦନାର ଶ୍ୟାମଳିମା ନେଇ ପ୍ରଣୟ କଳିକାର ବିକାଶ ହେବା ସମ୍ଭବନୁହେଁ । ଅଶ୍ରୁ ଅର୍ଘ୍ୟ······ସେଥିଯୋଗୁ ନିଜକୁ ଦୋଷୀ ସାବ୍ୟସ୍ତ କଲା ନଳିନୀ । ନିଜ ବାପାଙ୍କ ବିରୁଦ୍ଧରେ ମଧ୍ୟ ତାର ଆକ୍ରୋଶ ଜାତହେଲା । ନଳିନୀର ବିଚାର ବୁଦ୍ଧିଥିଲେ ସୁଦ୍ଧା ବହୁଦାର ଯେପରି ନିଜ ପୁଅର ମଙ୍ଗଳ ଲାଗି ବେଶୀ ଦୂର ଅଗ୍ରସର ହୋଇଯାଇ ଥାଆନ୍ତେ······ଅର୍ଥ ସର୍ବସ୍ୱ ଚିନ୍ତା ଯେ ଏଥିଭିତରେ କାମ କରୁଚି ସେକଥା ଭାବି ପାରିଲା ନାହିଁ ନଳିନୀ ।

ଛବିଟିକୁ ଆଉଥରେ ନିରୀକ୍ଷଣ କଲା । ପ୍ଲାବନୀର ଆଜିର ଏରୂପ··· କେତେ କୁତ୍ସିତ—କେତେ ମଳିନ । ଯୌବନର ପହିଲି ପରଶରେ ପ୍ଲାବନୀ ଥିଲା ସୌନ୍ଦର୍ଯ୍ୟର ଗନ୍ଧାଗାର । ଅଙ୍ଗେ ଅଙ୍ଗେ ଥିଲା ଲାବଣ୍ୟର ପୂର୍ଣ୍ଣତା । ମାତ୍ର ଆଜି ସେ ତାର ସୌନ୍ଦର୍ଯ୍ୟ ପ୍ରତି ଏତେ ଉଦାସୀନ କାହିଁକି ? ସଂସାର ପ୍ରତି ଏତେ ବୀତସ୍ପୃହ କାହିଁକି ? ବନକେତକୀ ପରି ନିଜକୁ ହଜାଇ ଦେଇଚି କାହିଁକି ? ହାହାକାର ଓ ବ୍ୟର୍ଥତା ଭିତରେ ନିଜର ସ୍ୱକୀୟ ଲିଭି ଯାଉଚି କାହିଁକି ?

ଫଟୋଟିକୁ ଚୁହିଁ ଚୁହିଁ ନଳିନୀର ଆଖିରୁ ଦୁଇଧାର ଲୁହ ଝରି ଆସିଲା । ହୁଏତ ଏହି ମୁହୂର୍ତ୍ତରେ ପ୍ଲାବନୀକୁ ନିବୋଲାରେ ପାଇଥିଲେ ସେ ତାର କ୍ଷୀଣ ଅଙ୍ଗ ଯଷ୍ଟିକୁ ନିଜର ବାହୁ ବେଷ୍ଟନୀରେ ଆବୃତ୍ତ କରିଦେଇ ଥାଆନ୍ତା । ପ୍ରେୟସୀର ମୁହଁଉପରେ ମୁହଁରଖି ସେ କାନ୍ଦିନେଇ ଥାଆନ୍ତା ସମସ୍ତ ଅନୁତାପର ଅଶ୍ରୁ ।

କିନ୍ତୁ ନଳିନୀ କିଛି କରିପାରିଲା ନାହିଁ । ଗଭୀର ପ୍ରଣୟ ଆଉ ଶୈଶବର ସ୍ମୃତି ବହନ କରିଥିବା ପ୍ରିୟତମାର ଛବିଟିକୁ ଦେଖି ଦେଖି ଅତୀତର ଉଜାଣୀ ସ୍ରୋତରେ ଭାସିଯିବାକୁ ଲାଗିଲା ।

ସେହିଦିନର ସନ୍ଧ୍ୟା । ପ୍ଲାବନୀ ପ୍ରାୟ ଛଅଟା ବାଜିବା ପରେ ପରେ ଘର ଛାଡ଼ି ଚାଲି ଯାଇଛି । ବୋଷେଇ ଘରେ ରାତି ଭୋଜନର ଆୟୋଜନ କରୁଚି ଛପତି । ତାର ବରାଦ ମୁତାବକ ଚାକର ଟୋକାଟି କାମରେ ଲାଗିପଡ଼ିଛି । ଖଞ୍ଜାର କୋଣଟିଏ ପଟରେ ଠିଆହୋଇ ସିକ୍ତ ବସ୍ତ୍ରରେ ଯୋଡ଼ହାତ ହୋଇ ଅସ୍ତସୂର୍ଯ୍ୟର ବନ୍ଦନା କରୁଚନ୍ତି କୈଳାସ ପଟ୍ଟନାୟକ । ଘରର ସମସ୍ତେ କର୍ମବ୍ୟସ୍ତ । କିନ୍ତୁ ନଳିନୀ କିଛି କରି ପାରୁ ନାହିଁ । ଅନେକବେଳୁ ଅନେକ କଥା ସେ ଭାବିବାରେ ଲାଗିଛି । ପ୍ଲାବନୀର ସେହି ମ୍ଳାନ ଉଦାସ ଚାହାଣୀ·····ଅସହାୟ, ନିରୁପାୟ ବୃଦ୍ଧଙ୍କର ନୀରବର ଦୀର୍ଘଶ୍ୱାସ·····ପୁଣି ବାବାଙ୍କର ଦାବୀ·····ସେଠି ହୁଏତ ବିପ୍ଳବ କିମ୍ବା ବିନୟ କୌଣସି ପରିବର୍ତ୍ତନ ଆଣିପାରିବ ନାହିଁ । କନ୍ୟାରତ୍ନ ଦୁଃଷ୍କୁଳାଦପିଃ·········କାହିଁ ଏ ଶାସ୍ତ୍ରସିଦ୍ଧ ବଚନର ତ କୌଣସି ମୂଲ୍ୟନାହିଁ ଆଜି । ବରଂ କନ୍ୟାକୁ ଛାଡ଼ିଦେଇ ଧନରତ୍ନକୁ ନେଇ ସଂସାର କରିବାକୁ ମଣିଷ ବିଚାର କରୁଛି······ସେଠି ପ୍ରାଣର ଆବେଗ ବିଡ଼ମ୍ବନା ମାତ୍ର······

ନଳିନୀର ସବୁକଥା ଆଜି ମନେ ପଡ଼ିଯାଉଛି । କାଳନ୍ଦୀ ମା'ଙ୍କର ବାତ୍ସଲ୍ୟ ମମତା ଭିତରେ ସମସ୍ତ ବାଲ୍ୟକାଳ ବିତିଗଲା । ବଦଳରେ ତାର ବାପାଙ୍କଠାରୁ ପ୍ଲାବନୀ ମଧ୍ୟ କମ ସ୍ନେହ ପାଉନଥିଲା । କିନ୍ତୁ ଆଜି ତାହା ସମ୍ପୂର୍ଣ୍ଣ ଅଲଭ୍ୟ । ଦୀର୍ଘ ଦଶବର୍ଷ ପରେ ସବୁ ଅଦଳ ବଦଳ ହୋଇଯାଇଛି । ଦୃଷ୍ଟିହୀନ ବନ୍ଧୁ·····ଚପଳା କଲ୍ୟାଣୀ କିଶୋରୀ·····ଯାହାକୁ ପୁତ୍ରବଧୂ କରିବାର ବିଚାର ସେ ଗ୍ରହଣକରି ସାରିଥିଲେ·····କିନ୍ତୁ ଆଜି ବଡ଼ବାବୁଙ୍କର ମନେପଡ଼େ ନାହିଁ । କେହି ଯେବେ ମନେ କରିଦିଏ····· ? ହିଁ·····ସେ ନିଜେ ବାପାଙ୍କର ସବୁକଥା ମନେପକେଇ ଦେବ·····

ନିଜମନ ଭିତରେ ହଠାତ୍ ଅଟକିଗଲା ନଳିନୀ । ସେ ଅନୁଭବ କଲା ବାପାଙ୍କର ଦୁଇଟି ଆଖି ଯେପରି ତା ପଛରେ ଲାଗି ଯାଉଚି ଆସି । ଆଉ ତାଙ୍କର ସେହି ବଜ୍ର ନିର୍ଘୋଷ କଣ୍ଠରେ ସେ ଯେମିତି ଘୋଷଣାକରି ଚାଲିଚନ୍ତି ନିଜ ଖାନଦାନୀର ପ୍ରଶସ୍ତିବାଣୀ । ସେଥିରେ ମଧ୍ଯ ଐଶ୍ଵର୍ଯ୍ୟର ଅହମିକା ଆଉ ଅର୍ଥ-ଲାଳସା ପୂରି ରହିଚି । ସେଠି ଏ ପ୍ରସ୍ତାବ ଆଉ ଉଠେଇବ କିଏ··· ?

ଏହିପରି ଭାବନା ଭିତରେ ନଳିନୀର ମନ ଅସ୍ତବ୍ୟସ୍ତ ହୋଇ-ଉଠିଲା । ପ୍ଲାବନୀପାଇଁ ତାର ଏବେବି ପ୍ରଣୟ ପ୍ରୀତି ପୂର୍ଣ୍ଣ ରହିଚି । ସେଥିଯୋଗୁଁ ତା ପାଇଁ କର୍ତ୍ତବ୍ୟ ପୁରିରହିଚି । ବାବା ନିଜ ଦେହର ଅଂଶଦେଇ ଜନ୍ମ କରିଚନ୍ତି, ପୁଣି ଶିକ୍ଷାଦୀକ୍ଷା ଦେଇ ମଣିଷକରି ଗଢିଚନ୍ତି । ତାଙ୍କପାଇଁ ମଧ୍ୟ କର୍ତ୍ତବ୍ୟଭରି ରହିଚି । କିନ୍ତୁ କେଉଁଟିକି ଗ୍ରହଣ କରିନେବ ସେ ? ପ୍ଲାବନୀଠାରୁ ଦୂରେଇ ଗଲେ ହୁଏତ ସେ ମରିଯିବ ନାହିଁ । ନ ମରିବାପାଇଁ ବହୁ ଆଗରୁ ଅମୃତର ସନ୍ଧାନ କରୁଚି ପ୍ଲାବନୀ । ଅନ୍ୟ ପାଞ୍ଚଟା ଝିଅପରି ବିବାହଟାକୁ ସର୍ବସ୍ଵବୋଲି ମନେ କରେନା ସିଏ । କିନ୍ତୁ ଦିନେ ବିବାହର ଆକାଙ୍କ୍ଷା ପ୍ଲାବନୀ ଭିତରେ ଜାଗିଥିଲା ଆଉ ସେହି ଜାଗରଣରେ ବନ୍ଧୁଦ୍ଵାର ପୂରାପୂରି ସାହାଯ୍ୟ କରିଥିଲେ । ତାକୁହିଁ ଆଜି ଅଙ୍ଗୀକାର କରିବାକୁ ଯାଇ ପୁଣି ପରିବାରର କର୍ତ୍ତାଙ୍କୁ ଅବମାନନା କରିବାକୁ ହେବ । ଏହି ଅବମାନନାର ପରିଣତି ଯେ କଣ, ନିଜର ଭାବନା ଭିତରେ ସେ କଥାର ଅବଧାରଣା କରିପାରିଲା ନାହିଁ । ନଳିନୀ ସମ୍ପୂର୍ଣ୍ଣ ନିରୁପାୟ ହୋଇ ଦୂରକୁ ଚାହିଁରହିଲା କେବଳ ।

କେତେବେଳେକେ ସେ ଘରେ କାହାର ପାଦଶବ୍ଦ ଶୁଭିଲା । ତା ସହିତ ଗୁଗ୍‌ଗୁଳ ଗନ୍ଧ ମଧ୍ଯ ଆସି ନାକରେ ବାଜିଲା । କିଏ··· ? ପଛକୁ ଫେରି ଚାହିଁ ଅବାକ ହୋଇଗଲା ନଳିନୀ । ସାବେଗ୍ନା·····

ଏଥିଭିତରେ କିଏ ସଞ୍ଜବତୀ ଜାଳିଦେଇ ଗଲାଣି । ନଳିନୀ ତାହା ଆଦୌ ଲକ୍ଷ୍ୟ କରି ପାରିନାହିଁ । ସେହି ମୃଦୁ ଦୀପାଲୋକ ଭିତରେ ସାବେତ୍ରୀ ନଳିନୀ ଆଖିରେ ଏକ ଅମର୍ତ୍ତ୍ୟ ବାଳା ପରି ଦେଖାଗଲା ।

ଗୋଟିଏ ହାତରେ ଧୂପଦାନି । ବାଁ ହାତଟି ଏକ ବଙ୍କିମ ନୃତ୍ୟ ଠାଣିରେ ଅନ୍ୟ ହାତ ସହିତ ମିଶିଯାଇ ତାକୁ ସହଯୋଗ କରୁଚି । ଧୂପଧୂଆଁର କୁଣ୍ଡଳୀ ଭିତରେ ସାବେତ୍ରୀର ମୁହଁ ଅସ୍ପଷ୍ଟ ଦିଶୁଚି । ଯେମିତି ସେ ଗୂଢ଼ ନିବିଷ୍ଟ ଚିତ୍ତରେ ଦେବତାର ଆରାଧନା କରିଚାଲିଚି । ନଳିନୀ ମୁଗ୍ଧ ଆଖିରେ ସେ ସବୁ ଉପଭୋଗ କରିବାରେ ଲାଗିଲା ।

ଘରଯାକ ଧୂପଦାନି ବୁଲେଇଆଣି ହଠାତ୍ ନଳିନୀ ପାଖରେ ଠିଆ ହୋଇଗଲା ସାବେତ୍ରୀ । ତା ମୁହଁ ପାଖରେ ଧୂପଦାନୀଟାକୁ ଦିଥର ଘୂରେଇ ଆଣି ଖିଲ୍ ଖିଲ୍ ହୋଇ ହସିଉଠିଲା । ଏଥିରେ ନଳିନୀର ସମସ୍ତ ଦମ୍ଭ ଯେପରି ଠୁକ୍କର ଖାଇଗଲା । ଭିତରୁ ଗର୍ଜନ କରି ତାର ତାରୁଣ୍ୟ ଯେପରି ଝାମ୍ପି ଉଠିଲା । ଟିକକ ଆଗର କର୍ତ୍ତବ୍ୟବୋଧ ଛିନ୍ନ ହୋଇଗଲା ସେଠି । ସାବେତ୍ରୀର କାନ୍ଧରେ ଦୁଇହାତ ଚାପି ସେ ଡାକିଉଠିଲା—

ସାବେତ୍ରୀ........

ପୁଣି କାହାର ପାଦଶବ୍ଦ ଶୁଭିଲା । ଭୀତା ହରିଣୀପରି ଛନ୍ନଛନ୍ନ ହୋଇ ଚାରିଆଡ଼େ ଆଖି ବୁଲେଇ ଅଟିଲା ସାବେତ୍ରୀ । କିଏ ଆସୁଚି......? ଛି ଏ କି ଢଙ୍ଗ.....ଆଜି ନଳିନୀ ଭାଇଙ୍କର ଏ କି ଢଙ୍ଗ........

ପାଦଶବ୍ଦ ଆହୁରି ନିକଟ ହେଉଚି । ହଁ କିଏ ଆସୁଚି······ ତପୀ······ ! ସାବେଶ୍ରୀଙ୍କୁ ଛାଡ଼ିଦେଇ ଝରକା ପାଖକୁ ଚାଲିଗଲା ନଳିନୀ । ଯେତେବାଟ ଆଖିଯିବ ଏକ ଲକ୍ଷ୍ୟରେ ଅନେଇ ରହିଲା । ଦୂରପାହାଡ଼ ସେପଟରେ ସୂର୍ଯ୍ୟ ବୁଡ଼ିଗଲେଣି । ପଶ୍ଚିମ ଆକାଶ କୋଣରେ ଦିନର ଶେଷ ଆଲୁଅ ହଜିହଜି ଯାଉଚି । ଗରମଛାଡ଼ି ଥଣ୍ଡା ଟିକିଏ ଟିକିଏ ପଡ଼ି ଆସିଲାଣି, ବାରି ବଗିଚାରେ ଫେଣ୍ଟା ଫେଣ୍ଟା ମଲ୍ଲୀଫୁଲ ଫୁଟିଚି । କେବଳ ତାହାରି ଗନ୍ଧରେ ସଞ୍ଜ ପବନଟା ଭରି ରହିଚି । କିନ୍ତୁ ଏ ସବୁର ଉପଭୋଗ ପାଇଁ ନଳିନୀ ଯେମିତି ନିଜ ଭିତରେ ଉତ୍ସାହ ସୃଷ୍ଟି କରିପାରିଲା ନାହିଁ । କେତେବେଳେକେ ସେ ନିଜକୁ ପଚାରିଉଠିଲା—

ଇଏ କଣ ହେଲା ଆଜି ?

ସେଇ ସାବେଶ୍ରୀ । ଆଖି ଆଗରେ ପୁଣି ସେଇ ରୂପଲେଖା । ନା ରହିହେବ ନାହିଁ ଏଠି । ପ୍ଲାବନୀର ସାନିଧ୍ୟ ଭିତରେ ଜୀବନଟା ରସମୟ ହେବାତ ଦୂରର କଥା, ବରଂ ନାନା ଦୁର୍ଘଟଣାରେ ପଡ଼ି ପଡ଼ି ଜୀବନଟା କ୍ଷତ ବିକ୍ଷତ ହେଇଗଲାଣି । କ୍ଷତ ବିକ୍ଷତ ନହେଁଉ ଆଉ କଣ ? ନଳିନୀ ଭିତରେ ବିବେକ ତାର ବିଦ୍ରୋହୀ ହେଇ ଗର୍ଜି ଉଠିଲା । କିଏ ତମେ ସାବେଶ୍ରୀ ? ପ୍ଲାବନୀ ଦୁଆରେ ଜଣେ ଭିକାରୁଣୀ·······ତମେ ପୁଣି ଆଜି ତା ସହିତ ପ୍ରତିଦ୍ୱନ୍ଦିତା ପାଇଁ ଛିଡ଼ା ହେଇଚ । ଗୋଟାଏ ଲଜ୍ଜାହୀନା ନା କୃତଘ୍ନୀ ନାରୀ ତମେ······

ଶେଷ କଥାତକ ପ୍ରାୟ ଚିତ୍କାର କରି କହି ପକେଇଲା ନଳିନୀ । ବାରଣ୍ଡା ପାରହେଇ ଅନ୍ୟ ଖଞ୍ଜାକୁ ପଳେଇ ଯାଉ ଯାଉ ସାବେଶ୍ରୀ ସେ ଚିତ୍କାର ଶୁଣିପାରିଲା । ପଡ଼ିଥିବା ଜାଗାରେ ଗୋଡ଼

ତାର ଅଟକି ରହିଲା । ଚକିତ ହୋଇ ପଛକୁ ଫେରି ଚାହିଁଲା ସେ । ନଳିନୀ ଭାଇଙ୍କର କଣ ହେଲା ଆଜି ? କଣ ପାଗଳ ହୋଇଗଲେ···

ନଳିନୀକି ଥରେ ଦେଖି ଆସିବାକୁ ସାବେଇର ଭାରି ଇଚ୍ଛା ହେଲା । କିନ୍ତୁ ସେ ଆଉ ଫେରି ପାରିଲା ନାହିଁ । ଦାଣ୍ଡ ଦୁଆର ପାରି ହୋଇ ତାରି ଆଡ଼କୁ ପ୍ଲାବନୀ ଆସୁଛି । ସେ ହୁଏତ ଏ ଚିତ୍କାର ଶୁଣି ପାରିଛି । ଦୁଃଖ ଆଉ ଲଜ୍ଜାରେ ସେଠି ଠିଆହୋଇ ନ ପାରି ଧୀରେ ଧୀରେ ଚାଲିବାକୁ ଲାଗିଲା ସାବେଇ ।

ପ୍ଲାବନୀ ଆସି ଝରକା ଭିତରେ ଠିଆହେଲା । କେହି କୁଆଡ଼େ ଦେଖାନାହିଁ । ଘର ଶୁନଶାନ । ଖରାଦିନର ସନ୍ଧ୍ୟା । ଗଛପତ୍ରର ମର୍ମରରେ ଅଦମ ସଙ୍ଗୀତର ଅବ୍ୟକ୍ତ ଭାଷା ଭରିରହିଛି ଯେମିତି । ଏମିତି ସଞ୍ଜରେ ଏକ ବିଜନ ଭୂଭାଗରେ ବସି ବସି ଗୀତ ଗାଇବାକୁ ଇଚ୍ଛାହୁଏ ପ୍ଲାବନୀର । ଆଜିବି ଠିକ୍ ସେମିତି ଜୀବନର ଅସୀମ ଉଦାସୀନତା ଭିତରେ ବୁଡ଼ିଯାଇଛି ସିଏ । କିଛିସମୟ ଘରଛାଡ଼ି ଚାଲିଗଲେ ସେ ଯେମିତି ବଞ୍ଚି ଯାଆନ୍ତା······

ଭାବି ଭାବି ଅନ୍ୟମନସ୍କ ଭାବରେ ହଠାତ୍ ନଳିନୀର ଘର ଭିତରକୁ ପଶି ଆସିଲା ପ୍ଲାବନୀ । କେହିଜଣେ ଆସୁଥିବାର ଜାଣି ପାରିଛି ନଳିନୀ । ଚିତ୍କାର ମଧ୍ୟ ତାର ମନେଅଛି । ହଁ···ସେଇଥିପାଇଁ କିଏ ଆସୁଛି । ହଁ···ହଁ···ସେଇ ସାବେଇ ଆସୁଥିବ ପୁଣି । ନା ସେ ଆଉ ରହିପାରିବ ନାହିଁ । ଘରକୁ ଫେରିଯାଇ ନିଶ୍ଚିନ୍ତ ହେବ । କିନ୍ତୁ ଏହିକ୍ଷଣି ତାର ଉପାୟ········ ?

ନଳିନୀର ଭାବନାକୁ ଖଣ୍ଡିତକରି ଆଖି ଆଗରେ ତାର ପ୍ଲାବନୀ ଠିଆ ହୋଇଗଲା । ଚମକି ପଡ଼ିଲା ନଳିନୀ । ଯେମିତି ଭୂତ କି ଡାହାଣୀ

ଦେଖି ତାର ରକ୍ତଯାକ ଶୁଖି ଆସୁଚି । ପ୍ଲାବନୀ ମୁହଁକୁ ମହ୍‌ମହ୍‌କରି ଅନେଇ ରହିଲା । ଯେମିତି ପୋଲିସ ହାତରେ ଗୋଟାଏ ଦାଗୀ ଚୋର ।

ସାବେଶ୍ରି ଗୁଲିଯାଉଥିବାର ଦେଖିଚି ପ୍ଲାବନୀ । ଠିଆହେଇ ଥିବାର ମଧ୍ୟ ଦେଖିଚି । ଘର ଭିତରକୁ ଆସି ନଳିନୀର ଚେହେରା ଦେଖି କିଛି ଗୋଟାଏ ଘଟିଥିବାର ଅନୁମାନ କରିନେଲା । କିନ୍ତୁ ଘଟଣାଟା ଯେ କଣ ବୁଝିବାକୁ ଆଦୌ ଚେଷ୍ଟା କଲାନାହିଁ । ନଳିନୀର ଏ ଅପରାଧୀ ଭାବଦେଖି ହୋ ହୋ ହେଇ ହସିଉଠିଲା ସେ ।

ପ୍ଲାବନୀ ତା ହେଲେ ସବୁକଥା ଜାଣିଚି······ନଳିନୀ ଡରି ଡରି ପ୍ଲାବନୀକୁ ଆଉଥରେ ଦେଖିନେଲା । ନା ପ୍ଲାବନୀ କିଛି ଜାଣେନାହିଁ । ଏଇଯଣିତି ସେ ଆସୁଚି·····ଗୋଡ଼ରୁ ଜୋତାଖୋଲା ହେଇନାହିଁ·····ଶାଢ଼ୀ ବଦଳେଇ ନାହିଁ·······

ନିଜ ଭାବନାରେ ନଳିନୀର ମୁହଁ ଉଜ୍ଜ୍ୱଳ ଦେଖାଗଲା । ସାହାସ ସଞ୍ଚୟକରି ସେ ପଚାରି ଉଠିଲା —

ଏତେଶୀଘ୍ର ଫେରିପଡ଼ିଲୁ ଯେ ବନି ! ଆଉ ଏମିତି ହସୁଚି କାହିଁକି ? କଣ ବାଟରେ କିଛି ଦେଖି ମତେ କହିବାକୁ ଦୌଡ଼ି ଆସିଲୁ··· ?

ଏତକ କହି ନଳିନୀର ଅସ୍ୱସ୍ତି ଅନେକ ପରିମାଣରେ କଟିଗଲା ଯେମିତି । ପ୍ଲାବନୀ ପୁର୍ବପରି ହସିବାରେ ଲାଗିଚି । ପ୍ରାୟ ଦୁଇମିନିଟ୍ ପରେ ସେ ଯାଇ ଖଟଉପରେ ବସିପଡ଼ିଲା । ନଳିନୀ ଆସି ତା ପାଖରେ ଲାଗି ବସିଗଲା । ନିର୍ବୋଧ ସରଳ ଶିଶୁପରି ତାର ଚଳନ । ଯେପରି ନିଜର ଅଜ୍ଞତା ପାଇଁ କିଛି ଗୋଟାଏ ଅଘଟଣ ଘଟେଇସାରି ଦୋଷଟାକୁ ଦେଖିପାରୁଚି ସେ । ଆଉ ସେଥିଯୋଗୁ

ନିଜର ଆଶ୍ରୟଦାତ୍ରୀ ନିକଟରେ କ୍ଷମାଭିକ୍ଷା କରୁଛି । ତାର ନୀରବ ମୌନତାର ଚାହାଣୀ ତାହାହିଁ ଜଣେଇ ଦେଉଛି ।

ଏଥିରେ ପ୍ଲାବନୀର ମନ ଯଥେଷ୍ଟ ସଦୟ ହୋଇଉଠିଲା । ନଳିନୀର ଦୋଷକୁ ଅସ୍ୱୀକାର କରି ତାକୁ ଉତ୍ସାହିତ କରିବାପାଇଁ ହସି ହସି କହିଲା—

ମଣିଷର ରକ୍ତ ମାଂସ, ନାରୀର ମୁକ୍ତ ପ୍ରବୃତ୍ତିନେଇ ମୁଁ କଣ ପୃଥିବୀକୁ ଆସି ନ ଥିଲି ? ମୋର ଜନ୍ମ କଣ ଖାଲି ରୁକ୍ଷ କର୍ତ୍ତବ୍ୟ, ଆଦର୍ଶ ଆଉ ନିଷ୍ଠାଭିତରେ ଶେଷ ହେବାପାଇଁ ?

କହି କହି ଝରକା ପାଖକୁ ଉଠିଆସିଲା ପ୍ଲାବନୀ । ସେ ପର୍ଯ୍ୟନ୍ତ ଦୂରରୁ ପକ୍ଷୀର କଲତାନ ଭାସି ଆସୁଛି । ତାହାର ସହିତ ମିଶି ଆସୁଛି କାହାର କଣ୍ଠସ୍ୱର । ନଈକୂଳର ନିର୍ଜନତା ଭିତରେ ଜାଗିଉଠୁଛି ସଙ୍ଗୀତର ମଧୁର ମୂର୍ଚ୍ଛନା । ଯାହାର ଅର୍ଥକୁ, ହେ ମୋର ମାନସସୁନ୍ଦରୀ ତମ କଥା କହିବାକୁ ଭାଷା ମୋର ହଜିଯାଉଛି । ତମର ରୂପଦାନ ପାଇଁ ତୂଳୀ ମୋର ହାରିଯାଉଛି ।

ପ୍ଲାବନୀର ମନେହେଲା ସେ ପରିବର୍ତ୍ତିତ, ଜୀବନଟା କଣଖାଲି ତୂଳୀ ଆଉ ଭାଷାପାଇଁ ? ତାର ଅନୁଭୂତି ସହିତ ଦୁନିଆର ସୁଖ, ଦୁଃଖ, ଜରା ମୃତ୍ୟୁର କଣ କିଛି ସମ୍ପର୍କ ନାହିଁ ?

ପ୍ଲାବନୀ ପାଖକୁ ଆସି ନଳିନୀ ଅସ୍ତ୍ରେ କହିଲା—

ସତ କହିବ ବୁନୀ, ଏମିତି ଗୋଟିଏ ଗୋଟିଏ ମୁହୂର୍ତ୍ତରେ ତମର କଣ କିଛି ମନେ ପଡ଼େ ନାହିଁ ?

ପ୍ଲାବନୀ ପୁଣି ହସି ଉଠିଲା । ନିଜକୁ ଫାଙ୍କିଦେଇ କହିଲା—

ପ୍ରଚୁର ମନେପଡ଼େ । ସିଲବସ, ରୁଟିନ, ଅଭିଭାବକ, ବିବାହ-ଯୋଗ୍ୟା ଝିଅ ପୁଣି ଡାକ୍ତର……..

ନଳିନୀ ହତାଶହେଲା । କିନ୍ତୁ ଅପମାନିତ ହେଲନାହିଁ । ପ୍ଲାବନୀ ଯେଉଁ ଶୁଷ୍କ ଜୀବନଯାପନ କରୁଛି, ତାହା ସହିତ ତାର ଅପରାଧୀ ମନ ବି ଜଡ଼ିତ ରହିଛି ।

କିଛିକ୍ଷଣପରେ ହଠାତ୍ ପ୍ଲାବନୀ ପଚାରି ଉଠିଲା—

କଣ କହୁଥିଲ ସେତେବେଳେ ? ଚଞ୍ଚଳ ଫେରି ଆସିଛି ? କିଛି କହିବାକୁ କାହିଁକି ଇଚ୍ଛା ହେଉନାହିଁ । ଦାହାରେ ଟିକିଏ ବୁଲିବୁଲି କରି ଆସିବି ଯାଉଛି ।

କହିବା ସାଙ୍ଗେ ସାଙ୍ଗେ ଘରୁ ବାହାରି ଯିବାକୁ ବସିଲା ପ୍ଲାବନୀ । ପଛରୁ ନଳିନୀର କଥା ଶୁଭିଲା ତାକୁ ।

ମତେ ସାଙ୍ଗରେ ନେବ ବନୀ !

ଛିଡ଼ା ହୋଇଗଲା ପ୍ଲାବନୀ । ଦେହରେ କାମିଜ ଗଳେଇ ତା ପାଖକୁ ଚାଲିଆସିଲା ନଳିନୀ । ପ୍ଲାବନୀର ମତାମତ କଥା ଏକବାର ଭୁଲିଯାଇଛି ସେ । କେବଳ ପ୍ଲାବନୀ ସହିତ ନିରୋଳାରେ ଟିକିଏ ରହିପିବାର ଆଶା ତାକୁ ଯେମିତି ସବୁ ଭୁଲିଯିବାକୁ ପ୍ରଶ୍ରୟ ଦେଉଛି । ବିସ୍ମିତହୋଇ ପ୍ଲାବନୀ କହିଲା—

ସତେ ତମେ ଯିବ........ ?

ସେଥିପାଇଁ ମୁଁ କଣ ଏକାନ୍ତ ଅଯୋଗ୍ୟ ବନୀ !

ଏ ନଳିନୀର ପ୍ରଶ୍ନ । ପ୍ରଶ୍ନୋତ୍ତର ଛଳରେ ନିଜକୁ ପ୍ରକାଶ କରିଦେବାର ଦୁର୍ବାର ବାସନା ଭରିରହିଛି ନଳିନୀ ଭିତରେ । ନିଜକୁ ପ୍ଲାବନୀ ହାତରେ ଶିଶୁପରି ସମର୍ପଣ କରିଦେବାରେ ଯେଉଁ ଆନନ୍ଦ, ଯେଉଁ ପୂର୍ଣ୍ଣତା, ତାର ଉପଭୋଗ ପାଇଁ ଉଦଗ୍ରୀବ ହୋଇ ଅପେକ୍ଷା କରିଛି ନଳିନୀ । କିନ୍ତୁ ପ୍ଲାବନୀ ନିକଟରେ ଏ ସବୁ

ସମ୍ପୂର୍ଣ୍ଣ ନିରର୍ଥକ । ସେ ନଳିନୀର ଇଙ୍ଗିତ ବୁଝୁଥିଲେହେଁ ତାର ସେପଟର ଭ୍ରୂକ୍ଷେପ ନାହିଁ ।

ସହଜ ଭାବରେ ପ୍ଲାବନୀ କହିଲା—

ଗ୍ଲଲ । କିନ୍ତୁ ମୋ ସହିତ କେବେ କେହି ଯିବାକୁ ଚାହିଁନାହିଁ । ଚିରଦିନ ଏକାକୀ ମୁଁ । ଏକାକୀ ଚାଲି ଚାଲି ଜୀବନର ଦୀର୍ଘପଥ ଅତିକ୍ରମ କରିବାକୁ ହେବ ମତେ ।

କହି କହି ଚାଲିବାକୁ ଲାଗିଲା ପ୍ଲାବନୀ । ନଳିନୀ ନୀରବରେ ତାର ଅନୁସରଣ କରିବାରେ ଲାଗିଲା । ନାରୀର ଉପେକ୍ଷିତ ଯୌବନର ବିଳାପ ତା କାନରେ ବାଜୁଚି । ନିଜର ଜୀବନ ମଧ୍ୟ ନିରାଶ୍ରୟ ହୋଇ ପଡ଼ିରହିଚି । ସେ ଆଉ କିଛି ଚାହୁଁନାହିଁ । ଖାଲି ତାର ଆଶ୍ରୟ ଲୋଡ଼ା, ଯେଉଁ ଆଶ୍ରୟ ମଣିଷକୁ ଇତରର ଆକ୍ରମଣରୁ ରକ୍ଷାକରି ଆସିଚି

ଚାଲିବା ଭିତରେ ପୁଣି କେତୋଟି କଥା ଝରି ପଡ଼ିଲା ପ୍ଲାବନୀର ଓଠରୁ ।

ମୁଁ ବିଶ୍ୱାସ କରିପାରି ନ ଥିଲି ଯେ ତମେ ଆସିବ । ଅନ୍ୟାନ୍ୟ କଥାପରି ଏ ବି ଗୋଟାଏ ତମର ପରିହାସ ।

ଏ ଅବଶ୍ୟ ନଳିନୀପକ୍ଷେ ଗୋଟାଏ ବଡ଼ ଧରଣର ଆଘାତ । କିନ୍ତୁ ସେଥିରେ ସେ ଅନାହତ ହୋଇ ପ୍ଲାବନୀର ମୁହଁକୁ ଅନେଇଲା । ଯେମିତି କିଛି ସମୟ ଧରି ନିଜ ଅପରାଧର କଥା ଭାବିବାକୁ ଲାଗିଲା । ତା ପରକ୍ଷଣରେ କଣ୍ଠରେ ବ୍ୟଥା ଝରାଇ କହିଲା—

ଏହାଭିତରେ ପରିହାସ କାହିଁ········ ?

ଏତକ କହିବାପରେ ଅଶ୍ରୁର ସ୍ପର୍ଶ ଅନୁଭବ କଲା ନଳିନୀ । ତାର ମନେହେଲା ପ୍ଲାବନୀର ପାଦଦୁଇଟି ଧରି ସେ କ୍ଷମାଭିକ୍ଷା କରି କହି ଯାଆନ୍ତା ନିଜ ଅନାଗ୍ରହର ଅଜାଣତର କାହାଣୀ । କିନ୍ତୁ ତାର ତୁଣ୍ଡ ଖୋଲିଲାନାହିଁ । ଗୋଟିଏ ପରାଜିତ ସୈନିକ ପରି ତାର ଭାବ । ଏ ଯୁଗର ଏହି ସଂଗ୍ରାମ ଶୀଳାନାରୀ ସୈନିକ ନିକଟରେ ତାର ସମସ୍ତ ସାମର୍ଥ୍ୟ ଯେମିତି ହାରି ମାନି ଯାଇଛି । ନିଜର ପରିସ୍ଥିତି କୁ ଏକବାର ଭୁଲିଯାଇ ଆତ୍ମରକ୍ଷା ଉଦ୍ଦେଶ୍ୟରେ ପ୍ଲାବନୀର ଅତିପାଖକୁ ଲାଗିଯାଇ ନଳିନୀ କହିଲା—

ଅଜାଣତ ଭାବେ ତମ ସାଙ୍ଗରେ ବାହାରି ପଡ଼ିଲି ଅଜି, ସେଥିଯୋଗୁ ଲୋକ ନିନ୍ଦା ସହିବାକୁ ପଡ଼ିବ ନାହିଁ ତ ବନୀ !

ଉତ୍ତର ଦେବାକୁ ଯାଇ ସିଧାଭାବରେ ପ୍ଲାବନୀ କହିଲା—

ଯିଏ ନିନ୍ଦାର ପାତ୍ରନୁହେଁ, ତାକୁ ନିନ୍ଦା ସହିବାକୁ ପଡ଼େନାହିଁ । ଆଉକିଛି କହିବାକୁ ନଳିନୀର ସାହସ ନାହିଁ । ପ୍ଲାବନୀ ମଧ୍ୟ ଚୁପ ଚୁପ ଚାଲିବାକୁ ଲାଗିଲା । ଅଳ୍ପବାଟ ଆସି କାହାର କଣ୍ଠସ୍ୱର ଶୁଣିବାକୁ ପାଇଲା ପ୍ଲାବନୀ । ହିଁ······ତାରି ନାଁ ଧରି କିଏ ଡାକୁଛି । ଅଟକି ରହିଗଲା ସେ । କେବଳ ବନୁ, ବନୁ ବୋଲି କିଏ ତାକୁ ପଛରୁ ଡାକୁଛି । ଆଗକୁ ନ ଯାଇ ଫେରିଆସିଲା ପ୍ଲାବନୀ । ଜଣେ ପ୍ରୌଢ଼ାନାରୀ । ଦୂରରୁ ଭଲକରି ଚିହ୍ନିପାରିଲା ନାହିଁ ସେ । ଯେମିତି ପରିଚିତ ଗୋଟିଏ ସ୍ମୃତି ସୌଧକୁ ଅଦିନ ଧୂଳିଝଡ଼ ଆଚ୍ଛନ୍ନକରି ରଖିଛି । କିନ୍ତୁ ବେଶୀ ସମୟ ଲାଗିଲା ନାହିଁ । ପାଖକୁ ଆସି ଆରେ ମାଉସୀ, ସାବେଶ୍ୱ ତ ଆମଘରେ କହି ଗୋଡ଼ତଳେ ପଡ଼ିଗଲା ପ୍ଲାବନୀ ।

ଏହି ତାର ଗଳ୍ପୀ ସାବେଶ୍ୱର ମା, ତାର ମାତୃପମା ନାସ୍ତି । ନ ହେଲେ ରାସ୍ତା ଉପରେ ତାଙ୍କୁ କିଏ ଏମିତ ନାଁ ଧରି ଡାକପାଉ ଥାଆନ୍ତା । ନିଜ ମାଆଙ୍କର ସବୁ ଆଚରଣ ଗୋଟି ଗୋଟି ହୋଇ ପ୍ଲାବନୀର ମନ ଭିତରେ ଖେଳିଯିବାକୁ ଲାଗିଲ ।

ଏହାପରେ ପ୍ଲାବନୀର ନଳିନୀ ଉପରେ ଆଖିପଡ଼ିଲା । ଟିକିଏ ଛଡ଼ାରେ ଠିଆହୋଇଛି ନଳିନୀ । ସେ କେବଳ ଏ ଦୁହିଁଙ୍କ ଲକ୍ଷ୍ୟ-କରୁଛି । ଦ ପାହୁଣ୍ଡ ଆଗେଇ ଯାଇ ନଳିନୀଙ୍କୁ ଆସିବାକୁ ହାତରେ ଇଙ୍ଗିତ ଦେଲା ପ୍ଲାବନୀ । ପାଖକୁ ଆସି ପ୍ଲାବନୀର ନିର୍ଦ୍ଦେଶ କ୍ରମେ ସାବେଶ୍ୱ ମା'ଙ୍କୁ ନମସ୍କାର ଜଣେଇଲେ ନଳିନୀ । ଉଠ ବାପା, ଉଠ ବାପା କହି ନଳିନୀର ମୁଣ୍ଡକୁ ଟିକୁ ଟେକି ଧରିଲେ ସାବେଶ୍ୱ ମା । ଆଖିରେ ତାଙ୍କର ବାତ୍ସଲ୍ୟ ମମତା । ତାହାର ଆକର୍ଷଣରେ ପୁଣି ଯେମିତି ଚହଲି ଉଠିଲା ନଳିନୀ । ପର ମୁହୂର୍ତ୍ତରେ ସମସ୍ତଙ୍କୁ କୋଳକରି ତାଙ୍କ ଘରକୁ ନେଇଗଲେ ସାବେଶ୍ୱ ମା ।

ସମସ୍ତେ ଆସି ସାବେଶ୍ୱର ଘରେ ପହଞ୍ଚିଲେ । ପ୍ରଥମେ ଟିକିଏ ଭିତରକୁ ଯିବାପାଇଁ କୁଣ୍ଠାବୋଧ କରୁଥିଲା ନଳିନୀ । ପରେ ସାବେଶ୍ୱ ମାଆଙ୍କର ସ୍ନେହର ତାଡ଼ନାରେ ସେ ଖଟ ଉପରେ ବସିଲା । ଆଗର କଥାବାର୍ତ୍ତା ଭିତରୁ ସେ ଜାଣିନେଇ ଥିଲା ଏଟା ସାବେଶ୍ୱର ଘର । ଚାରିଆଡ଼େ ଆଖି ବୁଲେଇ ଆଣି ସେ ଆହୁରି ସ୍ପଷ୍ଟ କରି ଜାଣିନେଲା ଏଟା ସାବେଶ୍ୱର ଶୋଇବାଘର । ଉଜ୍ଜ୍ୱଳ ନୀଳରଙ୍ଗର କାନ୍ଥରେ ମୂଲ୍ୟବାନ ସାଜ ସଜା । ଚଟାଣରେ କାର୍ପେଟ ବିଛଣା । ଦୁଆର ମୁହଁରେ ଦାମୀ ଓଢ଼ଣୀ ପରଦାର ଦୋହଳନ । ସବୁଭିତରୁ ଯେମିତି ଗୋଟାଏ ଉନ୍ନତ ରୁଚିର ପରିଚୟ ମିଳୁଛି ।

ଘରର ଗୋଟିଏ ପାଖକୁ ଟେବୁଲ ଖଣ୍ଡିଏ ପଡ଼ି ବହିପତ୍
ରଖାଯାଇଛି । ମଝିରେ ରୁପା ଫ୍ରେମରେ ଖଣ୍ଡିଏ ରଙ୍ଗୀନଛବି
ଆରେ······ଏତ ସାବେତ୍ରୀର ଫଟୋ······ନଳିନୀର ଦେହମନ୍ରେ
କୁପେ ଏକ ଅପୂର୍ବ ଶିତ୍କାର ଜାଗିଉଠିଲା । ସେ କାହିଁକି ଏଠିକି
ଆସିଲା ? ପାଷାଣୀ···ତମେ କାହିଁକି ଜାଣି ଜାଣି ମତେ ନିଆଁକୁ
ଠେଲି ଦେଉଚ········

ଆଉ ଅଧିକ ଚିନ୍ତା କରିବାକୁ ସାହସ କରିପାରିଲା ନାହିଁ
ନଳିନୀ । ପ୍ଲାବନୀକି ଥରେ ଚାହିଁଦେଇ ସେ ତାର ଭିତରେ
ନିଜକୁ ହଜେଇ ଦେବାକୁ ଚେଷ୍ଟାକଲା ।

ରାତି ପ୍ରାୟ ନଅଟା ପର୍ଯ୍ୟନ୍ତ ସାବେତ୍ରୀ ଘରେ ରହିଲା ନଳିନୀ
ଏହିସମୟ ଭିତରେ ଅନେକ ଆଦର ଯତ୍ନ ଖିଆପିଆର ଧୂମ୍‌ଧାମ
ଲାଗିଗଲା । ଭଉଣୀଠାରୁ ନଳିନୀର ପରିଚୟ ପାଇ ସାବେତ୍ରୀ ଘରେ
ମହାଆଡ଼ମ୍ବରରେ ତାର ଅଭ୍ୟର୍ଥନା କରାଗଲା । ତୁ ଏତ ନଳିନୀ
ସହିତ ପୁଣି ଏଥିଭିତରେ ଦେଖା ହେଇଯିବ । ସେଥିଯୋଗୁ
ଯେମିତ ଅପେକ୍ଷାକରି ରହୁଚନ୍ତି ସେମାନେ ।

ପ୍ଲାବନୀ ଆଉ ସାବେତ୍ରୀ ମା'ଙ୍କ ଆଳାପ ଆଲୋଚନା ଭିତରେ
କ୍ରମେ କଥାଟା ପରିଷ୍କାର ହେଇଉଠିଲା । ସାବେତ୍ରୀର ପାଠପଢ଼ା ହେ
ଆଉ ଚାହାନ୍ତି ନାହିଁ । ଘରଯୋଗ୍ୟା ଝିଅକୁ ବାହାସାହା କରିଦେଲେ
କାମ ସରିବ । ଆଜିକାଲି ବେଳ କାଳବି ଭଲନୁହେଁ । ଶେଷରେ
ସାବେତ୍ରୀ ମା' ପ୍ଲାବନୀକି ଏକାନ୍ତରେ ନଳିନୀ କଥା ବୁଝିବାକୁ
ଅନୁରୋଧ କଲେ । ଦେବା ନେବାର ତ୍ରୁଟି ତ ରହିବନାହିଁ ।

ନିଶ୍ଚୟ ବୁଝିବ କହି ପ୍ଲାବନୀ ସାବେତ୍ରୀମା'ଙ୍କ ଠାରୁ ବିଦାୟ
ନେଇ ଘରକୁ ଫେରିଲା । ଫେରିଲାବେଳେ ସାବେତ୍ରୀମା'ଙ୍କ

ଅନୁରୋଧ ରକ୍ଷାକରି ଆଉଥରେ ଆସିବ ବୋଲି କଥା ମଧ୍ୟ ଦେଇଗଲା ପ୍ଳାବନୀ । ନଳିନୀ ସହିତ ସାବେସ୍ରିର ବିବାହ ପ୍ରସ୍ତାବ କରିବ ସେ·····କଣ ହେଲା ସେଇଠୁ·····ଖୁବ୍ ଭଲହେବ·····ଖୁବଭଲ·····ଧନଅଛି, କେଉଁକଥା ଊଣାରହିବ । ତ୍ରୈଲୋକ୍ୟ ବାବୁ କଣ ଆଉ କେଉଁଠୁ ଅଧିକା ପାଇବେ·····

ଏହିପରି ଅନେକ କଥା ଭାବିବାକୁ ଲାଗିଲା ପ୍ଳାବନୀ । ସେତେ-ବେଳକାର କଥା ମନେ ପଡ଼ି ତାକୁ ହସବି ମାଡ଼ିଲା । ହଁ ସେତେ-ବେଳେ ଏମିତି କାହିଁକି ଚ୍ଛରପର ହେଉଥିଲା·····?

କହି ଖୁବ୍‌ଜୋରରେ ହସିଉଠିଲା ପ୍ଳାବନୀ । ରାସ୍ତାରେ ଚାଲୁଥିବା କଥା ଆଦୌ ମନେରଖି ପାରନାହିଁ ସେ । ନଳିନୀ ସନ୍ଦିଗ୍ଧ ଆଖିରେ ଚାହିଁଲା ତାକୁ । ସହସା ପ୍ଳାବନୀର ଏତେ ସହାସ୍ୟ ଚପଳତା କମ ଆଶ୍ଚର୍ଯ୍ୟର କଥାନୁହେଁ ! ନିଜର ଗାମ୍ଭୀର୍ଯ୍ୟକୁ ଏଡ଼େଇ ଦେଇ ଏମିତି ରସିକତା ତା ପକ୍ଷେ ଏକାନ୍ତ ଅସମ୍ଭବ । ସାଧାରଣ ସହଜ ଝିଅ ସେ ନୁହେଁ ।

ପ୍ଳାବନୀ ସାବେସ୍ରି ମା'ଙ୍କର କଥାର ଆଦୌ ଆଭାସ ଦେଲାନାହିଁ; କେବଳ ହସି ହସି ଅଟେଇବାରେ ଲାଗିଲା ।

କହିଲ ନାହିଁ କଣ ହେଇଥିଲା ?

ପୁଣି ପ୍ଳାବନୀର ପ୍ରଶ୍ନରେ ନଳିନୀର ଚିନ୍ତା ଧକ୍‌କା ଖାଇଗଲା । ତାକୁ କଣ ପଚାରୁଛି ପ୍ଳାବନୀ । ହଁ···ହଁ···ସେତେବେଳ କଥା ପଚାରୁଛି । ତା ଆଖିରେ ସାବେସ୍ରିର ହୃଷ୍ଟପୁଷ୍ଟ ଶରୀର ଜଳଜଳ ହେଇ ଦେଖାଗଲା । ଲୋଭନୀୟ ମାଂସପେଶୀ । ସ୍ନିଗ୍ଧ ମସୃଣ କପୋଳ । ବାରମ୍ବାର ସତର୍କ ହେଇସୁଦ୍ଧା ସେଥିଭିତରେ ତାର ସମସ୍ତ ଆଦର୍ଶ ଆଉ ନିଷ୍ଠା ହଜିଯାଉଛି । ପ୍ଳାବନୀର ଜ୍ଞାନ ଗରିମା

ସେଠି ଏକାବେଳକେ ନିଷ୍ପ୍ରଭ ହୋଇଯାଇଚି । ତଥାପି ନଳିନୀ ସ୍ୱରଟା ଯେମିତି ଦୁଲୁ ଦୁଲୁ ହୋଇପଡ଼ିଲା । ଧୀର ସ୍ୱରରେ ସେ କହିଲା—

ତୁମେ ତ ବ୍ରହ୍ମଚାରିଣୀ । ସେକଥା ଜାଣି ତୁମର ଲାଭ କଣ ?

ନଳିନୀର ପ୍ରଶ୍ନ ଶୁଣି ପୁଣି ହସିଉଠି ପ୍ଳାବନୀ କହିଲା—

ନିଶ୍ଚୟ ! ନିଶ୍ଚୟ !! ତୁମେ ଯେ ନିହାତି ଗୋଟାଏ ସତକଥା କହି ପାରିଚ ସେଥିଯୋଗୁ ମୁଁ ଭାରି ଆନନ୍ଦିତ । କିନ୍ତୁ ତୁମେ ଯେ ଜଣେ ବିଷୟ ରତ......ମୁଁ ସେହିକଥା ପଚାରୁଥିଲି......

କଥା ଶେଷରେ ପ୍ଳାବନୀର ବୟସଟା ଅନେକ ପରିମାଣରେ କମିଯାଇଚି ବୋଲି ନଳିନୀ ମନେକଲା । ଗୋଟିଏ ତନ୍ୱୀ କିଶୋରୀ ପରି ତାର ଢଙ୍ଗ । ଏକ ଲୟରେ ତା ମୁହଁକୁ ଅନେଇ ରହିଲା ନଳିନୀ ।

କିନ୍ତୁ ପ୍ଳାବନୀ ନିଜକଥାର ଉତ୍ତର ପାଇଲା ନାହିଁ । କିଛି ଗୋଟାଏ ମିଛକଥା କହି ପ୍ଳାବନୀକୁ ଭୁଲେଇ ଦେବାକୁ ଭାଷା ଖୋଜି ପାଇଲା ନାହିଁ ନଳିନୀ । ପ୍ଳାବନୀ ହୁଏତ ସବୁକଥା ଜାଣିପାରିଚି । ଏପରିସ୍ଥଳେ ଆଡ଼ୁ ସାଡ଼ୁ ଦପଦ କଥାକହି ତାକୁ ବହଲେଇ ଦେବାକୁ ନିଜ ଭିତରୁ ଆଦୌ ସମର୍ଥନ ପାଇଲା ନାହିଁ ନଳିନୀ । ସତକଥା ମାନି ଅନୁତାପ କଲେ ବରଂ ପ୍ଳାବନୀ ଖୁସିହେବ । ନା ଏଠି କିଛି କହିବା ଆବଶ୍ୟକ ନାହିଁ । ପ୍ଳାବନୀ ନିରାଶ ହୋଇ ଯାଇଚି । ଠକାମିର ଆଘାତରେ ସେ ହୁଏତ ବଞ୍ଚିବାର ମୋହ ଟିକକ ହରେଇ ବସିବ । ଦୁନିଆରେ ଅନ୍ୟର ଭଲମନ୍ଦ ବୁଝିବାର ତାର କଣ ଅଧିକାର ନାହିଁ ? ନିଜର ଜୀବନକୁ ସମିଧକରି ଦେଇଚି ପ୍ଳାବନୀ । ରକ୍ତମାଂସର ଆହୁତି କରୁଚି ସେ । କଣ ଆଉ କରିଥାଆନ୍ତା

ପ୍ଲାବନୀ······ ? ଯେଉଁ ହୃଦୟ ଫୁଲପରି କୋମଳ ଆଉ ସୁରଭିତ ତାର ମୂଲ୍ୟ ଯଦି ଅର୍ଥରେ ନିର୍ଦ୍ଧାରଣ କରାଯାଏ ସେଠି ଆଉ କୁମାରୀ କନ୍ୟାର ଉପାୟ କଣ ? କିନ୍ତୁ ପ୍ଲାବନୀ ତ ପୁଣି ଏହି ସଂସାର ଭିତରୁ ଜଣେ······ଚିନ୍ତାର ନିବିଡ଼ତା ଭିତରୁ ପ୍ଲାବନୀର ମୁହଁକୁ ଚାହିଁଦେଲା ନଳିନୀ । ଧନ୍ୟରେ ନାରୀ······

ଆରେ······ଆରେ କୁଆଡ଼େ ଚାଲିଚ·········· ?

ସ୍ମିତ ହସର ଝଲକ ଭିତରେ ପ୍ଲାବନୀର ଓଠ ଦୁଇଟିରେ ପୁଣି ଭାଷା ଫୁଟିଉଠିଲା । ଘରଦୁଆର ମୁହଁରେ ଠିଆହୋଇ ତାକୁ ଚାହିଁ ରହିଚି ପ୍ଲାବନୀ । ଆଉ ସେ ପ୍ରାୟ ଦୁଇଗଜ ଆଗକୁ ଚାଲି ଯାଇଚି । ଇସ୍··କେଡ଼େ ଭାବ ପ୍ରବଣ ହୋଇଯାଇଚି ସେ······ ।

ଘରେ ପହଞ୍ଚି ଖୁବ୍ କ୍ଲାନ୍ତ ହୋଇପଡ଼ିଲା ପ୍ଲାବନୀ । ତାକୁ ଆଉ କଥାବାର୍ତ୍ତା କିମ୍ବା ଚାଲିବୁଲି କରିବାକୁ ଭଲ ଲାଗୁ ନ ଥିଲା । ଖାଇବାର ପର୍ବଟାବି ଶେଷ ହୋଇଯାଇଥିଲା । ତପଶୀକୁ ପାଖକୁ ଡାକି ସେ ସେମାନଙ୍କ ଖାଇବା ଶୋଇବା କଥା ବୁଝିନେଲା । ସବୁ ପ୍ରଶ୍ନର ଉତ୍ତର ପାଇ ନିଜର ଶୋଇବା ଘରକୁ ଚାଲିଗଲା ପ୍ଲାବନୀ ।

ବୁଢ଼ା କୈଳାସ ପଟ୍ଟନାୟକ ଖିଆ ପିଆ ସାରି ଶୋଇଗଲେଣି । ତପଶୀ ମଧ୍ୟ କବାଟ, ଝରକା, ଘର ଦୁଆର ଥରେ ଭଲକରି ପରୀକ୍ଷା କରିନେଇ ଆଲୁଅ ଲିଭେଇ ଶୋଇବାକୁ ଚାଲିଗଲା । ଦଣ୍ଡକ ଭିତରେ ସମସ୍ତ ଘରଗୁଡ଼ିକ ଯେପରି ଗାଢ଼ନିଦ୍ରାରେ ମଗ୍ନ ହୋଇପଡ଼ିଲା ।

ବିଛଣା ଉପରେ ବସି ପ୍ଲାବନୀର ନଳିନୀ କଥା ମନେ ପଡ଼ିଲା । ଭଲରେ ଶୋଇଲେତ ? ଭାରି ଗରମ ଲାଗୁଚି । କେଉଁଠି

ଶୋଇଲେ ସେ ? ଯେତେ କଷ୍ଟ ହେଲେ ସୁଦ୍ଧା ଭଦ୍ରତା ରକ୍ଷା-କରିବାକୁ ହେବ ।

ବିଛଣା ଛାଡ଼ି ପୁଣି ବାହାରକୁ ଆସିଲା ପ୍ଲାବନୀ । ଶୁକ୍ଳପକ୍ଷର ରାତି । ଆକାଶ ଆଉ ପୃଥିବୀରେ ଜ୍ୟୋତ୍ସ୍ନାର ହୋଲି ଖେଳ ଚାଲିଚି । ଫୁଲର ସୁରଭି ଧରି ପବନଟାବି ବେଶ୍ ଗନ୍ଧବିଭୋର ହୋଇଉଠିଚି । ତାର ଉପଭୋଗ ପାଇଁ ପ୍ଲାବନୀ ଭିତରେ ଯେମିତି ପ୍ରବଳ ଆକାଂକ୍ଷା ଜାଗିଉଠିଲା । ଚାଲି ଚାଲି ବାରଣ୍ଡାର ଶେଷ-ମୁଣ୍ଡରେ ଆସି ପହଞ୍ଚିଲା ସେ ।

ଏହି ସମୟରେ ପ୍ରାଙ୍ଗଣର ଗୋଲାପଗଛ ନିକଟରେ କାହାକୁ ଦେଖିପାରିଲା ପ୍ଲାବନୀ । କିଏ......

ଧୀରେ ଧୀରେ ଆଗେଇ ଆସି ଆଶ୍ଚର୍ଯ୍ୟ ହୋଇଗଲା ପ୍ଲାବନୀ । ନଳିନୀ ଠିଆହୋଇ ଏକଲୟରେ ଜହ୍ନକୁ ଅନେଇ ରହିଚି । ସତେ ଯେମିତି ଗୋଟିଏ ଜ୍ୟୋତ୍ସ୍ନାପିଆସୀ ଚକୋର । ଆଉରି ଟିକିଏ ପାଖକୁ ଆସିଲା ପ୍ଲାବନୀ । ନଳିନୀକି ଚାହିଁ ଚାହିଁ ଦେଖିବାରେ ଲାଗିଲା । ଫୁଲଫୁଟା ଡାଳଟିଏ ଧରିଚି ନଳିନୀ । ଫୁଲର ପାଖୁଡ଼ା-ଗୁଡ଼ିକ ଉପରେ ଆସ୍ତେ ଆସ୍ତେ ଆଙ୍ଗୁଳି ଚଳଉଚି । ବେଳେବେଳେ ଓଠ ଆଉ ଗାଲ ଉପରେ ମାଡ଼ି ଧରୁଚି । ଶେଷକୁ ଗୋଲାପଟିକୁ ଦୁଇ ହାତରେ ତୋଳିଧରି ଗଭୀରଭାବରେ ଚୁମ୍ବନକରି ଫିଙ୍କିଲା ଗୋଟାଏ ଦୀର୍ଘଶ୍ୱାସ ଛାଡ଼ିଲା ନଳିନୀ । ମୁଣ୍ଡ ଉପରେ ଚନ୍ଦ୍ର । ପୃଥିବୀରେ ସେମିତି ଜ୍ୟୋତ୍ସ୍ନାର ଝୋଲାଯାତ୍ରା ଚାଲିଚି । ତାର ଭିତରେ ନିଜକୁ ନିମଗ୍ନକରି ନଳିନୀ ଅନୁଭବକଲା ଦେହରେ ଯେମିତି କାହାର ପରଶ ଲାଗି ଲାଗି ଆସୁଚି ।

ତମେ ଶୋଇନାହିଁ........?

ନଳିନୀ ଏମିତ ସମୟ ସମୟରେ ଶୋଇପାରେନା । ପୁଣି କେଣ ଭାବି ଭାବି ଅନନ୍ଦରେ ଅତ୍ମହରାହୋଇ ଶୋଇପଡ଼େ । ନିଘୋର ନିଦରେ ଶୋଇ ଶୋଇ ସପନ ଦୋଳାରେ ଝୁଲି ଝୁଲି ଦୂରକୁ ଚାଲିଯାଏ । କେତେବେଳେ ଯେ ରାତି ପାହି ସକାଳ ହୁଏ ଜାଣି ପାରେନା ।

ନଳିନୀ କିଛି କହି ପାରିଲନାହିଁ । ପ୍ଲାବନୀକି କଣ ଅଉ କହିପାରିବ ସେ ? ସେଥିଯୋଗୁ ଓଠରେ ତାର ଭାଷା ଫୁଟୁନାହିଁ । ଭୁଲିଯାଇ ସେ କେବଳ ନୀରବରେ ଠିଆହେଲା । ପ୍ଲାବନୀ ମଧ୍ୟ ଆଉକିଛି ପଚାରିଲା ନାହିଁ । ସେ ଏସବୁ ସଙ୍କେତର ଅର୍ଥ ବୁଝିଥିଲେହେଁ ଚୁପ୍‌କରି ନଳିନୀକି ଅନେଇ ରହିଲା । କିଛିକ୍ଷଣପରେ ପୁଣି କଥା କହିଲା ପ୍ଲାବନୀ ।

ଶୋଇବ ଯାଅ । ବହୁତ ରାତିହେଲଣି । ଦେହ ଖରାପହେବ ।

କିନ୍ତୁ ନଳିନୀ କୌଣସି ଉତ୍ତର ଦେଇପାରିଲା ନାହିଁ । ପୂର୍ବପରି ନିର୍ବାକହୋଇ ପ୍ଲାବନୀ ମୁହଁକୁ ଅନେଇ ରହିଲା । ଯେମିତ କଥା ତାର ସବୁ ସରିଯାଇଛି । ଆଜି ଅଉ ପ୍ଲାବନୀକି ନିଜ ବିଷୟରେ କିଛି କହିବାକୁ ନାହିଁ । ସେ ଖାଲି ପ୍ଲାବନୀର ସମ୍ମତି ପାଇବାକୁ ଆଶାକରି ରହିଲା ।

ପ୍ଲାବନୀ ଅପେକ୍ଷାକରି ରହିଛି । କିନ୍ତୁ ନଳିନୀ ଭିତରେ ଯେମିତ ଶୋଇବାପାଇଁ ଆଦୌ ଉତ୍ସାହନାହିଁ । ନିରୁପାୟହୋଇ ପ୍ଲାବନୀ କହିଲା—

ତମକୁ ନିଦ ଲାଗୁନାହିଁ ? ଶୋଇବ ନାହିଁ ?

ନଳିନୀ କିଛି ସମୟପରେ ମୁଣ୍ଡହଲେଇ ସମ୍ମତି ଜଣେଇଲା । ହିଁ...ସେ ଶୋଇବ । କିନ୍ତୁ ପାଦ ତାର ଫିଟିଲା ନାହିଁ । ଯେପରି

ପ୍ଲାବନୀ ତାକୁ ବହଲେଇ ଦେଉଛି ଆଉ ଏ ଛଳନା ତାକୁ ସହାୟତା କରୁଛି । ସବୁ ଜାଣିସୁଦ୍ଧା ଉପାୟହୀନ ହୋଇ ପ୍ଲାବନୀର ପରବର୍ତ୍ତୀ କଥାକୁ ଅପେକ୍ଷାକରି ରହିଲା ନଳିନୀ ।

ଶୋଇପଡ଼ ଯାଇ । ଏତେ ରାତିରେ ବୁଲବୁଲି କରିବା ଠିକ୍ ନୁହେଁ.....

ବାଛଣାକୁ ଯିବାପାଇଁ ନଳିନୀକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ପୁଣି କହିଲା ପ୍ଲାବନୀ ।

ହିଁ....ହିଁ......

ଅନ୍ୟମନସ୍କ ଭାବରେ କହିଉଠିଲା ନଳିନୀ । ଯେମିତି ତାର ତୀବ୍ର ଭାବାନ୍ତର ଭିତରୁ ନିଜକୁ ମୁକ୍ତଦେବାକୁ ବ୍ୟଗ୍ରହୋଇ ପଡ଼ୁଛି । କିନ୍ତୁ ତାର ଇଚ୍ଛା ହେଉଥାଏ ସେ ଅଜାଣତରେ ପ୍ଲାବନୀ ନିକଟରେ କଟେଇ ଦିଅନ୍ତା । କେଡ଼େ ସୁନ୍ଦର ପ୍ଲାବନୀର ହୃଦୟ.....

ପ୍ଲାବନୀ ନିକଟରେ ବସି ବସି କେତେ କାହାଣୀ ତାକୁ ଶୁଣାନ୍ତା ଆଉ ସେ ଗଳ୍ପଭିତରେ ନିଜକୁ ହଜେଇ ଦିଅନ୍ତା । ସେହି ହଜେଇ ଦେବାଟା ଯେପରି ତାର ଐଶ୍ୱର୍ଯ୍ୟଠାରୁ ମୂଲ୍ୟବାନ । କିନ୍ତୁ ପ୍ଲାବନୀକୁ ଏ ବିଷୟରେ କିଛି କହିଲାନାହିଁ ସେ । ତା ପଛେ ପଛେ ବାରଣ୍ଡା ଉପରକୁ ଉଠିଆସିଲା ।

କେଉଁଠି ଶୋଇବ କହିଲ ବିନି !

ଏ କଥାରେ ଅଖିଟେକି ଚାହିଁଲା ପ୍ଲାବନୀ । ନଳିନୀର ତନ୍ଦ୍ରାହରା ଆଖିଦୁଇଟି ଭାଷାର ଆବେଗରେ ଥମ୍ ଥମ୍ କରୁଥିଲା । ସେ ପୁଣି ନଳିନୀର ସ୍ୱର ଶୁଣିବାକୁ ପାଇଲା—

କେଉଁଠି ମୋ ପାଇଁ ବାଛଣା କରିଚ ? କେଉଁଘରେ କରିଚ ?

ଢୁଲି ଢୁଲି ପ୍ଲାବନୀର ଦେହରେ ଆସି ଲାଗିଗଲା ନଳିନୀ । ପାଖାପାଖି ଯୋଡ଼ିଏ ସୃଜନକାମୀ ଆତ୍ମା । ଅକୁଳ ଆଗ୍ରହରେ ଅପେକ୍ଷାକରି ରହିଛି ଗୋଟିଏ ନିମିଷ ଲାଗି । ଏଥିରେ ଯେମିତି ପ୍ଲାବନୀର ମନ ସୀମା ହରେଇ ବସିଲା । କିନ୍ତୁ ନିଜକୁ ସେଥିରେ ସଂକ୍ରମିତ ହେବାକୁ ନଦେଇ ମନକୁ ସମ୍ପୂର୍ଣ୍ଣ ଆୟତ୍ତ କରନେଲା ପ୍ଲାବନୀ । ନଳିନୀର ହାତଧରି ତାର ଶୋଇବାର ବିଛଣାପାଖକୁ ନେଇଆସି ଦୃଢ଼ ସ୍ୱରରେ କହିଲା—

ଏଇ ତମ ବିଛଣା । ଶୋଇପଡ଼ । ଦାଣ୍ଡପଟ ଝରକାଟା ମୁଁ ବନ୍ଦକରି ଦେଉଛି । କବାଟ ଖୋଲାଥାଉ ।

କିନ୍ତୁ ନଳିନୀ ଶୋଇଲା ନାହିଁ । ବିଛଣା ଉପରେ ବସିରହି ସତୃଷ୍ଣ ନୟନରେ ସେ ପ୍ଲାବନୀର ମୁହଁକୁ ଅନେଇ ରହିଲା । ଗଭୀର ଉତ୍ତେଜନାରେ ଓଠଦୁଇଟି ତାର ଥର ଥର କରିଉଠୁଛି । ନାରୀର ତାତଲା ପରଶରେ ଶିରା ପ୍ରଶିରାରେ ତାର ପିତୃତ୍ୱ ପ୍ରବୃତ୍ତି ଜାଗି ଉଠୁଛି । ପ୍ଲାବନୀ ତାକୁ ଶୋଇପକେଇବାକୁ ଆଉଥରେ ଚେଷ୍ଟା-କରି କହିଲା—

ଆଜିତ ଆଦୌ ଗରମ ଲାଗୁନାହିଁ । ଶୋଇପଡ଼······

ନଳିନୀ ନ ଶୋଇ ଠିଆହୋଇ ପଡ଼ିଲା । ଢୁଲି ଢୁଲି ହୋଇ ଝରକା ପାଖକୁ ଢୁଲିଆସିଲା । ନିଥର ରାତି । ପୃଥିବୀରେ ରୂପେଲି ଶୀତଳ ଜ୍ୟୋତ୍ସ୍ନାର ପ୍ଲାବନ । ତାରି ଭିତରେ ଯେମିତି ଦୂରକୁ ଦୂରକୁ ଭାସି ଯିବାକୁ ଇଚ୍ଛା ହେଉଛି ନଳିନୀର ।

ଦୁଆର ମୁହଁକୁ ଢୁଲିଆସି ପ୍ଲାବନୀ କହିଲା—

ଠିଆହୋଇ ରହିଲ ଯେ······

ତମେ କେଉଁଠି ଶୋଇବ ବାନୀ··· ! ଏକା ଶୋଇବ··· ?

କାହିଁକି ? କଣ ଡର ଖାଇଯାଉଚ···ମୁଁ ଏକା ଏକା ଖୁବ୍ ନିଶ୍ଚିନ୍ତରେ ଶୋଇପାରେ·····ତମେ ଯାଅ ଶୋଇପଡ଼·····

କହି କହି ନିଜ ଘରକୁ ଚାଲିଆସିଲା ପ୍ଲାବନୀ । ନଳିନୀର ପ୍ରଶ୍ନରେ ସେ ଆଦୌ ବିଚଳିତ କିମ୍ବା ବିସ୍ମିତ ହେଲନାହିଁ·····

ନଳିନୀ ଯେମିତି ହଠାତ୍ ସାବେଗଙ୍କ ଦେଖିବାକୁ ପାଇଲା । ତାର ସ୍ପର୍ଶ କାତର ମନଟା ଯେମିତି ପୁରାପୁରି ଅଣାୟତ୍ତ ହୋଇପଡ଼ିଲା । ସେ ସମସ୍ତ ମାନବଧର୍ମକୁ ଭୁଲିଯାଇ ଅସ୍ତେ ଅସ୍ତେ ଆସି ପ୍ଲାବନୀ ଦୁଆରେ ଠିଆହେଲା । କଠୋର କଣ୍ଠରେ ପ୍ଲାବନୀ କହିଲା—

ଏଠିକି କାହିଁକି ଆସିଲ ? କଣ ନିଦ ଆସୁନାହିଁ—

ସତେ ମତେ ନିଦ ଆସୁନାହିଁ । ତମେ ଯେବେ କହନ୍ତ ବାନୀ, ଆଜି ରାତିଟା ଜାଗି ଜାଗି ମୁଁ କଟେଇ ଦିଅନ୍ତି । ଅଚ୍ଛା, ବାନୀ ତମର କଣ ଶୋଇ ପଡ଼ିବାକୁ ମନହେଉଚି····· ?

ସ୍ମିତ ହସି ପ୍ଲାବନୀ କହିଲା—

ଶୋଇ ପଡ଼ିବାକୁ ମୁଁ ନିଜକୁ ବାଧ୍ୟକରେ ।

କାହିଁକି ?

ନଳିନୀର ପ୍ରଶ୍ନ ଶୁଣି ହସି ହସି ପ୍ଲାବନୀ କହିଲା—

ଶୋଇପଡ଼ ଯାଇ । ରାତି ବହୁତ ହେଲଣି । କାଲି ତମକୁ ଏହାର ଉତ୍ତର ଦେବି ।

ହଁ ଯାଉଚି କହି ନଳିନୀ କାନ୍ଥକୁ ଆଉଜି ଠିଆହେଲା ରହିଲା, ଟିକିଏ ପରେ ରହି ରହି କହିଲା—

ଗପ କହିବାକୁ ଭାରି ଇଚ୍ଛା ହେଉଥିଲା । ଏ ରାତିଟା ଯେମିତି ଖାଲି ଗପିଗପି କଟେଇ ଦେବାପାଇଁ·····କିନ୍ତୁ ତମେ ଯେପରି ମତେ ଏଠୁ ତଡ଼ିଦେଇ ପାରିଲେ ବଞ୍ଚିଯିବ·····

ନଳିନୀର ଶେଷକଥା ଗୁଡ଼ିକରେ କାରୁଣ୍ୟର ନିର୍ଯ୍ୟାସ । ପ୍ରତି ଧମନୀରେ ତାର ଯେମିତି କାମନାର ସ୍ରୋତ ଛୁଟିଚାଲିଚି ଆଉ ଭିତରୁ ଶୁଭୁଚି ତୃଷିତ ଆତ୍ମାର ଚିତ୍କାର । କିନ୍ତୁ ସେ ସବୁ ପ୍ଲାବନୀ ନିକଟରେ ପହଞ୍ଚି ପାରୁନାହିଁ । କେବେ ହୁଏତ ତାର ଚେତନା ଆସିବନାହିଁ । ଆଉସିଏ···? ଓଃ··· ବାହାରେ ଏତେ ଫୁଲ ଫୁଟିଚି କାହିଁକି·····? ଗୋଲାପଗୁଡ଼ାକ ହସି ହସି ଲୋଟିଗଲା ପରି ଦିଶୁଚନ୍ତି·····ଏତେ ହସୁଚନ୍ତି କାହିଁକି ?

ଭାବ ଭାବ ପୁଣି ଉତ୍ତେଜିତ ହେଇପଡ଼ିଲା ନଳିନୀ । ତାର ଏରୂପ ଯେମିତି ସମ୍ପୂର୍ଣ୍ଣ ଅସ୍ୱାଭାବିକ ଏଥିରେ ପ୍ଲାବନୀ ଶଙ୍କିତହେଇ ଉଠିଲା । ତଥାପି ମନରେ ସାହସ ଧରି କହିଲା—

ପିଲାମି କରନା । ଏତେ ରାତିରେ ନିର୍ଦ୍ଧନ୍ଦରେ ବସି ଗପ କରିବାର ବୟସ ଆଉ ନାହିଁ—

ଅକୁଳ ସ୍ୱରରେ ନଳିନୀ କହିଲା—

ତମେ ରାଗିଚ କିନ୍ତୁ·········

ମୋ ରାଗିବାରେ ତମର କୌଣସି ଲାଭ କ୍ଷତି ହେଇପାରେନା, ନିଜ ଅପରାଧର ଭାର ଆଉ ବୃଦ୍ଧି ନ କର ଯାଅ ଶୋଇପଡ଼·····

ମୁଣ୍ଡ ନୁଆଁଇ ଅସ୍ତେ ଅସ୍ତେ ଘରୁ ବାହାରିଗଲା ନଳିନୀ । କିନ୍ତୁ ସେ ଯେମିତି ଗୋଟାଏ ଅସମର୍ଥ ଅଥର୍ବ । ତାର ବଳିଷ୍ଠ ଦେହ ଶିଥିଳତାରେ ଟଳମଳ କରୁଚି । ତଥାପି ନୀରବରେ ପ୍ଲାବନୀ ଆଗରୁ ସେ ଦୂରେଇଗଲା । ଯେମିତି ଗୋଟିଏ ବାଧ୍ୟ ଶିଶୁ ।

ରାତିରେ ପ୍ଳାବନୀକୁ ଆଉ ନିଦ ହେଲା ନାହିଁ । ବିଛଣାରେ ପଡ଼ି ପଡ଼ି ସେ ଛଟପଟ ହେବାକୁ ଲାଗିଲା । ମୁହୂର୍ତ୍ତି ମୁହୂର୍ତ୍ତିକର ରାତିର ଆୟୁଷ ସରି ଆସୁଚି । ଏ ପର୍ଯ୍ୟନ୍ତ ନିଜ ବିଷୟରେ ଭାବିବାକୁ ନିଜକୁ ଅବସର ଦେଇନାହିଁ ପ୍ଳାବନୀ । ଆଜି ପୁଣି ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ ଭାବରେ ଅନେକ ଘଟଣା ଘଟିଯାଇଚି । ଯେମିତି ତା ଆଖି ଆଗରେ ଏକ ନାଟକ ଅଭିନୀତ ହୋଇଗଲା, ଆଉ ସେହି ନାଟକର ଶ୍ରେଷ୍ଠ ଅଭିନେତା ନଳିନୀ । ଯିଏ ଦିନେ ତାର ଏକାନ୍ତ ଆପଣାର ଥିଲେ ସୁଦ୍ଧା ଆଜି ସମସ୍ତ ସମ୍ପର୍କ ତୁଟିଯିବାକୁ ବସିଚି । ପ୍ଳାବନୀ ଅନୁଭବ କଲା ତା ଭିତରେ ଯେମିତି ବିଷକ୍ରିୟା ଆରମ୍ଭ ହୋଇଯାଇଚି, ଆଉ ପ୍ରବଳ ଭୂମିକମ୍ପରେ ପୃଥିବୀଟା ତା ଆଖି ଆଗରେ ଓଲଟ ପାଲଟ ହୋଇଯାଉଚି । ମନେହେଲା ଆଜି ଯେମିତି ତାର ନୂଆକରି ନିଜ ସହିତ ପରିଚୟ ଘଟୁଚି । ଏ ପର୍ଯ୍ୟନ୍ତ ସେ ନିଜକୁ ଥରେ ଭଲକରି ଚିହ୍ନିବାକୁ ଚେଷ୍ଟା କରି ନ ଥିଲା । ଆଜି ମଧ୍ୟ କରିନାହିଁ । ଯେଉଁ ଆଳାପ ପରିଚୟ ନିଜସହିତ ଘଟିଲା, ତାହା କେବଳ ନଳିନୀର ଉଦ୍ୟମ ଯୋଗୁ । ନଳିନୀହିଁ ତା ଜୀବନର ପ୍ରଥମ ପୁରୋଧା ।

ଭାବି ଭାବି ଉତ୍ତେଜିତ ହୋଇପଡ଼ିଲା ପ୍ଳାବନୀ । ନଳିନୀର ରୂପଟା ଏକ ନୂତନ ମହିମାରେ ମଣ୍ଡିତହୋଇ ତା ଆଖି ଆଗରେ ଭାସି ଉଠିଲା । ହଁ...ନଳିନୀ ଭିତରେ ଶକ୍ତିଅଛି.....ସେ ତାକୁ ଦୁରନ୍ତ କାମାଗ୍ନି ଭିତରୁ ଉଦ୍ଧାର କରିପାରିବ । ଅନେକ ଦିନଧରି ସେ ନିଜକୁ ଅବହେଳା କରିଆସିଚି । ଜାଣି ଜାଣି କରିଚି କି ନାହିଁ କହି ହେଉନାହିଁ । ଆଜି କିନ୍ତୁ ସେ ଭଲରୂପେ ଦେଖି ପାରୁଚି ନିଜର ଅବହେଳା ଓ ଜୀର୍ଣ୍ଣ ରୂପ । ଏହି ମୁହୂର୍ତ୍ତିରେ ଶୀର୍ଣ୍ଣ ଆତ୍ମା

ଯେପରି ତାର ଭଗ୍ନ କାମନାରେ ବାରମ୍ବାର ଅକୁଳ ଚିତ୍କାର ଶୁଭୁଛି । ବିଗତ ଅମୂ ତାରୁଣ୍ୟ ଯେମିତି ତାର କାନ୍ଦ କାନ୍ଦ କରୁଛି ଭୋଗପାଇଁ ଆନନ୍ଦପାଇଁ ଏ ଦୁନିଆକୁ ମୁଁ ଆସିଥିଲି । ବୃଥାରେ ପରିଜନର ଜଞ୍ଜାଳରେ ମୁଁ ଅକାଳରେ ମଉଳି ଯାଉଛି । ତ୍ୟାଗ ଆଉ ଉତ୍ପୀଡ଼ନରେ ଏହି ଦେହର ବନ୍ଧନ ତୁଟିଲେ ଅଶ୍ରୁ ଭିତରେ ମୁଁ ବିଦାୟ ନେଉଛି । ଆଉ କେବେ ମୁଁ ଫେରି ଆସିବି ନାହିଁ । ଆସିବାର ସମସ୍ତ ପଥ ରୁଦ୍ଧ କରି ରଖିଛି ନିରସ କର୍ତ୍ତବ୍ୟ ବୋଧ । ଅସନ୍ତା ଦିନଗୁଡ଼ିକ ସଂଗ୍ରାମକରି ମତେ ଆଉ ଫେରେଇଆଣି ପାରିବନାହିଁ......

ପ୍ଳାବନୀ ଚମକି ଉଠିଲେ । ହଁ, ହଁ, ଆସନ୍ତା ଦିନ ଭିତରେ ତାର ଯାହା ଲାଭ ହେବ ତାହାହିଁ ବାର୍ଦ୍ଧକ୍ୟ । ଯୁଦ୍ଧକରି କମ୍ବା ସଦ୍‌ଭାବ ସ୍ଥାପନକରି ତାରୁଣ୍ୟକୁ ଆଉ ଫେରେଇ ଆଣି ହେବନାହିଁ । ବାର୍ଦ୍ଧକ୍ୟର ଜରାଜୀର୍ଣ୍ଣ ଦେହ, ମନ ଭିତରେ ସାହସ ନଥିବ...... ଶକ୍ତି ନଥିବ...... ତେବେ ?

ଖଟ ମୁଣ୍ଡ ପାଖକୁ ଥିବା ଝରକାଟା ସେପର୍ଯ୍ୟନ୍ତ ଖୋଲା ରହିଛି । ପ୍ଳାବନୀ ଧୀରେ ଧୀରେ ବିଛଣାରୁ ଉଠିଆସି ସେଇଠି ଠିଆହେଲା । ଆକାଶସାରା ପୂର୍ବପରି ଜ୍ୟୋତ୍ସ୍ନା ବର୍ଷି ହେଉଛି ।

କିଛିସମୟ ପରେ ପ୍ଳାବନୀର ମନେପଡ଼ିଲା ତାର କୈଶୋର । ଏମିତି କେତେ ରାତି ତାର ସ୍ୱପ୍ନ ଦେଖି ଦେଖି କଟିଯାଇଛି । ସେତେବେଳେ ତାର ମା ଥିଲେ । ସେ ପୁଣି ସହଯୋଗ କରୁଥିଲେ ଏମିତି ସବୁ ସ୍ୱପ୍ନ ଦେଖିବାକୁ । ଯେଉଁ ସ୍ୱପ୍ନ ଦେଖି ଦିନଗୁଡ଼ା ତାର ରସମୟ ହୋଇଉଠୁଥିଲା, ତାର କର୍ତ୍ତ୍ରୀ ଥିଲା ନଳିନୀ । ଆଜି ସେହି ସ୍ରଷ୍ଟା ନଳିନୀ ତା ନିକଟରେ ଶୂନ୍ୟ ଅଞ୍ଜଳିକ

ପାବକର ଛୁଡ଼ାହେଇଛି । କି ଭିକ୍ଷା ଦେଇ ସେ ତାର ଅଞ୍ଜଳିକୁ ଭରିଦେବ ? ନିଜର ସମସ୍ତ ଐଶ୍ୱର୍ଯ୍ୟସହ ନଳିନୀ ଆଜି ତାର ଶରଣାପନ୍ନ ହେଇଛି । ହୁଏତ ଦାପଦ ତାର ଖୁବ୍ ବେଶୀ । ସେଥିଯୋଗୁଁ ନିଜର ଆଭିଜାତ୍ୟ, ବାପାଙ୍କର ଶାସନକୁ ଅସ୍ୱୀକାର କରିବାକୁ ବସିଛି ସେ । କିନ୍ତୁ ତାର କର୍ତ୍ତବ୍ୟ କଣ······? ଆଖି ଆଗରେ ଦୁଇଟି ପରିବାରର ଜୀବନ······ନିଜର ସମସ୍ତ ଆକାଙ୍କ୍ଷା ରକ୍ତ ମାଂସର ଆହ୍ୱାନକୁ ଏଡ଼େଇଦେଇ ଯେଉଁ ସାଧନାର ବାଟରେ ସେ ଅଗେଇ ଯାଇଥିଲା, ଆଜି ପୁଣି ଜୀବନର ପ୍ରଲୋଭନ ଭିତରେ ସେ ପଥକୁ ଭୁଲିଯିବାକୁ ବସିଛି ସେ । ହୁଏତ ସୃଷ୍ଟି ପାଇଁ ତାର ଯଥେଷ୍ଟ ପ୍ରୟୋଜନ ଅଛି । ସେଥିପାଇଁ ତାଠାରୁ ଭିକ୍ଷା ନେବାକୁ ଅଗେଇ ଆସିଛି ନଳିନୀ । ଆଉ ସେ ତାକୁ ଫେରେଇଦେବ କାହିଁକି······?

ଏହିପରି ଭାବନା ଭିତରେ ଜୀବନପ୍ରତି ପ୍ଲାବନୀର ମମତା ବଢ଼ିଉଠିଲା । ଏତେଦିନଧରି ସେ କେବଳ ତାକୁ ଉପେକ୍ଷା କରିଆସିଛି । ଆଜି ତାର ଡାକ ଶୁଣିବାକୁ ହେବ । ମୁମୂର୍ଷୁ ଯୌବନ ବିଦାୟନେବାକୁ ବସିଲାଣି । ତାକୁ ପୁଣି ବଞ୍ଚେଇବାପାଇଁ ଲାଗି-ପଡ଼ିବାକୁ ହେବ । ସେ ମଧ୍ୟ ନୂତନ ଚେତନାନେଇ ଜାଗି ଉଠିବ । ବିଜ୍ଞାନ ଆଜି ମଲାମଣିଷ ଭିତରେ ପ୍ରାଣସଞ୍ଚାର କରିପାରିଲାଣି······ ଆଉ ତାର ଯୌବନକୁ ବଞ୍ଚେଇ ରଖିବା ପାଇଁ କଣ କୌଣସି ନୂଆ ଆବିଷ୍କାର କରାଯାଇ ପାରିବନାହିଁ ? ଯେଉଁଠି ସୃଷ୍ଟିର ଆବଶ୍ୟକତା ନାହିଁ ସେଠି ଯୌବନ ମରିଯାଉ । ସେଥିପାଇଁ ଦୁଃଖ କରିବାକୁ କିଛି ନାହିଁ । କିନ୍ତୁ ଯେଉଁମାନେ ସ୍ରଷ୍ଟା, ଯେଉଁମାନଙ୍କର ସୃଜନପାଇଁ ଆଗ୍ରହ ରହିଛି, ସେମାନଙ୍କର ଉପାଦାନ ଲୋଡ଼ା । ସେହି ସ୍ରଷ୍ଟା-

ମାନଙ୍କ ଭିତରୁ ସେ ଜଣେ । ଆଉ ତାକୁ ସହଯୋଗ କରି ଯେଉଁ ପୁରୁଷ ତାର ସୃଷ୍ଟିକି ଏକ ସୁନ୍ଦର ବିଭବରେ ପରିଣତ କରିଦେବ, ସିଏ ହେଉଛି ନଳିନୀ । ଆଖିଆଗରେ ଠିଆହୋଇଛି । ଯେମିତି ତାର ନିର୍ଦ୍ଦେଶକୁ ଅପେକ୍ଷାକରି ରହିଛି । ନାରୀର ସାଧନା ଭିତରୁ ପୁରୁଷର ରକ୍ତ ଏକ ନୂତନ ପୁତ୍ତଳୀରୂପରେ ଦେଖାଦେବ । ଏହାଛଡ଼ା ନଳିନୀର ଆଉ କଣ ସ୍ୱତନ୍ତ୍ର ସତ୍ତା ଅଛି ? ନଳିନୀକି ସୁଯୋଗ ଦେବ ସେ । ତାର ସର୍ଜନ ପାଗଳ ଦେହଭିତରୁ ନଳିନୀର ଆତ୍ମା ଏକ ଶୋଭନ ସଂସ୍କରଣରେ ବିକାଶ ଲାଭ କରିବ । ଆଉ କୌଣସି ଆପତ୍ତି ଉଠେଇବ ନାହିଁ । ଏହାହିଁ ନାରୀର ଧର୍ମ । ସାହାଯ୍ୟ ପାଇ ନଳିନୀ ଏ ମାଟିରେ ନିଜର ସ୍ମୃତି ସ୍ତମ୍ଭ ରଚନା କରିଯାଉ । ନଳିନୀର ବୃନ୍ଦାବନ ସହିତ ତାର କୌଣସି ସମ୍ବନ୍ଧ ନ ରହୁ । ରହିବାର କୌଣସି ଉପାୟ ମଧ୍ୟ ଦେଖା ଯାଉନାହିଁ·····ନା ନା ନଳିନୀକି ସେ ଫେରେଇ ଦେବନାହିଁ··· ଦାରିଦ୍ର୍ୟ ଭିତରେବି ମଣିଷ ଅନ୍ୟକୁ ଦାନଦେଇ ପାରୁଛି·····

ଭାବି ଭାବି ବାହାରକୁ ଚାଲି ଆସିଲା ପ୍ଲାବନୀ । ଦୁଆର ମଝିରେ ସେହି ଗୋଲାପଗଛ । ଜହ୍ନ ଆଲୁଅ ଭିତରେ ଗୋଟିଏ ଅଲଙ୍କାରିକା ସପ୍ତଦଶୀ ପରି ମାନୁଛି, ଆଉ ହେଇ ସେ ଫୁଲଟା····· ଯାହାଠି ନଳିନୀର ସ୍ପର୍ଶ ଲାଗିଥିଲା·····ପାଖ ଘରେ ଶୋଇଛି ନଳିନୀ । ହୁଏତ ନିଦରେ ଶୋଇନାହିଁ ସେ·····

ପ୍ଲାବନୀର ପୁଣି ମନେ ପଡ଼ିଲା, ନାରୀକି ମାତୃତ୍ୱର ମହିମାରେ ମଣ୍ଡିତକରି ଜୀବନକୁ ତାର ସାର୍ଥକ କରିଦିଏ ପୁରୁଷ । ପୁରୁଷର ସହଯୋଗ ବିନା ନାରୀର ସଫଳତା ଏକାନ୍ତ ଅସମ୍ଭବ । ସେହି ପୁରୁଷ ପୁଣି ଆଜି ଭିକାରି ଲକ୍ଷ୍ମୀନାଥର ତା ଆଗରେ ଠିଆ ହୋଇଛି ।

ସତେ ସେ କଣ ଗୋଟାଏ ନାରୀ ନା ରାକ୍ଷସୀ ? ହୃଦୟର ଇଙ୍ଗିତ କଣ ସେ ଉପଲବ୍ଧି କରି ପାରୁନାହିଁ ? ନିଜକୁ ଧିକ୍କାର କରିବାକୁ ଲାଗିଲା ପ୍ଲାବନୀ ।

ପ୍ଲାବନୀର ଇଚ୍ଛାହେଲା ସେ ନଳିନୀ ପାଖରେ କ୍ଷମା ମାଗିନେବ । ଏତେ ଦିନଧରି ସେ କେବଳ ତାକୁ ପ୍ରତ୍ୟାଖ୍ୟାନ କରି ଆସିଛି । ସେଥିରେ କ୍ଷୁର୍ଣ୍ଣ ହେଲେ ମଧ୍ୟ ଅଭିମାନ କରିନାହିଁ ନଳିନୀ । ଏଥିରେ ଯେମିତି ସେ ଅଜରି ପାଖେଇ ଆସିଛି । ଏକଥା ଅନୁମାନ କରି ନିଜକୁ ଅପରାଧିନୀ ମନେକରି ନେଇଛି ପ୍ଲାବନୀ ।

ଆସ୍ତେ ଆସ୍ତେ ଚାଲି ନଳିନୀର ଶୋଇବା ଘର ଦୁଆର-ମୁହଁରେ ପହଞ୍ଚିଲା ପ୍ଲାବନୀ । ମନେକଲା ଡାକିବ । ଏହି ନିରୋଳା ରାତିରେ ଦୁହେଁମିଶି ଜୀବନର ଜୟବାଣୀ ଗାଇବେ......

ଉତ୍ତେଜନାରେ ଆଗେଇଗଲା ପ୍ଲାବନୀ । ପବନରେ ଯେମିତି ଫୁଲର ମହକ ମିଶି ଆସୁଛି । ଆକାଶସାରା ସତେ ଯେମିତି କିଏ ରଜତ ପରାଗ ବୋଳି ଦେଇଛି । ଏ ସବୁ ଯେପରି ପ୍ଲାବନୀକୁ ଉତ୍ସାହିତ କରିବାରେ ଲାଗି ପଡ଼ିଚନ୍ତି । ଯେଉଁ ଜୈବଶକ୍ତି ଏ ପର୍ଯ୍ୟନ୍ତ ତା ଭିତରେ ନିଷ୍କ୍ରିୟହୋଇ ପଡ଼ିରହିଥିଲା, ତାହା ଆଜି ଏକ ଅପୂର୍ବ ସକ୍ରିୟତାରେ ଚେତି ଉଠିଛି । ପ୍ରାଣ ରସର ସ୍ପନ୍ଦନରେ ଯେମିତି ପରିଣତ ହୋଇଯାଇଛି ପ୍ଲାବନୀର ଦେହଟା, ଆଉ ମନଟା ଯେପରି ଆବେଗ କମ୍ପିତ ଗୋଟାଏ ସ୍ରୋତପରି ଦୂରକୁ ଦୂରକୁ ବହିଯିବାକୁ ଚାହୁଁଛି ।

କିଛିକ୍ଷଣପରେ କାହାର ପାଦଶବ୍ଦ ଶୁଭିଲା । ଚମକି ପଡ଼ିଲା ପ୍ଲାବନୀ । କେଉଁଠି ଆସି ଠିଆ ହୋଇଛି ସେ...... ? ନିଜର ଶୋଇବା ଘରକୁ ଫେରି ଆସିଲା ସେ । ବିଛଣାରେ ପଡ଼ିଯାଇ

ତକିଆ ଉପରେ ଚୁପି ହୋଇଗଲା । ଦେହଟା ତାର ଖୁବ୍ ଜୋରରେ ଥରୁଛି । ବାରଣ୍ଡାରେ ବାବାଙ୍କ ପାଦଶବ୍ଦ ଶୁଭୁଛି । ନିଶ୍ଚଳହୋଇ ଶୋଇ ପଡ଼ିବାକୁ ଚେଷ୍ଟାକଲା ପ୍ଲାବନୀ । କିନ୍ତୁ ଇଏକଣ...... ? ପ୍ଲାବନୀର ଦୁଇଗଣ୍ଡ ଦେଇ ବ୍ୟର୍ଥତାର ଅଶ୍ରୁ ପଡ଼ିବାକୁ ଲାଗିଲା ।

ଖୁବ୍ ଭୋରରୁ ନଳିନୀର ନିଦ ଭାଙ୍ଗିଗଲା । ରାତିର ସେହି ଘଟଣାପରେ ଅନେକ ସମୟ ଧରି ସେ ଶୋଇପାରି ନ ଥିଲା । ତାକୁ ନିଦ ଆସିଯିବା ପରେ କେତେବେଳେ ଯେ ରାତି ପାହି ସକାଳ ଆସିଛି ସେ ତାହା ଜାଣି ପାରିନାହିଁ ।

ବିଛଣାରୁ ଉଠି ଅତି ସନ୍ତର୍ପଣରେ ବାହାରକୁ ଆସିଲା ନଳିନୀ । ସୂର୍ଯ୍ୟୋଦୟ ହୋଇନାହିଁ । ତଥାପି ଆକାଶ କୋଳରେ ନବ ଦିନର ଉତ୍ସବ ରଚନା ଚାଲିଛି । ଗାଁତର ପକ୍ଷୀ ଜାଗି ଉଠିଲେଣି । ଯେମିତି ପୃଥିବୀଟାକୁ କାକଳି ମୁଖରି କରିଦେଇ ନବୀନ ସୂର୍ଯ୍ୟର ବନ୍ଦନା ଆରମ୍ଭ କରିଦେଇଛନ୍ତି । ସ୍ନିଗ୍ଧ ସକାଳର ଶୀତଳ ପବନ ଦେହରେ ବାଜୁଛି ଆସି । ସେଥିରେ ଯେମିତି ନଳିନୀର ଅଶାନ୍ତ ଅକୁଳ ମନଟା ଆସ୍ତେ ଆସ୍ତେ ପ୍ରକୃତସ୍ଥ ହୋଇଉଠୁଛି ।

ଯେଉଁ ପୁଷ୍ପିତା ଗଛ, ଆକାଶ, ଜ୍ୟୋତ୍ସ୍ନା ଏକ ଏକ ରହସ୍ୟମୟ ରୂପଧରି ଗତ ରାତିରେ ତା ଭିତରେ ଦୁରନ୍ତ କାମନାର ବୀଜ ବୁଣି ଦେଇଥିଲେ, ତାର କୌଣସି ଚିହ୍ନନାହିଁ । ସକାଳର ସ୍ପର୍ଶରେ ସବୁ ଯେମିତି ଶାନ୍ତ କମନୀୟ ହୋଇ ଉଠିଛି ।

ଧୀରେ ଧୀରେ ବାରଣ୍ଡାର ମଝିକି ଚାଲିଆସିଲା ନଳିନୀ । ପ୍ଲାବନୀର ଶୋଇବା ଘର ଉପରେ ଦୃଷ୍ଟି ପଡ଼ିବା କ୍ଷଣି ଘୋର ଲଜ୍ଜାରେ ଶଙ୍କିତ ହୋଇଉଠିଲା ନଳିନୀ । ଘରର କବାଟ ମୁକୁଳା ରହିଛି । ଅଳ୍ପ ଆଗେଇ ଆସି ଦେଖିଲା ଖଟରେ ଗୋଟିଏ

ଧାରରେ ଶୋଇ ରହିଛି ପ୍ଲାବନୀ । ନିଘୋର ନିଦରେ ଶୋଇପଡ଼ିଛି ସେ । କେବେ ପ୍ଲାବନୀଙ୍କୁ ଏତେ ସମୟ ପର୍ଯ୍ୟନ୍ତ ଶୋଇ ରହିଥିବାର ଦେଖିନାହିଁ ନଳିନୀ । ହୁଏତ ରାତିର ଶେଷ ପ୍ରହରରେ ତାଙ୍କୁ ନିଦ ଲାଗିଥିବାରୁ ଏ ପର୍ଯ୍ୟନ୍ତ ଉଠି ପାରିନାହିଁ । ପ୍ଲାବନୀଙ୍କୁ ଡାକିବାକୁ ଇଚ୍ଛାକରି କଣ୍ଠ ତାର ଫିଟିଲାନାହିଁ । ହୃଦୟର ନୀରବ ଇଙ୍ଗିତରେ ଦୂରକୁ ଦୂରକୁ ଚାଲିଗଲା ସେ ।

ଦୂର ପାହାଡ଼ ସେପଟରୁ ସୂର୍ଯ୍ୟ ଉଠି ଆସୁଚନ୍ତି । ଗଛପତ୍ରର ଧାରେ ଧାରେ ବାଳ ସୂର୍ଯ୍ୟର ପହିଲି ଆଭା ଖେଳି ବୁଲିଲାଣି କିନ୍ତୁ ଆକାଶ ଅଙ୍ଗନରୁ ସେ ପର୍ଯ୍ୟନ୍ତ ଶୁକତାରା ବିଦାୟ ନେଇନାହିଁ । ପ୍ରଭାତର ମୃଦୁ ଆଲୋକ ଭିତରେ ସେ ଦିଶୁଚି ଯେମିତି ଏକ ବ୍ୟର୍ଥ ପ୍ରେମିକ । ହତାଶ ଆଉ ଉପେକ୍ଷାର ମର୍ମାନ୍ତିକ କ୍ଳେଶରେ ସତେ ଯେପରି ସେ ଧୀରେ ଧୀରେ ନିଷ୍ପ୍ରଭ ହୋଇ ଆସୁଚି···

ଏହି ସମୟରେ କୈଳାସ ପଟ୍ଟନାୟକ ତାଙ୍କର ସକାଳ କାର୍ଯ୍ୟ ସାରି ଭଜନ ଗାଇ ଗାଇ ଫେରୁଥିଲେ । ନଳିନୀ କଣ୍ଠ ବାରି ପଚାରିଲେ, ବନୀ ଉଠିଲାଣି ?

କେହି ଉଠି ନାହାନ୍ତି । ବନୀ ତ ଏତେ ବେଳଯାଏ ଶୁଅନ୍ତି ନାହିଁ······

ତାହାହିଁ ମତେ ବାଧୁଚି ନଳିନୀ । ଝିଅଟୋର ନିଦରେବି ଶାନ୍ତି ପାଏନାହିଁ । ଚିନ୍ତା, ଦୁଃଖ, ଜଞ୍ଜାଳରେ ପ୍ରତ୍ୟେକ ମୁହୂର୍ତ୍ତି ତାର ପୂରି ରହୁଚି······

ନଳିନୀ ସବୁ ବୁଝୁଥିଲେବି କିଛି କହି ପାରିଲା ନାହିଁ ଯେମିତି ଏକ ନିଦାରୁଣ ପରିସ୍ଥିତି ତାକୁ ନିର୍ବେଦ କରିରଖିଚି ।

ଭଗ୍ନ ରୁଦ୍ଧ କଣ୍ଠରେ ବୃଦ୍ଧ କହିଲେ—

କେବଳ ଭଲ ଭଲ କରି ତାକୁ ଜାଣିବା ପାଇଁ ଉକ୍ତଦେଇ ସଂସାରକୁ ଆଣିଥିଲା ନଳିନୀ । ସାମାନ୍ୟ ସ୍ୱାର୍ଥପାଇଁ ନିଜର ସନ୍ତାନକୁ ଯିଏ ଏମିତି ନିର୍ମମ ଭାବେ ମାରିପାରେ ତାହାଠାରୁ ଘୃଣ୍ୟ ଆଉ କେହି ନାହିଁ ବାପା ! ମୋ ପରି ଗୋଟାଏ ହୀନ ଲୋକଠାରୁ ତାର ଜନ୍ମ । ସେଇ ତାର ଦୁର୍ଭାଗ୍ୟର କାରଣ·····

ଶେଷ କଥାତକ କହି ଅତି ଅଧୀର ହୋଇପଡ଼ିଲେ ବୃଦ୍ଧ । ତାଙ୍କ ଆଖିରେ ଅଶ୍ରୁ ଯେପରି ଆଉ ବାଧା ମାନିଲାନାହିଁ । ସେ ଛୋଟ ପିଲାଟିପରି କାଇଁ କାଇଁ ହୋଇ କାନ୍ଦି ଉଠିଲେ । ଏ ଘଟଣାରେ ବିମୂଢ଼ହୋଇ ତାଙ୍କୁ କେବଳ ଅନେଇ ରହିଲା ନଳିନୀ ।

ନିତ୍ୟକର୍ମ ସାରି ପ୍ଲାବନୀ ଘରକୁ ଫେରି ଆସିଲା ନଳିନୀ । କିନ୍ତୁ ନିଦ ତାର ସେ ପର୍ଯ୍ୟନ୍ତ ଭାଙ୍ଗିନାହିଁ । ଚମ୍ପା କେତେବେଳୁ ଉଠି ସକାଳ ଜଳଯୋଗର ଆୟୋଜନ କଲାଣି । ଚାକର ଟୋକାଟି ମଧ୍ୟ ତାର ଆଦେଶ ଅନୁସାରେ କାମରେ ଲାଗିପଡ଼ିଛି । କିନ୍ତୁ ପ୍ଲାବନୀ ନିକଟରେ ଏ କର୍ମ କୋଳାହଳ ପହଞ୍ଚି ପାରିନାହିଁ । ନିଜର ଜଞ୍ଜାଳକୁ ଭୁଲିଯାଇ ନିଦ୍ରାର ଗଭୀରତା ଭିତରେ ନିମଗ୍ନ ହୋଇଯାଇଛି ସେ ।

ପ୍ଲାବନୀର ତନ୍ଦ୍ରାଚ୍ଛନ୍ନ ଆଖି ଦୁଇଟିକୁ ଚାହିଁ ଚାହିଁ ବାହାରକୁ ଚାଲି ଆସିଲା ନଳିନୀ । ପ୍ଲାବନୀର ଦୈନନ୍ଦିନ କାର୍ଯ୍ୟକ୍ରମ ଭିତରେ ଏ ବିପର୍ଯ୍ୟୟ ସମ୍ପୂର୍ଣ୍ଣ ନୂଆକଥା । କିନ୍ତୁ ତାର ସେଇ ନିତ୍ୟ-ନୈମିତ୍ତିକ ଆଚରଣର କୌଣସି ସମାଧାନ ହୋଇ ପାରିବନାହିଁ ।

ସବୁ ଜାଣିଶୁଣି ମଧ୍ୟ କୌଣସି ପ୍ରତିବିଧାନ ସେ କରିପାରୁ ନାହିଁ । ଏହାପରେ ଏ ଘରେ ରହିବା ଗୋଟାଏ ଛଳନା ବୋଲି ନଳିନୀର ଧାରଣାହେଲା । ସୌଜନ୍ୟତା ରକ୍ଷା କରିବାକୁ ଯାଇ ପ୍ଲାବନୀଠାରୁ ଦୂରେଇ ରହିବାକୁ ମନେ ମନେ ଠିକ୍ କରିନେଲା ସେ ।

ପ୍ଲାବନୀଠାରୁ ଦୂରକୁ ଚାଲିଯିବା କଥା ମନେକରି ହଠାତ୍ ଯେପରି ଅଶ୍ରୁର ସ୍ପର୍ଶ ଅନୁଭବ କଲା ନଳିନୀ । ଏମିତି ଏକ ଶୋଚନୀୟ ଅବସ୍ଥାର ସୃଷ୍ଟି ପରେ ଚିଠିପତ୍ରର ଯୋଗାଯୋଗ ପୁରାପୁରି ନିରର୍ଥକ । ପ୍ଲାବନୀର ଜୀବନ ନଷ୍ଟୋନ୍ମୁଖୀ । ନିଜ ଉପରେ ପ୍ଲାବନୀର ମମତା ନାହିଁ । ଜୀବନ ପ୍ରତି ମଧ୍ୟ କୌଣସି ଆସକ୍ତି ନାହିଁ । ନୂଆ ସ୍ୱପ୍ନ ଦେଖି ଦେଖି ବଞ୍ଚିବା ପାଇଁ ତା ଭିତରେ ପ୍ରେରଣା ନାହିଁ । ଏପରି ସ୍ଥଳେ ନଳିନୀ ସହିତ ତାର ପତ୍ର ସମ୍ପର୍କ ରଖିବା ଉତ୍ପୀଡ଼ନ ବ୍ୟତୀତ ଅନ୍ୟ କିଛି ନୁହେଁ । ଏଥର ପ୍ଲାବନୀ ନିକଟରୁ ବିଦାୟନେଇ ସେ ବିଜୟୀ ହେବା ପାଇଁ ଅଭିଯାନ କରିବ । ନ ହେଲେ ପ୍ଲାବନୀପରି ସାଧନାର ପଥ ଆପଣେଇ ନେବାହିଁ ତା ପାଇଁ ସର୍ବୋତ୍ତମ ବିଚାର ହେବ । କିନ୍ତୁ ତାର ଏହି ସାଧନା ଭିତରୁ ଅଜି କୈଳାସ ପଟ୍ଟନାୟକ କ'ଣ ଆତ୍ମ-ତୃପ୍ତି ଖୋଜି ପାଇବେ ? ହୁଏତ ପ୍ଲାବନୀ ପାଇବ...... । ତାର ସାନିଧ୍ୟ ଭିତରେ ଥାଇ ଯେଉଁ ଯନ୍ତ୍ରଣା ସେ ଭୋଗକରୁଛି କର୍ମକ୍ଷେତ୍ରର ନିରବଚ୍ଛିନ୍ନ ନିଃସଙ୍ଗତା ତାହାଠାରୁ ଭୀଷଣ ରୂପ ଧାରଣକଲେ ମଧ୍ୟ ସେ ଯେ ପ୍ଲାବନୀର ସ୍ମୃତିକୁ ପାଥେୟକରି ଯାତ୍ରା ଆରମ୍ଭ କରିଛି, ତାହାହିଁ ପ୍ଲାବନୀର ଶ୍ରେଷ୍ଠ ସାନ୍ତ୍ୱନା ହୋଇ ରହିଯିବ ।

ମଣିଷ ସାମାଜିକ ଜୀବ ହେଲେ ସୁଦ୍ଧା ନଳିନୀର ମନେହେଲା ସେ ଯେମିତି ଅନେକାଂଶରେ ଅଲଗା । ପରିପୁଷ୍ଟ ବୟସନେଇ

ପ୍ରଣୟ ନାମରେ ଶଠତାକୁ ପ୍ରଶ୍ରୟ ଦେବା ଯେତିକି ନିନ୍ଦନୀୟ ସେତିକି ଅଶୋଭନୀୟ । ଆଜି ଯୌତୁକର ମହାଆଡ଼ମ୍ବର ଭିତରେ ବହିଦାରଙ୍କ ଖାନଦାନୀର ଯେଉଁ ମୋହ ଆଉ ଗର୍ବ ଛପିରହିଛି, ନଳିନୀ ନିକଟରେ ତାହା ଆଜି ସଂଭ୍ରମ ହାନୀକର ଘଟଣାରୂପେ ଦେଖାଗଲା ।

କିଛି ସମୟପରେ ପ୍ଲାବନୀର ନିଦ ପାତଳା ଧରିଆସିଲା । ବିଛଣାରେ କଡ଼ ନେଉଟେଇ ଆଖି ଖୋଲି ଅନେଇଲା ସେ । ଆଗରେ ନଳିନୀ ଠିଆ ହୋଇଛି । କଣ ତାକୁ ଡାକୁଥିଲେ ? ଆରେ କେତେବେଳଯାଏ ଶୋଇପଡ଼ିଲା ସେ······

ଆଜି ଏ ନୂଆ ଢଙ୍ଗ କାହିଁକି ? କ'ଣ ସ୍ୱଭରେ ସପନ ଦେଖୁଥିଲି······

କହି କହି ପୁଣି ଘର ଭିତରକୁ ଚାଲିଆସିଲା ନଳିନୀ । କଥା ନ କହି କେବଳ ନୀରବରେ ହସିଦେଲା ଟିକିଏ ପ୍ଲାବନୀ । କିନ୍ତୁ ତାର ମୁହଁ ସହିତ ସେ ହସର ଯେମିତି କୌଣସି ସାମଞ୍ଜସ୍ୟ ନାହିଁ । ଶୀର୍ଣ୍ଣ ମଳିନ ଦେହ ଉପରେ ଅବସାଦର ଘନଛାଇ ନଳିନୀକି ବହୁପରିମାଣରେ ନିରୁତ୍ସାହିତ କରିଦେଲା । ତାର ମନେହେଲା ପ୍ଲାବନୀର ଏହି କ୍ଲାନ୍ତ ଆଖି ଦୁଇଟିରେ ଯେମିତି ଏକ ଅତ୍ୟାଚରିତ ପ୍ରାଣର ଅସ୍ଫୁଟ କାହାଣୀର ଅକୁଳ ଭାଷା ପୂରି ରହିଛି ।

ଉଠି ବସି ପ୍ଲାବନୀ ଡାକିଲା—

ତପୀ······

ତପତୀ ବଡ଼ଭଉଣୀର ଡାକ ଅପେକ୍ଷାରେ ରହିଥିଲା । ପ୍ଲାବନୀ ଶୋଇଥିବାବେଳେ ଅନେଇ ଅନେଇ ବିଛଣାରୁ ଫେରିଯାଇଛି ସେ ।

ଯାଉଚ ଦେଇ କହୁ, ତପତୀ ପ୍ରାୟ ଦୌଡ଼ି ଦୌଡ଼ି ଅସି ପ୍ଲାବନୀ ପାଖରେ ଛିଡ଼ା ହେଇଗଲା । ତପତୀକୁ ଚା ଆଣିବାକୁ କହି, ନଳିନୀକୁ ଗଦି ଉପରେ ବସିବାକୁ ଇଙ୍ଗିତ ଦେଇ ଗୋଟିଏ ପାଖକୁ ଘୁଞ୍ଚିଗଲା ପ୍ଲାବନୀ ।

ଚା ନେଇ ଫେରି ଆସିଲା ତପତୀ । ମୁହଁ ହାତ ଧୋଇ ପୁଣି ଆସି ବାଲିଶରେ ବସିଲା ପ୍ଲାବନୀ । ନଳିନୀ ସହିତ ସେ ପର୍ଯ୍ୟନ୍ତ ତାର ବାକ୍ୟ ବିନିମୟ ହେଇ ନାହିଁ । ନୀରବତା ଭାଙ୍ଗି ନଳିନୀ କହିଉଠିଲା—

ଧନ୍ୟବାଦ ତମକୁ ବନୀ ! ତମର ଚା'କୁ ବି ଧନ୍ୟବାଦ । ଗ୍ରୀଷ୍ମ କଟିବନ୍ଧରେ ଘରକରି ତମର ଏ ଚା' ପ୍ରୀତିକୁ ପ୍ରଶଂସା ନ କରି ରହି ହୁଏନାହିଁ······

ଉତ୍ତରରେ କେବଳ ମୃଦୁ ହସ ରେଖାଟିଏ ପ୍ଲାବନୀର ଓଠରେ ଫୁଟି ଉଠିଲା ।

ତମେ ଚା'କୁ ଏତେ ଭଲପାଅ କାହିଁକି ବନୀ······

ବଞ୍ଚିବାପାଇଁ······

ପ୍ଲାବନୀର କଥା ଗଭୀର ଅର୍ଥପୂର୍ଣ୍ଣ ହେଲେ ମଧ୍ୟ ଧୀର ସ୍ୱରରେ ନଳିନୀ ପଚାରିଲା—

ଚା' ନ ପିଇ କଣ ବଞ୍ଚିବାର ଅନ୍ୟ ଉପାୟ ନାହିଁ······

ହୁଏତ ଥାଇପାରେ ! କିନ୍ତୁ ସେଇଠା ମୋ'ପାଇଁ ବୋଲି ତମେ କେମିତି ଭାବିପାରୁଚ······? ଚା'ର ଧୂସର ଧୂଆଁ ଭିତରେ ମୁଁ ନିଜେ ଯେମିତି ଅସ୍ପଷ୍ଟ ରହିଯାଏ, ତାହାହିଁ ମନେହୁଏ ମୋର । ଆଜି ନ ପିଇଲେ······କେଜାଣି ମୁଁ କହି ପାରିବିନାହିଁ······

କହିସାରି କଣ ଯେପରି ଭାବିବାକୁ ଲାଗିଲା ପ୍ଲାବନୀ ।

ନମ୍ରଭାବରେ ନଳିନୀ କହିଲା—

ଏଇ ଗୁଁଫିଇ ପିଇ ବୋଧେ ଦେହ ତମର ଶୁଖି ଯାଉଛି ବନୀ···

ନଳିନୀର କଥା ଶୁଣି ଜୋରରେ ହସିଉଠିଲା ପ୍ଲାବନୀ । ଉତ୍ତର ଦେବାକୁ ଯାଇ ସେହିପରି ହସି ହସି କହିଲା—

ଦେହ ସହିତ ମୋର କି ସମ୍ପର୍କ ? ଖାଲି ଠିକ୍‌ଏ ବଞ୍ଚି ରହିଲେ ହେଲା······

ପ୍ଲାବନୀର ଏହିକଥା ନଳିନୀର ପଞ୍ଜରାକୁ ଯେମିତ ଦୋହଲେଇ ଦେଲା । ସେ ବୁଝିପାରିଲା ଘୋର ନୈରାଶ୍ୟର ଗୁପରେ ପ୍ଲାବନୀର ହୃଦୟ ଭାଙ୍ଗିପଡ଼ିଛି । ସେଥିଭିତରୁ ତାକୁ ଉଦ୍ଧାର କରିବାକୁ ହେଲେ ବହୁଶ୍ରମ ସ୍ୱୀକାର କରିବାକୁ ହେବ । ସେଥିପାଇଁ ସାହସର ସହିତ ନଳିନୀ କହିଲା—

ତମେ ସାଧାରଣ ଅଶିକ୍ଷିତା ଝିଅ ନୁହଁ ବନୀ ! ତମକୁ ମତେ ସ୍ୱାସ୍ଥ୍ୟରକ୍ଷା ପଢ଼େଇବାକୁ ପଡ଼ିବ·········

ବେଖାତର ଭାବରେ ପ୍ଲାବନୀ ଜବାବ ଦେଲା—

ମୋ ପାଖରେ କାହାରି ମୂଲ୍ୟ ନାହିଁ । ପାଠ୍ୟ ପୁସ୍ତକ ପାଇଁ ସ୍ୱାସ୍ଥ୍ୟତତ୍ତ୍ୱର ସୃଷ୍ଟି ବୋଲି ମୁଁ ବିଶ୍ୱାସ କରେ········

ଦୁହିଁଙ୍କର ଆଳାପ ଭିତରେ ଗୁଁ ଟକ ଶେଷକରି ଦେଇଥିଲା ପ୍ଲାବନୀ । ଶୂନ୍ୟ କପ୍ ଟାକୁ ତପତୀ ହାତକୁ ବଢ଼େଇଦେଇ ପୁଣି କହିଲା—

କୌଣସି ତତ୍ତ୍ୱ ସହିତ ମଣିଷର ହୃଦୟ ମିଶି ପାରେନାହିଁ । ଖାଲି ନିଜକୁ ଠକି ଦେବାପାଇଁ ଗୋଟା ଗୋଟା ଫାଙ୍କା ଅବାଜ୍···

ଗୁଂ କପ ନେଇ ସେଠୁ ଚାଲିଗଲା ତପତୀ । କଣ୍ଠରେ ଅଭିମାନ ଧରି ନଳିନୀ କହିଲା—

ତମ ପାଖରେ ସବୁ ତତ୍ତ୍ୱ ନିରର୍ଥକ ଦିନୀ ! ଆଜି ତମକୁ କିଛି ବୁଝେଇ ଦେବାପାଇଁ ମୋର ସାମର୍ଥ୍ୟ କିମ୍ବା ସାହସ ନାହିଁ । କିନ୍ତୁ ତମେ କଣ କେବେ ଭାବିଚ ଗୋଟାଏ ଆବେଗ ଧରି ଏ ପର୍ଯ୍ୟନ୍ତ ତିଷ୍ଠି ରହିପାରିଲ ବୋଲି । ନ ହେଲେ ଭିତରଟା ତମର ଜୀର୍ଣ୍ଣ କୀଟଦ୍ରଂଷ୍ଟ........

ସ୍ମିତହସି ପ୍ଲାବିନୀ କହିଲା—

ସେଥିପାଇଁ କିଏ ଭାବୁଚି......

କେହି ନୁହେଁ........

ତା ହେଲେ.........

ଉତ୍ତର ଛଳରେ ପ୍ଲାବିନୀ ଠାରୁ ଏମିତି ଏକ ପ୍ରଶ୍ନ ଶୁଣି ନଳିନୀ କହିଲା—

ଭାବିଥିଲି ଟ୍ୟୁସନଟା ତମର ଆର୍ଥିକ ସମସ୍ୟାର ସମାଧାନ ପାଇଁ ଗୋଟାଏ ଅବଲମ୍ବନ । କିନ୍ତୁ ଏଇକ୍ଷଣି ଦେଖୁଚି ଏଇଟା ଯେପରି ରୋଗୀକି ଅମ୍ଳଜାନ ଦେଇ ମରଣକୁ ବହଲେଇ ଦେବା... କେତେଦିନ ପାଇଁ ତମର ଆଉ ଚେଷ୍ଟା ଚାଲିବ......

ପ୍ଲାବିନୀ ଆଉକିଛି କହିବା ଆଗରୁ ତପତୀ ଘର ଭିତରକୁ ଆସି କହିଲା—

କେତେବେଳେ ଆଉ ଦାନ୍ତଘସି ଖାଇବୁ ଦେଇ ! ନଳିନୀ ଭାଇବି ତୋପରି ଉଦାସୀ ହେଇ ଗଲେଣି ।

ହଁ......ହଁ.......

ମୁହୂର୍ତ୍ତିକ ଭିତରେ ପ୍ଲାବିନୀର ଜଡ଼ତା ତୁଟିଗଲା ଯେମିତି ।

ଠିକ୍ କହୁଚୁ···କେତେଟା ବାଜିଲାଣି କହିଲୁ···ସାତେଟା କାହିଁ ?

କହି କହି ଉଠିଗଲା ପ୍ଲାବିନୀ । ଦିନପ୍ରାୟ ଆଠଟା ହେବ । ରବିବାର ସେଦିନ । ସ୍କୁଲ୍ ବନ୍ଦ । କିନ୍ତୁ ଟ୍ୟୁସନ ବନ୍ଦ ହେବନାହିଁ । ସକାଳ ସାତଟାଠାରୁ ଏଗାରଟା । ତା ପରେ ବିଶ୍ରାମ । ତା ପରେ ଘୁ'ର ପର୍ବ । ପରେ ପରେ ପୁଣି ସେଇ ଟ୍ୟୁସନ । ସକାଳ, ସନ୍ଧ୍ୟା, ରାତି—ଗୋଟିକ ପରେ ଗୋଟିଏ ବ୍ୟସ୍ତତା ଭିତରେ ବହିଯାଉଚି । ଏହି ବ୍ୟସ୍ତତା ଯେମିତି ପ୍ଲାବିନୀ ଜୀବନର ପ୍ରଥମ ଆଉ ଶେଷ ଅଧ୍ୟାୟ···

ପ୍ଲାବିନୀ ଉଠି ନିଜର କାମ ସାରିବାକୁ ଚାଲିଗଲା । ନଳିନୀ ଆସିଲା ବୃଦ୍ଧ କୈଳାସ ପଟ୍ଟନାୟକଙ୍କୁ ଦେଖି ଯିବାପାଇଁ । ଜରା-କ୍ଲିଷ୍ଟ ଦେହ ଆଉ ଘୋର ମନସ୍ତାପ ଭିତରେ ଏ ଶାରୀରିକ ଯନ୍ତ୍ରଣା ଯେ ତାଙ୍କୁ କେତେ କଷ୍ଟ ଦେଉଥିବ ତାହା ନଳିନୀ ମର୍ମେ ମର୍ମେ ଅନୁଭବ କରିପାରୁଚି । କିନ୍ତୁ ଆଶ୍ୱସନା ଦେବାକୁ ତାର ଭାଷା ନାହିଁ ।

ଦୈହିକ ଅସୁସ୍ଥତା ଭିତରେ ବୃଦ୍ଧ ଯେତେ ପରିମାଣରେ ବ୍ୟଥିତ ବୋଲି ଭାବିଥିଲା ନଳିନୀ ତାଙ୍କ ଘରେ ପହଞ୍ଚି ତାର ଭୁଲ ଭାଙ୍ଗିଗଲା । କୈଳାସ ପଟ୍ଟନାୟକ ନିଜ ଘରେ ନ ଥିଲେ । ସେଠୁ ଚାଲିଯାଇ ସେ ସକାଳର ପୂଜା ଆରାଧନାରେ ନିଜକୁ ନିମଗ୍ନ କରି ଦେଇଥିଲେ । ଏଥିରେ ଯେମିତି ନଳିନୀର ଅସ୍ୱସ୍ତି ଅନେକ ପରିମାଣରେ କଟିଗଲା । ବୃଦ୍ଧଙ୍କୁ ଥରେ ଭଲଭାବେ ନିରୀକ୍ଷଣ କରି ପ୍ଲାବିନୀ ଘରକୁ ଫେରିଆସିଲା ସେ ।

ଏଥିଭିତରେ ପ୍ଳାବିନୀ ଆସି ସେଠି ଖାଇବାକୁ ଅପେକ୍ଷା କରିଥିଲା । ନଳିନୀ ପାଇଁ ମଧ୍ୟ ତା ନିକଟରେ ଜଳଯୋଗର ବନ୍ଦୋବସ୍ତ କରାଯାଇଥିଲା । ଖାଉ ଖାଉ ନଳିନୀ କହିଲା—

ମୁଁ ଆଜି ରାତି ଗାଡ଼ିରେ ଚାଲିଯାଉଛି ବିନୀ ।

ଖୁବ୍ ସହଜ ଭାବରେ ପ୍ଳାବନୀ କହିଲା—

ସତେ ନା କଣ ? ଆଉ ପୁଣି କେବେ ଆସିବ···?

ଆଉ ହୁଏତ ଆସିବା ନାହିଁ । ଭିକାରୀ ଯଦି ଭିକ୍ଷା ନ ପାଇ ରିକ୍ତ ହାତରେ ଫେରିଯାଏ ଆଉ କାହିଁକି ସେ ଦାତାର ଦୁଆରକୁ ଆସିବ···

ପ୍ଳାବନୀର ମର୍ମସ୍ଥଳରେ ଏ କଥାର ଆଘାତ ଲାଗିଲା । ଜବାବ ଦେବାକୁ ବହୁ କଥା ଥିଲେ ମଧ୍ୟ ଚୁପ୍ ରହି ଖାଇବାରେ ଲାଗିଲା ସେ । ବହୁସମୟ ଅପେକ୍ଷା କରି ପୁଣି ନଳିନୀ ପଚାରି ଉଠିଲା—

କିଛି କହିଲ ନାହିଁତ ବିନୁ···

ନଳିନୀର ମୁହଁକୁ ଅନେଇ ହସିଦେଇ ପ୍ଳାବିନୀ କହିଲା—

ଭାବୁଥିଲି···ନା ଥାଉ···

କଣ୍ଠ ସ୍ୱରରେ ଯଥେଷ୍ଟ ଉତ୍ସାହ ସୃଷ୍ଟିକରି ନଳିନୀ କହିଲା—

କଣ ଭାବୁଥିଲ ଶୁଣେ···

ପ୍ଳାବନୀର ଓଠରୁ ସେ ପର୍ଯ୍ୟନ୍ତ ହସର ଝଲକ ଲିଭି ନାହିଁ । ସେହିପରି ହସି ହସି ସେ କହିଲା—

ତମେ କଣ ଅନୁମାନ କରିପାରୁଚ ? ନା ଏମିତି ଖାଲି··· ବ୍ୟାକୁଳ କୌତୁହଳର ଆଲୋଡ଼ନରେ ନଳିନୀର ଅନ୍ତସ୍ଥଳ

ଆନ୍ଦୋଳିତ ହେବାକୁ ଲାଗିଲା । ଯେମିତି କିଛି ଗୋଟାଏ ଆଶଙ୍କା କରି ଛାତି ତାର ଖୁବ୍ ଜୋରରେ ଥରୁଥିଲା । ରହି ରହି ସେ କହି ଉଠିଲା—

ତମେ କହିବ ବନୀ, ସେଇଟା ମୋର ଶେଷଦିନର ଦାବୀ । ମୁଁ ତମ ମୁହଁରୁ ଶୁଣିବି...

ହଁ...ହଁ...ମୋର ତମକୁ କହିବାର କଥା...ମୋର ଆଜି କେତୋଟି ଛାତି ଦରକାର ।

କଥାଟା କହିଦେଇ ଗମ୍ଭୀର ହୋଇଉଠିଲା ପ୍ଲାବନୀ । ତାର ମନେହେଲା ସେ ଯେମିତି ଠିକ୍ ଉତ୍ତରଟାଏ ଦେଇପାରିଛି । ଏହାହିଁ ଆତ୍ମରକ୍ଷା ପାଇଁ ତାର ପ୍ରଧାନ ଅସ୍ତ୍ର । କିନ୍ତୁ ନଳିନୀ ଅନୁଭବ କଲା ଏ ଅସ୍ତ୍ରର ଆଘାତରେ ସେ ଯେପରି କ୍ଷଣକ ଭିତରେ ଧ୍ୱଂସ ପାଇଯିବ । ପର ମୁହୂର୍ତ୍ତିରେ ନିଜକୁ ଅସମ୍ଭବ ଭାବରେ ରକ୍ଷା କରିନେଇ ସେ କହିଲା—

ଭୀଷଣ ସ୍ୱାର୍ଥପର ତମେ ବନୀ ! ସବୁବେଳେ ଆତ୍ମ କୈନ୍ଦ୍ରିକ ଚିନ୍ତା ଭିତରେ ତମେ ଅନ୍ୟକୁ ଦେଖିବାର ଅବସର ପାଇନାହଁ । ସେ କଥାତ ତମେ କେବେ ଭାବିଲ ନାହିଁ ? ସାମାନ୍ୟ ଭଦ୍ରତା ଖାତିରରେ ମଧ୍ୟ ଆଜି ଦୁଇଦିନ ରହିବା ପାଇଁ ଜିଦ୍ କଲନାହିଁ ।

ସେଥିରେ ଲାଭ...

କଥା ଭିତରେ ଅନ୍ୟମନସ୍କ ହୋଇଉଠିଲା ପ୍ଲାବନୀ । ଦୂରକୁ ଚାହିଁ ଚାହିଁ ଦୃଷ୍ଟି ଯେପରି ତାର କଣ ଖୋଜିବାରେ ଲାଗିଛି ।

ମୁଁ ଜାଣେ, କହୁଲେ ସୁଦ୍ଧା ତମେ ରହିପାରିବ ନାହିଁ । ଜିଦ୍‌ଟା ଖାଲି ନିରର୍ଥକ···

କଥା ମଝିରେ ଦୁହିଁଙ୍କ ଖାଇବା ସରି ଯାଇଥିଲା । ଥାଳିଆ ଛାଡ଼ି ଉଠି ଆସିଲା ପ୍ଲାବନୀ । ନଳିନୀ କିନ୍ତୁ ଉଠିଲାନାହିଁ । ସେଇଠି ବସିରହି କହିଲା—

ତମର କଣ ଅଧିକାର ନାହିଁ ? ତମେ କାହିଁକି ଜିଦ୍ କରିବ ନାହିଁ··· ? ତମେ କାହିଁକି ଦାବିକରି ତମର ପ୍ରାପ୍ୟ ଆଦାୟ କରିନେବ ନାହିଁ ?

ଅସ୍ତେ ଅସ୍ତେ ପ୍ଲାବନୀ କହିଲା—

ଦାବି କେଉଁଠି କରାଯାଏ ? ଜିଦ୍‌କରି ତମକୁ ରଖିବ ବା କାହିଁକି ?

ମୁଁ ରହିବ । ମୋର ବହୁତ ପାଉଣା ତମେ ବାକି ରଖିଚ ବନୀ ! ତାକୁହିଁ ଆଦାୟ କରିବାକୁ ମୁଁ ରହିବ···

କହି କହି ଉଚ୍ଚସ୍ୱରରେ ହସିଉଠିଲା ନଳିନୀ । ପ୍ଲାବନୀ କହିଲା—

ପାଗଳ···

ହସି ହସି ପ୍ଲାବନୀର ପାଖକୁ ଲାଗିଆସିଲା ନଳିନୀ । ଗୋଟିଏ ହାତରେ ପ୍ଲାବନୀର ହାତ ମୁଠେଇଧରି କହିଲା—

ଆଜି ରାତିରେ ମୋ ସହିତ ଗପ କରିବ ବନୀ···

ଦିନ ଅନେକ ହେଲଣି । ସୂର୍ଯ୍ୟ ସେତେବେଳକୁ ଚକ୍ରବାଳର ସୀମା ଛାଡ଼ି ଆକାଶର ବହୁ ଉପରକୁ ଉଠି ଆସିଲେଣି । ଦୁଆରସାରା ଖରା ଚକ୍ ଚକ୍ କରୁଚି । ନିଜ ଭିତରୁ ଯେମିତି ଏକ ତାଡ଼ନା

ମାଉଥିଲା ପ୍ଲାବନୀ । ବିତର୍କରେ ମାତିବାପାଇଁ ତାର ଇଚ୍ଛା ନ ଥିଲା । ଏହିକ୍ଷଣି ତାକୁ ବିଦାୟ ଦାନ ପାଇଁ ଯିବାକୁ ପଡ଼ିବ । କର୍ତ୍ତବ୍ୟର କଠୋର ଆହ୍ୱାନରେ ମନ ତାର ଚଞ୍ଚଳ ହୋଇଉଠୁଛି । ନଳିନୀ ସହିତ ବାର୍ତ୍ତାଳାପ ପାଇଁ ତାର ସମୟ ନାହିଁ । ଉପେନ୍ଦ୍ର ମଧ୍ୟ ଥରେ ଆସି ତାକୁ ଚେତେଇ ଦେଇଗଲାଣି । ଯିବାପାଇଁ ପ୍ରସ୍ତୁତ ହେବାଲାଗି ସେଘରୁ ବାହାରି ଆସିଲା ପ୍ଲାବନୀ । ପଛେ ପଛେ ନଳିନୀ ମଧ୍ୟ ବାହାରି ଆସିଲା ।

ପୁଣି ସେଇ ଅବହେଳାର ସୂଚନା ଯେମିତି ପାଇଲା ନଳିନୀ, ଏଥିରେ ଆହତ ଅନ୍ତର ତାର କ୍ଷଣକ ଭିତରେ ବ୍ୟଥା, ଅଭିମାନରେ ଫୁଲିଉଠିଲା । ସେ ଦିନର କିଶୋରୀ ତନ୍ୱୀପାତଳୀ ପ୍ଲାବନୀ ସହିତ ଆଜିର ଏହି ହୃଦୟହୀନା, ବିଗତଯୌବନା ପ୍ଲାବନୀର ଐକ୍ୟ ନାହିଁ । ସେ ଦିନ ସେ ଥିଲା ଅସୀମ ପ୍ରେମରାଜ୍ୟର ଏକ କଳନାଦିନୀ ଝରଣା । କିନ୍ତୁ ଆଜି ଯେମିତି ଧୂସର ମରୁଭୂମିର ଗୋଟିଏ ବାଲୁକାପୂର୍ଣ୍ଣ କ୍ଷୀଣଧାରା । ନିର୍ଝରିଣୀର ସେହି ଚପଳ ଛଳଛଳ କଳନାଦ ଆଜି ତା ନିକଟରୁ ଆଶା କରିବା ଧୃଷ୍ଟତା ମାତ୍ର । ତଥାପି ଚାଲୁ ଚାଲୁ ନଳିନୀ ପଚାରିଲା—

କିଛି କହିଲ ନାହିଁତ ବନୀ ...

ପ୍ଲାବନୀର ପାଦ ସେଇଠି ଅଟକିଗଲା । କିଛି ସମୟ ମଟ୍ ମଟ୍ କରି ନଳିନୀର ମୁହଁକୁ ଚାହିଁ ରହିଲା ସେ । ତା ପରେ ଧୀରେ ଧୀରେ କହିଲା—

କହିବାର ସମୟ ଅଛି ...

କିନ୍ତୁ ମୁଁ ଯେ ରାତି ଗାଡ଼ିରେ ଚାଲିଯାଉଛି...

ନଳିନୀକୁ କିଛି ଉତ୍ତର ନ ଦେଇ ତପତୀ ଉଦ୍ଦେଶ୍ୟରେ କହିଉଠିଲା ପ୍ଲାବନୀ—

ରାତି ଗାଡ଼ିରେ ଏ ଭଦ୍ରଲୋକଙ୍କର ଯିବାପାଇଁ ଆୟୋଜନ କରିଦେବୁ । ମୁଁ ହୁଏତ ଡେରିରେ ଫେରିପାରେ । ମନେରହିଲା...

ଟିକିଏ ଆଗେଇ ଆସି ତପତୀ କହିଲା—

ହେଉ...

ସାନ ଭଉଣୀର ସମ୍ମତିକୁ ସ୍ୱୀକାର କରି ବାଧିର ହତାଶ ନଳିନୀକୁ ଭ୍ରୂକ୍ଷେପ ନ କରି ଦ୍ରୁତପଦରେ ସେଠାରୁ ଚାଲିଗଲା ପ୍ଲାବନୀ ।

ପ୍ଲାବନୀ ଚାଲିଯିବାପରେ ନଳିନୀର ଉପେକ୍ଷିତ ପ୍ରାଣ ଗଭୀର ନୈରାଶ୍ୟ ଆଉ ଆକୁଳତାରେ ହାହାକାର କରିଉଠିଲା । ଆମ ସମାଜର ବହୁ କୁମାରୀ କନ୍ୟାଙ୍କ ଭିତରୁ ଜଣେ ଏହି ପ୍ଲାବନୀ ଦାରିଦ୍ର୍ୟପାଇଁ ଯୌବନ ତାର ଉପେକ୍ଷିତ, ଜୀବନ ତାର ଲାଞ୍ଛିତ... ଯେମିତି ନିରୁପାୟ, ଅତ୍ୟାଚରିତାମାନଙ୍କର ଏକ ବଳିଷ୍ଠ ପ୍ରତିନିଧି । ତଥାପି ଅତି ଅନାଦରର ସହିତ ତାକୁ ପ୍ରତ୍ୟାଖ୍ୟାନ କରିପାରିଛି ପ୍ଲାବନୀ, ପୁଣି ନଳିନୀ ତାର ବାଲ୍ୟ ବନ୍ଧୁ...

ଏହି କଥା ଭାବି ଭାବି ଅସ୍ଥିର ହେଇଉଠିଲା ନଳିନୀ ଆଗର ସେହି ପ୍ଲାବନୀକୁ ସେ ଆଉ ଫେରି ପାଇବନାହିଁ । କିଛି ସମୟ ପୂର୍ବରୁ ଯେଉଁ କଥା ସେ କହିଗଲା, ତାହା ନିର୍ମମ ଉପେକ୍ଷାର ବାଣୀ । ନଳିନୀ ଅନ୍ତରର ପରିପୂର୍ଣ୍ଣତାପାଇଁ ସେ ଆଦୌ ଚିନ୍ତା କରୁନାହିଁ । ଉଃ... କେଡ଼େ ନିର୍ବୋଧ ଏଇ ପ୍ଲାବନୀ... ଅଭିମାନର ଏହି ଭାବଟା ନଳିନୀ ଭିତରେ ଅନେକ ପରିବର୍ତ୍ତନ ଆଣିଦେଲା । ସତେ ଯେପରି ସେ ପ୍ଲାବନୀ ହାତର ଗୋଟିଏ

କଣ୍ଟେଇ··· ତାହାହିଁ ଭାବୁନେଇଛି ପ୍ଲାବନୀ । ହାତଟାକୁ ଜୋରରେ ଟେବୁଲ ଉପରେ ବାଡ଼େଇଦେଇ ଦମ୍ଭର ସହିତ ଠିଆ-ହୋଇପଡ଼ିଲା ନଳିନୀ । ପ୍ଲାବନୀର ଏହି ଚିନ୍ତାକୁ ଖଣ୍ଡନ କରିବାକୁ ପଡ଼ିବ··· ସେଥିଯୋଗୁ ଏକ ସୁଚିନ୍ତିତ ଉପାୟ ଉଦ୍ଭାବନ କରିବାକୁ ହେବ ।

ଏହି ଉପାୟ ସ୍ଥିର କରିବାପାଇଁ ଦେହରେ ଖଣ୍ଡିଏ ପାତଳା ପଞ୍ଜାବୀ ଗଳେଇ ଏକ ବିଜନ ଭୂଖଣ୍ଡର ସନ୍ଧାନରେ ସାଇକେଲ ଧରି ବାହାରି ପଡ଼ିଲା ନଳିନୀ । ତା ର ଏ ଢଙ୍ଗଢାଙ୍ଗ ଦେଖି ଆଶ୍ଚର୍ଯ୍ୟ ହୋଇଗଲା ତପତୀ । ଖରା ମାଡ଼ିଆସୁଛି । ଅଳ୍ପ ସମୟ ପରେ ଆରମ୍ଭ ହୋଇଯିବ ଅସହ୍ୟ ଗରମ । ଏଥିରେ ପୁଣି ମଣିଷ ବୁଲି ବାହାରନ୍ତି··· କିନ୍ତୁ ନଳିନୀକି କିଛି ପଚାରିଲା ନାହିଁ ତପତୀ । ଚୁପ୍‌ଚାପ ନିଜ କାମରେ ଲାଗିପଡ଼ିଲା ।

ଦାଣ୍ଡଦୁଆର ମୁହଁ ଡେଇଁଆସି ସାଇକେଲ ଛୁଟେଇଦେଲା ନଳିନୀ । ଅଧେ ବାଟ ଚାଲିଆସି ତାର ମନେ ପଡ଼ିଲା କୁଆଡ଼େ ଯିବ । ଅନେକ ପରିମାଣରେ ବଦଳି ଯାଇଥିଲେ ମଧ୍ୟ ଏ ମାଟି ସହିତ ତାର ପୁରାତନ ପରିଚୟ ଅଛି । ସାମନାର ରାସ୍ତାରେ ଚାଲବୁଲା କରିବାରେ ଚିର ଅଭ୍ୟସ୍ତ ସେ । ଆଜ କିଛି ନ ଭାବି ସିଧା ସିଧା ସାଇକେଲ ଚଳେଇଲା ନଳିନୀ ।

ଏ ଖରାଟାରେ କୁଆଡ଼େ ଯାଉଛ ନଳିନୀ···

କିଏ ? ନଳିନୀ ସାଇକେଲରୁ ଓହ୍ଲାଇପଡ଼ି ପଛକୁ ଅନେଇଲା । କୁଆଡ଼କୁ ନ ଚାହିଁ ଏକମୁହାଁ ଛୁଟିଥିଲା ସେ । କିନ୍ତୁ ରାସ୍ତାର ଭଦ୍ରତା ଭୁଲି, ତାର ଉଦ୍ଦେଶ୍ୟରେ କିଏ କଣ କହିଲା···

ସେଇଠି ଗୋଟାଏ କରକୁ ଘୁଞ୍ଚିଯାଇ ଠିଆହୋଇ ଅପେକ୍ଷାକଲା ନଳିନୀ । ଦୁଇ ତିନିଜଣ ସ୍ତ୍ରୀଲୋକଙ୍କ ଭିତରୁ ବାହାରି ତା ଆଡ଼କୁ ଜଣେ ପ୍ରୌଢ଼ା ମହିଳା ଆଗେଇ ଆସୁଚନ୍ତି । ଦୋ ଦୋ ଚିହ୍ନା ହେଲା ନଳିନୀ । କିଏ···? ତାଙ୍କର ତାକୁ ଡାକିବାର କଣ ଥିଲା···? ମନ ଭିତରୁ ପରିଚିତଟାର ଅବିଷ୍କାରରେ ଲାଗିପଡ଼ିଲା ନଳିନୀ । ଅଳ୍ପ ସମୟ ଭିତରେ ସଫଳକାମ ହୋଇ ସେ ଖୁବ୍ ପ୍ରସନ୍ନ ହୋଇଉଠିଲା । ହଁ···ହଁ ସେଦିନ ପ୍ଲାବନୀ ସାଙ୍ଗରେ ଆସି ଚିହ୍ନା ହୋଇଥିଲା । ମାଉସୀ···ସାବେସ୍ତ୍ରୀ ମା···ଆରେ ସାବେସ୍ତ୍ରୀଦେଈ ଏଠି ···ପୁଣି ହାତରେ କଣ ପୂଜା ସାମଗ୍ରୀ···

ନମସ୍କାର ମାଉସୀ, ଆପଣ ଏ ଖରାଟାରେ କେଉଁଠିକି ବାହାରି ପଡ଼ିଚନ୍ତି···

ପଛେ ପଛେ ସାବେସ୍ତ୍ରୀ ଆସି ସେଠି ପହଞ୍ଚିଗଲା ।

ହାତ ଯୋଡ଼ି ଏକ ଦୀର୍ଘ ନମସ୍କାର ପକେଇ ନଳିନୀ ନିକଟରେ ଅନ୍ତରର ନମ୍ରତା ପ୍ରକାଶକଲା ସାବେସ୍ତ୍ରୀ । ପ୍ଲାବନୀ ଘରେ ଦିନ ଭିତରେ ବହୁଥର ଦେଖା ଚାହିଁ ହେବାର ସୁଯୋଗ ମିଳୁଥିଲେ ମଧ୍ୟ ସାବେସ୍ତ୍ରୀର ଗତିବିଧି ଲକ୍ଷ୍ୟକରି ବିସ୍ମୟରେ ଚାହିଁରହିଲା ନଳିନୀ ।

ତମେ ସେଦିନୁ ଆସିଥିଲ, କଥା ଦେଇ ଯାଇଥିଲ ମଝିରେ ଥରେ ଆସିବାପାଇଁ । କାହିଁ ଆସିଲ ନାହିଁତ···? ବିନୁବି ଆଜିକାଲି ଭାରି ମିଛେଇ ଧରିଲାଣି···

ପ୍ରାୟ ଦୁଇଦିନ ତଳର କଥା । ପାଟି ଖୋଲି କିଛି କହି ନଥିଲେ ମଧ୍ୟ ସାବେସ୍ତ୍ରୀ ମା'ଙ୍କର ଅନୁରୋଧକୁ ସେତେବେଳେ ମନେମନେ ଅଙ୍ଗୀକାର କରିନେଇଥିଲା ନଳିନୀ । କିନ୍ତୁ ଏଥି ଭିତରେ ତାଙ୍କ ସ୍ୱୀକାରୋକ୍ତିର ବ୍ୟତିକ୍ରମ ଘଟିବାକୁ ଅବସର

କାହିଁ ··· ? ପୁଣି ତାକୁ ଅତଥି କରି ପାଇବାକୁ ସାବେଶ୍ରୀ ମା' ଏତେ ବ୍ୟାକୁଳ କାହିଁକି ··· ?

କାରଣ ନଥିଲେ ମଧ୍ୟ ସାବେଶ୍ରୀ ମା'ଙ୍କ ନିକଟରେ କ୍ଷମା ଭିକ୍ଷା କରି ନଳିନୀ କହିଲା—

ଘରକୁ ଯିବା ପୂର୍ବରୁ ମୁଁ ନିଶ୍ଚୟ ଥରେ ଆପଣଙ୍କର ପଦ ଦର୍ଶନ କରି ଯାଇଥାଆନ୍ତି । ପ୍ଲାବନୀ ତ ସବୁସମୟରେ କର୍ମବ୍ୟସ୍ତ ···

ଅତି ବିନୟ ସହକାରେ ଏତକ କହି କହି ନୀରବ ହୋଇ-ଗଲା ନଳିନୀ । ଏଥିରେ ସାବେଶ୍ରୀ ମା'ଙ୍କର ଅନ୍ତର ଗଭୀର ବାତ୍ସଲ୍ୟ ଆଉ ମମତାରେ ଭରିଗଲା । ମାତୃ ହୃଦୟ ନିକଟରୁ ଭଦ୍ରତା ଯେମିତି ଦୂରେଇଗଲା । ନଳିନୀର ମୁଣ୍ଡରେ ହାତ ବୁଲେଇ ବୁଲେଇ ସେ କହିଯିବାରେ ଲାଗିଲେ—

ମୋ ସାଙ୍ଗରେ ମନ୍ଦିରକୁ ଚାଲ୍ । ଏ ଖରାଟାରେ ଆଉ କୁଆଡ଼େ ବୁଲିଯିବ ···

ନଳିନୀର ମନେପଡ଼ିଲା ଖୁବ୍ ପାଖରେ ରବିନାରାୟଣଙ୍କ ମନ୍ଦିର ଅଛି । ସେ ଅନେକଥର ପ୍ଲାବନୀ ଆଉ ତା ମା'ଙ୍କ ସହିତ ସେଠିକି ଯାଇଚି । ରବିବାର ଦିନ ମନ୍ଦିରରେ ଖୁବ୍ ଧୁମଧାମ ଲାଗିଥାଏ । ଦୂର ଦୂରାନ୍ତରରୁ ଯାତ୍ରୀମାନେ ନିଜ ନିଜ ମାନସିକ ପୂରଣପାଇଁ ଚାଲି ଚାଲି ବହୁ କଷ୍ଟରେ ସେଠିକି ଆସିଥାଆନ୍ତି । ଏମିତି କେତେ ରବିବାରରେ ସେ ମଧ୍ୟ ଧୂପ ନୈବେଦ୍ୟ ଦେଇ ଅନ୍ତରର ନିବେଦନ ଜଣେଇଚି । କିନ୍ତୁ କାହିଁ ··· ? ବାବା ଏବେବି ବଜ୍ର କଠିନ ହୃଦୟରେ ବସି ରହିଚନ୍ତି ।

ନିଜର ଭାବନା ଭିତରୁ ଆଖି ଟେକି ସାବେଶ୍ରୀ ମୁହଁକୁ ଚାହିଁଦେଲା ନଳିନୀ । କିନ୍ତୁ ଏ କଣ ? ସାବେଶ୍ରୀ ଆଖିରେବି

ଅମନ୍ତ୍ରଣର ଭାଷା, ସେ ପୁଣି ଅଜ ପ୍ଲାବନୀକୁ ଛାଡ଼ି ସାବେଶ୍ରୀ ସହିତ ଦେବ ପୂଜା ପାଇଁ ଯିବ କାହିଁକି ? କଣ ତାର ଲାଭ ସେଥିରେ ···

ସାବେଶ୍ରୀ ମା'ଙ୍କର ସସ୍ନେହ ନିର୍ବନ୍ଧ ଏଡ଼େଇ ଦେଇ ନପାରି ଅବଶେଷରେ ନଳିନୀ ସେମାନଙ୍କ ସହିତ ମନ୍ଦିରକୁ ଚାଲିଲା । ସାବେଶ୍ରୀ ମଧ୍ୟ ତା ପଛେ ପଛେ ଚାଲିଲା । କିଛିବାଟ ଯାଇ ପଛକୁ ଫେରି ଚାହିଁଲା ନଳିନୀ ଅଳ୍ପ ଦୂରରେ ସାବେଶ୍ରୀମା' । କିନ୍ତୁ ସାବେଶ୍ରୀ ତା ପଛରେ କାହିଁକି ··· ?

କିଏ ଏହି ସାବେଶ୍ରୀ ? ପ୍ଲାବନୀର ସଖୀ ନା ଧନୀକର କନ୍ୟା ··· ନା ପୂଜାରୁଣୀ ··· ପୂଜା ଡାଲାଧରି ତା ସାଙ୍ଗେ ସାଙ୍ଗେ ଚାଲୁଚି କାହିଁକି ? କଣ ତାର ଉଦ୍ଦେଶ୍ୟ ··· ନଳିନୀ ମନରେ ବାରମ୍ବାର ଏହି ପ୍ରଶ୍ନ ଉଠିଲା ।

କୁଆଡ଼େ ଯାଉଚନ୍ତି ···

ସାବେଶ୍ରୀର ଡାକରେ ଯେମିତି ଚେତନା ଫେରି ପାଇଲା ନଳିନୀ । ସତେତ କୁଆଡ଼େ ଯାଉଚି ସେ ?

କଣ ବାଟ ଭୁଲି ଗଲେଣି ? ମା ଆସିବା ପର୍ଯ୍ୟନ୍ତ ଏଇଠି ଠିଆ ହୁଅନ୍ତୁ ଏଇ ଗଛତଳେ ···

ସାବେଶ୍ରୀର ନିର୍ଦ୍ଦେଶରେ ସେଇଠି ଠିଆହେଲା ନଳିନୀ ।

ମନ୍ଦିର ଆଗରେ ପୁରାତନ ବେଲଗଛ । ଏବେବି ଯେମିତି ଅନନ୍ତ ଯୌବନ ଘେନି ଠିଆହେଇଚି । ବିଜୟା ଦଶମୀରେ ଆଦ୍ୟ ଜନନୀର ଅର୍ଚ୍ଚନା ପାଇଁ କେଉଁ ସନ୍ତାନ ଏଠି ତା ପାଇଁ ସ୍ଥାନ ନିରୂପଣ କରିଥିଲେ; ତାହା ହୁଏତ କେହି କହିପାରିବେ

ନାହିଁ । ଯୁଗ ଯୁଗ ଧରି ପଥଶ୍ରାନ୍ତ ପଥିକ କେବଳ ତାର ଶୀତଳ ଛାୟା ଆଉ ଫଳ ଭୋଗ କରି ଆସିଛି । ଗଛତଳର ମୃଦୁ ପବନରେ ସାବିତ୍ରୀର ଅଞ୍ଚଳଟା ଉଡ଼ିଆସି ନଳିନୀ ଦେହରେ ଲାଗିଗଲା । ଚମକିଉଠି ପଛକୁ ଚାହିଁଦେଲା ନଳିନୀ । ସାବିତ୍ରୀ ଆସି ତା ପାଖରେ ଠିଆ ହୋଇଛି । ଛାତିରୁ ଅଞ୍ଚଳ ଖସି ଆସୁଛି ପବନରେ । ଦେହରେ ସୋହାଗର ମାଂସର ଲାବଣ୍ୟ । ତାର ଆକର୍ଷଣରେ ନଳିନୀ ଯେମିତି ନିଜର ଆଖିକି ଶାସନ କରିପାରିଲା ନାହିଁ ।

କିଛି ସମୟ ପରେ ସମସ୍ତେ ଆସି ଗଛ ମୂଳରେ ପହଁଚି ଗଲେ । ସେଠାରୁ ଚାଲିଗଲେ ମନ୍ଦିର ଭିତରକୁ । ସାବିତ୍ରୀ ମା' ଙ୍କଠାରୁ ପୂଜା ସମ୍ଭାର କାଢ଼ିନେଇ ନଳିନୀକି ବେଢ଼ା ବୁଲେଇ ଆଣିବାକୁ କହିଲେ । ସାବିତ୍ରୀ ମଧ୍ୟ ତାହାହିଁ ଚାହୁଁଥିଲା । ମା'ଙ୍କର ଅନୁମତି ପାଇ ନିର୍ଭୟରେ ସେ ନଳିନୀ ସାଙ୍ଗରେ ଚାଲିଗଲା ।

ନଳିନୀ ଆଗରୁ ବହୁଥର ଦେଖିଥିଲେ ମଧ୍ୟ ଆଜି ଯେମିତି ତା ଆଖି ଆଗରେ ନୂଆ ରୂପନେଇ ସବୁ ଠିଆହୋଇଛି । ଗୋଟାଏ ଅପୂର୍ବ ଶିହରଣରେ ଶିହରି ଶିହରି ଆଗକୁ ଚାଲିବାକୁ ଲାଗିଲା ନଳିନୀ ।

ଚାଲି ଚାଲି ଦୁହେଁ ଆସି ଗୋଟିଏ ନିରୋଳା ଜାଗାରେ ପହଞ୍ଚିଗଲେ । ଆଗରେ ପଦ୍ମାସନା ଯୋଗେଶ୍ୱରୀଙ୍କର ମନ୍ଦିର । ମନ୍ଦିରର ବିଶେଷତ୍ୱ ଏଇଠି । କୋଟି କୋଟି ଦେବାଦେବୀର ଆରାଧନା ଛଳରେ ଯୁଗେ ଯୁଗେ ସେ କଳାର ଉପାସନା କରି ଆସିଛି । ଫୁଲ ସିନ୍ଦୂରରେ ମଣ୍ଡିତା ହେଲେ ମଧ୍ୟ ଏହି ଦେବୀ ମୂର୍ତ୍ତି ଭିତରେ ଓଡ଼ିଆ ସୂକ୍ଷ୍ମ ରୁଚିବୋଧର ପରିଚୟ ସୁସ୍ପଷ୍ଟ ।

ଆଗେଇ ଯାଇ ସାବେଶ୍ରୀ ଦେବୀଙ୍କ ପାଦତଳେ ଭୂମିଷ୍ଠ ପ୍ରଣାମ ଜଣେଇଲା । ଆସନମାଡ଼ି ବସିଥିବା ପୂଜାପଣ୍ଡା ହାତଟେକି ଠାକୁରାଣୀଙ୍କ ଉଦ୍ଦେଶ୍ୟରେ କହି ଉଠିଲେ—

ମା' ବରଦେ ! ବରଦାୟୀ ହୁଅ ମା, ଭକ୍ତର ମନୋବାଞ୍ଛା ପୂରଣ କର

କହି କହି ସିନ୍ଦୂର ବେଲପତ୍ରୀ ଆଣି ସାବେଶ୍ରୀ ହାତରେ ଦେଇ ସେ ଉଚ୍ଚ ସ୍ୱରରେ ଆଶୀର୍ବାଦ କରିଉଠିଲେ—

ବରବଧୂ ଅଖଣ୍ଡ ଶାନ୍ତିଭୋଗ କରମା, ସୁପୁତ୍ର ଲାଭକର ମା । ଯୋଗେଶ୍ୱରୀ, ଦମ୍ପତିର ମଙ୍ଗଳ କର ମା ···

ଲାଜ, ସଙ୍କୋଚରେ କୁଣ୍ଠିତ ହେଇ ଆଶୀର୍ବାଦକର୍ତ୍ତା ମୁହଁକୁ ଚାହିଁଦେଇ ପଛକୁ ଫେରିଚାହିଁଲା ସାବେଶ୍ରୀ । କିନ୍ତୁ ନଳିନୀ ସେଠାରେ ନାହିଁ । ତେବେ କୁଆଡ଼େ ଗଲେ ନଳିନୀ ଭାଇ ··· ସେ କଣ ଏ ଆଶୀର୍ବାଣୀ ଶୁଣି ପାରିବେନି ··· କିନ୍ତୁ ···

ଏହିପରି ଭାବନା ଭିତରେ ଆଗକୁ ଚାଲିବାକୁ ଲାଗିଲା ସାବେଶ୍ରୀ । ଏ ଘଟଣାରେ ବ୍ରାହ୍ମଣଙ୍କୁ ଦକ୍ଷିଣା ଦେବା କଥା ଏକବାର ଭୁଲିଯାଇଛି ସେ । ପଣ୍ଡା ମଧ୍ୟ ବାବୁଙ୍କୁ ଦେଖିବାକୁ ନ ପାଇ ମାଗିଲେ ନାହିଁ । ଫେରିବା ବାଟରେ ପାଇବାର ଆଶା ରଖି ଚୁପ ରହିଲେ ।

ଅଳ୍ପ ଦୂର ଆସି ନଳିନୀକୁ ଦେଖିବାକୁ ପାଇଲା ସାବେଶ୍ରୀ । ମନ୍ଦିର କାନ୍ଥର ଗୋଟିଏ ଛବିକୁ ଅନେଇ ଅନେଇ ଦେଖିବାରେ ଲାଗିଛି ସେ । ସାବେଶ୍ରୀର ଉପରେ ଦୃଷ୍ଟିପଡ଼ିବା କ୍ଷଣି ହସିଉଠିଲା । ଏଥିରେ ଯେମିତି ଗଭୀର ଲାଜ ସମୁଦ୍ର ଭିତରେ ବୁଡ଼ିଗଲା ସାବେଶ୍ରୀ ।

ଏଇଠି ବସିବା ସାବେଶ୍ରୀ ! ଏଇ ମନ୍ଦିର ସେ ପାଖରେ । ଟିକିଏ ନିବେ୍ଳାରେ ବସିଯିବା । ଆସ … ମା ଆସିବା ପର୍ଯ୍ୟନ୍ତ ଏଇଠି ବସିବା ……

କହିବା ଭିତରେ ନଳିନୀ ଯାଇ ଗୋଟାଏ ପଥର ପିଣ୍ଡି ଉପରେ ବସିପଡ଼ିଲା । ପଛେ ପଛେ ସାବେଶ୍ରୀ ଯାଇ ଟିକିଏ ଦୂରେ ବସି ପଡ଼ିଲା । ଏଠିକି ପ୍ରାୟ ଲୋକ ଗତାଗତ ନ ଥାଏ । ସେଥିପାଇଁ ଅନେକାଂଶରେ ନିର୍ଜନ ହୋଇ ଉଠିଥାଏ ଜାଗାଟା । ମନ୍ଦିର କୋଳାହଳରେ ପୂରି ଉଠୁଥିଲେ ମଧ୍ୟ ଏଠି ଯେମିତି ତାର କୌଣସି ସତ୍ତା ଅନୁଭବ କରି ହେଉ ନାହିଁ ।

ନଳିନୀର ଆଖିରେ ସାବେଶ୍ରୀର ରୂପ । ଶାଢ଼ୀର ପଣତ ପବନରେ ଫର ଫର କରୁଛି । ଆଜି ନୂଆକରି ଶାଢ଼ୀ ପିନ୍ଧିଛି ସେ । ସେଥିରେ ଯେମିତି ତା ବକ୍ଷ ସମ୍ପଦ ଆହୁରି ସମୃଦ୍ଧ ହୋଇଉଠୁଛି । କପାଳରେ ଶ୍ରମବିନ୍ଦୁ । ଆଖିରେ ଅଗଣିତ ଭାଷାର ଉତ୍ସ । କଣ ଯେମିତି ଭାବୁଛି ସାବେଶ୍ରୀ । କିଛି କହୁନାହିଁ । କଣ ଏତେ ଭାବୁଛି ସାବେଶ୍ରୀ……

ସାବେଶ୍ରୀକି ଚାହିଁ ଚାହିଁ ନିଜର ପରିସ୍ଥିତିକୁ ଭୁଲିଗଲା ନଳିନୀ । ଉଦ୍ଦାମ ତାରୁଣ୍ୟର ଗଭୀର ତୃଷାର ତାଡ଼ନାରେ ବ୍ୟାକୁଳ ହୋଇଉଠିଲା ସେ ।

ସାବେଶ୍ରୀ……

ଏ ସମ୍ବୋଧନରେ ଆଖିଟେକି ଚାହିଁଲା ସାବେଶ୍ରୀ । କାହିଁକି ଡାକିଲେ ନଳିନୀଭାଇ … ସେ ପୁଣି ଶୁଣିଲା ନଳିନୀର କଥା । ତମେ କେଡ଼େ ସୁନ୍ଦର ସାବେଶ୍ରୀ … ତମକୁ ଆହୁରି ସୁନ୍ଦରକରି ଦେଇଛି ଏ ଶାଢ଼ୀଟା । କିନ୍ତୁ ଦୁଃଖର କଥା ଯେ ନିଜର ଅନୁପମ

ସୌନ୍ଦର୍ଯ୍ୟକୁ ତମେ ଦେଖି ପାରୁନାହଁ । ଆଜ ଗୋଟାଏ ମହା-ଶୁଭଦିନ ସାବେତ୍ରୀ ··· ମନ୍ଦିରକୁ ଆସିବାର ଇଚ୍ଛା ନ ଥିଲେ ମଧ୍ୟ ଆସିବାଟା ମୋର ଆଜ ସାର୍ଥକ ହୋଇଚ ···

ଖିଲ୍ ଖିଲ୍ ହୋଇ ସାବେତ୍ରୀ ହସିଉଠିଲା । ସେଇପରି ହସି ହସି ସେ କହିଲା—

ଆପଣ କବି ହୋଇଗଲଣି ନଳିନୀଭାଇ । ଭୁଲ୍ ହୋଇଗଲା । ଦେଇଙ୍କୁ ଡାକି ଆଣିଥିଲେ ଖୁବ୍ ଭଲ ହୋଇଥାଆନ୍ତା ।

ସାବେତ୍ରୀର ଖୁବ୍ ପାଖକୁ ଲାଗିଆସିଲା ନଳିନୀ । ଅପଲକ ଚାହାଣିରେ ଅନେଇ ରହିଲା ତା ମୁହଁକୁ । ଚୂର୍ଣ୍ଣ କୁନ୍ତଳ କପାଳ ଉପରେ ଝିର୍ ଝିର୍ କରୁଚି । ନଳିନୀର ଇଚ୍ଛାହେଲା ଏହି ଅଖଣ୍ଡ ସୌନ୍ଦର୍ଯ୍ୟର ଅଧିକାରଣୀ କିଶୋରୀଟିକୁ ଦୁଇବାହୁରେ ଟୋଳିଧରି ଯୁଗ ଯୁଗ ବିତେଇ ଦିଅନ୍ତା । କିନ୍ତୁ ଜଣେ ଅବିବାହିତ ଯୁବକ ପକ୍ଷେ ଏହା ଏକାନ୍ତ ଅସମ୍ଭବ । ସେ ଆଉକିଛି ଭାବିପାରିଲା ନାହିଁ । ପୁଣି ଦୂରକୁ ଘୁଞ୍ଚିଆସି ପଚାରିଲା—

ସେତେବେଳେ ସେ ପୂଜକ ବ୍ରାହ୍ମଣ କଣ କହୁଥିଲେ ?

ସାବେତ୍ରୀ ଚାହିଁଲା ନଳିନୀ ମୁହଁକୁ । କିଛିକ୍ଷଣ ପରେ ଅନ୍ୟମନସ୍କ ଭାବରେ କହିଲା—

କହୁଥିଲେ ସୁପୁତ୍ର ଲାଭକର···

ଖୁବ୍ ଭଲକଥାତ ତମେ ମନେରଖି ପାରିଚ ସାବେତ୍ରୀ ! ମୋ ଲାଗି ସେ କଥାଗୁଡ଼ିକ କହିଥିଲେ ମଧ୍ୟ ମୁଁ ମନେରଖି ପାରିନାହିଁ । ଧନ୍ୟବାଦ ତମକୁ ··· ତମେ କଣ ଭାବିପାରୁଚ ସେଇ ଲାଭଟା ମୋର ତମର ବଳି ଦେଇଙ୍କୁ ନେଇ ଦେଇପାରିବ···

ସାବେତ୍ରୀ ଏ ପ୍ରଶ୍ନରେ କେବଳ ନୀରବ ରହିଲା । ଉତ୍ତର ଦେବାପାଇଁ ସାବେତ୍ରୀଙ୍କୁ ଉତ୍ସାହିତ କରିବାକୁ ତାର ଦୁଇହାତ ଧରି ନଳିନୀ କହିଲା—

ମୋ ରାଣ ତମକୁ ସାବେତ୍ରୀ, କହ ପଣ୍ଡା ଆଉ କଣ କହୁଥିଲେ ?

କହୁଥିଲେ ବରବଧୂ ଅଖଣ୍ଡ ଶାନ୍ତି ଭୋଗକର ମା ...

ହଠାତ୍ ସାବେତ୍ରୀଙ୍କୁ କୋଳକରି ଦୁଇ ବାହୁରେ ଭିଡ଼ି ଧରିଲା ନଳିନୀ । ହତବାକ୍ ହୋଇ ଚାହିଁ ରହିଲା ସାବେତ୍ରୀ । ନଳିନୀର ନିଥର କଣ୍ଠରୁ ଝରିପଡିଲା ।

ସାବେତ୍ରୀ......

ସାବେତ୍ରୀ ଆଖି ଦୁଇଟି ଥିଲା ଲଜ୍ଜାରେ ଅନତ ।

କିଛି ସମୟପରେ ନଳିନୀ କହିଲା—

ସତେ କଣ ଏ ପଣ୍ଡାମାନଙ୍କ କଥା ସତହୁଏ ସାବେତ୍ରୀ...

ସମସ୍ତଙ୍କୁ ଏମିତ ଅଶୀର୍ବାଣୀ ଶୁଣାଇ ଥାଆନ୍ତି ସେମାନେ । ସତ ମିଛ ମୁଁ କେବେ ପରୀକ୍ଷା କରିବାକୁ ଯାଇନାହିଁ । ଯଦି ସତ ତା ହେଲେ ଏ ଦୁନିଆରେ ଏତେ ଦୁଃଖୀ, ଦରିଦ୍ର ଅଛନ୍ତି କାହିଁକି ? ପୁଣି ଏ ରାସ୍ତା ଘାଟରେ ସ୍ୱାମୀ ପୁଅ ହରେଇ ଏତେ ନାରୀ ହାତ ପାତୁଛନ୍ତି କାହିଁକି ? ନଳିନୀ ବାହୁ ବନ୍ଧନରୁ ମୁକୁଳିବାର ପ୍ରୟାସ ନ କରି ସାବେତ୍ରୀ ଏତିକି କହିଲା ।

ସାବେତ୍ରୀର ଗଲାରେ ବାହୁର ନିବିଡ଼ ଚାପ ଦେଇ ନଳିନୀ କହିଲା—

ଠିକ୍‌କଥା କହୁଚ ସାବେଶ୍ରୀ ! ଏମାନଙ୍କର ଆଶୀର୍ବାଦ ଏମିତି ସହଜରେ କାର୍ଯ୍ୟକାରୀ ହୋଇ ପାରୁଥିଲେ କର୍ମ ଶବ୍ଦଟା ପୃଥିବୀରୁ ଲୋପ ପାଇଯାଆନ୍ତା । ମୁଁ ଏହି କର୍ମର ସଫଳତାରେ ବିଶ୍ୱାସ କରେ । ଏତେ ଶ୍ରେଷ୍ଠ ହୋଇ କେତେ ବୁଦ୍ଧି ତମର…

ଏହି ସମୟରେ ଦୂରରୁ ମା'ଙ୍କର ଡାକ ଶୁଭିଲା । ଡାକି ଡାକି ସେ ଏଇଆଡ଼େ ଆସୁଚନ୍ତି । ନଳିନୀଠାରୁ ନିଜକୁ ମୁକ୍ତ କରିନେଇ ଦୂରକୁ ଘୁଞ୍ଚିଗଲା ସାବେଶ୍ରୀ ।

ଖିବା ଯୋଗୁ ନଳିନୀ ଆଉ ପ୍ଲାବନୀ ଘରକୁ ଫେରିପାରିଲା ନାହିଁ । ସେମାନଙ୍କ ସହିତ ଆସି ସାବେଶ୍ରୀର ଘରେ ରହିଗଲା । ଖିଆପିଆ ସାରି ଶୋଇପଡ଼ିଲା । ଉଠିଲା ପ୍ରାୟ ସନ୍ଧ୍ୟା ବେଳକୁ । କେବଳ ବୁଲିବୁଲି କରି ନିଃସଙ୍ଗ ମୁହୂର୍ତ୍ତ ଗୁଡ଼ାକୁ କାଟିଦେବା ଛଡ଼ା ତାର ଅନ୍ୟ କୌଣସି କାମନାହିଁ । ଘରକୁ ଚାଲିଯିବା ପାଇଁ ସାବେଶ୍ରୀମାଆଙ୍କଠାରୁ ବିଦାୟନେଇ ସେ ପ୍ଲାବନୀ ଘରକୁ ଫେରି ଆସିଲା ।

ଫେରିଆସି ନଳିନୀ ଦେଖିଲା ପ୍ଲାବନୀ ଘରେ ନାହିଁ, ତା ଘରର ଟେବୁଲ ଉପରେ ଲ୍ୟାମ୍ପଟି ଧକ୍ ଧକ୍ କରି ଜଳୁଚି । କୋଠରୀରେ ହୁ ହୁ କରୁଚି ସେହି ଅସହନୀୟ ନିଃସଙ୍ଗତା । ଏଥର ତାକୁ ଯିବାର ଆୟୋଜନ କରିବାକୁ ହେବ । ଯିବା ପୂର୍ବରୁ ହୁଏତ ପ୍ଲାବନୀ ସହିତ ଆଉ ଦେଖା ହେବନାହିଁ । ନ ହେବାହିଁ ଭଲ । କିନ୍ତୁ ସାମାଜିକ ଭଦ୍ରତା ରକ୍ଷାକରି କୈଳାସ ପଟ୍ଟନାୟକଙ୍କୁ ଦେଖା କରିବାକୁ ହେବ । ଭାବି ଭାବି ନଳିନୀ ବୃଦ୍ଧଙ୍କର ଘରଆଡ଼େ ଆଗେଇଲା ।

କୈଳାସ ପଟ୍ଟନାୟକ ସନ୍ଧ୍ୟା ଅହ୍ନିକ ସାରି ବସିଛନ୍ତି । ପାଖରେ ଗୋଟିଏ ଟୁଲ୍ ଉପରେ ଆଲୁଅ ଜଳୁଛି । ଟେକା ଆସନରେ ମଉନ ହୋଇ ବସିଛନ୍ତି ସେ । ଗଭୀର ଚିନ୍ତାରେ କପାଳରେ କେଇଟି ରେଖା ଫୁଟି ଉଠୁଛି । ମ୍ଳାନ ଆଲୋକ ଭିତରେ ସେ ଦିଶୁଛନ୍ତି ଏକ ଖୋଦିତ ଧ୍ୟାନ ମୂର୍ତ୍ତି ପରି ।

ନଳିନୀ ଚାଲି ଚାଲି ଯାଇ ବୃଦ୍ଧଙ୍କର ପାଖରେ ଠିଆହେଲା । କିନ୍ତୁ ନଳିନୀର ପାଦଶବ୍ଦ ଯେମିତ ତାଙ୍କ ନିକଟରେ ପହଁଚି ପାରିଲା ନାହିଁ । ପୂର୍ବପରି ନିର୍ବାକ ହୋଇ ବସି ରହିଛନ୍ତି ସେ । ନଳିନୀ ଆଉରି ଟିକିଏ ପାଖକୁ ଆସି ଡାକିଲା—

ବାବା …

ନଳିନୀର କଣ୍ଠସ୍ୱର ଯେମିତ ବୃଦ୍ଧଙ୍କର ଶ୍ରୁତି ତଟରେ ଆଘାତ କଲା । ସେ ପୁଣି ଶୁଣିଲେ ନଳିନୀର ସମ୍ବୋଧନ ।

ମୁଁ ଆଜି ଯାଉଛି ବାବା …

ନଳିନୀ … ବସ ବାପା ଏଇଠି ବସ …

କହିସାରି ନିଜ ଆସନରୁ ଘୁଞ୍ଚି ବସିଲେ କୈଳାସ ପଟ୍ଟନାୟକ । ଉପୀଠାରୁ ଶୁଣିଥିଲି । ତମେ ଆଜି ଚାଲି ଯାଉଚ କାହିଁକି … ?

ଏ ପ୍ରଶ୍ନର ଉତ୍ତର ନଳିନୀ ଦେଇ ପାରିଲା ନାହିଁ । ଏ ଯେମିତ ତା ପକ୍ଷେ ଏକ ମହାସମସ୍ୟା । ତଥାପି ସେ ତାର ଗୁରୁତ୍ୱ କମେଇ ଦେବା ଉଦ୍ଦେଶ୍ୟରେ ଖଟଉପରେ ବସିପଡ଼ି କହିଲା—

ମୋର ଆସିବା କଥା ବାବା ଜାଣନ୍ତି……

ହଁ…ହଁ…ବାବା ଜାଣନ୍ତି । ବାବାଆଉ ନ ଜାଣିବେ କେମିତି……

କହି କହି ନୀରବ ହୋଇଗଲେ କୈଳାସ ପଟ୍ଟନାୟକ । ନଳିନୀ ମଧ୍ୟ କଥା ଆରମ୍ଭର ଆଉ କିଛି ସୂତ୍ର ନ ପାଇ ଚୁପ୍‌ଚାପ୍ ବସିରହିଲା । କିଛିକ୍ଷଣର ନୀରବତା ଭାଙ୍ଗି କଥା କହିଲେ ବୃଦ୍ଧ—

ମୋର ଗୋଟାଏ କିଛି ବ୍ୟବସ୍ଥା କରିପାରିବ ନଳିନୀ·····

ଅବାକ୍ ହୋଇ ନଳିନୀ ବୃଦ୍ଧଙ୍କର ଏକଥା ଶୁଣିଲା । ସେ କିଛିଚିନ୍ତା କରିବା ପୂର୍ବରୁ ବୃଦ୍ଧ ପୁଣି କହିଲେ—

ବଲୀ ମୋର ଟିକିଏ ଶାନ୍ତି ପାଆନ୍ତା । ମୋ ଛଡ଼ା ଆଉ କାହା ତାର ପ୍ରତିବନ୍ଧକ ଅଛି ? ମୁଁ ଭାବୁଛି······

ନଳିନୀ ଧୀର ସ୍ୱରରେ କହିଲା—

ମତେ ଏତେ ନିଷ୍ଠୁର ଭାବୁଚନ୍ତି କାହିଁକି ? ପ୍ଲାବନୀଠାରୁ ଆପଣଙ୍କୁ ଛଡ଼େଇ ନେଇ ତାକୁ ଅଧିକା ସୁଖୀ କରିବାର ଆଶା ମୋର ନାହିଁ ।

ମରଣର କୌଣସି ଅସ୍ତ୍ର ମୋ ନିକଟରେ ନାହିଁ ବାପା ! ଏ ଜୀବନ ମତେ ବଡ଼ ଦୁର୍ବହ ଲାଗୁଚି । ଏ ତ ଜୀବନ ନୁହେଁ କାରାଗାରର ଯନ୍ତ୍ରଣା । ମୁଁ ମୁକ୍ତି ଚାହୁଁଚି······ଏ ପୀଡ଼ିତ ବନ୍ଧନରୁ ଖାଲି ମୁକ୍ତି ଚାହୁଁଚି···

କଥାତକ କହି ହଠାତ୍ ଉଠିପଡ଼ି କଣ ଯେମିତି ଆକୁଳ ଭାବରେ ଖୋଜିବାକୁ ଲାଗିଲେ ବୃଦ୍ଧ । ନଳିନୀ ତାଙ୍କୁ କେବଳ ନିର୍ବାକ ହୋଇ ଚାହିଁ ରହିଚି । ଉଣ୍ଡାଳୁ ଉଣ୍ଡାଳୁ ଝୁଣ୍ଟି ପଡ଼ି ଜୋରରେ ପଡ଼ିଗଲେ ସେ ।

ଚମକିପଡ଼ି ଦୌଡ଼ିଗଲା ନଳିନୀ । ବୃଦ୍ଧ ଜୀବନ ସଂଗ୍ରାମରେ ନିରସ୍ତ୍ର ହୋଇ ମରଣକୁ ଶ୍ରେୟ ମନେକରି ନେଇଚନ୍ତି । ସେଥିପାଇଁ

ନାନା ଉପାୟ ମଧ୍ୟ ସେ ଖୋଜିବାରେ ଲାଗିଚନ୍ତି । ଏଥିପାଇଁ ସେ ଯେପରି ଅନେକାଂଶରେ ଦାୟୀ । ଭାବି ଭାବି ଆତ୍ମଗ୍ଲାନିରେ ନଳିନୀର ମନ ଯେମିତି ଭରି ଯିବାକୁ ଲାଗିଲା ।

ବୃଦ୍ଧଙ୍କୁ ଟେକିଉଠେଇ ଖଟଉପରେ ଆଣି ବସେଇଲା ନଳିନୀ । ଅଗ ଘା'ଟା ଛେଚା ହେଇଯାଇ ପୁଣି ରକ୍ତ ବୋହୁଚି । ନିଜ ପକେଟରୁ ରୁମାଲ କାଢ଼ି ପୋଛିବାରେ ଲାଗିଗଲା ସେ ।

କେଉଁଠି କିଏ ପଡ଼ିଗଲା······ ? ବାବା ପଡ଼ିଗଲେ······?

ଦୌଡ଼ି ଦୌଡ଼ି ତପତ୍ତୀ ଘର ଭିତରକୁ ପଶି ଆସିଲା ।

ଏଁ······ ବାବା ପଡ଼ିଗଲେ··ଓହୋ··କେତେ ରକ୍ତ······ କେଉଁଠି ପଡ଼ିଗଲେ ବାବା······

ତପତୀର ସ୍ୱରରେ କ୍ରନ୍ଦନର ନିର୍ଯ୍ୟାସ । ସେ ବୃଦ୍ଧଙ୍କୁ ଅଉଁସି ଅଉଁସି ପୁଣି ପଚାରିଉଠିଲା—

କଣପାଇଁ ଯାଉଥିଲେ ପଡ଼ିଗଲେ ବାବା······ଯେତେ କହିଲେ କଣ ଶୁଣିବେ ନା ଡାକିବେ······ନଳିନୀଭାଇ ଆପଣ ଏଇଠି ଥିଲେ ······ଦେଇ ମତେ ଆଜି ରଖିବ······

ଝାଡ଼ିଝୁଡ଼ି ହେଇ ଉଠିବସି ବୃଦ୍ଧ କହିଲେ—

ନା······ମା, କିଛି ହେଇନାହିଁ । ଏଇଠି ଟିକିଏ ଯାଉ ଯାଉ ଝୁଣ୍ଟି ପଡ଼ିଲି । କିଛି ହେଇନି ମୋର ····ଯା·····ତୁ·····ବ୍ୟସ୍ତ ହେଉଚୁ କାହିଁକି ? ଦେଇ ଆସିଲେ ଏକଥା କିଛି କହିବୁ ନାହିଁ । ଝିଅମୋର ହଇରାଣରେ ପଡ଼ିବ ମା । ମୋର କିଛି ହୋଇନାହିଁ ଯେ······

ପରମ ବିଶ୍ୱାସରେ ବୃଦ୍ଧଙ୍କୁ ଅନେଇ ରହିଲା ନଳିନୀ । ଧନ୍ୟ ପିତୃହୃଦୟ......

ଝିଅର କପାଳରେ ହାତ ବୁଲେଇ ବୁଲେଇ ବୃଦ୍ଧ କହିଲେ —

ତୁ ଯା ମା ! ନଳିନୀ ଆଜି ଯିବ । ତା ପାଇଁ ଖାଇବା ପିଇବାର ବନ୍ଦୋବସ୍ତ କରିବୁ । ଦେଖ କେତେବେଳକୁ ଆସିବ କହିଯାଇଚି......

ଉଠି ଯାଇ ଯାଇ ତପତୀ କହିଲା—

ନା କିଛି କହିନାହିଁ । ନଳିନୀଭାଇ ସତେ କଣ ଯିବେ......

ନଳିନୀ କିଛି କହିପାରିଲା ନାହିଁ । ନିର୍ବାକ ହୋଇ ତପତୀକୁ ଚାହିଁ ରହିଲା କେବଳ । କରୁଣ ସ୍ୱରରେ ବୃଦ୍ଧ କହିଲେ—

ହଁ ମା ନଳିନୀଭାଇ ତୋର ଯିବ । ଯିବାପାଇଁ ସେ ଆସିଥିଲା । ତାକୁ ଅଟକେଇ ରଖିବାପାଇଁ ଦେହର କ୍ଷମତା ମନର ଜୋର୍ ଲୋଡ଼ା ନାହିଁ ମା ! ଆମେ ତାକୁ ରଖିପାରିବା ନାହିଁ......

କହିସାରି କଣ ଯେପରି ଚିନ୍ତା କରିବାକୁ ଲାଗିଲେ ବୃଦ୍ଧ । ତାଙ୍କର ଦୃଷ୍ଟିହୀନ ଆଖିଦୁଇଟି କ୍ରମେ ସଜଳହୋଇ ଆସିଲା । ତପତୀ ତାର ଦେଶ ସମ୍ବନ୍ଧରେ କିଛି ଜାଣି ନ ଥିଲେ ମଧ୍ୟ ନିଜ ପରିବାରର ଏହି ପଙ୍ଗୁ ଅବସ୍ଥାକୁ ଅନୁଭବ କରିପାରୁଚି । ସମସ୍ତେ ଯେ ଗୋଟାଏ ନୀରବ ବ୍ୟଥାର ଭାର ବହନକରି ଆଗକୁ ଗୁଳିଚନ୍ତି ତାହା ମଧ୍ୟ ସେ ଜାଣିପାରିଚି । ସେଥିରେ ସହାନୁଭୂତି ପ୍ରକାଶକରି ଉପଶମପାଇଁ ତାର ବୟସ ହୋଇନାହିଁ । ଯୋଗ୍ୟତା ମଧ୍ୟ ସେ ଅର୍ଜନ କରିପାରି ନାହିଁ । ତଥାପି ସେ ଯେମିତି ନଳିନୀର ବିଦାୟ ବାର୍ତ୍ତାରେ ଆଘାତ ପାଇଲା । ଖେଦ ମିଶା ସ୍ୱରରେ କହିଲା—

ଆପଣ ଠିକ୍ କଥା କହିଲେ ବାବା ! ନଳିନୀ ଭାଇ ଆମର କୁଣିଆହୋଇ ଆସିଥିଲେ । ସେ କଣ ଆଉ ଯାଆନ୍ତି ନାହିଁ ..... କିନ୍ତୁ କଣ ଜାଣିନ୍ତି......

କଥାଟା ଶେଷ କରିବାକୁ ଯାଇ ଅତ୍ୟନ୍ତହୋଇ ନଳିନୀର ମୁହଁକୁ ଅନେଇ ରହିଲା ତପତୀ । ଗମ୍ଭୀର ଅସ୍ୱସ୍ତିରେ ମୁହଁ ତାର ଥମ୍ ଥମ୍ କରିଉଠିଲା ।

ରହି ରହି ବୃଦ୍ଧ କହିଲେ—

ମୁଁ ଜାଣୁଚି ମା, ନଳିନୀ ଚାଲିଗଲେ ମଧ୍ୟ ଭୁଲି ନ ଯିବାର ଯେଉଁ ଦୁଃଖ ଟିକକ ଆମ ଭିତରେ ରହିଯିବ, ତାହାଛଡ଼ା ତା ନିକଟରୁ ଆମର ଆଉ କଣ ପ୍ରାପ୍ୟ ଅଛି.....? କିନ୍ତୁ ଆମେ ଭୁଲିଯିବାକୁ ଚେଷ୍ଟାକରିବା ମା......

କଣ କହିବାକୁ ଯାଇ ବନ୍ଦ ହୋଇଗଲା ତପତୀ । ତା ପରେ ଅସ୍ତେ ଅସ୍ତେ କହିଲା—

ନା ବାବା, ତୁଣ୍ଡରେ କହିଲେବି ଆପଣ ନଳିନୀ ଭାଇଙ୍କ କୁଣିଆପର ଭୁଲିଯାଇ ପାରିବେ ନାହିଁ । ସେ ଆପଣଙ୍କର ଏତେ ପ୍ରିୟ, ଏତେ ଆପଣାର ଯେ ଆପଣ ତାଙ୍କପାଇଁ ସବୁବେଳେ ଦୁଃଖ ଭୋଗ କରିବେ ।

କହିସାରି ସେଠୁ କ୍ଷିପ୍ରପଦରେ ଚାଲିଗଲା ତପତୀ । ଗଲାବେଳେ ତା ଆଖିରୁ ଦୁଇ ବୁନ୍ଦ ଲୁହ ଚଟାଣି ଉପରେ ଖସିପଡ଼ିଲା । ନିଜର ଦୃଷ୍ଟିହୀନତାପାଇଁ ବୃଦ୍ଧ ଦେଖି ନ ପାରିଲେ ମଧ୍ୟ ତାର କଣ୍ଠ ସ୍ୱରରୁ ଜାଣିପାରି ଥିଲେ ଝିଅ କାନ୍ଦୁଚି । ନଳିନୀ ମଧ୍ୟ ଏ ସବୁ ଲକ୍ଷ୍ୟ କରୁଥିଲା ।

ନଳିନୀ ଭାବିଥିଲା ତପସ୍ୱୀ ପିଲା । ଖେଳ କୌତୁକ ଭିତରେ ସେ ଏ ପର୍ଯ୍ୟନ୍ତ ଜୀବନଟାକୁ ନିରୀକ୍ଷଣ କରିବାକୁ ସମୟ ପାଇନାହିଁ । କିନ୍ତୁ ତପସ୍ୱୀ କଣ୍ଠରେ ଆଜି ଏ କି ଭାଷା ? ପୁଣି ତପସ୍ୱୀ କାନ୍ଦିଛି···

ତପସ୍ୱୀ ଚାଲିଯିବାପରେ ନଳିନୀର ମନେହେଲା କେବଳ ପ୍ଲାବନୀ ନୁହେଁ ଏହି ଅସହାୟ ବୃଦ୍ଧ ଆଉ ଏ ସରଳା ବାଳିକାଟିକି ମଧ୍ୟ ସେ ବଞ୍ଚିତକରି ଆସିଛି । ଯେଉଁ ଜୀବନକୁ ମାଲ୍ୟ ଦାନକରି ସୁଖ ସମ୍ଭୋଗ ଭିତରେ ଦିନ କାଟିଦେବାକୁ ସେ କଳ୍ପନା କରୁଛି ଏ ଅଶ୍ରୁ ନିକଟରେ କେତେ ତୁଚ୍ଛ ସେ ।

ନଳିନୀର ଇଚ୍ଛା ହେଲା ସେ ବୃଦ୍ଧଙ୍କର ପାଦ ଧରି କ୍ଷମା ଭିକ୍ଷା-କରି କହିବ, ମୁଁ ଯିବିନାହିଁ ଆଉ । ଆପଣଙ୍କର ଲୁହ ମଦେ ଆଜି ଯେଉଁ ସ୍ୱର୍ଗର ସନ୍ଧାନ ଦେଲା, ତାହା ନିକଟରେ ବାବାଙ୍କ ଐଶ୍ୱର୍ଯ୍ୟର ସ୍ଥାନ ନାହିଁ । ସମ୍ପଦ ଭିତରକୁ ଫେରିଯାଇ ଆଉ କେଉଁ ଲାଭ ହେବ ମୋର·····

ଏ ସବୁ ମନର କଥା ଭାଷାରେ ପ୍ରକାଶ କରିବାର କ୍ଷମତା ଯେମିତି ହରେଇ ବସିଲା ନଳିନୀ । କେବଳ ତା ଓଠରୁ ଅସ୍ପଷ୍ଟ-ହୋଇ ବାହାରିଲା—

ବାବା·····

— ହଁ ବାପା, ଯିବାର ବେଳ ନିକଟ ହୋଇଆସିଲା । ଯା ଦେଖି, ବିନୀ ଆସିଲା କି ନାହିଁ; ଖାଲି ଟିକିଏ ଅଭାଗାଟାକୁ ଦୟା ରଖିଥିବ । ସେତିକି ତମ ପାଖରୁ ଆଶା କରୁଛି ମୁଁ···

କଣ କହିବାକୁଯାଇ ସଚେତନ ହୋଇଉଠିଲା ନଳିନୀ । ଉତ୍ତର ଛଳରେ ଏଠି କିଛି କହିବା ସମ୍ପୂର୍ଣ୍ଣ ଅର୍ଥହୀନ । ନିଷ୍ପ୍ରୟୋଜନ ମଧ୍ୟ । ବୃଦ୍ଧ ଯେତେବେଳେ ତା ଭିତରର

ଲୁଗ୍ଣତାଙ୍କୁ ଦେଖପାରବେ; ସେତେବେଳେ ଲଜ୍ଜା ଅପମାନର ସୀମା ରହିବ ନାହିଁ । ତାଙ୍କୁ ଯେତେବେଳେ ଗୁଲିଯିବାକୁ ହେଉଛି ନିଜର ପାଦଚିହ୍ନ ନ ରଖି ସେ ଏଠୁଁ ଗୁଲିଯିବାହିଁ ସଙ୍ଗତ ।

ନଳିନୀ ସେ ଘରୁ ଧୀରେ ଧୀରେ ନିଷ୍କ୍ରାନ୍ତ ହେଲା । କିନ୍ତୁ ପ୍ଲାବନୀ ପାଖକୁ ଯିବାପାଇଁ ପାଦ ତାର ଯେମିତ ଉଠିଲା ନାହିଁ ପ୍ଲାବନୀ ହୁଏତ ତାଙ୍କୁ ବିଦାୟ ଦେବାପାଇଁ ଫେରି ଅସିଲଣି । କିନ୍ତୁ ଯିବାପାଇଁ ତା ଭିତରେ ଯେପରି ଅଗ୍ରହ ନାହିଁ । କ୍ଲାନ୍ତ ଆଉ ଅବସାଦରେ ମନଟା ଅଚ୍ଛନ୍ନ ହୋଇଗଲଣି । ଏ କ୍ଲାନ୍ତ ତା ଜୀବନରେ ବୋଧେ ଚିରନ୍ତନ । ଜୀବନଟା ଅସ୍ତେ ଅସ୍ତେ ଯେମିତ ଜଡହୋଇ ଆସୁଚି ।

କିଛିସମୟ ପରେ ନଳିନୀ ଆସି ପ୍ଲାବନୀର ଘରେ ପହଞ୍ଚିଲା । ଟ୍ୟୁସନରୁ ଫେରିଅସି କେତେଗୁଡ଼ିଏ ଖାତାପତ୍ର ନେଇ ଦେଖିବାରେ ଲାଗିଚି ପ୍ଲାବନୀ । ନଳିନୀଙ୍କ ଆଗରେ ଦେଖିପାରି ସ୍ମିତ ହସି କହିଲା—

ଯିବାର ଆୟୋଜନରେ ଲାଗି ପଡ଼ିଚ, ନୁହଁ ? ସକାଳଉଁଳା କେଉଁଠି ରହିଗଲ ?

ନଳିନୀ ହସିଲା । ତା ଆଗରେ ମୁଖ୍ୟତଃ ଦୁଇଟି ପ୍ରଶ୍ନ । ଦ୍ୱିତୀୟ ପ୍ରଶ୍ନଟିକୁ ଏଡ଼େଇଦେଇ ପ୍ରଥମଟିର ଉତ୍ତରଦେଇ ସେ କହିଲା—

ଇଚ୍ଛାକରି ବାହାର କରିଦେଲେ ଆଉତ ଏଠି ରହିବାର କୌଣସି ଉପାୟ ନାହିଁ ।

ପରିଶ୍ରମର ବ୍ୟଥା ଆଜ ପ୍ଲାବନୀଙ୍କ କାତର କରୁନାହିଁ । ରାତର ଶୀତଳ ସ୍ପର୍ଶରେ ଆଖି ଦୁଇଟି ଶାନ୍ତ । ଓଠର ମୃଦୁ ମୃଦୁ

ହସ ଭିତରେ ଆଜ ଯେମିତ ନଳିନୀ ତାର ପ୍ରକୃତ ରୂପ ଦେଖି-ପାରୁଛି । ବହୁଦିନପରେ ଦେଖିଛି ତାର ହଜିଲା ଯୌବନଶ୍ରୀ କି ନଳିନୀ ଆଖିରେ ପ୍ଳାବନୀର ଯୌବନ ଆଜି ଛନ୍ଦମୟ ...... ଭାଷାମୟ ...... ।

ପ୍ଳାବନୀ କହିଲା—

ତମେ ଯିବାପାଇଁ ଆସିଥିଲ । ଆସିଥିଲ ମୋ କାର୍ଯ୍ୟକଳାପ ଭିତରେ ତମର ପ୍ଳାବନୀ ବଞ୍ଚିଛି କି ନାହିଁ ଦେଖି ଯିବାପାଇଁ । ସେ ଦେଖା ତମର ଏଥର ସରିଛି ...... ?

ହସି ହସି ନଳିନୀ କହିଲା—

ତମେ କହିପାରିବ ......

ପାରିବି । ମୋର ନିତ୍ୟ ନୈମିତ୍ତିକ ଜୀବନଯାତ୍ରା ଭିତରେ ଏମିତ କୌଣସି ବୈଶିଷ୍ଟ୍ୟ ନାହିଁ, ଯାହାକୁ କି ପର୍ଯ୍ୟବେକ୍ଷଣ କରିବା ପାଇଁ ତମେ ରହିଯିବ । ତମର ଯିବାର ବେଳ ହେଇଛି ।

ଗୋଟାଏ ଚୌକି ଉପରେ ବସିପଡ଼ି ନଳିନୀ କହିଲା—
ଯଦି କହିବ ତମ ପାଖରେ ରହିବାକୁ ମତେ ଭଲ ଲାଗୁଛି ......

ସ୍ଥିରହେଇ ନଳିନୀକି ଚାହିଁ ପ୍ଳାବନୀ ପଚାରିଲା—

କାହିଁକି ?

କଣ୍ଠରେ ବିନୟ ଧରି ନଳିନୀ କହିଲା—

ଶୈଶବକୁ ତମର ଆଜି ମନେ ପଡ଼ୁନାହିଁ ବିନୀ ! କୈଶୋରର କେତେ ସୁଖ ଦୁଃଖର ଅନୁଭୂତିକି ତମେ ଏତେ ସହଜରେ ଭୁଲିଯାଇ ପାରିଲ ...... ?

ନିର୍ଲିପ୍ତ ସ୍ୱରରେ ପ୍ଳାବନୀ କହିଲା—

ଚେଷ୍ଟାକରି ଭୁଲିଯାଉଚି ବୋଲି ଯଦି କହେ ··

ଭାଷାରେ ଅକୁଳତା ଭରି ନଳିନୀ କହିଲା—

ଏତେ ହୃଦୟହୀନା ତମେ ଝିନୀ ······

ଜାଣି ଜାଣି ଯାହାକୁ ହୃଦୟହୀନା କରି ଦିଆଯାଏ, ସେ ଅଉ ହୃଦୟବତୀ ହେବ କେମିତି······?

ପ୍ଲାବନୀର କଥା ଶୁଣି ହଠାତ୍ କିଛି କହି ପାରିଲାନାହିଁ ନଳିନୀ । କିଛିକ୍ଷଣପରେ ଉଚ୍ଚସ୍ୱରରେ କହିଉଠିଲା—

ମୁଁ ତମକୁ ଛାଡ଼ି ଯିବି ନାହିଁ ·····

ହସିଉଠି ପ୍ଲାବନୀ କହିଲା—

ସବୁ ମିଛ । ପାରିବ ନାହିଁ । ତମର ବ୍ରାହ୍ମଣ ଅଛି । ସମାଜ ଅଛି ।

ବ୍ରାହ୍ମଣ ବ୍ରାହ୍ମଣ ବୋଲି ଚିତ୍କାରକରି ଯେଉଁମାନେ ମାନବିକତା ଭୁଲନ୍ତି ସେହି ଶୋଷକମାନଙ୍କୁ ନେଇ ଏ ସମାଜ ଗଢ଼ାଯାଇଚି ।

ମୋର କୌଣସି ବନ୍ଦୋବସ୍ତ ନ କଲା ପର୍ଯ୍ୟନ୍ତ ମୁଁ ଏଠୁ ଯିବିନାହିଁ ।

କିନ୍ତୁ ତମର କି ବନ୍ଦୋବସ୍ତ କିଏ କରିବ ?

ହସ ଭିତରୁ ପୁଣି କେଇଟି କଥା ପ୍ଲାବନୀର ଓଠରୁ ଝରି ପଡ଼ିଲା । ନଳିନୀ ଅଉ କୌଣସି ଜବାବ ଦେଇ ପାରିଲାନାହିଁ । ପ୍ଲାବନୀ ନିକଟରେ ସେ ଅସ୍ତ୍ରେ ଅସ୍ତ୍ରେ ସମସ୍ତ କ୍ଷମତା ହରେଇ ବସୁଚି । ପ୍ରତିବାଦ କରିବାର ସାହସ ଯେମିତି ତାର ନାହିଁ । ସେ କେବଳ ଅନୁଭବ କରୁଚି ଆତ୍ମସମର୍ପଣର ତାଡ଼ନା ।

ତମେ ବୋଧେ ମୋର ଏହି ନୀରସ ଜୀବନଯାତ୍ରା ପସନ୍ଦ କରି ପାରୁନାହିଁ...

ପ୍ଲାବନୀର କଥାରେ ନଳିନୀର ଚିନ୍ତା ଠିକ ଭାଙ୍ଗିଗଲା ସେମିତି ଅବିଚଳିତ ଦମ୍ଭର ସହିତ ବସିରହିଛି ପ୍ଲାବନୀ ନଳିନୀର ଏତେ କଥା ପରେ ମଧ୍ୟ ତାର କୌଣସି ପରିବର୍ତ୍ତନ ଆସିନାହିଁ । ଟିକିଏ ଦୟାର୍ଦ୍ର-ସୁଦ୍ଧା ସଞ୍ଚାର ହେଇନାହିଁ । ଏଥିରେ ଯେମିତି ଖୁବ୍ ଆଘାତ ପାଇଲା ନଳିନୀ । ଖୁବ୍ ଧୀର ସ୍ୱରରେ ଉତ୍ତରଦେଇ ନଳିନୀ କହିଲା—

ମୋର ପସନ୍ଦ ଅପସନ୍ଦ ଉପରେ ତମର କୌଣସି ଲାଭ କ୍ଷତି ନିର୍ଭର କରେନାହିଁ ବୀଣା .....

କରେନାହିଁ ସତ, ତଥାପି ତମପରି ଜଣେ ପୁରାତନ ବନ୍ଧୁର ନୈତିକ ସମର୍ଥନ ପାଇଲେ ଆଗେଇ ଚାଲିବାରେ ଉତ୍ସାହ ରହିବ ।

ପ୍ଲାବନୀର କଥାଶୁଣି ହୋ ହୋ ହେଇ ହସିଉଠିଲା ନଳିନୀ । ହସି ହସି କହିଯିବାରେ ଲାଗିଲା—

ତମେ ଏକ ଅଦ୍ଭୁତ ଜୀବ ପ୍ଲାବନୀ । ଯାହାର ନୈତିକ ସମର୍ଥନ ତମେ ଚାହୁଁଛ, ତାର ଗୋଟିଏ ପଦ ସୁଦ୍ଧା କଥା ଶୁଣିବାକୁ ଇଚ୍ଛା କରୁନାହିଁ ।

କାହିଁ କେଉଁ ଦିନ ତମେ ମତେ କଣ କହିଛ ଅଉ ମୁଁ ଶୁଣିନାହିଁ ?

ଖାଲି ଶୁଣିନାହିଁ, ଖାତିର ମଧ୍ୟ କରିନାହିଁ । ଚାକିରୀ ବା ଟ୍ୟୁସନ ତମର ପ୍ରତ୍ୟେକ ମୁହୂର୍ତ୍ତ ଅଗୋରି ନେଇଛି । ତମେ ଭାବିବାକୁ ଅବକାଶ ପାଇନାହିଁ । ତମର ଜୀବନଅନି- ଭଜ୍ଞ୍ୟତ

ଅଛୁ । ପୁଣି ମୋପରି ଗୋଟାଏ ଅକିଞ୍ଚନ ପ୍ରତି କରିକି, କେବେ ହେଲେ ଥରକପାଇଁ ସେ କଥା ତମେ ଭାବିନାହିଁ

ଶେଷ କଥାତକ କହି ଉତ୍ତର ଅପେକ୍ଷାରେ ପ୍ଲାବନୀର ମୁହଁକୁ ଅନେଇ ରହିଲା ନଳିନୀ । ଅନେକ ସମୟ ଚୁପ୍ ରହି କଣ ଯେପରି ଭାବିବାକୁ ଲାଗିଲା ପ୍ଲାବନୀ । ତା ପରେ କ୍ଷୀଣକଣ୍ଠରେ କହିଲା—

ଏଥିପାଇଁ ତମେ ବିରକ୍ତିରେ ଫେରିଯାଉଚ...

ବିରକ୍ତି ନୁହେଁ, ହତାଶହୋଇ ଫେରିଯାଉଚି । ଗଭୀର ନୈରାଶ୍ୟ ମଝିରୁ ମୁଁ ତମକୁ ଖୋଜିପାଇଲି ନାହିଁ । ଏହି ବ୍ୟର୍ଥତା ନେଇ ଚାଲିଯିବାକୁ ହେଉଚି ମତେ । ତମେ ମୋର ସେ ଦିନର ପ୍ଲାବନୀ ନୁହଁ । ତମ ଭିତରେ ସେ ଦିନର ପ୍ରାଣମୟ ସୌନ୍ଦର୍ଯ୍ୟ, ଉତ୍ସାହ, ସଜୀବତା ଆଜି କିଛିନାହିଁ । ତମେ କେବଳ ସେ ଦିନ ପ୍ଲାବନୀର ଗୋଟିଏ ବିକୃତ ଆକୃତି ଯିଏ ସ୍ମୃତି ଦ୍ୱାରରେ ବେଳେ ବେଳେ ଆଘାତ କରି ସେ ଦିନର ପାଥେୟକୁ ଆଖି ଆଗରେ ରଖିଦିଏ । ତମର ଚୁକ୍ତିରେ ମୋର ଆପତ୍ତି ନାହିଁ ବନୀ । କିନ୍ତୁ ନିଜର ଭବିଷ୍ୟତକୁ ଗାଢ଼କଳା ଆଚ୍ଛାଦନ ଭିତରେ ଢାଙ୍କି ଦେବାର ପ୍ରଚେଷ୍ଟା ବଡ଼ ନିନ୍ଦନୀୟ ତମର......

କଥାର ଶେଷଆଡ଼କୁ ନଳିନୀର କଣ୍ଠ ଥରି ଉଠିଲା । ସେ ଅନୁଭବ କଲା ଛାତିଟା ଯେମିତି ତାର ଫାଟି ପଡ଼ିବ ।

ଟେବୁଲ୍ ଉପରେ କାଗଜପତ୍ର ଖେଳେଇ ହୋଇ ରହିଚି । ସେଗୁଡ଼ିକ ସଜାଡ଼ି ରଖୁ ରଖୁ ପ୍ଲାବନୀ କହିଲା—

ଭବିଷ୍ୟତ ମୋର ନାହିଁ । ଅତୀତ ଯାଇଚି । ବର୍ତ୍ତମାନକୁ ନେଇ ନିଜକୁ ନିଃଶେଷ କରିଦେବି ମୁଁ ।

ତାର ଦୁଇହାତ ମୁଠେଇଧରି ଅକୁଳହେଇ ନଳିନୀ କହିଲା –
କାହିଁକି ତମର ଏ ଅଭିମାନ ବନୀ……

ଅଭିମାନ ନୁହେଁ, ପରିଣତି । କାଳର ବିବର୍ତ୍ତନରେ ଦେହ ମନ ମୋର ଶୀର୍ଣ୍ଣ ହେଇଛି । ସେ କ୍ଷତର ଜ୍ୱାଳା କମେଇବା ପାଇଁ ଏକମାତ୍ର ଔଷଧ ଏହି ଦାୟିତ୍ୱ । ତମର ସମୟ ହେଇଗଲାଣି । ଯାଅ ପ୍ରସ୍ତୁତ ହେଇଯାଅ ।

କହିବା ସାଙ୍ଗେ ସାଙ୍ଗେ ପ୍ଲାବନୀ ହାତ ଛଡ଼େଇ ପୁଣି ଖାତାଗୁଡ଼ିକୁ ଦେଖିବାରେ ଲାଗିଲା ।

ଖାତା କଲମ ପ୍ଲାବନୀହାତରୁ ଛଡ଼େଇ ନେଇ ଦୂରକୁ ଘୁଞ୍ଚେଇ ଦେଲା ନଳିନୀ । ଆସନ ଛାଡ଼ି ପ୍ଲାବନୀର ଖୁବ୍ ପାଖରେ ବସିପଡ଼ି କହିଲା—

ତମ ମୁହଁରୁ ଶେଷକଥା ନ ଶୁଣି ମୁଁ ଆଜି ଯିବିନାହିଁ । ଶୁନ୍ୟ ଘରକୁ ଫେରିଯାଇ ମୋର କେଉଁ ଲାଭ ହେବ ?

ପ୍ଲାବନୀ କିଛି କହିଲାନାହିଁ । ଅନେକଥର ଅନେକକଥା ସେ କହିଛି । ଆଜି ଆଉ ନଷ୍ଟ ଯୌବନ ହତୋତ୍ସାହ ଜୀବନ ନେଇ ନୂଆ କଥା ସେ କଣ କହିପାରିବ ନଳିନୀକୁ । ନଳିନୀ ବି କେଡ଼େ ନାବୋଧ । ନୀରବରେ ବିଛଣା ଛାଡ଼ି ଝରକାପାଖକୁ ଉଠିଆସିଲା ପ୍ଲାବନୀ ।

ବାହାରେ ଖରାଦିନର ରାତି । କୃଷ୍ଣପକ୍ଷ ଜହ୍ନ ଅସ୍ତେ ଅସ୍ତେ ଅନ୍ଧାର କାଟି ଦୂର ପାହାଡ଼ ଉପରୁ ଉଠି ଆସୁଛି । ନିଶୂନ ଗଛପତ୍ର ସନ୍ଧରେ ମର୍ମର ଗୀତ ଅନେକବେଳୁ ହଜିଗଲାଣି । ସମୟ ଗଡ଼ି ଯାଉଛି । ଅସ୍ଥିରହେଇ ନଳିନୀ କହିଉଠିଲା—

କଣ କହୁଲ ନାହିଁ ତ ବନୀ······

ନଳନୀର ଏ ପ୍ରଶ୍ନରେ ଚହିଁକ ଉଠିଲା ପ୍ଲାବନୀ । ଯେମିତ ଆଗରୁ ସେ କାହ୍ଧୁ ଶୁଣିପାର ନାହିଁ । ନୂଆକର ସେ ନଳନୀର ସ୍ୱର ଶୁଣୁଛ । ତା ପାଖକୁ ଆସି ନଳନୀ ପୁଣି କହ୍ଲ—

କହ ବନୀ······

କଣ କହ୍ବ······?

କଣ କହ୍ବ ତମେ ଜାଣିଚ ବନ୍ଧୁ ! ସେକଥା ତମକୁ ଲୁଚେଇବାକୁ ହେବନାହିଁ । କହ······

ନିଜ ସ୍ୱରର କଠିନତାରେ ନିଜେ ଚମକ୍ପଡ଼ିଲ ନଳନୀ । କନ୍ତୁ ପ୍ଲାବନୀର କୌଣସି ବଲକ୍ଷଣ ପ୍ରକାଶ ପାଇଲନାହିଁ । ସେ ସେହ୍ପର ସ୍ଥିର ଭାବରେ ଜବାବ ଦେଲ—

ମୁଁ ଦରଦ୍ରର କନ୍ୟା······

ଜିଦ୍‌କର ନଳନୀ କହ୍ଲ—

ତଥାପି ତମକୁ କହ୍ବାକୁ ହେବ······

ନଳନୀକ ନ ଗ୍ହିଁ ରୁକ୍ଷ କଣ୍ଠରେ ପ୍ଲାବନୀ କହ୍ଲ—

ମୋର ତମକୁ କାହ୍ଧି କହ୍ବାର ନାହିଁ······

ଜିଦ୍ କମ୍ବା ଅଭିମାନରେ ନିଜର ସର୍ବନାଶ କରନାହିଁ ପ୍ଲାବନୀ । ମତେ କହ, ମୁଁ ପ୍ରସ୍ତୁତ ହେଇ ଆସିଚ ।

ନଳନୀର ଅସ୍ୱାଭାବକ କଣ୍ଠସ୍ୱର ଶୁଣି ଚମକ୍ପଡ଼ ଗ୍ହିଁଦେଲ ପ୍ଲାବନୀ । କନ୍ତୁ ପ୍ରତଉତ୍ତର ଦେବାପାଇଁ ତା ଅଙ୍ଗରୁ କୌଣସି ଉଦ୍ୟମ ଦେଖା ଗଲନାହିଁ । ନିର୍ବାକ ହେଇ ସେ କେବଳ ଅନ୍ଧାରକୁ ଅନେଇ ରହ୍ଲା ।

ତାର ଦୁଇହାତକୁ ଜୋରରେ ମୁଠେଇଧରି ପ୍ରାୟ ଚିତ୍କାର କରି ନଳିନୀ କହି ଉଠିଲା—

ତମର ଧମକକୁ ଡରି ଡରି ମୋ ଜୀବନର ଅର୍ଦ୍ଧେକ ହା ହୁତାଶରେ କଟିଯାଇଚି। ନୀରବରେ ତମର ସକଳ ଉତ୍ପୀଡ଼ନ ସହ୍ୟକରି ଆସିଚି ମୁଁ। ଆଜି ଆଉ ପାରିବିନାହିଁ। ବାବାଙ୍କର ଐଶ୍ୱର୍ଯ୍ୟ ମୋର ଲୋଡ଼ାନାହିଁ। ତମେ କହ ଝିଅ, ତମକୁ ଆଜି କହିବାକୁ ହେବ······

ପ୍ଲାବନୀ ପୂର୍ବପରି ମଉନ ରହି ଦୂରକୁ ଚାହିଁ ରହିଲା। ତାର ଏହି ନୀରବତା ଅସହ୍ୟ ହୋଇ ଉଠିଲା ନଳିନୀର। ସେ ଉତ୍ତେଜନାରେ ଥରି ଥରି ପ୍ଲାବନୀକି ନିଜଆଡ଼କୁ ଟାଣିଆଣି କହିଲା—

ନିଜକୁ ତିଳ ତିଳ କରି ନିଷ୍ପେଷିତ କରିଦେବ ? ମୋ ଉପରେ ଅଭିମାନ କରି ମରଣର ବାଟ ସଫା କରି ଦେଉଚ ? ତମକୁ ମୁଁ ମରିବାକୁ ଦେବିନାହିଁ। ସଂଗ୍ରାମକରି ତମକୁ ଏ ବ୍ୟର୍ଥତା ଭିତରୁ ମୁଁ ଉଦ୍ଧାର କରିବି······

ସହଜ ଭାବରେ ପ୍ଲାବନୀ କହିଲା—

ମୋ ନିକଟରେ ବ୍ୟଷ୍ଟିଠାରୁ ସମଷ୍ଟିର ଜୀବନହିଁ ମୂଲ୍ୟବାନ।

ଅପ୍ରତ୍ୟାଶିତ ଭାବରେ ପ୍ଲାବନୀକି ଛାତିରେ ଭିଡ଼ିଧରି ପାଗଳପରି ନଳିନୀ କହିଲା—

ତା ହେଲେ ମତେ ବିଷ ଦିଅ ପ୍ଲାବନୀ ! ଏମିତି ଟିକି ଟିକି କରି ଜଳେଇ ପୋଡ଼େଇ ମାରିବା ଅପେକ୍ଷା ବିଷଦିଅ······ମୁଁ ଏକାଥରେ ମରିବାକୁ ଚାହେଁ······ମୋର ଗଳା ଚିପି ମାରିଦିଅ ପ୍ଲାବନୀ···

ନଳିନୀଠାରୁ ନିଜକୁ ଛଡ଼େଇନେଇ ତାକୁ ପ୍ରକୃତିସ୍ଥ କରି ଦେବାକୁ ଇଚ୍ଛାକଲା ପ୍ଲାବନୀ । କିନ୍ତୁ ଛାଡ଼ି ଦେବାତ ଦୂରର କଥା, ପ୍ଲାବନୀକି ଆହୁରି ଜୋରରେ କୋଳକରି ଭିଡ଼ିଧରିଲା ନଳିନୀ । ଏଥିରେ ପ୍ଲାବନୀ ସମ୍ପୂର୍ଣ୍ଣ ନିରୁପାୟ ହୋଇପଡ଼ିଲା । ପରିପୂର୍ଣ୍ଣ ବୟସରେ ଏ ଅଭିନୟ ଅତ୍ୟନ୍ତ ଅଶୋଭନୀୟ । ଯଥାସାଧ୍ୟ ଆତ୍ମ ସମ୍ବରଣକରି ସେ ନଳିନୀର ବାହୁବନ୍ଧନ ଭିତରୁ ନିଜକୁ ମୁକ୍ତ କରିବାକୁ ଚେଷ୍ଟାକରି ତାକୁ ଦୂରକୁ ଠେଲିଦେଲା । ଏ ଅତର୍କିତ ଆକ୍ରମଣ ପାଇଁ ପ୍ରସ୍ତୁତ ନଥିଲା ନଳିନୀ । ପ୍ଲାବନୀର ସାମାନ୍ୟ ଆଘାତ ସହି ନ ପାରି ସେ ଲ୍ୟାମ୍ପ ଉପର ଦେଇ ଦୁଆରି ବନ୍ଧ-ଉପରେ କଚ୍ଚଡ଼ି ହୋଇପଡ଼ିଲା । କବାଟ ଫାଙ୍କରେ ହାତଟା ପଶି ମୋଡ଼ିହୋଇ ଯିବାରୁ ଏକ ଅବ୍ୟକ୍ତ ଯନ୍ତ୍ରଣାରେ ଆର୍ତ୍ତନାଦ କରି ଉଠି ଅଚେତ ହୋଇଗଲା ନଳିନୀ ।

ଚିତ୍କାରଶୁଣି ଘରୁ ଛୁଟି ତପତୀ ଆଉ ଶୁକର ଟୋକା ଦୌଡ଼ି ଆସିଲେ । ଅନ୍ୟ କୈଳାସ ପଟ୍ଟନାୟକ ମଧ୍ୟ ଉଣ୍ଟାଳି ଉଣ୍ଟାଳି ଆସି ପହଞ୍ଚିଗଲେ । ପ୍ଲାବନୀ କିଂକର୍ତ୍ତବ୍ୟବିମୂଢ଼ ଅବସ୍ଥାରେ ଠିଆହୋଇ ରହିଛି । ଯେମିତି ତା ଦେହରେ ପ୍ରାଣ ନାହିଁ । ସେ ଏକ ନିର୍ଜୀବ, ନିର୍ବାକ ପ୍ରସ୍ତର ମୂର୍ତ୍ତି ।

ଶୁକର ଟୋକା ଗୋବିନ୍ଦ ନଳିନୀକି ତଳୁ ଟେକି ଧରିଲା । ତପତୀ ଧୀରେ ଧୀରେ ହାତଟିକି ଖୋଲି ଆଣିଲା । ଏତିକିବେଳେ ତାର ଦୃଷ୍ଟି ପଡ଼ିଲା ନଳିନୀର ବାହୁ ତଳେ । ଖଣ୍ଡେ ବଡ଼ କାଚର କେତେକାଂଶ ଦେଖାଯାଉଛି । ସେ ପ୍ରାୟ ଲ୍ୟାମ୍ପ କାଚର ଏକ-ଚତୁର୍ଥାଂଶ ହେବ । କିନ୍ତୁ ତାକୁ ଚିପିଦେଇ ଟାଣି ଆଣିବାର ଉପାୟନାହିଁ । ଯେତ ଜାଗାରୁ ରକ୍ତବହି ଚଟାଣ ଭିଜିଗଲାଣି ।

ଗୋବିନ୍ଦ କହିଲା—

ରିକ୍ସା ଡାକି ଡାକ୍ତରଖାନା ନେଇଯିବା । ଧର ଦେଖି, ମୁଁ ଗୋଟାଏ ରିକ୍ସା ଡାକେ……

ପ୍ଲାବନୀ ଧୀରେ ଧୀରେ ଆଗେଇ ଆସି ନଳିନୀଙ୍କ କୋଳକୁ ଉଠେଇ ନେଲା । କାହାରି ତୁଣ୍ଡରେ ଭାଷା ନାହିଁ । ଗୋଟାଏ ଅନନୁଭୂତ ଅଭି ପରିସ୍ଥିତି ସମସ୍ତଙ୍କୁ ନିର୍ବେଦ କରି ରଖିଛି । କୈଳାସ ପଟ୍ଟନାୟକ ମଧ୍ୟ କଥାବାର୍ତ୍ତାରୁ ସବୁ ଅନୁମାନ କରିନେଇ କାତରହୋଇ ବସି ରହିଛନ୍ତି । ଏ ଘଟଣାର ମୂଳ କେଉଁଠି ଖୋଜି ବାହାର କରିବାକୁ କାହାରି ମନେନାହିଁ ।

ଗୋବିନ୍ଦ ରିକ୍ସାନେଇ ଆସି ପହଞ୍ଚିଲା । ତପତୀ ସାହାଯ୍ୟରେ ନଳିନୀଙ୍କୁ ଉଠେଇନେଇ ରିକ୍ସାରେ ଧରିବସିଲା ସେ ।

ଗୁଙ୍କରିଲୋକ ଗୋବିନ୍ଦ । ସାହସ ଥିଲେବି ବାବୁଭାୟାଙ୍କ କଥାବାର୍ତ୍ତା ସେ ବୁଝି ପାରିବନାହିଁ । କୈଳାସ ପଟ୍ଟନାୟକ ଅନ୍ଧୁଣୀ ଲୋକ । ସେ ବୁଲେଇ ପାରିବେନାହିଁ । ସେଥିଯୋଗୁ ବଡ଼ଝିଅକୁ ଡାକି ସେ ନଳିନୀ ସହିତ ପଠେଇ ଦେଲେ । ତପତୀ ମଧ୍ୟ ସାଙ୍ଗରେ ଗଲା । କିନ୍ତୁ ସେ ପର୍ଯ୍ୟନ୍ତ ନଳିନୀର ଚେତା ଆସିନଥାଏ ।

ଏହି ଦୁର୍ଘଟଣାର ପ୍ରାୟ ଦୁଇସପ୍ତାହ ପର୍ଯ୍ୟନ୍ତ ନଳିନୀ ନିଜ ବିଛଣାରେ ଚିନ୍ତା କରିବାକୁ ଅବସର ପାଇନାହିଁ । ଶୋଇ ଶୋଇ ସେ କେବଳ ଅନୁଭବ କରିଛି ଯନ୍ତ୍ରଣା । ଘା'ଟି ଶୁଖିବାକୁ ଅଭି କିଛିଦିନ ଲାଗିବ ।

ଏହି ଦୁର୍ଦ୍ଦିନ ଭିତରେ ପ୍ଲାବନୀ କେମିତି ନୀରବ ସ୍ଥାଣୁ ଦେଖିବାକୁ ପାଉଛି । ଏତେଦିନ ଧରି ସେ ଯୋଉଁ ସ୍ୱପ୍ନ ଦେଖି ଦେଖି ସମୟ କଟେଇ ଦେଉଥିଲା, ତାହା ନିଷ୍ଫଳ ହୋଇଯାଇଛି । ପ୍ଲାବନୀର ମନେହେଉଛି ଜୀବନଟା ତାର ଜୀବନ ନୁହେଁ । ଏକ ଦୀର୍ଘ ନିର୍ବାସନ । ଯନ୍ତ୍ର ଚାଳିତ ପରି ସେ ଚାକିରି କରୁଛି । ଶାସନ ପାଇଁ ସେ ଯେପରି ନିଜକୁ ବାଧ୍ୟ କରୁଛି । କେତେବେଳେ କେଉଁ ଛାତ୍ରୀଙ୍କ କଣ ପଡ଼ୁଛି, ଘରେ ବାବା ତପତୀଙ୍କୁ କଣ କହୁ ସେ ନିଜ କଥା ପ୍ରକାଶ କରୁଛି, ତାହା ପ୍ଲାବନୀର ମନେ ରହୁନାହିଁ । କର୍ମକ୍ଷେତ୍ରରେ ସେ ଅତ୍ୟନ୍ତ ଲୋକପ୍ରିୟ । ପରିବାରରେ ସମସ୍ତଙ୍କର ଆଦରଣୀୟା । ସେଥିଯୋଗୁ ହୁଏତ ଅସନ୍ତୋଷ ପ୍ରକାଶ ପାଉନାହିଁ । କିନ୍ତୁ ପ୍ଲାବନୀର ମନେ ହେଉଛି ତାର କର୍ମଧାରାରେ ଯେମିତି ଏକ ମହା ବ୍ୟତିକ୍ରମ ସୃଷ୍ଟି ହେଉଛି । ଯେଉଁ ନିଃସଙ୍ଗ ଜୀବନ ତାର ଧାରାବାହିକ ଯାତ୍ରାପଥରେ ଗତିମୁଖର ହୋଇ ଉଠିଥିଲା ତାହା କ୍ରମେ କ୍ରମେ ଶିଥିଳ ହୋଇପଡ଼ୁଛି ।

ବେଳେ ବେଳେ ନିରୋଳାରେ ବସି ବସି ନିଜକଥା ଭାବେ ପ୍ଲାବନୀ । ଜୀବନ ପ୍ରବାହ କେଉଁଠୁ ବାହାରି କୁଆଡ଼କୁ ବହି ଚାଲିଛି ତାର ଗତି ସ୍ଥିର କରିପାରେନା । କେତେ ସୁଖ ଦୁଃଖ ଭିତରେ ତାର ଚଲାବାଟରେ ଠିଆ ହୋଇଛି ଏହି ନଳିନୀ । ଆଜି ତାର ସାକ୍ଷାତ ନୂଆ ନୁହେଁ । ଏହି ପୁରୁଷଙ୍କୁ ନେଇ କୌଣସି ସ୍ୱତନ୍ତ୍ର ସେ ରଚନା କରିପାରି ନଥିଲେ ମଧ୍ୟ ତା ଜୀବନର ଚରମ ସୁଖ ଥିଲା ନଳିନୀ । ସୁଦୂର ଶୈଶବରୁ ନଳିନୀ ସହିତ ତାର ଆଳାପ । ତାର ଘନିଷ୍ଠତା । ପାରିବାରିକ ଅଶୀଷ ବନ୍ଧନ କରି ଅନ୍ତରଙ୍ଗତାର ସୁଦୂର ଅବକାଶ ଭିତରେ ଦୁହିଁଙ୍କର ସମ୍ପର୍କ

ନିବିଡ଼ ହୋଇ ଉଠିଥିଲା । ଆଜି ସେହି ନିବିଡ଼ତାର ସ୍ମୃତି ଚିହ୍ନ ଧାରଣ କରିଥିବା କୈଶୋରହିଁ ଚିରସ୍ମରଣୀୟ । କିନ୍ତୁ ପରିଜନର ତାଡ଼ନାରେ ସେ ସମ୍ବନ୍ଧର ଅପମୃତ୍ୟୁ ଘଟିଛି । ସାରାଦିନ ଜୀବନର ଏହି ଅକଥ୍ୟ ଅତ୍ୟାଚାର ସହିବାକୁ ହେବ ।

ପ୍ଲାବନୀ ଜୀବନର ଏହି ଅଶ୍ରୁଳ ଲିପି ଚିରଦିନ ଅପାଠ୍ୟ ରହିଗଲା । ପ୍ରଥମ ପ୍ରଥମ ପ୍ଲାବନୀର ଅସହ୍ୟ ମନେ ହେଉଥିଲା । ଜୀବନର ଯେଉଁ ଦିଗକୁ ନେଇ ମଣିଷ ରସ କଳ୍ପନାରେ ଅଧୀର ହୋଇଉଠେ, ସର୍ବ ପ୍ରଥମ ସେଇଠି ଆଘାତ ପାଇ ପ୍ଲାବନୀର ଧାରଣା ହେଲା ଦେହ ଧାରଣା ମଧ୍ୟ ଅସମ୍ଭବ । କିନ୍ତୁ ଶେଷ ପର୍ଯ୍ୟନ୍ତ କେଇଖଣ୍ଡି ଅସ୍ଥିଧରି ରହିଗଲା ପ୍ଲାବନୀ । ଯେଉଁ ବ୍ୟଥା ଅଶ୍ରୁକୁ ଗୁପ୍ତି ରଖି ସେ ନୂତନ ଯାତ୍ରା ଆରମ୍ଭକଲା, ତାହାରେ ତାର ପ୍ରକାଶ ହେଲନାହିଁ । ନିଜର ଗଭୀର ବେଦନାରେ ନିଜେହିଁ ସେ ବୁଡ଼ିରହିଲା । ନିରାନନ୍ଦ ଆଉ ବ୍ୟର୍ଥତାର ଚିହ୍ନ ନାହିଁ । ଏହି ଏକାକିନୀ ଜୀବନ ଭିତରୁ କେହି ଖୋଜି ବସିଲେ ଅଶ୍ରୁ ପାଇବନାହିଁ । ବେଳେ ବେଳେ ବସନ୍ତର ମଧୁର ସ୍ପର୍ଶରେ, ବର୍ଷାର ଝର ଝର କଳ ଗୀତ ଭିତରେ ତାର ଗୀତମୟ ଯୌବନ ଜାଗିଉଠେ । ନିଜ ଭିତରେ ଗୋଟାଏ ଉତ୍ପୀଡ଼ନ ଉପଲବ୍ଧି କରେ ପ୍ଲାବନୀ । ପର ମୁହୂର୍ତ୍ତିରେ ପୁଣି ନିଜକୁ ସଞ୍ଜତ କରିନିଏ । ସେ ଜାଣେ ଏଇଟା ଅଳ୍ପବୟସର ପ୍ରଲୋଭନ । ପାରିବାରିକ ଅଭାବ, ଅନାଟନ ଭିତରେ ଏହାର କୌଣସି ସାନ୍ତ୍ୱନା ନାହିଁ । କେବଳ ତ୍ୟାଗ, ନିସ୍ତାର ଆସନରେ ସେ ତପସ୍ୱିନୀ ।

ବହୁଦିନ ପରେ ଏହି ଚିନ୍ତା ସମୟ ସମୟରେ ପ୍ଲାବନୀକୁ ଅଧୀର କରିପକାଏ । ସୁଖ, ସମ୍ଭୋଗର ଆକାଂକ୍ଷା ଏବେଆଉ

ଅସ୍ଥିର ନ କଲେ ମଧ୍ୟ ବ୍ୟର୍ଥତାର ଗ୍ଲାନିରେ ହୃଦୟ ଯେମିତି ଭାଙ୍ଗିପଡ଼େ । ସେଦିନର ସେହି ଘଟଣା ଆଖି ଆଗରେ ଖେଳିଯାଏ ।

କିଏ କହିବାକୁ ସେଦିନ ଜିଦ୍ କରୁଥିଲା ନଳିନୀ·····ପୁଣି ତାକୁ କି ଉତ୍ତର ସେ ଦେବ······

ଏ ସବୁ ଯେତେ ଭାବିଲେ ବି ଉତ୍ତର ଖୋଜି ପାଏନା ପ୍ଲାବନୀ । ସେଥିରେ ପୁଣି ନଳିନୀ ଅସୁସ୍ଥ । ଅଭାବ, ଅନାଟନର ସଂସାରରେ ଅସୁସ୍ଥତା ଏକ ଅଭିଶାପ । ନଳିନୀକି ବଞ୍ଚେଇବାକୁ ହେବ । ସେଥିଯୋଗୁ ଅର୍ଥ ଲୋଡ଼ା । ପ୍ଲାବନୀ ନିଜର ଦେହକୁ ଗୃହେଁ । ଦିନକୁ ଦିନ ଅତ୍ୟଧିକ ପରିଶ୍ରମରେ ଭାଙ୍ଗିପଡ଼ିବ ଏ ଦେହ । ଭାଙ୍ଗି····

କିଛିଦିନପରେ ଡାକ୍ତରଖାନାରୁ ମୁକ୍ତିପାଇଲା ନଳିନୀ । ଅନେକ ପରିମାଣରେ ସୁସ୍ଥ ହୋଇଉଠିଥିଲେ ମଧ୍ୟ ବ୍ୟାଣ୍ଡେଜ୍ ଖୋଲି ଯାଇନାହିଁ ହାତରୁ । ବାଁ ହାତଟା ଏ ପର୍ଯ୍ୟନ୍ତ ପୁରାପୁରି ଅକର୍ମଣ୍ୟ ହୋଇ ରହିଛି । ଅପରେଶନର ଘା'ଟା ପ୍ରାୟ ଶୁଖି ଆସିଲାଣି । କିନ୍ତୁ ଦେହର ପୂର୍ବ ସତେଜତା ଆସିନାହିଁ ତାର । ମୁଣ୍ଡ ଘୁରେଇ ଦେଉଛି । ଦେହରେ ପୁରାମାତ୍ରାରେ ଦୁର୍ବଳତା ରହିଛି । ସେଥିଯୋଗୁ ପ୍ଲାବନୀର ତା ଉପରେ ସବୁ ସମୟରେ କଡ଼ା ନଜର ରହିଥାଏ ।

ତପତୀ ଦାୟିତ୍ୱରେ ନଳିନୀକି ରଖି ପ୍ଲାବନୀ ପୂର୍ବପରି ସକାଳୁ ସଞ୍ଜପାଏ ବାହାରେ ରହେ । ଆଗ, ଅପେକ୍ଷା ଏବେ ଅଧିକ ଡେରି ପର୍ଯ୍ୟନ୍ତ ରହିଯାଏ ସେ । ଅର୍ଥଚିନ୍ତାର ଭୂତ ସବୁ-ସମୟରେ ତା ପଛରେ ଲାଗି ରହିଥାଏ ।

ତପସ୍ୱୀ ଧଡ଼ାପଡ଼ି ଘରେ ଘର ଖବର ବୁଝେ । ଏବେ ତାଙ୍କ ଜଞ୍ଜାଳ ଆହୁରି ବଢ଼ିଯାଇଛି । ନଳିନୀର ଅସୁସ୍ଥତାପାଇଁ ତା ଖାଦ୍ୟ-ପେୟର ସ୍ୱତନ୍ତ୍ର ବନ୍ଦୋବସ୍ତ କରିବାକୁ ପଡ଼େ ତାଙ୍କୁ । ସାବେଙ୍କ ମଝିରେ ମଝିରେ ଆସି ତାଙ୍କୁ ସାହାଯ୍ୟକରେ । ତଥାପି ଖେଳ କୌତୁକ ପାଇଁ ତପସ୍ୱୀଙ୍କ ଟିକିଏ ସମୟ ମିଳେନା ।

ଘର ଭିତରେ ଖଟ ଉପରେ ନଳିନୀ ଶୋଇ ରହିଥାଏ ଏକାକୀ । ବେଳେ ବେଳେ ଭାରି ଅସହାୟ ଲାଗେ । ନୀରବ ମୁହୂର୍ତ୍ତର ସୁଯୋଗ ପାଇ ଆଖି ଆଗରେ କେତେ ଛବି ଫୁଟିଉଠେ । ଯେତେବେଳେ ପ୍ଲାବନୀର ମା' ଥିଲେ, କେଡ଼େ ଗେହ୍ଲାର ମଣିଷଥିଲ ସେ ତାଙ୍କର । ବହୁଦାର'ବି ବେଳେ ବେଳେ ପହଞ୍ଚି ଯାଉଥିଲେ ଆସି । କୋଳରେ ନିଜ ପୁଅ ସହିତ ପ୍ଲାବନୀକୁ ବସେଇ ଘଣ୍ଟା ଘଣ୍ଟା ଧରି ଦେଖୁଥିଲେ । ନଳିନୀ ମା ମଧ୍ୟ ପ୍ଲାବନୀକୁ କାଖକରି ନେଇ ଯାଉଥିଲେ । ସବୁଠାରୁ ସୁନ୍ଦର ବସ୍ତୁରେ ପ୍ରଥମ ଦାବୀ ଥିଲା ପ୍ଲାବନୀର । ଆନନ୍ଦର କଲରୋଳ ଭିତରେ ଶୈଶବ କଟି ଯାଇଛି । ଧୀରେ ଧୀରେ ଦିନ ଗୁଡ଼ିକ ଅପସରି ଯାଉଥିଲା । ପୁଣି ଚକ ବୁଲିଲା । ଦୁଃଖ ଦୈନ୍ୟ ଭିତରେ ଫସି ଗଲେ ଏ ପରିବାର । ଶିକ୍ଷା ଛାଡ଼ି ପ୍ଲାବନୀ ହେଲା ଶିକ୍ଷୟିତ୍ରୀ । କର୍ତ୍ତବ୍ୟର ଜଗତରେ ବନ୍ଦୀହୋଇ ଯୌବନ ମଉଳିଲା.....ଅଥଚ ବୟସ......

ଭାବନା ଭିତରେ ନଳିନୀର ଆଖିରେ ଅଶ୍ରୁ ପୂରି ଉଠେ । କୁଆଡ଼େ ଗଲା ସେଦିନ । ଆଜିପୁଣି ଭୀମକାୟା ବାସ୍ତବ ନେଇ ଠିଆହୋଇଛି ବର୍ତ୍ତମାନ । କେଉଁଠି ଦିନର ସୁଖ ଆନନ୍ଦ ଉପଭୋଗ କରିବାକୁ ଆସି ସେ ପୁଣି ପ୍ଲାବନୀର ଗଳଗ୍ରହ ହୋଇଛି ।

ବାବା ଯଦି ବୁଝନ୍ତେ ଜାଣନ୍ତେ ତା, ଉପେକ୍ଷିତା ପ୍ଲାବିନୀର ଉପକାର·· ଦେଖନ୍ତେ ନିସ୍ୱାର୍ଥପର ସେବା·····ନିଷ୍ଠାପର କର୍ମ ପ୍ରବଣତା···

ଭେ ଭେ ହୋଇ କାନ୍ଦଉଠେ ନଳିନୀ । ସେ ଲୁହ ଭିତରେ ସିଏ ପୁଣି ଶପଥ ନିଏ, ନା·····ପ୍ଲାବିନୀ ପାଇଁ ସେ ବିଦ୍ରୋହ ଘୋଷଣା କରିବ·····ନ ହେଲେ ବାବାଙ୍କର ପାଦ ଧରି ତା ପାଇଁ ଟିକିଏ ଶାନ୍ତି ମାଗିନେବ·····

ନଳିନୀର ଏ ଭାବନା ବେଶୀ ସମୟ ସ୍ଥାୟୀ ହୋଇ ପାରେନା । ସାବେସ୍ତ୍ର ଆସି ହସି ହସି ତା ପାଖରେ ଠିଆ ହୋଇଯାଏ । ଦେହରେ ସେହିପରି ଯୌବନ ଆଉ ମାଂସର ବିପୁଳ ସମାରୋହ । ତାହାର ଭିତରେ ଯେମିତି ନିଜକୁ ହଜେଇ ବସେ ନଳିନୀ·····

ସାବେସ୍ତ୍ର ଏବେ ଖୁବ୍ ସହଜରେ ନଳିନୀ ସହିତ ମିଶିଯାଏ । ନଳିନୀ ଯେମିତି ତାର ଖୁବ୍ ଆପଣାର ହୋଇଯାଇଛି ଏଥିଭିତରେ । ତେବେ ବି ପ୍ଲାବିନୀଙ୍କ ମନ ଭିତରେ ଭାରି ଡରୁଥାଏ ସେ । ତା ଆଗରେ ନଳିନୀର ସାମନା ସାମନି ହେବାକୁ ସାହସ କରିପାରେନା । କିନ୍ତୁ ପ୍ଲାବିନୀ ନ ଥିଲେ ଆଉ କାହାରି କଥାକୁ ଡର ନ ଥାଏ । ମା'ର ଢଙ୍ଗ ରାଗରୁ କିନ୍ତୁ ଗୋଟାଏ ଅନୁମାନ କରିହୁଏନଇଁ ସାବେସ୍ତ୍ର, ହୁଏତ ତାହା ଖୁବ୍ ଶୀଘ୍ର ସଫଳତା ହାସଲ କରିବ । କିନ୍ତୁ ଦେଖ··

ଝାଡ଼ିକା କେଜାଣି ପ୍ଲାବିନୀ କଥା ମନେପଡ଼ି ହଠାତ୍ ନିଜ ଭିତରେ ନୀରବ ହୋଇଗଲା ସାବେସ୍ତ୍ର । ବଲୁ ବଲୁ କରି ନଳିନୀର ମୁହଁକୁ ଅନେଇ ରହିଲା । ନଳିନୀ ତାକୁ ଅପଲକ ଆଖିରେ

ଗୃହିଁ ରହୁଛ । କଣ ଦେଖୁଚନ୍ତି ଏତେ ନଳିନୀଭାଇ·····ବେଶତ୍ ଭଲ ହେଇଗଲେଣି·····

ଆଶ୍ଚର୍ଯ୍ୟ ହେଇ ନିଜର କଥା ଶୁଣିଲା ସାବେତ୍ରୀ । ଏଥିରେ ଯେପରି ସେ ଆଉରି ଭୟ ପାଇଗଲା । କାହିଁକି ସେ କହିଲା··ଦେଖନ୍ତି ଯଦି ଶୁଣନ୍ତି·····

ସାବେତ୍ରୀ ବାହୁରେ ମୃଦୁ ଚାପ ଦେଇ ହସିଦେଇ ନଳିନୀ କହିଲା—

ତମକୁ ଦେଖିଲେ ମନେହୁଏ ଅସ୍ପୃଷ୍ଟତା ଆଉରି ବଢ଼ିଯାନ୍ତାକି ·····ଯୁଗ ଯୁଗ ଧରି ଏମିତି ଶୋଇରହନ୍ତି·····ଆଜି·····

କଣ ଆଜି·····

ଆଜି ତମେ ଷୋଡ଼ଶୀ ତନ୍ୱୀ·····

ହସି ଉଠି ନଳିନୀର ମୁହଁ ବନ୍ଦ କରିଦେଲା ସାବେତ୍ରୀ । ସାବେତ୍ରୀର ହାତଟିକି ଚାପି ଧରି ହୋ ହୋ ହେଇ ହସି ଉଠଲା ନଳିନୀ । ଦୁଆର ବନ୍ଦ ସେପଟରେ କାହାର ପାଦ ଶବ୍ଦ ଶୁଭିଲା । ନଳିନୀ ପାଖରୁ ଉଠିଆସି ଦୂରରେ ଠିଆହେଇ ସାବେତ୍ରୀ କହିଲା—

କଣ ଖାଇବାକୁ ମନା କରୁଛନ୍ତି·····ଦେଖି ଆସନ୍ତୁ·····

କେବଳ ୨୦ ଟିପି ହସିବାରେ ଲାଗିଲା ନଳିନୀ । ନିକଟରେ ପ୍ଲାବନୀର ପାଦ ଶବ୍ଦ ଲାଗି ଲାଗି ଆସୁଚି । ତପଣି ମଧ୍ୟ କଣ କହି କହି ଆସୁଚି । ଖିଆ ପିଆର ବେଳ ହେଇଗଲାଣି । ସାବେତ୍ରୀକି ଏଥର ଘରକୁ ଫେରିଯିବାକୁ ହେବ । କିନ୍ତୁ ନଳିନୀକି ଛାଡ଼ିଯିବାକୁ ତାର ଆଦୌ ମନ ହେଉନାହିଁ । ସତେ କେତେ ସୁନ୍ଦର ଏ ନଳିନୀ ଭାଇ·····

ତାପରେ ନଳିନୀର ବିଦାୟ ଖବର ପରିବାର ମଧ୍ୟରେ ବିଷାଦ ଆଣିଦେଲା । କୈଳାସ ପଟ୍ଟନାୟକ ଏଥିନିମନ୍ତେ ସୁଚିନ୍ତିତ ମତ ଦେଇ ସାରିଲେଣି ।

ଏ ଖବର ତପତୀ ଆଉ ସାବେଶ୍ରୀ ପାଇଲେ । କୃଷ୍ଣପକ୍ଷ ରୂପ ଛନ୍ଦ କଣ ଯେମିତି ଭାବିବାକୁ ଲାଗିଲା ତପତୀ । ହଁ······ନଳିନୀଭାଇ କଣ ଆଉ ଯାଆନ୍ତେ ନାହିଁ······ସେତ କୁଣିଆ ହୋଇ ଆସିଥିଲେ ······ମନକୁ ସାନ୍ତ୍ୱନା ଦେଲା ତପତୀ । କିନ୍ତୁ ନିଜକୁ ବୁଝେଇ ପାରିଲା ନାହିଁ ସାବେଶ୍ରୀ । ଆଖିରେ ତାର ଲୁହ ପୁରି ଆସିଲା । ସତେକଣ ନଳିନୀଭାଇ ଚାଲିଯିବେ······ଚାଲିଯାଇ ସେ କଣ ସବୁକଥା ଭୁଲିଯିବେ······

କାନ୍ଦି ଉଠିଲା ସାବେଶ୍ରୀ । ପରକ୍ଷଣରେ ସେ ନିଜକୁ ସଞ୍ଜତ କରିନେଲା । ଅଳ୍ପ ଦୂରରେ ତପତୀ କଣ କାମ କରୁଛି । ଚାକର ଗୋବିନ୍ଦ ମଧ୍ୟ ଏପାଖ ସେପାଖ ହେଉଛି । ତାଙ୍କ ଆଗରେ ତା ହୃଦୟର ରୂପ ଯଦି ବିକାଶ ଲାଭ କରେ ଲଜ୍ଜାର ସୀମା ରହିବ ନାହିଁ । କିନ୍ତୁ ଏ ଲୁହର ସ୍ରୋତ ଯେମିତି ଅବିଶ୍ରାନ୍ତ······ ଏଠି ଆଉ ରହି ହେବ ନାହିଁ······ସାବେଶ୍ରୀ ଦୌଡ଼ି ଦୌଡ଼ି ତାଙ୍କ ଘରଆଡ଼େ ଚାଲିଲା ।

ସେଦିନ ରାତି ଗାଡ଼ିରେ ଫେରିଯିବାକୁ ପ୍ରସ୍ତୁତ ହେବାକୁ ଲାଗିଲା ନଳିନୀ । କିନ୍ତୁ ସ୍ଲାବେଶ୍ରୀର ଦେଖା ନାହିଁ । ତା ଜୀବନର ଗତି କଣ କେବଳ କର୍ମ । କର୍ମ ଭିତରେ ସକାଳ ସନ୍ଧ୍ୟା ରାତି ଗୋଟି ଗୋଟି କରି ବିତି ଯାଉଥିବ······

ତପତୀ ନଳିନୀର ଖାଇବା ପିଇବାର ଆୟୋଜନ କରୁଛି । ତାର ତାଙ୍କ ଘରେ ଏଥରକାର ଶେଷ ଖାଇବାର ଆୟୋଜନ । ଆଉଯାଇଁ କେବେ ଆସିବେ ନଳିନୀଭାଇ······କିନ୍ତୁ ନଳିନୀଭାଇ କଣ ଆମକୁ ଭୁଲିଯାଇ ପାରିବେ·····

ଶେଷକଥା ପଦକ ଅଶ୍ରୁର ଉଚ୍ଛ୍ୱାସ ଭିତରେ ପଚାରି ଉଠିଲା ତପତୀ । ଦୁଆରେ ଠିଆ ହୋଇ ସାବେଶ୍ୱ ଘରକୁ ଯିବାକୁ ସଜ ହେଉଥିଲା ନଳିନୀ । ତପତୀର ସ୍ୱର ଶୁଣି ସେ ପଦାକୁ ବାହାରି ଆସିଲା । ତପତୀ ତାରି ଆଡ଼କୁ ଅନେଇ ଅନେଇ କଥାଟିକ କହି ପକେଇଛି । ଆଖିରୁ ଦ'ଧାର ଲୁହ ଝରି ଆସିଛି ତାର ଚିକ୍‌କଣ ଗାଲ ଉପରେ । ଏ ଲୁହ ନିକଟରେ ଯେମିତି ସାବେଶ୍ୱର ସ୍ଥାନ ନାହିଁ । କେତେ ନିର୍ମଳ ନିଷ୍ପାପ ଏ ଅଶ୍ରୁ····

ତପୀ······

ଏ ସମ୍ବୋଧନରେ ଆଖି ଟେକି ନଳିନୀର ମୁହଁକୁ ଅନେଇଲା ତପତୀ ।

ଭାଇ ଭଉଣୀର ସମ୍ପର୍କ ମଝିରେ ସମ୍ବନ୍ଧ କଅଣ ପୂର୍ଣ୍ଣଚ୍ଛେଦ ପକେଇପାରେ······ ?

କଥା ମଝିରେ ନଳିନୀର କଣ୍ଠସ୍ୱର ଭାଙ୍ଗି ପଡ଼ିଲା । ଆଉରି ଜୋରରେ କାନ୍ଦି ଉଠିଲା ତପତୀ । ତାର ଗଣ୍ଡ ବାହି ନୂତନ ଅଶ୍ରୁ ଗଡ଼ିବାକୁ ଲାଗିଲା । ଏଥିରେ ଖୁବ ବିଚଳିତ ହୋଇପଡ଼ିଲା ନଳିନୀ । ନିଜର ଲୁଗା କାନିରେ ସେ ତପତୀର ଆଖି ପୋଛି ଦେବାକୁ ଲାଗିଲା । କିନ୍ତୁ ଏ କଣ······ ? ତା ଆଖିରେ ଯେପରି ଶ୍ରାବଣର ଧାରା ସୃଷ୍ଟି ହୋଇଯାଇଛି······

ବାରଣ୍ଡା ଉପରେ ତଟସ୍ଥ ହୋଇ ଅନେକ ବେଳୁଁ ଗୋବିନ୍ଦ । କୈଳାସ ପଟ୍ଟନାୟକ ଘର ଭିତରେ ବସି ରହି ଉପସ୍ଥିତ କଣ୍ଠସ୍ୱର ଶୁଣି ପାରୁଥିଲେ । କୋହର ଆବେଗ ମଧ୍ୟ ତାଙ୍କ କାନରେ ଆସି ବାଜୁଛି । ନଳିନୀର ଚାଲିଯିବା ପାଇଁ ଅନୁମତି ଦେଇଥିଲେ ସୁଦ୍ଧା ଅନ୍ତରରେ ତାଙ୍କର ଅଶ୍ରୁକଣା ପୁଞ୍ଜିଭୂତ ହୋଇ ରହିଥିଲା । ତାହା ଯେପରି ଉପତୀ ଲହରର ସ୍ପର୍ଶ ପାଇ ଅବାଧରେ ବହି ଆସିଲା । ସତେ ଯେମିତି ନଳିନୀ ସମସ୍ତଙ୍କ ହୃଦୟର ଏକ ଏକ ଅଂଶର ଅଂଶ ।

କିନ୍ତୁ ପ୍ଲାବନୀ.....ବିସ୍ମିତ ହୋଇ ଭାବିବାକୁ ଲାଗିଲା ନଳିନୀ । ତା ନିକଟରେ ସମସ୍ତ ସାଂସାରିକ ବନ୍ଧନ ତୁଚ୍ଛ । ସେ ଜାଣେ ନଳିନୀ ଏକମାତ୍ର ପୁରୁଷ ଯିଏ ତାର ଏକାନ୍ତ ଆପଣାର । ତଥାପି ତାର ଆସନ୍ନ ବିଚ୍ଛେଦରେ ନିର୍ମମ, ନିର୍ଲିପ୍ତ, ଅଟଳ ରହି-ଯାଇଛି ପ୍ଲାବନୀ । ବିଦାୟ ସମ୍ଭାଷଣ ଜଣାଇବାକୁ ଯାଇ ନଳିନୀ ପ୍ରତ୍ୟୁତ୍ତର ଛଳରେ ଦେଖିବାକୁ ପାଇଛି ପ୍ଲାବନୀ ଓଠରେ କମ୍ପିତ ହସର ଗୋଟିଏ ତରଙ୍ଗ । ତାର ସ୍ପନ୍ଦନ ନଳିନୀ ଅନୁଭବ କରିଛି । ସୁଖ ଦୁଃଖରେ ତାର ସେତିକି ପ୍ରାପ୍ୟ ହେଲେ ମଧ୍ୟ ତାହା ଯେପରି ଘୋର ଯନ୍ତ୍ରଣାମୟ .....ପ୍ଲାବନୀ ମୁହଁରେ ଆଜି କଣ ଆନନ୍ଦର ସ୍ୱଚ୍ଛ ହସ ଫୁଟିବ ନାହିଁ ....

ଗଭୀର ନୈରାଶ୍ୟରେ ନଳିନୀର ହୃଦୟ ଭାଙ୍ଗି ପଡ଼ିଲା ।

ନଳିନୀ ଯିବାର ବହୁ ସମୟ ପୂର୍ବରୁ ପ୍ଲାବନୀ ଘରକୁ ଚାଲି ଆସିଥିଲା । ସମସ୍ତ କାମ ତୁଟେଇ ନଳିନୀ ଆସି ପ୍ଲାବନୀ ନିକଟରେ ଠିଆହେଲା । ପାଖରେ ବସିବାକୁ ଆଖିରେ ଇଙ୍ଗିତ ଦେଲା ତାକୁ ପ୍ଲାବନୀ ।

ପ୍ଲାବନୀ କହିଉଠିଲା—

ସତେ କଣ ତମେ ଭୁଲିଯିବ.....

ଆଉ କିଛୁଦିନ ରହି ଯାଇଥିଲେ ହେଇ ନ ଥାନ୍ତା.....
ଏବେବି ଅସୁସ୍ଥ ରହିଚ.....

ହସିଦେଇ ନଳିନୀ କହିଲା—

ଅସୁସ୍ଥତା ଆଉ କିଛି ନାହିଁ, କେବଳ ଏ ହାତଟା ପାଇଁ ବେଳେ ବେଳେ ଦୁର୍ବଳତା ଆସି ଯାଉଚି.....

ସେ ଦିନର ଘଟଣାକୁ ଆଉ ଥରେ ମନେ କରିବାକୁ ଯେମିତି ପ୍ଲାବନୀର ସାହସ ନାହିଁ । ତା ପାଇଁ ନଳିନୀର ଏ ଦୁର୍ଘଟଣା ନ ଘଟିଥିଲେ ମଧ୍ୟ ସେ ଯେପରି ଏଥିପାଇଁ ଦାୟୀ । ଏହା ମୂଳରେ ନଳିନୀର ଉତ୍ତେଜନା ପୁରାପୁରି କାମ କରିଚି । ତଥାପି ଯେମିତି ଅତିଥିର ଅପଘାତ ପାଇଁ ସେ ଅପରାଧିନୀ । ପ୍ଲାବନୀ କହିଲା—

ହାତଟା ଚିରଦିନ ଦୁର୍ବଳ ହେଇ ରହିଯିବ ବୋଲି ମୋର କାହିଁକି ଆଶଙ୍କା ହେଉଚି । କାଚଟା ପଶିଯାଇ ଖୁବ୍ ରକ୍ତ କ୍ଷୟ ହେଇଚି ।

ନିର୍ବିକାର ଭାବରେ ନଳିନୀ ଉତ୍ତର ଦେଲା—

ହୁଏତ ହେଇଚି.....

ଧୀରେ ଧୀରେ ପ୍ଲାବନୀ କହିଲା—

କେମିତି ଯେ ଏମିତି ଗୋଟାଏ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଇଗଲା ଆଜି ଭାବି ବସିଲେ ଠିକ୍ କରି ହେଉନାହିଁ ।

ମୋର ଠିକ୍ ଏହି ଅବସ୍ଥା । ଏହାଭିତରେ ଯେମିତି ବାଳକର ନିର୍ବୁଦ୍ଧିତା ପୂର୍ଣ୍ଣ ରହିଚି । ଯିଏ ସନ୍ନ୍ୟାସିନୀ ତାଙ୍କୁ ଫାସାଇବ

ଭୋଗ ବିଳାସ ପାଇଁ ପ୍ରବର୍ତ୍ତାଇବା ଏକ ହାସ୍ୟକର ଚେଷ୍ଟା । ତମେ କର୍ମ ବ୍ୟସ୍ତତା ଭିତରୁ ଯେଉଁ ଆନନ୍ଦ ସଂଗ୍ରହ କରୁଥିଲ, ମୁଁ ତାର ପ୍ରତିବନ୍ଧକ ରୂପେ ଠିଆହେଲି । ଆନନ୍ଦହିଁ ମଣିଷ ଜୀବନର ସର୍ବଶ୍ରେଷ୍ଠ ବସ୍ତୁ । ନିଜର ସ୍ୱାର୍ଥପାଇଁ ତମକୁ ସେଥିରୁ ବଞ୍ଚିତ କରିବା ମୋର ଅନ୍ୟାୟ ହୋଇଛି । ଆକୁଳ ବେଦନାରେ ନଳିନୀର କଣ୍ଠସ୍ୱର ଭାରାକ୍ରାନ୍ତ ହୋଇ ଉଠିଲା । ଲଜ୍ଜା ଅନୁତାପର କାଳିମାରେ ପ୍ଲାବିନୀର ମୁହଁ ମଳିନ ଦିଶିଲା । ରହି ରହି ସେ କହିଲା—

ଅନ୍ୟାୟ ନୁହେଁ । ମୋର ମଙ୍ଗଳପାଇଁ ତମେ କହୁଥିଲ ।

ଭୁଲ କହିଲ ବିନୀ ! ତମର ମଙ୍ଗଳପାଇଁ କେହି କେବେ ଭାବିନାହିଁ । ମୁଁ ମଧ୍ୟ କେବେ ତମର ଶୁଭକାମନା କରିନାହିଁ । ଆଜି ତାହା ମର୍ମେ ମର୍ମେ ଉପଲବ୍ଧି କରିପାରୁଛି । ମୋ ପାଇଁ ଥିବା ତମର ନିର୍ଭରଶୀଳତା ନିରାଶ୍ରୟ ହୋଇ ବିକ୍ଷିପ୍ତ ହୋଇପଡ଼ିଛି । ଆଶ୍ରୟହୀନର ବ୍ୟଥା ବିକ୍ଷୋଭରେ ବ୍ୟାକୁଳ ହୋଇ ତମେ ଜୀବନର ଅନ୍ୟ କୋଣରେ ଆଶ୍ରୟ ନେଇଛ । ତମକୁ ସେହି ଆଶ୍ରୟଠାରୁ ବିଚ୍ଛିନ୍ନକରି ପୁଣି ନିଜର ସ୍ୱାର୍ଥ ସିଦ୍ଧିପାଇଁ ଚେଷ୍ଟା କରୁଥିଲି ମୁଁ । ଏହି ଅସୁସ୍ଥତାରେ ସେ ଅପରାଧର ଶାସ୍ତି ବିଧାନ ହୋଇଛି । ତମର ମଙ୍ଗଳପାଇଁ ଏହା ପୂର୍ବରୁ କେବେ ହେଲେ କିଛି କରିନାହିଁ... .

କହି କହି ଚୁପ୍ ହୋଇଗଲା ନଳିନୀ । ଅନୁଶୋଚନାର ଅଶ୍ରୁରେ କଣ୍ଠ ତାର ରୁଦ୍ଧ ହୋଇଆସିଲା । ଦୁଃଖର ଆବେଗରେ ପ୍ଲାବିନୀର ଓଠଦୁଇଟି ଥରି ଉଠିଲା । ଆତ୍ମସମ୍ବରଣ ଉଦ୍ଦେଶ୍ୟରେ ଆସନ ଛାଡ଼ି ସେ ଆସି ବାରଣ୍ଡାର ଶେଷ ମୁଣ୍ଡରେ ଠିଆହେଲା ।

ଜ୍ୟେଷ୍ଠ ମାସ ଶେଷହୋଇ ଆସୁଚି । ଆକାଶରେ ଶୁକ୍ଳ ପଞ୍ଚମୀର ଶିଶୁଚନ୍ଦ୍ର କେତେବେଳୁ ଖେଳି ବୁଲିଲଣି । ଅମାବାସ୍ୟା ଯାଇ କେବେ ଶୁକ୍ଳା ରଜନୀ ଆସିଚି, ପ୍ଳାବନୀ ତାହା ଜାଣିପାରି ନାହିଁ । କର୍ମ ବ୍ୟସ୍ତତା ଭିତରେ ସେ ଯେମିତି ଅସ୍ତେ ଅସ୍ତେ ନିଜକୁ ହରେଇ ବସୁଚି । ଆଉ କିଛୁଦିନ ପରେ ନିଜର ଅସ୍ତିତ୍ୱ ଭୁଲିଯିବ ସିଏ ।

ଅଳ୍ପ ସମୟ ପରେ ନଳିନୀ ଆସି ପ୍ଳାବନୀର ପଛରେ ଠିଆ ହେଲା । ପ୍ଳାବନୀର କାନ୍ଧ ଉପରେ ହାତରଖି ଡାକିଲା—

ବିନୁ······

ନିଜ ଉପରୁ ନଳିନୀର ହାତଟି ଖସେଇ ଦେଇ ପ୍ଳାବନୀ ପଚାରିଲା—

କଣ କହୁଚ······

ଏହି ବିଦାୟ ମୁହୂର୍ତ୍ତରେ ତମକୁ ଆଉକିଛି କହିବାର ନାହିଁ ମୋର । ସତେ କଣ ତମେ ମୋ ଉପରେ ରାଗିଚ······

ଦୂରକୁ ଚାହିଁଯାଇ ପ୍ଳାବନୀ କହିଲା—

ରାଗିବାର ଅଧିକାର ମୋର ନାହିଁ । ଦୁଃଖ ଭିତରେ ମା ମୋର ଅର୍ଥ ସଞ୍ଚୟ କରିଥିଲା । କିନ୍ତୁ ମୋର ଭୁଲ୍ ହୋଇଚି । ମୁଁ ଯଦି ଜାଣିଥାଆନ୍ତି ଏଇଟା ବ୍ୟବସାୟୀର କାର୍ଯ୍ୟଦା··

ସେଥିପାଇଁ ମତେ କ୍ଷମାକର ପ୍ଳାବନୀ······

ପ୍ଳାବନୀ ଜବାବ ଦେଇପାରିଲା ନାହିଁ । ନୀରବରେ ଅନେକ ଅନେକ ଚନ୍ଦ୍ରର ବାଲ୍ୟଲୀଳା ଦେଖିବାକୁ ଲାଗିଲା । ପାଖକୁ ଲାଗିଯାଇ ଦୁଇହାତରେ ତାର ମୁହଁ ଟେକିଧରି ନଳିନୀ କହିଲା—

ବ୍ୟବସାୟୀ କେମିତି ଚଳେ ଆଜିଦିନେ ତମକୁ ବତେଇ ଦେବି ଭଉଣୀ ! ତମେ ତ ମୋର ଚିହ୍ନା ଗ୍ରାହକ । ଏହି ବାକି ପାଉଣାପାଇଁ ଆଜିକେତେବେ ତମ ଦୁଆରକୁ ଆସିଛି……

ବିନା କାରଣରେ ଗ୍ରାହକର ଦୁଆରକୁ ବାରମ୍ବାର ଦୌଡ଼ିବା କଣ ବ୍ୟବସାୟୀର ଧର୍ମ……

ନିଜ ସ୍ୱରର ରୁଢ଼ତାରେ ଚମକି ପଡ଼ିଲା ପ୍ଲାବନୀ । ସ୍ତବ୍ଧ ହୋଇ ତାକୁ କିଛିକ୍ଷଣ ଚାହିଁ ରହିଲା ନଳିନୀ । ହାତ ଦୁଇଟି ତାର ଆପଣା ଛାଏଁ ପ୍ଲାବନୀର ମୁହଁଠାରୁ ଅଲଗା ହୋଇଗଲା । କରୁଣ ସ୍ୱରରେ ସେ କହିଲା—

ମୋର ଭୁଲହେଇଛି ବନି ! ଆଉ କୌଣସି ଦିନ ତମ ଦୁଆରକୁ ଆସିବିନାହିଁ । ଆସିଲେ ମଧ୍ୟ ଦେବା ନେବାର ପ୍ରଶ୍ନ ଉଠେଇବି ନାହିଁ । କେବଳ ତମର ଯାଚି ଦେବାର ସୁଯୋଗକୁ ଅପେକ୍ଷାକରି ରହିବି ।

କହିସାରି ଦ୍ରୁତ ପଦରେ ସେଠୁ ଚାଲିଗଲା ନଳିନୀ । ତାର ଯିବା ବାଟକୁ ଅନେଇ ଅନେଇ ପ୍ଲାବନୀର ଆଖି ଛଳ ଛଳ ହୋଇଉଠିଲା । କିନ୍ତୁ ପରକ୍ଷଣରେ ନିଜକୁ ସଂଯତ କରିନେଇ ସେ ନଳିନୀର ପଥ ଅନୁସରଣ କଲା । ଖଞ୍ଜା ମଝିକି ଚାଲିଆସି ଉଚ୍ଚ ସ୍ୱରରେ ଡାକିଉଠିଲା—

ଉପଶୀ, ଗୋବିନ୍ଦକୁ ପଠେଇ ଦେଲୁ, ଗୋଟାଏ ରିକ୍ସା ଡାକିଦେଉ ।

ସେପାଖରୁ ଥାଇ ଉପଶୀ ଉତ୍ତର ଦେଲା—

ହଁ, ପଠେଇଚି ଦେଇ……

ଘର ଭିତରକୁ ଫେରିଆସି ଶାଢ଼ୀ ବଦଳେଇଲା ପ୍ଲାବନୀ । ଟେବୁଲ ଉପରେ ରଖା ଯାଇଥିବା ରିଷ୍ଟୱାଚ୍‌ଟିକୁ ଉଠେଇନେଇ ଦେଖିଲା ଟ୍ରେନ ଆସି ଷ୍ଟେସନରେ ପହଞ୍ଚିବାକୁ କୋଡ଼ିଏ ମିନିଟ୍ ବାକୀ । ତର ତର ହୋଇ ନଳିନୀ ପାଖକୁ ଚାଲିଆସି ନିଜର ମଣିବନ୍ଧକୁ ଚାହିଁ ଚାହିଁ ସେ କହିଉଠିଲା—

ଆଉ ଡେରି କରନା । ବାବାଙ୍କୁ କହି ବାହାରି ପଡ଼ ।

ଦୁଆରମୁହଁକୁ ଚାଲିଆସି ସେ ପୁଣି ସାନନ୍ଦଭଉଣୀ ଉଦ୍ଦେଶ୍ୟରେ ଡାକିଉଠିଲା । ଦୋଇର ଡାକ ଶୁଣି ତପତୀ ଆସି ଆଗରେ ଠିଆ ହେଲା । ଗୋବିନ୍ଦ ମଧ୍ୟ ରିକ୍‌ସା ଡାକିଆଣି ପହଞ୍ଚିଲା । ତାକୁ ଜିନିଷପତ୍ର ରିକ୍‌ସାରେ ଲଦିବାକୁ କହି ତପତୀ ନଳିନୀର ପାଦ ଛୁଇଁ ଦଣ୍ଡବତ କଲା । ପୁଣି ତା ଆଖିରୁ ଲୁହ ଝରିବାକୁ ଆରମ୍ଭ କଲାଣି । ନଳିନୀ ତା ମୁଣ୍ଡରେ ହାତ ବୁଲେଇ ଲୁହ ପୋଛିଦେଲା । କାହାରି ତୁଣ୍ଡରେ କଥା ନାହିଁ । ବିଦାୟର ଅଶ୍ରୁ ଭିତରେ ଭାଷା ଯେପରି ହଜିଯାଇଛି ।

କୈଳାସ ପଟ୍ଟନାୟକଙ୍କର ପାଦଧୂଳି ନେଇ ରିକ୍‌ସାରେ ବସିଲା ନଳିନୀ । ବାବାଙ୍କର ଆଦେଶରେ ନଳିନୀକୁ ବଳେଇ ଦେବାପାଇଁ ପ୍ଲାବନୀ ଆସି ତା ପାଖରେ ବସୁ ବସୁ କହିଲା—

ତମ ଗଳ୍ପପରେ କଣ କରିବାକୁ ଠିକ୍ କରିଛ ଶୁଣିବି ....

କଣ ..... ?

ଆଗ୍ରହରେ ପ୍ଲାବନୀର ଆଖିକୁ ଅନେଇ ରହିଲା ନଳିନୀ ।

ଘର ଛାଡ଼ ଦେବି । କ୍ଲାସ ପରେ ବାକୀତକ ସମୟ ନିର୍ଜନରେ ବସି ବସି ଖାଲି ଭାବିବି । ମୋର ଧାରଣା ଜୀବନଟା କେବଳ ଏକ ଦୀର୍ଘ ଭାବନା ......

ଅଭ ତମର ଛାତ୍ରୀଗଣ ?

ଜୋରରେ ହସି ଉଠିଲା ନଳିନୀ .

ସମସ୍ତଙ୍କୁ ଛାଡ଼ବ......

ପ୍ଲାବନୀର କଥାଶୁଣି ପୂର୍ବପରି ହସି ହସି ନଳିନୀ କହିଲା—

କେଉଁ ଯଦି ଏହାର କାରଣ ପଚାରି ବସେ କ ଜବାବ ତମେ ଦେବ ବ୍ରନୀ.....

କହିବ ସମବାୟ ବ୍ୟବସାୟରେ ଦେବାଳିଆ ହେଇ ଆମ୍ଭଶୁଦ୍ଧି କରୁଛି......

ରାସ୍ତାରେ ଏମିତ ହସିବା ଅଭଦ୍ରାମି ହେଲେ ମଧ ହୋ ହୋ ହେଇ ପୁଣି ହସିଉଠିଲା ନଳିନୀ । ସେହି ଆନନ୍ଦର ସ୍ୱଚ୍ଛ ହସ ଭିତରେ ସେ କେତୋଟି କଥା କହି ପକେଇଲା ।

ଏହି ମିଠାକଥା ବଦଳରେ ଯେତେବେଳେ ତମର ମୋଠାରୁ କୌଣସି ପ୍ରତିଦାନ ପାଇବାର ଭୟନାହିଁ ସେତେବେଳେ ତମେ କଳାବଜାରୀ ଆରମ୍ଭ କରିଚ ବ୍ରନୀ । ଆଜିକାଲି ଯୁଗରେ ତାହାହିଁ ବ୍ୟବସାୟୀର ଧର୍ମବୋଲି ଗ୍ରହଣକରି ନେଇଚି ସେ । କିନ୍ତୁ ତମେ ସେତେବେଳେ ଏହିକଥା କହି ମତେ ବୃଥାଟାରେ ତିରସ୍କାର କଲ କାହିଁକି ?

ପ୍ଲାବନୀ ଚୁପ୍ କରି ବସିରହିଲା । ନଳିନୀର ଏହି ପ୍ରଶ୍ନପାଇଁ ସେ ଯେମିତି ନିଜଭିତରୁ ଉତ୍ତର ଖୋଜି ପାଇଲାନାହିଁ । ଦୁଇଜଣଙ୍କର ଆଳାପ ଉନ୍ମାମୟ ଭିତରେ ସେମାନେ ଆସି ଷ୍ଟେସନରେ ପହଞ୍ଚି ସାରିଥିଲେ । ଗାଡ଼ି ଅସି ଯେପରି ଅଭ୍ୟାଗୀର ଅପେକ୍ଷାରେ ଠିଆହେଇ ରହିଚି । ଛୋଟ ଷ୍ଟେସନ । ଅଳ୍ପ ସମୟ

ପାଇଁ ଏ ଅପେକ୍ଷା । ବାକ୍ସାରୁ ଡେଙ୍ଗପଡ଼ ବୁକ୍ଷଗ୍ ହାଉସ ଆଡ଼େ ଆଗେଇଗଲା ପ୍ଲାବନୀ । କିଛିକ୍ଷଣପରେ ଫେରିଆସି କୁଲ ଡାକି ନଳିନୀର ଜିନିସପତ୍ର ସେ ଗାଡ଼ିଭିତରେ ରଖେଇ ଦେଲା, ତାପରେ ନଳିନୀର ହାତଧରି ବାକ୍ସା ଉପରୁ ଓହ୍ଲେଇ ଆଣିଲା ପ୍ଲାବନୀ । କିଛିହେଲେ ଆପତ୍ତି କରିବାର ନାହିଁ ନଳିନୀର । ନୀରବରେ ସେ ଭିତରକୁ ଉଠିଗଲା । ପଛେ ପଛେ ପ୍ଲାବନୀ ମଧ୍ୟ ଉଠିଗଲା । ନଳିନୀର ହାତ ଦୁଇଟି ମୁଠେଇଧରି ପ୍ଲାବନୀ କହିଲା—

ତୁମର ବାକୀ ପାଉଣା ପାଇଁ ତମେ ଗ୍ରାହକର ଦୁଆରକୁ ଆସିବ କି ନାହିଁ ମୁଁ ଜାଣିନାହିଁ । ତଥାପି ତମେ ଜାଣିଯାଅ ତମର ପ୍ରାପ୍ୟ ଧରି ମୁଁ ତମର ବାଟ ଚାହିଁ ରହିବି·····

ସ୍ମିତହସି ନଳିନୀ କହିଲା—

ମୁଁ ତାର ଖବର କେମିତି ପାଇବି······

ବାକୀ ପାଉଣା ପାଇଁ ଖବରର ଆବଶ୍ୟକ ନାହିଁ । ମୁଁ ତାହା ସଞ୍ଚୟ କରିବାକୁ ଯାଇ ମୋର କର୍ତ୍ତବ୍ୟସ୍ତତାକୁ ଭୁଲିଯିବାକୁ ହେବ ମତେ······

ତାହେଲେ ତମର ସମୟ ସରିବ କେମିତି······

ସେଇବାର ବନ୍ଦୋବସ୍ତ ତମେ କରିବ·····

ଗାଡ଼ି ଛାଡ଼ିବାର ହୁଇସିଲ ବାଜି ଉଠିଲା । ଦ୍ରୁତପଦରେ ତଳକୁ ଓହ୍ଲେଇ ଆସିଲା ପ୍ଲାବନୀ । କ୍ୟାମେରାର ଦୁଆରି ମୁହଁରେ ଠିଆହେଇ ନଳିନୀ କହିଲା—

ଉମର ଅନୁମତି ନେଇ ଯାଉଛି । ପୁଣି ଉମର ନିର୍ଦ୍ଦେଶରେ ଫେରି ଆସିବି ମୁଁ । କେବଳ ମୋର ସ୍ୱାର୍ଥ ପାଇଁ, ଜୀବନର ପରିପୂର୍ଣ୍ଣତା ପାଇଁ ନିଜକୁ ଯତ୍ନରେ ସାଇତି ରଖିବ ବନୀ ।

ଶିଘ୍ର ଗତିରେ ଗାଡ଼ି ଆଗକୁ ଚାଲିବାକୁ ଲାଗିଲା । ରିକ୍ସାରେ ଉଠି ଫେରିବାର ବାଟ ଧରିଲା ପ୍ଳାବନୀ । ଝରକା ଦେଇ ପଛକୁ ଥରେ ଦେଖିବାକୁ ଚେଷ୍ଟା କଲା ନଳିନୀ । କିନ୍ତୁ କିଛି ଦିଶିଲା ନାହିଁ । ଯେତେ ଦୂର ନଳିନୀର ଦୃଷ୍ଟି ଲମ୍ବିଗଲା, ଆଖିରେ ପଡ଼ିଲା କେବଳ ଜ୍ୟୋତ୍ସ୍ନା ମୁଗ୍‌ଧା ପୃଥିବୀ । ଗ୍ରୀଷ୍ମ ଋତୁର ଶେଷ ପର୍ଯ୍ୟାୟ । ଆଦ୍ୟ ଆଷାଢ଼ର ବାର୍ତ୍ତା ଆସି ପୃଥିବୀରେ ପହଞ୍ଚିଲାଣି । ସେଥିଯୋଗୁ ଗଗନ ପବନରେ ଉତ୍ସବ ରଚନା ଚାଲିଛି । ଅସୀମ ବିସ୍ତୀର୍ଣ୍ଣ ଚକ୍ରବାଳର ସୀମାରେଖା ତଳେ ସବୁଜ ସବୁଜ ନୀଳ ଗାର ପରି ନିସ୍ପନ୍ଦ ପଲ୍ଲୀମାଳ । ଜହ୍ନ ଆଲୁଅ ତଳେ ଦେଖା ଯାଉଛି ସତେ ଯେମିତି ଝୀନ ବସନାବୃତ୍ତା ନବବଧୂ । ଆଶା, ଆଶଙ୍କାର ଦୋଳାରେ ଦୋଳି ଦୋଳି ପ୍ରିୟତମର ପ୍ରତୀକ୍ଷା କରୁଛି । ଏକ ଅପୂର୍ବ ପୁଲକରେ ନଳିନୀର ସର୍ବାଙ୍ଗ ରୋମାଞ୍ଚିତ ହୋଇଉଠିଲା । ପ୍ଳାବନୀ ସହିତ ନିବିଡ଼ ଆନନ୍ଦ ଆଉ ବେଦନାର ଏକ ଆବେଗମୟ ରାତ୍ରି ଯାପନ ପାଇଁ ତା ଭିତରେ ଉଦ୍ଦାମ କାମନା ଜାଗିଉଠିଲା । ରସ କଳ୍ପନାର ଅପରିସୀମ କ୍ଳାନ୍ତିରେ ଅଶ୍ରୁ ସଜଳ ଆଖିଦୁଇଟି ତାର ତନ୍ଦ୍ରାଘୋରରେ କ୍ରମେ କ୍ରମେ ବନ୍ଦ ହୋଇଆସିଲା ।

ନିଜ ଦୁଆର ମୁହଁରେ ପହଞ୍ଚି ରିକ୍ସାରୁ ପ୍ରାୟ ଡେଇଁପଡ଼ି ଘରଭିତରକୁ ପଶିଗଲା ପ୍ଳାବନୀ । କବାଟ ଖୋଲାଥିଲା । କୈଳାଷ

ପଟ୍ଟନାୟକ ଝିଅର ଅପେକ୍ଷା କରୁଥିଲେ । ଦାଣ୍ଡଘରେ ପାଦ ଶବ୍ଦ ଶୁଣି ସେ ଗୁଲ ଗୁଲ ହୋଇ ଆସି ପ୍ଳାବନୀ ଆଗରେ ଠିଆ-ହୋଇଗଲେ । ଆଗକୁ ପାଦ ପକେଇବାର ଶକ୍ତି ଯେମିତି ଏକାଥରେ ନଷ୍ଟ ହୋଇଗଲା ପ୍ଳାବନୀର । ଦୁହିଁଙ୍କ ମଝିରେ ଭାଷାର ଆଉ ପ୍ରୟୋଜନ ନ ଥିଲା । ଭଗ୍ନ ହୃଦୟା ଅଶ୍ରୁମୁଖୀ ପ୍ଳାବନୀ, ଆହତ, ବ୍ୟଥାତୁର ପିତୃବକ୍ଷରେ ଆଶ୍ରୟ ନେଲା । ପିତାର ଆଲିଙ୍ଗନ ଭିତରେ ଫୁଲି ଫୁଲି ସେ କାନ୍ଦିବାକୁ ଲାଗିଲା । ଏ ବେଦନାର ସାନ୍ତ୍ୱନା ନାହିଁ । ଏ ଅସହାୟ ବୁକୁର ସହାୟ ନାହିଁ । ଅଶ୍ରୁର ଝରଣା ଅବିଶ୍ରାନ୍ତ ଗତିରେ କୈଳାସ ପଟ୍ଟନାୟକଙ୍କର ଗଣ୍ଡ ରୁ ଗଡ଼ିଦେଇ ପ୍ଳାବନୀର ମଥାଉପରେ ଝରିବାକୁ ଲାଗିଲା ।

କିଛି ସମୟ ପରେ କାନ୍ଦି କାନ୍ଦି କୈଳାସ ପଟ୍ଟନାୟକ ଡାକିଲେ—

ମା'ରେ ବନୀ······

ପ୍ଳାବନୀର ଜବାବ ନାହିଁ । ଏଥିରେ ଅଉରି ଅସ୍ଥିର ହୋଇ ଉଠିଲେ କୈଳାସ ପଟ୍ଟନାୟକ । ଶଙ୍କାକୁଳ ଆଖି ଦୁଇଟି ତାଙ୍କର ଝିଅର ମୁହଁକୁ ଚାହିଁ ଚାହିଁ ଛଳ ଛଳ ହୋଇଗଲା । କିଛି ଚିନ୍ତାକରି ନ ପାରି ଆତୁର କଣ୍ଠରେ ଡାକି ଉଠିଲେ ବନୀ······

ସେ ପୁଣି ସାନ ଝିଅ ଉଦ୍ଦେଶ୍ୟରେ ଉଚ୍ଚ ସ୍ୱରରେ ଡାକି ଉଠିଲେ—

ତପୀ, ତପୀରେ······ଶୀଘ୍ର ଆ' ମା·······

ଘରର କାମ ସାରି ନିଜର ଶୋଇଲା ଘରେ ବଡ଼ ଭଉଣୀର ପ୍ରତୀକ୍ଷାରେ ଜାଗି ରହିଥିଲା ତପତୀ । ବାପାଙ୍କର ଡାକଶୁଣି ଦାଣ୍ଡ ଘରକୁ ଦୌଡ଼ି ଆସି ସ୍ତମ୍ଭିତହୋଇ ଠିଆ ହୋଇଗଲା । ଆଉ ପାଦେ

ହେଲେ ଅଟେଇ ପାରିଲା ନାହିଁ । ପ୍ଲାବନୀର ଅଚେତନ ଦେହ ପିତାର ସ୍ନେହମୟ କୋଳରେ ଲୋଟି ପଡ଼ିଛି । ଦେଈର କଣ ହେଲା ? ଟିକିଏ ଆଗରୁ ହସି, ଖେଳି ନଳିନୀ ଭାଇଙ୍କ ସହିତ ସ୍ନେହସନ ପାଇଥିଲା । ତାର ହେଲା କଣ······ ?

ହଠାତ୍ ତପତୀର ଆଖିରେ ଅଶ୍ରୁର ଉଦ୍‌ଗମ ହେବାକୁ ଲାଗିଲା । ଅଳ୍ପ ସମୟ ପରେ ପାଦ ଦୁଇଟିରେ ତାର ଗତି ଫୁଟି ଉଠିଲା । ଦୌଡ଼ିଯାଇ ପ୍ଲାବନୀର ଦୁଇହାତ ଧରି ସେ ଡାକି ଉଠିଲା—

ଦେଈ······ଦେଈ······

ବନୀରେ, ମା ମୋର ଉଠ······ନଳିନୀ ଫେରି ଆସିବ ମା······

ବଜ୍ରାହତ ଗାଭୀପରି ଅକୁଳ ହୋଇ ଉଠିଲେ କୈଳାସ ପଟ୍ଟନାୟକ । ନିରାଶ୍ରୟ ଶିଶୁପରି ଦେଈର ମୁହଁକୁ ଚାହିଁ କାନ୍ଦିବାକୁ ଲାଗିଲା ତପତୀ । ଗୋବିନ୍ଦ ତଳଖଞ୍ଜାର ଦୁଆରେ ଶୋଇଥିଲା । କାନ୍ଦଣାର ସ୍ୱରରେ ନିଦ ତାର ଭାଙ୍ଗିଗଲା । ଆକସ୍ମିକ ଅଘଟଣର ଶବ୍ଦ ବାରି ଦୌଡ଼ି ଆସି ଅବାକ୍ ହୋଇଗଲା ସେ । ସମ୍ପୂର୍ଣ୍ଣ ଅଭାବିତ ପରିସ୍ଥିତି । ତାହାହିଁ ଯେମିତି ସମସ୍ତଙ୍କୁ କାତରକରି ରଖିଛି ।

ସେମିତି କାହିଁକି ହେଉଛନ୍ତି······ଦୁର୍ବଳିଆ ଦେହ······ ସେଥିରେ କେତେ ଦୌଡ଼ା ଦୌଡ଼ି······ଦେଈ ହାଲେଇ ଯାଉଛନ୍ତି । ବିଛଣାକୁ ନେଇ ଚାଲନ୍ତୁ । ସାନଦେଈ ପାଣି ପଙ୍ଖା ଆଣନ୍ତୁ······

ଏତକ ଅତି ଦମ୍ଭର ସହିତ କହି ପ୍ଲାବନୀକୁ ତାର ବାପାଙ୍କ କୋଳରୁ ଓଟାରିଲା ପରି ଆଣିଲା ଗୋବିନ୍ଦ । ଅଡ଼ାକରି ଧରି ସେ ତାକୁ ଆଣି ବିଛଣାରେ ଶୁଆଇ ଦେଲା ।

ନିତ୍ୟ ନୈମିତ୍ତିକ ଘଟଣାପରି ଆଉ ଦିନର ସକାଳ ଆସିଗଲା । ଅସୀମ ଆକାଶ କୋଳରେ ସୂର୍ଯ୍ୟର ଚିରନ୍ତନ ଲୀଳା ଆରମ୍ଭ ହୋଇଗଲା । ସକାଳର ଶୀତଳ ପବନ ସହିତ ମିଶିମିଶି ଭାସି ଆସିଲା ପକ୍ଷୀର କାକଳି । କିନ୍ତୁ ପ୍ଲାବନୀର ଅବସ୍ଥା ବଦଳିଲା ନାହିଁ । ଗତ ରାତିରେ ତାର ଦୁଇଥର ଚେତା ଫେରି ପୁଣି ମୂର୍ଚ୍ଛା ହୋଇ ଯାଇଥିଲା । ଯେତିକି ସମୟ ସେ ସଚେତନ ରହୁଛି କେବଳ ଲୁହରେ ଭାସି ଭାସି କଟେଇ ଦେଉଛି । ଅଶ୍ରୁ ସଜଳ ଆଖିରେ ସମସ୍ତଙ୍କ ମୁହଁକୁ ଚାହିଁ ଚାହିଁ ସେ କଣ ଖୋଜୁଛି । କିନ୍ତୁ ପାଉନାହିଁ । ନିତି ଦିନ ଯେଉଁମାନଙ୍କ ସାନ୍ନିଧ୍ୟ ଭିତରେ ଅତିବାହିତ କରି ଆସିଛି ସେହି ପ୍ରାଣପ୍ରିୟ ଆତ୍ମୀୟ । ଆଖି ଆଗରେ ତାର ବାବା, ଭଉଣୀ, ସେବକ ଗୋବିନ୍ଦ । ନୀରବରେ ପ୍ଲାବନୀର ଦୃଷ୍ଟି ଗୋଟିକ ପରେ ଗୋଟିକ ଭିତରୁ କିଛି ଦେଖିବାକୁ ଚେଷ୍ଟା କରୁଛି । ଏହି ଘରଦ୍ୱାର, ଶୂନ୍ୟ ହୃଦୟରେ ତାକୁ ଯେପରି ପୁରୁଣା ବନ୍ଧୁପରି ଆଶ୍ୱାସନାର ବାଣୀ ଶୁଣାଉଛି । ଅଗଣାରେ ଆଜି ତାର ନଳିନୀର କେତେ ପଦଚିହ୍ନ ପଡ଼ିରହିଛି । କେତେ ନିଶ୍ୱାସର ସୁଗନ୍ଧ ତାର ମିଶି ରହିଛି ଏହିବାୟୁ ମଣ୍ଡଳରେ । ବିଧାତାର ନିର୍ମମ ବିଧାନରେ ବିଧୁର ଚକ୍ରବାକ ଆଜି ହୁଏତ ଦୂରାନ୍ତର କେଉଁ ଶ୍ୟାମଳ ବନଧାରରେ, କେଉଁ ପାହାଡ଼ର ଉପତ୍ୟକାରେ କିମ୍ବା କେଉଁ ନାମହୀନା ବଣା ନିର୍ଝରିଣୀର ତୀରେ ତୀରେ ଅଶ୍ରୁ ପାଥେୟ ଧରି ଘୂରି ବୁଲୁଥିବ ଆଉ ଅଭିକଣ୍ଠୀ ଆକୁଳ ଚକ୍ରବାକୀ ତାର ପଥ ଚାହିଁ ଚାହିଁ ଦୁର୍ଲଭ ଯୌବନକୁ ଅଭିଶପ୍ତ କରି ଥୋଇଲା ।

ସକାଳ ଧୀର ପବନର ସ୍ପର୍ଶରେ ଅର୍ଦ୍ଧଖୋଲା ଚାହିଁବାମାନେ ପ୍ଲାବନୀର ମନଭିତରେ ସେହିକଥା ଖେଳିଯିବାକୁ ଲାଗିଲା । ଅନ୍ତର ଆବେଗରେ ଅସମ୍ଭାଳ ହୋଇ ସେ ଚିତ୍କାର କରିଉଠିଲା—

ବାବା·····

ଦ୍ୱିତୀୟ କଥା ଉଚ୍ଚାରଣ କରିବା ପୂର୍ବରୁ ପୁଣି ମୂର୍ଚ୍ଛିତା ହୋଇଗଲା ପ୍ଲାବନୀ । ଅଶ୍ରୁଳ କୈଳାସ ପଟ୍ଟନାୟକ ଝିଅକୁ ଉଠେଇ ନେଇ ଡାକିଲେ—

ମା'ରେ ବନୀ······

ସମସ୍ତ ଧୈର୍ଯ୍ୟ ହରେଇ ଅଶ୍ରୁମୁଖୀ ତପସ୍ୱୀ ବଡ଼ ଭଉଣୀର ଶଯ୍ୟା ଉପରେ କାତୁଡ଼ି ହୋଇପଡ଼ିଲା । ତା ତୁଣ୍ଡରେ ଆଉ କୌଣସି ଶବ୍ଦ ଫୁଟିଲାନାହିଁ । କଣ୍ଠରୁ ତାର କେବଳ ଅଶ୍ରୁର ଗୋଟିଏ ସ୍ୱର ନିର୍ଗତ ହେବାକୁ ଲାଗିଲା ।

କିଛି ସମୟ ପୂର୍ବରୁ ଗୋବିନ୍ଦ ଡାକ୍ତର ଡାକିବାକୁ ଯାଇଥିଲା । ସେହିକ୍ଷଣି ସେ ଆସି ପହଞ୍ଚିଗଲା । ସାଙ୍ଗରେ ଡାକ୍ତରଙ୍କୁ ମଧ୍ୟ ଆଣିଥିଲା । ସେତେବେଳକୁ ପ୍ଲାବନୀ ଅଚେତ ହୋଇ ବାପାଙ୍କ କୋଳରେ ପଡ଼ିରହିଛି । ଲକ୍ଷଣ ବୁଝି ଆଉ ଅବସ୍ଥା ଦେଖି ରୋଗଟା କଣ ପ୍ରକାଶ ନକରିଲେ ମଧ୍ୟ ସେ ଖୁବ୍ ନିବିଷ୍ଟ ଚିତ୍ତରେ ଚିକିତ୍ସା ଆରମ୍ଭ କରିଦେଲେ । ଡାକ୍ତରଟି ଅତି ଭଦ୍ର ଆଉ ବିନୟୀ । ତାଙ୍କର ଉପସ୍ଥିତିରେ ଅନେକ ପରିମାଣରେ ଆଶ୍ୱସ୍ତ ହେଲେ କୈଳାସ ପଟ୍ଟନାୟକ । ଔଷଧ ଆଉ ଇଞ୍ଜେକ୍ସନର ବ୍ୟବସ୍ଥା କରି ବୃଦ୍ଧଙ୍କୁ ଅଭୟ ଦେଇ ପ୍ରାୟ ଘଣ୍ଟାକ ଭିତରେ ବିଦାୟ ନେଇଗଲେ ସେ । ଯିବାବେଳେ ସେଦିନ ଭିତରେ ଆଉ ଥରେ ଆସିବାକୁ ମଧ୍ୟ କହିଗଲେ ।

କିଛିକ୍ଷଣ ପରେ ପ୍ଲାବନୀର ସଜ୍ଞା ଫେରି ଆସିଲା । ଅସ୍ତେ ଅସ୍ତେ ଆଖି ଖୋଲି ସେ ତାର ବାପାଙ୍କ ମୁହଁକୁ ଚାହିଁ ପୁଣି ଡାକିଲା—

ବାବା··

ପ୍ଲାବନୀର ସ୍ୱରରେ କ୍ରନ୍ଦନର ନିର୍ଘୋଷ । ଅନ୍ଧଙ୍କର ଗଳା ଭିଡ଼ିଧରି ଅଜ୍ଞାନ ଶିଶୁପରି ସେ ବାରମ୍ବାର ଡାକିବାକୁ ଲାଗିଲା—

ବାବା······ବାବା······

ଝିଅର ପିଠି ଆଉଁସି କୈଳାସ ପଟ୍ଟନାୟକ କହିଲେ—

ନଳିନୀ ଫେରିବ ମା । ଈଶ୍ୱରଙ୍କ ନିକଟରେ ଏ ଅଶ୍ରୁ ଆବେଦନ ନିରର୍ଥକ ହେବନାହିଁ ମା'···ନଳିନୀ ମୋର ନିଶ୍ଚୟ ଫେରିବ··· ତୋର ସାଧନା ତାକୁ ଫେରାଇ ଆଣିବ······

ପିତା କୋଳର ଅଭୟ ଆଶ୍ରୟ ଭିତରେ ଆତ୍ମ ଗୋପନ କରି ବୃଦ୍ଧଙ୍କର ମୁହଁକୁ ଚାହିଁଲା ପ୍ଲାବନୀ । ସତେ ଯେମିତି ଗୋଟିଏ ଭୟାର୍ତ୍ତ ବାଳିକା । ବୃଦ୍ଧଙ୍କର ଏହି କଥାତକ ଯେପରି ତାର ଅସହାୟ ମନ ଭିତରେ ଧୀରେ ଧୀରେ ଆଶାର ସଞ୍ଚାର କରୁଛି । ବାପାଙ୍କର କୋଳରେ ମୁଣ୍ଡ ରଖି ନିବିଡ଼ସ୍ୱରରେ ପ୍ଲାବନୀ ଡାକିଲା—

ବାବା······

ଖବରପାଇ, ଦିନ ପ୍ରାୟ ଆଠଟା ବେଳକୁ ଚିନ୍ମୟୀକୁ ସାଙ୍ଗରେ ଧରି ତାର ବାପା ମାନସ ବାବୁ ଆସି ପହଞ୍ଚିଲେ । ରାତି ପାହିବା ପରେ ଘରେ ଘରେ ପ୍ଲାବନୀ ଅସୁସ୍ଥତାର ସମ୍ବାଦ ଲୋକ ମୁଖରେ ପ୍ରଚାର ହୋଇଯାଇଥିଲା । କାଲି ସକାଳେ ପ୍ଲାବନୀ ନିକଟରୁ ନିର୍ବିଘ୍ନରେ ପଢ଼ା ଶେଷକରି ଘରକୁ ଫେରିଥିଲା ଚିନ୍ମୟୀ । ସେହି ଦିନଠାରୁ ସେ ନିୟମିତ ପ୍ଲାବନୀ ପାଖରେ ଟ୍ୟୁସନ ହେଉଥିଲା । ସବୁଠାରୁ ଯେପରି ଚିନ୍ମୟୀ କୁ ପଢାଇବାରେ ବେଶୀ ଆନନ୍ଦ

ପାଉଥିଲା ପ୍ଲାବନୀ । ଚିନ୍ମୟୀକୁ କୋଳରେ ଧରି ତାର ମୁହଁକୁ ଚୁମି ଚୁମି ସେ ଭୁଲିଯାଉଥିଲା ନିଷ୍ଫଳ ନାରୀତ୍ୱକୁ । ଅନ୍ୟର ସନ୍ତାନ ହେଲେ ମଧ୍ୟ ଚିନ୍ମୟୀକୁ ବୁକୁରେ ଜାକିଧରି ପ୍ଲାବନୀ ଯେଉଁ ସ୍ପର୍ଶ ଅନୁଭବ କରୁଥିଲା ତାହା ଯେକୌଣସି ନାରୀର ସଫଳ ମାତୃତ୍ୱଠାରୁ ନ୍ୟୂନ ନୁହେଁ ।

ଏହି ସ୍ନେହର ଆକର୍ଷଣରେ ବାପାଙ୍କ ଦାଣ୍ଡ ଘରେ ଛାଡ଼ି ଦୌଡ଼ି ଦୌଡ଼ି ଚିନ୍ମୟୀ ଆସି ପ୍ଲାବନୀ ନିକଟରେ ଠିଆ ହୋଇଗଲା । ତାପରେ ଆଖି ପଡ଼ିବାକ୍ଷଣି ପିତୃକୋଳ ଛାଡ଼ି ଉଠିପଡ଼ିଲା ପ୍ଲାବନୀ । ଆଗରେ କ୍ରନ୍ଦନରତା ଶିଶୁକନ୍ୟା, ପୋଷାକ ପ୍ରସାଧନରେ ମା'ର ଦକ୍ଷ ହାତ ଲାଗି ନାହିଁ । ଦାମିକା ହେଲେ ମଧ୍ୟ ପରିଧେୟ ମଳିନ । କଅଁଳ ଗାଲ ଉପରେ ଧାର ଧାର ଲୁହ ଝରି ଆସୁଚି । ଯେମିତି ଟିକି ଫୁଲକଢ଼ଟି ଉପରେ ଝଡ଼ର ଅତ୍ୟାଚାର ଆରମ୍ଭ ହୋଇ ଯାଇଚି । ସେ କିଛି କହିବା ପୂର୍ବରୁ ମୋ ମାଲେ ...... ବୋଲି ଝାଟିକରି ଚିନ୍ମୟୀକୁ କୋଳକୁ ଭିଡ଼ି ଆଣିଲା ପ୍ଲାବନୀ ।

ପୁଣି ପ୍ଲାବନୀର ଆଖି ଫାଟି ଅଶ୍ରୁ ପଡ଼ିବାକୁ ଲାଗିଲା । ଚିନ୍ମୟୀର ମୁହଁକୁ ଟୋଳିଧରି ବାତ୍ସଲ୍ୟ ମମତା ଭିତରେ ଏକବାର ବୁଡ଼ିଗଲା ସେ ।

ପରମୁହୂର୍ତ୍ତରେ ତାର ମନେ ପଡ଼ିଲା ନିଜ ବାପାଙ୍କ କଥା । ଝିଅର ପୁଣି କାନ୍ଦିବା କଥା ଜାଣିଲେ ବ୍ୟସ୍ତ ହୋଇଉଠିବେ ସେ । କିନ୍ତୁ ଏ ଲୁହର ଶେଷ କାହିଁ...... ? କାନ୍ଦ କାନ୍ଦ ଚିନ୍ମୟୀକୁ କାଖି କରି ନଳିନୀର ଶୟନ କକ୍ଷ ଭିତରକୁ ଚାଲି ଆସିଲା ପ୍ଲାବନୀ ।

ନଳିନୀ ଗଲାପରେ ସେ ଘରକୁ ଆଉ କେହି ଆସି ନାହାନ୍ତି । ଘରର ଚାରିଆଡ଼େ ନଳିନୀର ଯାବତୀୟ ବ୍ୟବହାର୍ଯ୍ୟ ବସ୍ତୁ ପଡ଼ି

ରହିଛି । ତାକୁ ଅନେଇ ଅନେଇ ପ୍ଲାବନୀର ହୃଦୟ ଏକ ଶରବିଦ୍ଧ ବିହଙ୍ଗୀ ପରି ବ୍ୟାକୁଳ ହୋଇଉଠିଲା ।

ଚନ୍ଦ୍ରଶ୍ରୀଙ୍କୁ ସେହି ଖଟ ଉପରେ ଶୁଆଇ ଦେଇ ନିଜେ ଶଯ୍ୟା ଧାରରେ ଆଡ଼ଶୁଆ ହୋଇ ପଡ଼ିରହିଲା । ନଳିନୀର ତଳଓଠକୁ ଚିପିଧରି ଚନ୍ଦ୍ରଶ୍ରୀର ପିଠିରେ ଥାପୁଡ଼େଇବାକୁ ଲାଗିଲା । ଯେମିତି ସେ ଜଣେ ସ୍ନେହକର୍ମବ୍ୟସ୍ତା ଜନନୀ । ନିଜର ସନ୍ତାନକୁ ଜଞ୍ଜାଳରୁ ରକ୍ଷା କରିବାକୁ ବାରମ୍ବାର ଚେଷ୍ଟାକରି ବିଫଳ ହୋଇଯାଉଛି । ତଥାପି ଯେମିତି ସେହି ଜଞ୍ଜାଳ ଭିତରେ ମାତୃଜୀବନର ପରିପୂର୍ଣ୍ଣତା ଲୁଚି ରହିଛି ଆଉ ତାକୁ ନିବିଡ଼ ଭାବରେ ଉପଲବ୍ଧି କରି ପାରୁଛି ସେ ।

ପ୍ଲାବନୀର ମୁହଁ ଉଜ୍ଜ୍ୱଳ ହୋଇଉଠିଲା । ଚନ୍ଦ୍ରଶ୍ରୀଙ୍କ ମୁଣ୍ଡ କୋଳକୁ ଉଠେଇ ଆଣି ଗୋଟାଏ ଅପୂର୍ବ ଆବେଗରେ ଘରଟାକି ଝୁଲିବାକୁ ଲାଗିଲା ସେ । କିନ୍ତୁ ଏ ଘରଟା ଏତେ ଖାଁ......ଖାଁ...... ଲାଗୁଚି କାହିଁକି ? ସେ ଦିନ ତ ଏମିତି ଲାଗୁ ନ ଥିଲା ?

ଚନ୍ଦ୍ରଶ୍ରୀଙ୍କ କାଖରୁ ଓହ୍ଲେଇ ଦେଇ ଘରମଝିରେ ଠିଆହେଲା ପ୍ଲାବନୀ । ତାର ମନେ ପଡ଼ିଗଲା ନଳିନୀର କଥା......କହିଲି ବନ୍ଧୁ, ମୋର କଣ ଏଡ଼ିକି ଝିଅଟିଏ ହେଇ ନ ଥାନ୍ତା......? ତେବେ ଚନ୍ଦ୍ରଶ୍ରୀ କାହାର......? ଚନ୍ଦ୍ରଶ୍ରୀର ମୁହଁକୁ ଅନେଇ ରହିଲା ସେ । ନା ନା......ଚନ୍ଦ୍ରଶ୍ରୀ ନଳିନୀଙ୍କର... ଆଉ ତାର...... ସତେଇ ତ ନଳିନୀଙ୍କ ଚନ୍ଦ୍ରଶ୍ରୀ ବାବୁ ଡାକେ କାହିଁକି......?

ସେ ତୋର କଣ ଜିନୁ......

ହଠାତ୍ ମଗୁରିଉଠିଲା ପ୍ଲାବନୀ । କଣ ବୁଝି ଚଞ୍ଚଳ ହୋଇଉଠି ଚନ୍ଦ୍ରଶ୍ରୀ ଉତ୍ତର ଦେଲା—

ମଉସା······

ମଉସା······ଆଉ ତୋର ବାବା······

କଥାଗୁଡ଼ାକ ବଡ଼ ପାଟିକରି କହି ଡଳେ କରୁଣ ହୋଇ ପଡ଼ିଲା ପ୍ଲାବନୀ । ପ୍ଲାବନୀର ଏ ପତନ ଚିନ୍ମୟୀ ନିକଟରେ ପୁରାପୁରି ଆକସ୍ମିକ । ଚମକିପଡ଼ି ଟିକିଏ ଦୂରକୁ ଘୁଞ୍ଚିଗଲା ସେ । ତା ପରେ ପୁଣି ପାଖକୁ ଧାଇଁଆସି ଟିକି ଟିକି ହାତ ଦୁଇଟିରେ ତାର ପ୍ଲାବନୀକୁ ଉଠେଇବାକୁ ଚେଷ୍ଟାକଲା । କିନ୍ତୁ ଉଠେଇ ନ ପାରି ନିଜର ଅକ୍ଷମତା ପାଇଁ ଭୋ ଭୋ ହୋଇ କାନ୍ଦଉଠିଲା ଚିନ୍ମୟୀ । ବାହାର ଘରେ ଚିନ୍ମୟୀର ବାପା ମାନସ ଚୌଧୁରୀ ପ୍ଲାବନୀର ଅପେକ୍ଷାରେ ରହିଥିଲେ । ସେ ପାଟିଶୁଣି ଭିତରକୁ ଦୌଡ଼ି ଆସିଲେ । ସେପଟ କୋଠରୀରେ ତପତୀ ଆଉ ତାର ବାପା ବସି ରହିଥିଲେ । ସେ ମଧ୍ୟ ପ୍ଲାବନୀର ଚିତ୍କାରରେ ବିବ୍ରତହୋଇ ଘର ଭିତରକୁ ପଶି ଆସିଲେ ।

ଉଣ୍ଡାଳି ଉଧ୍ଡାଳି କୈଳାସ ପଟ୍ଟନାୟକ ଝିଅକୁ ତଳୁ ଉଠେଇ ନେଇ କୋଳରେ ଧରିଲେ । ଲୋକ ମୁଖରୁ ଶୁଣିଥିଲେ ମଧ୍ୟ ପ୍ଲାବନୀର ଏ ଶୋଚନୀୟ ଅବସ୍ଥାରେ ଅବାକ୍ ହୋଇ ଠିଆହୋଇ ରହିଲେ ମାନସବାବୁ । ଡାକ୍ତରଙ୍କର ବ୍ୟବସ୍ଥା ଅନୁଯାୟୀ ଧୈର୍ଯ୍ୟର ସହିତ ଔଷଧ ପ୍ରୟୋଗ କରିବାରେ ଲାଗିଲା ତପତୀ । ତାକୁ ସହଯୋଗ କରିବାକୁ ଲାଗିଲେ ମାନସ ଚୌଧୁରୀ ।

ସମସ୍ତେ ଗୋଟିଏ ଶୁଭ ମୁହୂର୍ତ୍ତର ପ୍ରତୀକ୍ଷାରେ ବସି ରହିଛନ୍ତି । ସମସ୍ତଙ୍କର ଶଙ୍କାକୁଳ ଆଖି ପ୍ଲାବନୀ ଉପରେ ଲାଗିରହିଛି । ଯେମିତି ଏକ ଅସ୍ୱସ୍ତିର ବାତ୍ୟା ସମସ୍ତଙ୍କ ଦେହକୁ ଛୁଇଁ ବହି ଯାଉଚି ।

ଅଳ୍ପ ସମୟ ପରେ ପ୍ଲାବନୀ ପ୍ରକୃତିସ୍ଥ ହେବାର ଲକ୍ଷଣ ପ୍ରକାଶ ପାଇଲା । ଏଥିରେ ଯେପରି ପୂର୍ବର ଅସ୍ୱସ୍ତି ଅନେକ ପରିମାଣରେ କଟିଗଲା । ଅତି ପ୍ରିୟବସ୍ତୁ ଦୁଃଖର କାରଣ । ଚିନ୍ମୟୀଙ୍କ ଦେଖି ଯେ ପ୍ଲାବନୀର ଦୁଃଖ ଘନୀଭୂତ ହେଉଛି ଏ କଥାରେ କାହାରି ଯେପରି ସନ୍ଦେହ ରହିଲା ନାହିଁ । ସେଥିଯୋଗୁ ତାଙ୍କୁ କିଛିକ୍ଷଣପାଇଁ ଦୂରେଇ ରଖିବାକୁ ମନେ ମନେ ଠିକ୍‌କରି କୈଳାସ ପଟ୍ଟନାୟକ ଗୋବିନ୍ଦଙ୍କୁ ପାଖକୁ ଡାକି ନିମ୍ନ ସ୍ୱରରେ ଆଦେଶ କଲେ । ଚିନ୍ମୟୀଙ୍କୁ କାଖକରି ବହଲେଇ ବହଲେଇ ସେ ଘରୁ ବାହାରିଗଲା ଗୋବିନ୍ଦ ।

ଭିତର ଘଟଣାଟା କଣ ପୁରାମାତ୍ରାରେ ଜାଣି ନ ଥିଲେ ମଧ୍ୟ ଅନୁମାନକରି ଅନେକଟା ବୁଝିପାରିଲା ତପତୀ । ପ୍ଲାବନୀ ନିକଟରେ ସେ ଅତିଥି ନୁହେଁ । ସ୍ନାନଭଉଣୀ ହିସାବରେ ପ୍ଲାବନୀ ଜୀବନ ସହିତ ତାର ପୂର୍ଣ୍ଣ ପରିଚୟ ଘଟିଥିଲା । ପର ପରର ପରିଣତି ମଧ୍ୟ ଆଖିରେ ଦେଖୁଛି । ଏହି ଦୁର୍ଗତି ମୂଳରେ ତାର ଅତୀତ ଯେ ଜଡ଼ିତ ଅଛି ଏହା ନିଃସଂଶୟରେ ଠିକ୍ କରିନେଲା ତପତୀ ।

ଦେଈ ବୋଧେ କିଛି ଖାଇ ନାହାନ୍ତି ତପୀ ! ତମେବି ଗାଧୋଇ ନାହଁ । ମୁଁ ଦେଈଙ୍କ ପାଖରେ ରହୁଛି । ତମେ କାମ ସାରିବ ଯାଅ······

ଏତିକି କହି ତପତୀର ମୁହଁକୁ ଉତ୍ତର ଅଶାରେ ଚାହିଁଲା ମାନସ । ଟିକିଏ ପରେ କଣ୍ଠରେ ବିନୟ ଧରି ପୁଣି କହିଲେ—

କିଛି ଆପତ୍ତି କରନାହିଁ । ମୋ ଉପରେ ଆସ୍ଥା ରଖି କାମ ସାରି ଆସ । ବେଳ ଅନେକ ହେଲଣି······

କହୁ କହୁ ମାନସ ଆସି ପ୍ଲାବନୀର ବିଛଣା ନିକଟରେ ବସିଲେ । ଅତି ବିଶ୍ୱସ୍ତ ଆତ୍ମୀୟପରି ତାଙ୍କର ଭଙ୍ଗୀ । ଅବିଶ୍ୱାସର କୌଣସି ପ୍ରଶ୍ନ ତପତା ମନରେ ଉଠିଲା ନାହିଁ । ମାନସଙ୍କର ଅନୁରୋଧ ରକ୍ଷାକରି ସେ ଉଠି ଚାଲି ଆସିଲା ।

ପୂର୍ଣ୍ଣ ଚେତନା ଲାଭକରି ଆସ୍ତେ ଆସ୍ତେ ଆଖି ଖୋଲି ଚାହିଁଲା ପ୍ଲାବନୀ । ପ୍ରଥମେ ସେ କେଉଁଠି କେଉଁ ଅବସ୍ଥାରେ ଅଛି ତାହା ଜାଣି ପାରିଲାନାହିଁ । କିଛିକ୍ଷଣପରେ ଗୋଟି ଗୋଟି ହୋଇ ସବୁକଥା ମନେପଡ଼ି ହୃଦୟର ଶୂନ୍ୟତା ତାର ହୁ ହୁ କରିଉଠିଲା । ଏକ ଅପୂରଣୀୟ ଅଭାବର ତୀବ୍ରତାରେ ଆଖି ଦୁଇଟି ତାର ଅଶ୍ରୁଭାରରେ ନଇଁ ଆସିଲା ।

ମାନସ ମୂକଦ୍ରଷ୍ଟାରୂପେ କିଛି ବୁଝିପାରୁ ନାହାନ୍ତି । ବୁଝିବାକୁ ତାଙ୍କର ଯେମିତି ସାହସ ହେଉନାହିଁ । ଆଖି ଆଗରେ ତାଙ୍କର ସମସ୍ତ ଘଟଣା ଘଟିଯାଉଚି । କିନ୍ତୁ ସେ ଯେପରି ଏକ ନିରୁପାୟ ଅନ୍ଧ । କେବଳ ପ୍ଲାବନୀର କରୁଣ ନିରାଶ ଆଖିର ଚାହାଣୀ ଦେଖି ଦେଖି ମାନସଙ୍କର ମନେ ହେଉଚି ଗୋଟାଏ ଭୟଙ୍କର ବେଦନାର ଛାୟା ପ୍ଲାବନୀର ଜୀବନକୁ ଆଚ୍ଛନ୍ନ କରିରଖିଚି ।

ସାମନାରେ ଅତି ପରିଚିତ ବନ୍ଧୁଙ୍କୁ ଦେଖିପାରି ଏକ ସମୟରେ ପ୍ଲାବନୀ ଡାକିଲା—

ମାନସ ବାବୁ······

ଦେବୀ······

ଆପଣ କହିପାରିବେ ଜୀବନର ସ୍ୱରୂପ କଣ କେବଳ ମିଥ୍ୟା । ତାର ପରିଣତି କଣ କେବଳ ଶୂନ୍ୟତାରେ······ ?

ଭାଷାରେ ସାନ୍ତ୍ୱନା ଭରି ମାନସ କହିଲେ—

ଜୀବନର ପରିଣତି ଶୂନ୍ୟତା ନୁହେଁ ପ୍ଲାବନୀ ଦେବୀ ! ଜୀବନର ସ୍ୱରୂପ ଯାହା ତାହା ମହାନ ବରିଷ୍ଠ ସତ୍ୟ······

ତା ହେଲେ ସତ୍ୟର ବିକାଶ କଣ ଖାଲି ଆଘାତ, ଲାଞ୍ଛନା, ଉପେକ୍ଷାରେ······

ପ୍ଲାବନୀ ପ୍ରଶ୍ନର ଉତ୍ତରଦେଇ ମୃଦୁ ସ୍ୱରରେ ମାନସ କହିଲେ—

ଆଘାତ, ଲାଞ୍ଛନା ବା ଉପେକ୍ଷା ଜୀବନର ଗୋଟିଏ ଗୋଟିଏ ବିଭାଗ । ପ୍ରତ୍ୟେକ ବିଭାଗର ପ୍ରତିଟି ପ୍ରଶ୍ନର ଉତ୍ତର ଦେଇ ଯୋଗ୍ୟତାର ସହିତ ଏ ମହା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ହେବ······

ପ୍ଲାବନୀ ପୁଣି ନିଜ ଭିତରେ ବୁଡ଼ିଗଲା । କେତେ ନିମିଷ, କେତେ ମୁହୂର୍ତ୍ତ ତାହା କହି ହେବନାହିଁ । ହୁଏତ ଯୁଗ ଯୁଗାନ୍ତର ପାଇଁ । ହୁଏତ ଇହଜନ୍ମ ଛାଡ଼ି ପରଜନ୍ମର ରହସ୍ୟମୟ ଅଜ୍ଞାତ ଅନ୍ଧକାର ଭିତରେ ଭ୍ରାମ୍ୟମାଣ ମୁସାଫିର ପରି ଘୁରି ଘୁରି ସେ ପୁଣି ନିଜର କେନ୍ଦ୍ରସ୍ଥଳୀକୁ ଫେରି ଆସିଲା । ତା ପରେ ତନ୍ଦ୍ରାଚ୍ଛନ୍ନ ପରି ଅନୁଚ୍ଚ ସ୍ୱରରେ କହିଲା—

ହଁ······ହଁ······କାଲି ରାତିରେ ଯେ ମୁଁ······

ଉଦ୍‌ଗ୍ରୀବ ହୋଇ ମାନସ ପ୍ଲାବନୀର ମୁହଁକୁ ଅନାଇ ରହିଲେ । ଉଦ୍‌ଭ୍ରାନ୍ତପରି ପ୍ଲାବନୀ କହିଉଠିଲା—

ମିଛତ କହୁନାହିଁ । ମୁଁ ନିଜ ହାତରେ ଉଠେଇ ଦେଇଚି । ନିଜ ଆଖିରେ ଦେଖିଚି······

ଉତ୍ସୁକ ହୋଇ ମାନସ କହିଲେ—

କଣ ଦେଖିଚନ୍ତି ପ୍ଲାବନୀ ଦେବୀ ! ସ୍ୱପ୍ନ……

ନା ନା ସ୍ୱପ୍ନ ନୁହେଁ……

ପୁଣି ଯେମିତ ନୀରବରେ କଣ ଭାବିବାକୁ ଲାଗିଲେ ପ୍ଲାବନୀ । କିଛି ବୁଝି ନ ପାରି, ବୁଝିବାର ଆଗ୍ରହ ନେଇ ପ୍ଲାବନୀଙ୍କ ଅପେକ୍ଷା-କରି ରହିଲେ ମାନସ ।

ଏହିପରି ଅବସ୍ଥା ଭିତରେ ପ୍ରାୟ ଗୋଟିଏ ମାସ କଟିଗଲା । ପ୍ଲାବନୀ ଅସୁସ୍ଥତା ପାଇଁ କର୍ମମୟ ଜୀବନରୁ ଅବକାଶ ନେଇ ଡାକ୍ତରଙ୍କର ସମ୍ପୂର୍ଣ୍ଣ ଚିକିତ୍ସାଧୀନା ରହିଚ । ଫଳରେ ଅଭାବ ବଢ଼ିଚି । ଅକୁଣ୍ଠିତ ଚିତ୍ତରେ ଘରର ନାନାଜିନିଷ ବିକ୍ରୟକରି ଝିଅର ଔଷଧ ଏବଂ ପଥ୍ୟାପଥ୍ୟର ବ୍ୟବସ୍ଥା କରିଚନ୍ତି କୈଳାସ ପଟ୍ଟନାୟକ । ତଥାପି ପ୍ଲାବନୀଙ୍କ ଜାଣିବାକୁ କିଛି ଦେଇ ନାହାନ୍ତି । ଯଥେଷ୍ଟ ସତର୍କତାର ସହିତ ସେ କାମ କରେଇ ନେଉଛନ୍ତି । ତାଙ୍କର ନିର୍ଦ୍ଦେଶରେ ତପତୀ, ଗୋବିନ୍ଦ ମଧ ସମସ୍ତ କଥା ଗୋପନ ରଖିଚନ୍ତି ।

ବାପାଙ୍କର ଆଦେଶ ଅନୁସାରେ ତପତୀ ବଡ଼ଭାଇ ସୁଶୃତଙ୍କୁ ପ୍ଲାବନୀର ଦେହ ଖରାପ ଜଣେଇ ଚିଠି ଲେଖିଥିଲା । କିଛିଦିନ ପାଇଁ ଘରକୁ ଆସି ଦେହାଈକୁ ଦେଖା ଶୁଣା କରିବାକୁ ମଧ ଲେଖିଥିଲା । ଦୁଇଦିନ ତଳେ ଅତି ଦୁଃଖର ସହିତ ସାନଭଉଣୀ ଚିଠିର ଉତ୍ତର ଦେଇଚି ସୁଶୃତ ।

ସାନଭାଇର ପଢ଼ା ଖର୍ଚ୍ଚ ପାଇଁ ପ୍ଲାବନୀ ଯେଉଁ ଟଙ୍କା ପଠାଉ-ଥିଲା, ପରିମିତ ବ୍ୟୟକରି ସେଥିରେ ଚଳାଚଳ ହେଉଥିଲା

ସୁବ୍ରତ । ଚିକିତ୍ସା କରିବାକୁ ତାକୁ ସାମର୍ଥ୍ୟ ନ ଥିଲା । ସେଥିପାଇଁ ବଡ଼ଭଉଣୀର ଆଦେଶ ମଧ୍ୟ ନ ଥିଲା ତାକୁ । କିନ୍ତୁ ସ୍ନେହମୟୀର ଶାରୀରିକ ଦୁଃସମ୍ବାଦ ପାଇ ଗଭୀର ଦୁଃଖରେ ମ୍ରିୟମାଣ ହୋଇପଡ଼ିଲା ସୁବ୍ରତ । ଯାହାକୁ କେନ୍ଦ୍ର କରି ତାଙ୍କର ପରିବାରଟି ସୁଖ ଦୁଃଖରେ ଭାରସାମ୍ୟ ରକ୍ଷାକରୁଥିଲା, ସାନଭାଇ, ଭଉଣୀ ଦୁଇଟିଙ୍କର ପାଇଁ ଯିଏ ଆଜନ୍ମ କଠୋର କୌମାର୍ଯ୍ୟର ସାଧନା ଭିତରେ ନିଜକୁ ତିଳ ତିଳ କରି ନିକ୍ଷେପିତ କରି ଦେବାର ପଣ ନେଇଛି, ଜନନୀ ନହୋଇ ଯିଏ ଜନନୀର ତ୍ୟାଗ ଛୁରିକାରେ ନିଜର ଜୀବନକୁ ଟିକି ଟିକି କରି ଦେଇଛି, ସେହି କରୁଣାମୟୀ, ତପସ୍ୱିନୀ ଜେଜେମାଙ୍କର ଏହି ଶୋଚନୀୟ ପରିଣତିରେ ସୁବ୍ରତ ଅତ୍ୟନ୍ତ ମର୍ମାହତ ହୋଇପଡ଼ିଲା । ତାର ଇଚ୍ଛା ହେଲା ଘରକୁ ଫେରିଯାଇ ସେହି ମାତୃପ୍ରତିମାର ପାଦତଳେ ବସି ବସି ସବୁହରା ବାଳକ ପରି କାନ୍ଦି ନିଅନ୍ତା ବିପନ୍ନ, ବିମୂଢ଼ ଜୀବନର ଅଶ୍ରୁ । କିନ୍ତୁ ଅନ୍ୟ ସମୟରେ ଆତ୍ମସମ୍ବରଣ କରି ସୁବ୍ରତ ଅନନ୍ତ ଚିନ୍ତା ସାଗରରେ ନିମଗ୍ନ ହୋଇଗଲା । ତାର ମନେହେଲା ଆକୁଳ ଅନ୍ତରର ଅଶ୍ରୁ ତାର କଠୋର କ୍ଲିଷ୍ଟ ଦାରିଦ୍ର୍ୟ ନିକଟରେ ସମ୍ପୂର୍ଣ୍ଣ ନିରର୍ଥକ । ସେହି ଦାରୁଣ ରୋଗର ଅସହ୍ୟ ଜ୍ୱାଳା ଭିତରୁ ଦେଈଙ୍କୁ ଉଦ୍ଧାର କରିବାକୁ ହେଲେ ଅର୍ଥର ଆବଶ୍ୟକତା ଯଥେଷ୍ଟ ବେଶୀ । କିନ୍ତୁ ସେ କଣ କରିପାରିବ ? ଭାବି ଭାବି ଗଭୀର ନୈରାଶ୍ୟ ଭିତରେ ସୁବ୍ରତର ଚେତନା ହଜି ହଜି ଆସିଲା ।

ଗ୍ରୀଷ୍ମ ଛୁଟି ଯୋଗୁ କଲେଜ ବନ୍ଦଥିଲା । କିନ୍ତୁ ଘରକୁ ନଆସି ସେଠି ଅର୍ଥ ଉପାର୍ଜନର ଚେଷ୍ଟା କରୁଥିଲା ସୁବ୍ରତ । ସାନଭଉଣୀର ଚିଠି ପାଇବା ପରେ ପରେ ତାର ଚେଷ୍ଟା ଆହୁରି ବଢ଼ି ଉଠିଲା ।

ବହୁତ କଷ୍ଟରେ ଗୃହେଷ୍ଟି ଟ୍ୟୁସନ ଯୋଗାଡ଼ କରି ସବୁ ଘଟଣା ଜଣେଇ, ଦେଈଙ୍କୁ ଦେଖିବାକୁ ପ୍ରବଳ ଇଚ୍ଛା ପ୍ରକାଶ କରି ସେ ତପତୀକୁ ଉତ୍ତର ପଠେଇ ଦେଲା ।

ପୁଅର ଚିଠି ପାଇ ବହୁତ ପରିମାଣରେ **ଆଶ୍ୱସ୍ତ** ହେଲେ କୈଳାସ ପଟ୍ଟନାୟକ । ତପତୀ ମଧ୍ୟ ନିଜ ଭିତରେ ଯଥେଷ୍ଟ ସାନ୍ତ୍ୱନା ଅନୁଭବ କଲା । ବଡ଼ ଭାଇର ଉପଦେଶ ଆଉ ନିଜ ଅନ୍ତରର ପ୍ରେରଣାରେ ସ୍ୱେଚ୍ଛାପ୍ରଣୋଦିତ ହୋଇ ବଡ଼ ଭଉଣୀର ସେବାରେ ମନ ପ୍ରାଣ ଢାଳି ଦେଲା ସେ ।

ଘରର ଯାବତୀୟ କାମ କରି କରି ପ୍ଲାବନୀ ନିକଟକୁ ଫେରି ଆସେ ତପତୀ । ରୋଗଶଯ୍ୟାର ଗୋଟିଏ ଧାରରେ ପ୍ଲାବନୀର କ୍ଷୀଣାଙ୍ଗ ପଡ଼ି ରହିଥାଏ । ବେଳେ ବେଳେ ବଛଣା ଛାଡ଼ି ଆରାମ ଚୌକିରେ ପଡ଼ି ପଡ଼ି କଣ ଭାବୁଥାଏ ପ୍ଲାବନୀ । ଆଖି ଦୁଇଟି ଲୁହରେ ପୂରି ରହିଥାଏ । ତାକୁ ଚାହିଁ ଚାହିଁ ତପତୀର ଆଖି ସଜଳ ହୋଇ ଉଠେ । ଦୀର୍ଘଶ୍ୱାସ ଛାଡ଼ି ସେ ପୁଣି କାମରେ ଲାଗିଯାଏ ।

କେତେବେଳେ କେମିତି ଚିନ୍ମୟୀ ଆସି ପ୍ଲାବନୀ ନିକଟରେ ପହଞ୍ଚିଯାଏ । ଦୁଇଟି କ୍ଷୀଣ ବାହୁରେ ତାକୁ ଛାତି ଉପରେ ଚାପିଧରେ ପ୍ଲାବନୀ । ସେଦିନ କଣ କହୁଥିଲେ ସିଏ...... ? ବିବାହ କରିଥିଲେ ତାଙ୍କର ସନ୍ତାନ ଏତିକିଟିଏ ହୋଇ ତା କୋଳରେ ଖେଳୁ ଥାଆନ୍ତା......

ଚିନ୍ମୟୀର ମୁହଁକୁ ଅନେଇ ଭୋ ଭୋ କରି କାନ୍ଦିଉଠେ ପ୍ଲାବନୀ । ବେଳେ ବେଳେ ଛୁଆଟିର ଟିକି ମୁହଁଟିକି ଦୁଇ ହାତରେ ତୋଳିଧରି ଅଶ୍ରୁ ରୁଦ୍ଧ କଣ୍ଠରେ ପ୍ଲାବନୀ କହି ଉଠେ—

ମୁଁ କଣ ତୋ ମା ନୁହେଁ ଚିନୁ......

କିଛି ବୁଝି ନପାରିଲେ ମଧ୍ୟ କଣ ଭାବି ପ୍ଲାବନୀକି ଗୋଟେ ଦୁଇ ହାତରେ ଯାବୁଡ଼ିଧରି ଚିନ୍ମୟୀ ଡାକେ—

ମା......

ପରେ ପରେ ଯେମିତି ପ୍ଲାବନୀର ସ୍ୱପ୍ନ ଭାଙ୍ଗିଯାଏ । କଟମଟ କରି ଚିନ୍ମୟୀର ମୁହଁକୁ ଅନେଇ ରହେ ସେ । ନା......ନା......ଚିନ୍ମୟୀର ମା ସେ ନୁହେଁ......ସବୁମିଛ......ଖାଲି ପ୍ରତାରଣା...ଅନ୍ୟ ରକ୍ତର ଶିଶୁ ଚିନ୍ମୟୀ । ତାଙ୍କ ଦେହର କୌଣସି ସ୍ମୃତିଚିହ୍ନ ବହନକରି ସେ ଏ ସଂସାରକୁ ଆସିନାହିଁ । କେମିତି ସିଏ ତାର ହେବ......

ଚିନ୍ମୟୀକି କୋଳରୁ ଓହ୍ଲେଇ ପକେଇ, ଦୁଇ ଆଖିରେ ହାତ ଚୁପି ନଳିନୀର ଶୂନ୍ୟ କୋଠରୀକି ଦୌଡ଼ି ପଳେଇ ଆସେ ପ୍ଲାବନୀ । ଭିତରୁ କବାଟ ବନ୍ଦକରି ଖଟ ଉପରେ ଗଡ଼ିପଡ଼େ । ତକିଆଟାକୁ ଛାତି ଉପରେ ଯାକିଧରି ଆଖିବୁଜି ନିଜ ଭିତରେ ଚୁପ୍ ହେଇଯାଏ ସେ । ଅନ୍ତରର ନିଶୂନତା ଭିତରେ ବକ୍ଷରେ ତାର କାହାର ପରଶ ଲାଗି ଲାଗି ଆସେ । ଶିଶୁ ସନ୍ତାନର ସ୍ପର୍ଶ......ଅନୁଭବ କରେ ପ୍ଲାବନୀ । କ୍ରନ୍ଦନରତ ଶିଶୁ କଣ୍ଠର ଆତୁର ମା' ଡାକ ସେ, ଯେମିତି ଖୁବ୍ ପାଖରେ ଶୁଣିବାକୁ ପାଏ ଆଉ ତାହା ସହିତ ଉପଲବ୍ଧି କରେ ଏକ ମୁଗ୍ଧ ହୃଦୟର ମଧୁଭର୍ତ୍ସନା ।

ଅଟପ ଅଟପ ପ୍ଲାବନୀର ଆଖି ଖୋଲିଯାଏ । କାହାକୁ ଦେଖିବାର ଆଶାରେ ଏପାଖ ସେପାଖ ଅନାଏ ସେ । କିନ୍ତୁ କେହିନାହିଁ । ବକ୍ଷଖୋଲି ନିଜକୁ ନିରୀକ୍ଷଣ କରେ ସେ । ନିର୍ମୋକ ପରି ଶୁଷ୍କବକ୍ଷ । ସେଠି ସନ୍ତାନ ପାଇଁ ରସ ସଞ୍ଚାର ହେଇନାହିଁ । ପ୍ଲାବନୀର ବ୍ୟାକୁଳ ଅନ୍ତରରେ ନିଆଁ ଜଳି ଉଠେ । ତାର

ମନେହୁଏ ସତେ ଯେମିତ ନିକଟରୁ ସେହି 'ମା' ଡାକ ଦୂରକୁ ଦୂରକୁ ଭାସିଯାଉଛି······

ତକିଆଟାକୁ ଛାତିଉପରୁ ଦୂରକୁ ଫିଙ୍ଗିଦେଇ ସେ କାନ୍ଦି କାନ୍ଦି ଅଚେତ ହୋଇଯାଏ ।

ସମୟ ସମୟରେ ପ୍ଲାବନୀର ବହୁଦିନ ତଳର ସେହି ଗତ କଥା ମନେ ପଡ଼ିଯାଏ । ଆଜି ରାତିଟା ଯଦି ସେ ଦିନର ରାତିରେ ପରିଣତ ହୋଇ ଯାଆନ୍ତା······କିନ୍ତୁ ସେ ଦିନତ ସେ ନଳିନୀକି ଜାଣି ଜାଣି ଉପେକ୍ଷା କରିଥିଲା·· ··ପ୍ଲାବନୀର ଇଚ୍ଛା-ହେଲା ସେହିକ୍ଷଣି ନଳିନୀର ପାଦତଳେ ପଡ଼ି ବିଗତ ଦିନର ଭୁଲପାଇଁ କ୍ଷମାମାଗି ନିଅନ୍ତା···· ନିର୍ଜନ କକ୍ଷର ନିରୋଳା ଶଯ୍ୟାରେ ନଳିନୀର ବୁକୁତଳେ ଆତ୍ମ ସମର୍ପଣ କରି ଉପେକ୍ଷାର ଅସୀମ ବେଦନାକୁ ପୋଛି ଦିଅନ୍ତା······କିନ୍ତୁ ନଳିନୀ କାହିଁ······ ତାର ଚିର ବାଞ୍ଛିତ ମନର ମଣିଷ ଆଜି କାହିଁ····· ?

ଭାବି ଭାବି ଅଶ୍ରୁ ଭାରରେ ପ୍ଲାବନୀ ଅଧୀର ହୋଇଉଠେ ।

ଏସବୁ ଅନେକ ଦିନ ତଳର ଘଟଣା । ନଳିନୀଠାରୁ କୌଣସି ସମ୍ବାଦ ନ ପାଇବା ଭିତରେ ପ୍ରାୟ ଏମିତି ଘଟୁଥିଲା । ତା ପରେ ନଳିନୀଠାରୁ କ୍ରମାଗତ ଚିଠିପାଇ ପ୍ଲାବନୀର ଦେହ ମନରେ ନାନା ପରିବର୍ତ୍ତନ ଦେଖାଗଲା । ପୂର୍ବପରି ସେ ଆଉ ଅବର୍ଣ୍ଣନୀୟ ଭାବନାରେ କାତର ହୁଏନାହିଁ । ତାର ମନେହୁଏ ମୁଖର ଅତୀତର ଗୀତିମୟ ଯୌବନ ତାର ଫେରି ଆସୁଛି । ଅଦିନରେବି ଅନ୍ତରର କେଉଁ

ନିଭୃତ ରାଜ୍ୟରୁ ଭାସି ଆସୁଚି ଜୀବନ ବସନ୍ତର ମୂର୍ଚ୍ଛନା । ଅଶ୍ରୁ ବଦଳରେ ପ୍ଲାବନୀର ଆଖି ଦୁଇଟି କ୍ରମେ ହାସ୍ୟ ଚପଳ ହୋଇ ଉଠିଲା । ଯେମିତି ନବ ସୃଜନର ସ୍ୱପ୍ନରେ ପ୍ରତ୍ୟେକ ମୁହୂର୍ତ୍ତ ତାର ପୂର୍ଣ୍ଣ ଉଠୁଚି ।

ପ୍ରତିଦିନ ସନ୍ଧ୍ୟାରେ ମାନସ ଆସନ୍ତି, ହସି ହସି ତାଙ୍କୁ ଅଭ୍ୟର୍ଥନା କରି ଘର ଭିତରକୁ ଡାକିନିଏ ପ୍ଲାବନୀ । ଆଳାପ ଜମିଆସେ । ଓଡ଼ିଶାର ରାଜନୈତିକ ପରିସ୍ଥିତିଠାରୁ ଗୃହ କୋଣର ନାରୀ ସମସ୍ୟା ପର୍ଯ୍ୟନ୍ତ । ଆଳାପ ପରିଣତ ହୁଏ ତର୍କରେ । ବଡ଼ ପାଟିରେ ଯୁକ୍ତି କରନ୍ତି ଦୁଇବନ୍ଧୁ । ଜୋରରେ ଟେବୁଲ ବାଡ଼େଇ ଦୁହେଁ ଦୁହିଁଙ୍କ କଥାର ପ୍ରତିବାଦ କରନ୍ତି ।

ଝିଅର ହାବଭାବରୁ ଅନେକକଥା ବୁଝି ନିଅନ୍ତି କୈଳାସ ପଟ୍ଟନାୟକ । ମନଭିତରେ ସୁଖୀ ହୁଅନ୍ତି । କିନ୍ତୁ ଅନାଗତ ଭବିଷ୍ୟତକୁ ଭୟଙ୍କର ପରୀକ୍ଷଣରେ ଈଶ୍ୱରଙ୍କ ନିକଟରେ ଦୁଃଖ ଜଣାନ୍ତି । ଝିଅପାଇଁ ତାଙ୍କର ଯେପରି ପୂର୍ଣ୍ଣ ବିଶ୍ୱାସ ଆସେନାହିଁ ।

ଦେଖିକି ଲକ୍ଷକରି ମନେ ମନେ ଈଶ୍ୱରଙ୍କୁ ଧନ୍ୟବାଦ ଦିଏ ତପତୀ । ତା ଭିତରର ଅନ୍ଧକାର ଯେମିତି ଆସ୍ତେ ଆସ୍ତେ ତୁଟି ଆସୁଚି । ଆଉ କିଛିଦିନ ପରେ ନବୀନ ସୂର୍ଯ୍ୟାଲୋକରେ ସବୁ ପରିଷ୍କାର ହୋଇଉଠିବ ।

ଅନେକ ସମୟରେ ନିଜକୁ ବିଶ୍ଳେଷଣକରି ଆଶ୍ଚର୍ଯ୍ୟ ହୋଇଯାଏ ପ୍ଲାବନୀ । ବିବେକ ପାଖରେ ସଙ୍କୋଚ ଅନୁଭବ କରେ । ନିଜର କଳ୍ପନା ଭିତରେ ଆଜିର ଆବେଗକୁ ସେ ଯେମିତି କେବେ ଅବଧାରଣା କରିପାରି ନ ଥିଲା । ଏ ପରିବର୍ତ୍ତନରେ ସେ ଯେତିକି ଲଜ୍ଜିତା ହେଲା, ସେତିକି କୁଣ୍ଠିତା ହେଲା । ମଣିଷର ସ୍ୱଭାବ ଧର୍ମକୁ

ସେ ଯେମିତି ଭୁଲି ଯାଉଛି ଧୀରେ ଧୀରେ । କିନ୍ତୁ ଉପାୟ୍······? ନିଜକୁ ବହଲେଇ ଦେବାକୁ ଚେଷ୍ଟାକରେ ପ୍ଲାବନୀ ।

କିଛୁଦିନପରେ କର୍ମ କ୍ଷେତ୍ରକୁ ଫେରିଯିବା ପାଇଁ ମନସ୍ଥକରି ବାପାଙ୍କ ଅନୁମତି ମାଗିଲା ପ୍ଲାବନୀ । ତାର ରୋଗ ଛାଡ଼ି ଆସିଲାଣି । ଦୈହିକ ଦୁର୍ବଳତା ମଧ୍ୟ ଅସ୍ତେ ଅସ୍ତେ କମି ଆସୁଛି ! ବୃଥା ସମୟ କଟେଇବା ତା ନିକଟରେ ଏବେ ବିଳାସ ବୋଲି ମନେହେଉଛି । ଏହି ଅଳସ ମୁହୂର୍ତ୍ତ ଗୁଡ଼ିକକୁ ସୁଯୋଗ ରୂପେ ଗ୍ରହଣ କରି ନେଉଛି ତାର ସୃଜନକାମୀ ବୁଭୁକ୍ଷୁ ଆତ୍ମା । ସେଥିଯୋଗୁ ଖୁବ୍ ଶୀଘ୍ର ଆଗର ସେହି ଅନବସର ବ୍ୟସ୍ତତା ଭିତରେ ବୁଡ଼ିଯିବାକୁ ଇଚ୍ଛା କରୁଛି ପ୍ଲାବନୀ ।

ଝିଅର କଥା ଶୁଣି ପ୍ରଥମେ କିଛି କହି ପାରିଲେ ନାହିଁ କୈଳାସ ପଟ୍ଟନାୟକ । ଆଉରି କିଛୁଦିନ ପୂର୍ଣ୍ଣ ବିଶ୍ରାମ ଆଉ ଚିକିତ୍ସା ପାଇଁ ଡାକ୍ତର ପରାମର୍ଶ ଦେଇଛନ୍ତି । ନ ହେଲେ ପ୍ଲାବନୀର ସ୍ୱାସ୍ଥ୍ୟଲାଭ ହେବନାହିଁ । ତାଙ୍କ ନିର୍ଦ୍ଦେଶର ବ୍ୟତିକ୍ରମ ହେଲେ ହୁଏତ କିଛି ଘଟିଯାଇ ପାରେ । ସେଥିଯୋଗୁ ବିନା ଭୂମିକାରେ ଝିଅକୁ ସ୍ପଷ୍ଟ ମନାକରି ଦେଲେ କୈଳାସ ପଟ୍ଟନାୟକ ।

ବାପାଙ୍କ ମୁହଁକୁ ଥତମତ କରି ଅନେଇ ରହିଲା ପ୍ଲାବନୀ । କଣ କହନ୍ତା ଯେମିତି !! ଓଠ ଦୁଇଟି ଖୋଲିଯାଇ ପୁଣି ବୁଜିହୋଇ ଯାଉଛି । ପିତୃ ଅନ୍ତରର ଗଭୀରତା ଅକଳନା ରହିଯାଉଛି ! ସତେ କେତେ ସ୍ନେହ·····କେତେ ବାତ୍ସଲ୍ୟ ସନ୍ତାନପାଇଁ ସେଥିଭିତରେ ଭରିରହିଛି ·····ମାପି ପାରିଲା ନାହିଁ ପ୍ଲାବନୀ ।

ନଂ........
ତା........

ଏଥିଭିତରେ ଆଉରି କିଛିଦିନ ବିତିଯାଇଛି । ପ୍ଲାବଣୀ ତାର ପୂର୍ବ ସ୍ୱାସ୍ଥ୍ୟ ଫେରି ପାଇଲାଣି । ଏବେ ସେ ନିଃସନ୍ଦେହରେ ବୁଲାଚଲା କରିପାରୁଛି । କାହାର ସହଯୋଗ ଆଉ ଆବଶ୍ୟକ ନାହିଁ । ଦୈହିକ ପୂର୍ଣ୍ଣତା ଫେରିପାଇ ପୁଣି ନିଜର କର୍ମମୟ ଜୀବନ ଭିତରକୁ ଫେରିପିବାର ଉଦ୍‌ଯୋଗ କଲାଣି । ସେଥିପାଇଁ ତାର ସୁସ୍ଥ ମନ ମଧ୍ୟ ଯଥେଷ୍ଟ ସାହାଯ୍ୟ କରୁଛି ।

ସାନ ଭଉଣୀକୁ ଉତ୍ତର ପଠେଇବାର ଅଳ୍ପଦିନ ପରେ ସୁମିତ୍ରା ତାର ଦେଈକୁ ଦେଖାଚାହାଁ କରିବାକୁ ଘରକୁ ଚାଲି ଆସିଥିଲା । ତିନୋଟି ଭାଇଭଉଣୀ ଭ୍ରାତୃ ପ୍ରେମର ନିଗଡ଼ରେ ବନ୍ଧହୋଇ ସଂସାରକୁ ଆନନ୍ଦ ମୁଖର କରି ରଖିଥିଲେ । ବାପା ତାଙ୍କର ଅନ୍ଧ ଅକ୍ଷମ ହେଲେ ମଧ୍ୟ ତାଙ୍କର ସନ୍ତାନ ହୋଇଥିବାରୁ ଜନ୍ମ ତାଙ୍କର ଯେମିତି ସାର୍ଥକ ହୋଇଛି ।

ଏସବୁ ମର୍ମେ ମର୍ମେ ଅନୁଭବ କରୁଥିଲେ କୈଳାସ ପଟ୍ଟନାୟକ । ସେଥିପାଇଁ ନାନା ଅଭାବ ଭିତରେ ଗଢ଼ୁଥିଲେ ମଧ୍ୟ ତାଙ୍କୁ କିଛି ବାଧୁ ନ ଥିଲା । ଆଗପରି ନାନା ଦୁଶ୍ଚିନ୍ତାରେ ସେ ପୀଡ଼ିତ ହେଉ ନଥିଲେ । ପ୍ଲାବଣୀର ନବଜୀବନ ଲାଭହୋଇଛି । ସେଇ ତାଙ୍କର ଯଥେଷ୍ଟ । ସେ ଯେମିତି ଈଶ୍ୱରଙ୍କ ନିକଟରୁ ଏତିକି ଶ୍ରେଷ୍ଠ ପୁରସ୍କାର ରୂପେ ପାଇଚନ୍ତି । ଅଶ୍ରୁ ନିବେଦନ ତାଙ୍କର ସଫଳ ହୋଇଚି । ନିଜର ଏହି ଭାବନା ଭିତରେ କୈଳାସ ପଟ୍ଟନାୟକଙ୍କ ଆଖି ଆନନ୍ଦାଶ୍ରୁରେ ଛଳ ଛଳ କରିଉଠେ ।

ଖୁବ୍ ସହଜରେ ସମସ୍ତ କଥା ଅନୁମାନ କରିପାରିଚି ପ୍ଲାବଣୀ । ତାହା ସହିତ ଉପଲବ୍ଧି କରୁଚି ନିଜର ଭାବପ୍ରବଣତା । ନିଜର କର୍ମ ପ୍ରବଣତା ବିଷୟରେ ସଚେତନ ହେଉ ହେଉ ହଠାତ୍

ଯେମିତି ସେ ନଳିନୀର ସ୍ପର୍ଶ ଅନୁଭବ କରି ବସୁଚି । ତପତୀଙ୍କୁ ଡାକିବାକୁ ଯାଇ ସେ ଖୋଜି ବସୁଚି ସାବେଶୀଙ୍କୁ । ସତେତ...... ସାବିର ଦେଖାନାହିଁ କାହିଁକି......

ଏହିକଥା ମନେକରି ପ୍ଳାବନୀ ଭିତରେ ଯେମିତି ତରଙ୍ଗର ଏକ ବେଗଗାମୀ ସ୍ରୋତ ବହିଗଲା । ଏହା ଯେପରି ତାହାପକ୍ଷେ ଗୋଟାଏ ପ୍ରବଳ ଆକ୍ରମଣ । ଏହି ଅପ୍ରତ୍ୟାଶିତ ଆକ୍ରମଣ ଭିତରୁ ନିଜକୁ ରକ୍ଷା କରିବାକୁ ଯାଇ ସେ ଡାକ ପକେଇଲା—

ତପୀ......ତପୀ......

ଅଦୂରରେ ସେପଟର ପିଣ୍ଡା ଉପରେ ବସି ବସି ତପତୀ ତାର ଭାଇ ସହିତ କଣ ଗୋଟିଏ ଖେଳରେ ମଜ୍ଜି ରହିଥିଲା । କିଛି ଦିଶୁ ନ ଥିଲେ ମଧ୍ୟ ନିଜ କୋଠରୀର ଖଟ ଉପରେ ସାମନା ପଟକୁ ମୁହଁକରି ବସି ରହିଥିଲେ କୈଳାସ ପଟ୍ଟନାୟକ । ମଝିରେ ମଝିରେ ପିଲା ଦୁହିଁଙ୍କର ମଧୁର ବାଦାନୁବାଦରେ ସେ ହସି ହସି ଆତ୍ମହରା ହୋଇ ଯାଉଥିଲେ । ଯେମିତି ସେମାନେ ଅନେକଦିନ ତଳର କ୍ରୀଡ଼ାରତ ଦୁଇଟି ଧୂଳି ଧୂସର ଶିଶୁ ।

ବଡ଼ ଭଉଣୀର ଡାକରେ ଖେଳର ନିମଗ୍ନତା ଭିତରୁ ନିଜକୁ ଉଦ୍ଧାରକରି ଚାହିଁଲା ତପତୀ । ସେ ପୁଣି ଶୁଣିବାକୁ ପାଇଲା ବଡ଼ ଭଉଣୀର ଡାକ ।

ତପୀ......

ଏ ଡାକରେ ଖେଳ ଛାଡ଼ି କ୍ଷିପ୍ର ପଦରେ ପ୍ଳାବନୀ ନିକଟରେ ଆସି ପହଞ୍ଚିଲା ତପତୀ । ପଛେପଛେ ସ୍ବରୂପ ମଧ୍ୟ ଆସି ପହଞ୍ଚିଲା । କାହିଁକି ଡାକିଲ ଦେଇ ? ଆଖିରେ ଜିଜ୍ଞାସା ଧରି ବଡ଼ ଭଉଣୀର ମୁହଁକୁ ଅନେଇ ରହିଲା ତପତୀ ।

ସାବଙ୍କୁ ବହୁଦିନୁ ଦେଖିନାହିଁ ମୁଁ । ସେ କଣ ଆମ ଘରକୁ ଆସୁନାହିଁ ?

ପ୍ଳାବନୀର କଥା ତପତୀ ମନର ଅନ୍ତସ୍ଥଳରେ ଆଘାତ କଲା । ସତେତ .....ସାବେଶ୍ୱ ଅନେକ ଦିନୁ ଏଠିକି ଆସୁନାହିଁ । କଣ ହେଲା ତାର...... ? ଉତ୍ତର ଦେଇ ଧୀର ସ୍ୱରରେ ସେ କହିଲା—

କାହିଁକି ଆସୁନାହିଁ ମୁଁ ତ ଜାଣିନାହିଁ ଦେଈ !

ସାବେଶ୍ୱର ବାହାଘର ହେଉଛି । ହୁଏତ ସେଇଥିପାଇଁ ଆସୁନାହିଁ ସେ !

କହି କହି ଭିତରକୁ ପଶିଆସିଲେ ମାନସ ।

ବିସ୍ମୟରେ ଠିଆ ହେଇପଡ଼ିଲା ପ୍ଳାବନୀ ! ବଡ଼ପାଟି କରି କହିଉଠିଲା—

ସାବେଶ୍ୱର ବାହାଘର ? କେଉଁଠି ମାନସବାବୁ .....

ବସିବା ପାଇଁ ଖଟ ମୁଣ୍ଡ ପାଖରୁ ଚୁଲ୍‌ଟା ଟାଣିନେଇ ମାନସ କହିଲେ—

କେଉଁଠି ଠିକ୍ ଜାଣିନାହିଁ ମୁଁ ଦେବୀ......

ଏତିକି ବେଳେ ହାତରେ ଖଣ୍ଡିଏ ରଙ୍ଗିନ୍ ଲଫାପା ଧରି ଆସି ପହଞ୍ଚିଲା ଗୋବିନ୍ଦ ।

ଦେଈ, ଚିଠି ଆସିଛି । ବାବୁ ଦେଇଥିବେ......ନୁହେଁ... ?

କହିବାକ୍ଷଣି ହାତର ଚିଠି ଖଣ୍ଡିକ ଦେଖିବାକୁ ଲାଗିଲା ଗୋବିନ୍ଦ । ଆନନ୍ଦର ଆତିଶଯ୍ୟରେ କଥା ଗୁଡ଼ାକୁ ସେ ଯେମିତି ଗିଳି ପକେଇଲା ।

ଚିଠି······ ? ଚମକି ପଡ଼ିଲା ପ୍ଲାବନୀ । ଅନେକ ଦିନୁ ଚିଠି ଆସି ନଥିଲା । ସତେ କାହିଁକି ଆସି ନଥିଲା······

ଗୋବିନ୍ଦ ହାତରୁ ଚିଠି ନେଇ କୁଣ୍ଠିତ ଭାବରେ ଖୋଲିଲା ପ୍ଲାବନୀ । ସେପାଖ ଘରେ ବସି ଗୋବିନ୍ଦର କଥା ଶୁଣି ପାରିଥିଲେ କୈଳାସ ପଟ୍ଟନାୟକ । ନଳିନୀର ଚିଠି ଜାଣି ସେ ଆସି ସମସ୍ତଙ୍କ ଆଗରେ ଠିଆ ହୋଇଗଲେ । ପ୍ଲାବନୀକୁ ଉଦ୍ଦେଶ୍ୟ କରି କହିଲେ—

ବାପା ମୋର ଭଲ ଅଛି ମା ! ଏତେଦିନ କଣ ଆମକୁ ଭୁଲି ଯାଇଥିଲା ? ତାର ବାପା ମା ଭଲ ଅଛନ୍ତି ତ ······ ?

ନିଜର ଝିଅ ଆଉ ନଳିନୀର ସମ୍ପର୍କ ବିଷୟରେ ଅଜ୍ଞ ନଥିଲେ ମଧ୍ୟ ନଳିନୀ ପାଇଁ ଯେମିତି ଜାଣି ଜାଣି ଭୁଲିକରି ଦେଉଚନ୍ତି ବୃଦ୍ଧ ।

ସମସ୍ତେ କାନ୍ଥ ଆଶାର ବାଣୀ ଶୁଣିବାକୁ ଅପେକ୍ଷା କରି-ରହିଚନ୍ତି ।

ଅନ୍ଧ ପୁଣି ପଚାରିଲେ—

ନଳିନୀ ଭଲରେ ଅଛି ତ ମା ······

ଜବାବ ଦେଇ ପାରୁନାହିଁ ପ୍ଲାବନୀ । କି ଜବାବ ସେ ଦେବ ? ନଳିନୀର ବେଦନ ଖବର ସେ ଜାଣିବ କେମିତି ? ଭାବନାର ଗଭୀରତା ଭିତରୁ ପ୍ଲାବନୀ ଡାକି ଉଠିଲା—

ବାବା······

ସ୍ୱରରେ ତାର କ୍ରନ୍ଦନର ନିର୍ଯ୍ୟାସ । ହତଭମ୍ବ ହୋଇ ପ୍ଲାବନୀର ମୁହଁକୁ ଅନେଇ ରହିଚନ୍ତି ମାନସ । ସେ ଯେମିତି ଏ ଚକ୍ରବ୍ୟୂହ ଭେଦ କରିବାକୁ ଏକାନ୍ତ ଅସମର୍ଥ ।

ଦୁଃଖର ଆବେଗରେ ମିତ୍ର କୋଳରେ ମୂର୍ଚ୍ଛିତା ହୋଇପଡ଼ିଲା ପ୍ଲାବନୀ । ହତାଶ ଆଉ ଅନୁଶୋଚନାର ଅଶ୍ରୁରେ ପ୍ଲାବନୀର ଦେହ ଶୀତଳ ହୋଇ ଆସିଲା ।

ପୂର୍ବର ସେହି ଆନ୍ତରିକତାର ପରିସ୍ଥିତି ସମସ୍ତଙ୍କୁ ନିର୍ବାକ କରିଦେଲା । ପ୍ରତିକାର ପାଇଁ କେହି ଯେମିତି ପନ୍ଥା ଖୋଜି ପାଉନାହାନ୍ତି ।

କିଛିକ୍ଷଣ ପରେ ମାନସଙ୍କ ପାଦରେ ଗତି ଫୁଟି ଉଠିଲା । ପ୍ଲାବନୀ ହାତରୁ ଖସି ପଡ଼ିଥିବା ଲଫାପାଟିକୁ ତଳୁ ଉଠେଇ ନେଲେ ସେ । କଣ ଏମିତି ଲେଖାଅଛି ଏ ଚିଠିରେ ? ଖୋଲି ପଢ଼ିଲେ । ନିଜର ଅଜଣାରେ ସେ ପାଟିକରି ଉଠିଲେ—

ଆରେ ଏ ଯେ ସାବେତ୍ରୀର ବିବାହ ନିମନ୍ତ୍ରଣ·····ସାବେତ୍ରୀକୁ ଖୁବ୍ ସ୍ନେହ କରୁଥିଲେ ପ୍ଲାବନୀ·····

ମାନସଙ୍କର ଭାଷା ଯେପରି ସୁଗୁରୁ ଆଉ ତପତୀଙ୍କର ଜଡ଼ତା ଘୁଞ୍ଚେଇ ଦେଲା । ଆରେ ବାବା କାହାନ୍ତି ·····ତପତୀର କରୁଣ ଦୃଷ୍ଟି ଆଖିର ପଲକରେ ଘରର ଚତୁଃକୋଣ ଖୋଜି ଆସିଲା । ତାହେଲେ·····ଅସ୍ଥିର ଚିତ୍ତରେ ଦ୍ରୁତ ପଦରେ ସେଘର ଛାଡ଼ି ବାହାରିଗଲା ତପତୀ ।

ବାହାର ବାରଣ୍ଡାରେ ମାନସଙ୍କର ସାଇକେଲ ଡେରା ହୋଇଥିଲା । ତାର ଉପରେ ଆଖି ପଡ଼ିବାକ୍ଷଣି ସୁଗୁରୁର ମୁଣ୍ଡକୁ ଆପେ ଆପେ ବୁଦ୍ଧି ଆସିଗଲା । ଦେହରେ କାମିଜ ଖଣ୍ଡେ ଗଳେଇ ପକେଇ ଡାକ୍ତର ଉଦ୍ଦେଶ୍ୟରେ ଛୁଟି ଗଲା ସେ ।

ମାନସ ସେହିପରି ନିମନ୍ତ୍ରଣ ପତ୍ର ଖଣ୍ଡିକ ଦେଖି ଲାଗିଚନ୍ତି ।

ସତେ ପ୍ଲାବନୀର ହୃଦୟ କେଉଁ ଉପାଦାନରେ ଗଢ଼ା·····

ପ୍ଲାବନୀର ଏହି ଦୁରବସ୍ଥା ଭିତରେ କୈଳାସ ପଟ୍ଟନାୟକ ଝିଅପାଇଁ ମନଭିତରେ ଆଉ କୌଣସି ଆଶା ପୋଷଣ କରିପାରିଲେ ନାହିଁ । ସକଳ ଚେଷ୍ଟା ଆଉ ଅଶ୍ରୁ ଆବେଦନକୁ ତାଙ୍କର ବିଫଳ କରି ପ୍ଲାବନୀ ପୁଣି ରୋଗର ନିଗଡ଼ରେ ବନ୍ଦୀ ହୋଇଛି । ଏପରି ସ୍ଥଳେ ସମସ୍ତ ଆଶ୍ୱାସନା ବୃଦ୍ଧଙ୍କ ନିକଟରେ ବିଡ଼ମ୍ବନାରେ ପରିଣତ ହୋଇଗଲା ।

ନୈରାଶ୍ୟର ଅତଳତା ଭିତରେ ତାଙ୍କର ସତ୍ତା ଯେପରି ଅସ୍ତେ ଅସ୍ତେ ବିଲୀନ ହୋଇଯାଉଛି । ଏକଥା ସ୍ପଷ୍ଟରୂପେ ଅନୁଭବ କରିପାରିଲେ କୈଳାସ ପଟ୍ଟନାୟକ । ଅଶାନ୍ତ ହୃଦୟକୁ ଶାନ୍ତ କରିବା ଅଭିପ୍ରାୟରେ ଝିଅଠାରୁ ଦୂରକୁ ଚାଲିଗଲେ ସେ । ଗଲାବେଳେ ପ୍ଲାବନୀକୁ ସେ ଆଉ ଆଖିରେ ସୁଦ୍ଧା ଚାହିଁଲେ ନାହିଁ । ଯେମିତି ସଂସାର ବିରାଗୀ ଜଣେ ସନ୍ନ୍ୟାସୀ । ସାଂସାରିକ ସମସ୍ତ ମୋହ ମମତାରେ ଉଦାସୀନ ହୋଇ ସେ ଅନାସକ୍ତିର ପଥ ଧରିବାକୁ ଧାଇଁଛନ୍ତି । କିନ୍ତୁ ତାଙ୍କର ଏହି ମନୋଭାବ ପ୍ରତି କାହାରି ଲକ୍ଷ୍ୟନାହିଁ । କେତେବେଳେ ଯେ ସେ ଘରୁ ବାହାରି ଚାଲି ଯାଇଛନ୍ତି ତାହାମଧ୍ୟ କେହି ଜାଣନ୍ତିନାହିଁ । ପ୍ଲାବନୀର ଅବସ୍ଥା କାହାକୁ ଅନ୍ୟ ବିଷୟରେ କିଛି ଭାବିବାକୁ କିମ୍ବା ଦେଖିବାକୁ ଅବସର ଦେଉନାହିଁ ।

ପ୍ଲାବନୀ ନିକଟରୁ ଚାଲିଆସି ଘରର ସୀମା ଭିତରେ ରହି ପାରିଲେ ନାହିଁ କୈଳାସ ପଟ୍ଟନାୟକ । ଚଞ୍ଚଳ ପଦକ୍ଷେପରେ ସେ ଆସି ତାଙ୍କର ପୂଜାପୀଠ ନିକଟରେ ଠିଆ ହେଲେ । ନିଜର ଦେହ ଜୀବନପାଇଁ ତାଙ୍କର ଯେପରି ଆଉ କୌଣସି ବାସନା ନାହିଁ । ଚିତ୍ତର ଅସ୍ଥିରତାରେ ଦୁର୍ବଳ ଦେହ କମ୍ପି ଉଠୁଛି । ଅଶ୍ରୁର

ଅତବଶ ସମ୍ଭାଳି ନ ପାରି ଦେବତାଙ୍କ ସିଂହାସନ ତଳେ କରୁଣ ହୋଇ ପଡ଼ିଲେ ବୃଦ୍ଧ । କଣ୍ଠରୁ ତାଙ୍କର ଗୋଟିଏ ଅସ୍ପଷ୍ଟ ଶବ୍ଦ ଶୁଭିଲା କେବଳ । ସତେ ଯେମିତି ନୀରବ ଅଶ୍ରୁର ଅର୍ଘ୍ୟ ଢାଳି ପ୍ରିୟତମା କନ୍ୟାର ପ୍ରାଣଭିକ୍ଷା କରୁଛନ୍ତି ସେ । ଏହି ଯେପରି ତାଙ୍କର ଶେଷ ଭରସା ସ୍ଥଳୀ ।

ତାଙ୍କର ଏ ଆଚରଣ ସମସ୍ତଙ୍କ ନିକଟରେ ଗୋପନ ରହି-ଗଲା । ଖୋଜି ଖୋଜି ଅବଶେଷରେ ତପତୀ ଆସି ଠାକୁର ମନ୍ଦିରରେ ପହଞ୍ଚିଲା । ଆଗରେ ବାପା ତାର ପଡ଼ି ରହିଛନ୍ତି । କାନ୍ଦି କାନ୍ଦି ମୁହଁମାଡ଼ି ତଳେ ଲମ୍ବହୋଇ ପଡ଼ି ଯାଇଛନ୍ତି ସେ । ଏଥିରେ ଯେମିତି ତପତୀର ଗ୍ରନ୍ଥିବଦ୍ଧ ବ୍ୟଥା ଫିଟି ପଡ଼ିଲା । କିନ୍ତୁ ପରକ୍ଷଣରେ ସ୍ୱସ୍ତିର ଏକ ଦୀର୍ଘ ନିଶ୍ୱାସ ପକେଇଲା ସେ । ସତେ ଯେପରି ନୂତନ ବିପଦର ଅନ୍ଧାର ଆଖି ଆଗରୁ ଧୀରେ ଧୀରେ କଟିଯାଉଛି ।

ଅଳ୍ପକ୍ଷଣ ଭିତରେ ତପତୀର ମନଭିତରେ ଚାରି ଦେଇ କଥା ଖେଳିଯିବାକୁ ଲାଗିଲା । ସତତ କେତେବେଳୁ ସିଏ ଆସିଲାଣି······ ଦେଉ ତାର କେମିତି ଅଛି······

ବାପାଙ୍କୁ ଅନେଇ ଅନେଇ କ୍ଷିପ୍ର ପଦରେ ଆଗେଇବାକୁ ଲାଗିଲା ତପତୀ ।

ଦାଣ୍ଡ ଦୁଆରେ ସାଇକେଲ ବେଲ ଶୁଭୁଛି । କବାଟଟା ଭିତରପଟୁ ବନ୍ଦଅଛି । ଡାକ୍ତରଙ୍କୁ ସାଙ୍ଗରେ ଧରି ସ୍ତୁରୁ ଆସିଲା ଭାବି ବେଗେଣୀ ଘରକୁ ନ ଆସି ବାଟ ଭାଙ୍ଗି ଚାଲିଗଲା ତପତୀ ।

ଏହା ଭିତରେ ମ୍ଲାନିମାର ରେଖା ଫେରି ଆସିଚି । ନିଜ ଭିତରେ ଅସ୍ତ୍ରେ ଅସ୍ତ୍ରେ ଜାଗି ଉଠୁଛି ସେ । କିଛି ସମୟ ପରେ ଆପେ

ଅପେ ଆଖି ଦୁଇଟି ତାର ଖୋଲି ଅସିଲା । ନିଜର ଅବସ୍ଥାକୁ ଥରେ ଦେଖିବାକୁ ଚେଷ୍ଟାକରି ସେ ଦେଖିଲା ମାନସ ତାର ବିଛଣା ଉପରେ ବସି ରହିଛନ୍ତି । ତାଙ୍କୁ ଗୁହିଁ ଗୁହିଁ ପ୍ଲାବନୀର ଶିରା ପ୍ରଶିରାରେ ଅପୂର୍ବ ପୁଲକ ଖେଳି ଉଠିଲା । ଯେମିତି ମାନସ ତାର ପରିଚିତ ବନ୍ଧୁ ନୁହନ୍ତି ପୁଣ୍ୟମୟ ସ୍ୱର୍ଗଦୂତ । ନୂତନ ପୃଥିବୀର ବାର୍ତ୍ତାଦେଇ ସେ ଯେପରି ତାକୁ ଏ ଜୀବନର ସମସ୍ତ ଅଶ୍ରୁ ଯନ୍ତ୍ରଣାରୁ ମୁକ୍ତ ଦେବାପାଇଁ ମର ଜଗତକୁ ଓହ୍ଲେଇ ଅସିଚନ୍ତି ।

ବ୍ୟଥା ଜର୍ଜ୍ଜରିତ ସ୍ୱରରେ ପ୍ଲାବନୀ ଡାକିଲା—

ମାନସ ବାବୁ······

ଦେବୀ······

ଆଖିର ଲୁହକୁ ଗୁପିରଖି ମୃଦୁ ହସି ପ୍ଲାବନୀ କହିଲା—

ଏ ଜୀବନ ବିରାଟ ସତ୍ୟନୁହେଁ । ଏଥର ମାନିବେତ······ ?

ମାନସଙ୍କଠାରୁ କିଛି ଉତ୍ତର ମିଳିବା ଆଗରୁ ସାନଭାଇ ଭଉଣୀ ଦୁଇଟି ଭିତରକୁ ଆସି ଡାକି ଉଠିଲେ—

ଦେଇ······

ସ୍ୱରରେ ତାଙ୍କର ସମଗ୍ର ବିଶ୍ୱର ବେଦନା ଯେପରି ଭାଙ୍ଗି-ପଡ଼ିଲା । ସମସ୍ତ ଶକ୍ତି ସଞ୍ଚୟକରି ମାତୃହରା ଅନାଥ ସନ୍ତାନଙ୍କୁ କୋଳକୁ ଟାଣିଆଣିଲା ପ୍ଲାବନୀ । ନିଜର ଦୁଇ ଶୀର୍ଣ୍ଣ ହାତରେ ଦୁହିଁଙ୍କୁ, ଭଉଣୀଙ୍କୁ ବୁକୁରେ ଗୁପିଧରି ଜଡ଼ିତ କଣ୍ଠରେ କହିଲା—

ଆଖି ଆଗରେ ମୋର ଦୀର୍ଘପଥ । ସେ ଆଜି ମତେ ଘରଦ୍ୱାର ଦଶୁଚି । ଏ ଜୀବନ ଦୁଃଖ ତାପର ଅନ୍ତରାଳରୁ ନବଜୀବନ

ଅଜ୍ଜ ମତେ ହସି ହସି ହାତ ଠାରୁଛି । ଏହାଠାରୁ ମୁଁ ଆଉ ନିଜ ପାଇଁ କେଉଁ ଆଶା ରଖିବ ମାନସବାବୁ......

ଶିଶୁର ସାରଲ୍ୟଧର ପ୍ଲାବନୀର ମୁହଁକୁ ଗୃହିଁ ରହିଚନ୍ତି ମାନସ । କୁମାରୀ ବ୍ରହ୍ମଚାରିଣୀ ପ୍ଲାବନୀର ଅଖିରେ ଅଜ ଏକ ଅଭ୍ର ? ଜାୟା ନ ହୋଇ ମଧ୍ୟ ନାରୀ ଜନନୀ । ଅଜ ସେହି ଜନନୀର ସେ ଗୋଟିଏ ଅବୋଧ ସନ୍ତାନ ।

କିଛି ଭାବି ନ ପାରି ପ୍ଲାବନୀର ଦୁଇପାଦ ଧରି ଭୂମିଷ୍ଠ ଦଣ୍ଡବତ କଲେ ମାନସ । ଆଖି ତାଙ୍କର ଛଳ ଛଳ । ମା ବୋଲି ଡାକିବାକୁ ଓଠ ଦୁଇଟି ଅକୁଳ ହୋଇଉଠୁଚି ।

ଗୋଟିଏ ହାତରେ ମାନସଙ୍କୁ ଟିକୁ ଉଠେଇ ଧରିଲା ପ୍ଲାବନୀ । ବାତ୍ସଲ୍ୟ ମମତାରେ ଅନ୍ତର ତାର ପୂରିଉଠୁଚି । ଯେମିତି ଦୀର୍ଘ କୋଡ଼ିଏ ବର୍ଷର ଅନ୍ଧକାର ଏତେ ଦିନପରେ ଘୁଞ୍ଚିଗଲା । ଏଥର ହୃଦୟ ଦ୍ୱାରରେ ତାର ନବୀନ ପ୍ରଭାତର କାକଳୀ ଶୁଭିବ । ନବ ବୋଧନର ଦୀପ୍ତିରେ ପ୍ଲାବନୀର ମୁହଁ ଉଜ୍ଜ୍ୱଳ ଦିଶିଲା । ସୁଗ୍ରୁରୁ ଅଜ ଉପଜାଙ୍କର କପାଳ ବାରମ୍ବାର ଚୁମ୍ବନ କରି ସେ କହି-ଯିବାରେ ଲାଗିଲା—

ଅମୃତର ସନ୍ଧାନ ମତେ ଦେଇଚନ୍ତି ନଳିନୀ । ମୋର ତାଙ୍କଠାରୁ ଏତକି ଥିଲା ସର୍ବଶ୍ରେଷ୍ଠ ପ୍ରାପ୍ୟ । ମୁଁ ନାରୀ...... ଜନନର ବ୍ୟଥା ନ ସହି ମଧ୍ୟ ମୁଁ ସନ୍ତାନବତୀ......

କି ଏକ ଅନିର୍ବଚନୀୟ ଆନନ୍ଦ ଆଉ ବେଦନାରେ ପ୍ଲାବନୀର ଅଖି ଦୁଇଟି ଥମ୍ ଥମ୍ କରିଉଠିଲା ।

# ମନ ମତାଣଆ ଉପନ୍ୟାସ ଶୀଘ୍ର କିଣନ୍ତୁ !

ଭି: ପି ରେ ମଧ୍ୟ ପଠାଯାଏ ।"

**ଉପନ୍ୟାସ :**

- ଲଭଲି ଲେଡି — ଟ ୨୳
- ମଧୁ ବ୍ରତ — ଟ ୧୳
- ରୂପର ଅତିଥି — ଟ ୧୳
- ପ୍ରିୟ ବାନ୍ଧବୀ — ଟ ୧୫
- ପ୍ରୀତିର ପୂଜାରିଣୀ — ଟ ୧୳
- ପୁନର୍ମିଳନ — ଟ ୧୫
- ଅଭିମାନ — ଟ ୧୳
- ମହୁଆ — ଟ ୧୳
- ବନ କେତକୀ — ଟ ୧୳

**ଡିଟେକ୍ଟିଭ :**

- ବହୁରୂପୀ — ଟ ୧।
- ବ୍ଲଡ୍ ଅଙ୍କୁର — ଟ ୧୳
- ହାଇଡ୍ରା ବାଦର ଷଡ଼ଯନ୍ତ୍ର — ଟ ୧।
- ଗୁପ୍ତ ଘାତକ — ଟ ୧।
- ମୃତ୍ୟୁ ଟଲେ — ଟ ୧।
- ରଙ୍ଗ କୋଠିର ରହସ୍ୟ — ଟ ୧୫
- ସୁନ୍ଦର ବନର ଦସ୍ୟୁ — ଟ ୧୫
- କଲାପାନ ଢିବି — ଟ. ୦୫୶
- ମୃତ୍ୟୁଦୂତ — ଟ ୧୳
- ରକ୍ତଲୋଭୀ ନିଶାଚର — ଟ ୧।

**ନାଟକ :**

- କର୍ଣ୍ଣାର୍ଜୁନ — ଟ ୨୯
- ଦାନବୀର ହରିଶ୍ଚନ୍ଦ୍ର — ଟ ୨୯

17 JUL

* ପ୍ରାପ୍ତିସ୍ଥାନ *

## ଓଡ଼ିଶା ଜଗନ୍ନାଥ କମ୍ପାନୀ

**ବାଲୁବଜାର, କଟକ-୨**

ପଞ୍ଚଦଶ ମୁଦ୍ରଣ—ମନମୋହନପ୍ରେସ, କଟକ